# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଜୁଲାଇ ୨୯/୨୦୨୪ (୧୪ ପୃଷ୍ଠା) | Bhubaneswar, Monday, July 29/2024 | Page 14 | ₹ 7.00 | SAMBALPUR

୫୦ଶ ଭାଗ ୨୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 245 | ମୂଲ୍ୟ ₹୭/-





**ରସେଲ ଜିତିଲେ ବେଲ୍‌ଜିଆନ ଗ୍ରାଁ ପ୍ରି**

ବେଲ୍‌ଜିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି ମର୍ସିଡିଜର ବ୍ରିଟିଶ ଡ୍ରାଇଭର ଜର୍ଜ ରସେଲ ।

୧୪

୧୦

**ରଣବୀରଙ୍କ ପାଇଁ ନିଜକୁ ବଦଳାଇଛନ୍ତି ଆଲିଆ**

ବିବାହ ପରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ବ୍ୟବହାର ଓ ଅଭ୍ୟାସରେ ଅନେକ ପରିବର୍ତ୍ତନ ଆସିଥିବା ନେଇ ଅଭିନେତା ରଣବୀର କପୁର ଏକ ସାକ୍ଷାତ୍କାରରେ କହିଛନ୍ତି।




# ଫୁଟ୍‌ବଲ ପଡ଼ିଆରେ ରକେଟ ମାଡ଼: ୧୨ ମୃତ

ଜେରୁଜେଲମ୍, ୨୮।୭

ଇସ୍ରାଏଲ୍ ଅଧିକୃତ ଗୋଲାନ୍ ହାଇଟ୍ସର ଏକ ଫୁଟ୍‌ବଲ ପଡ଼ିଆରେ ଇରାନ୍ ସମର୍ଥିତ ହିଜବୁଲ୍ଲା ଆତଙ୍କବାଦୀମାନେ ଶନିବାର ସନ୍ଧ୍ୟାରେ ରକେଟ୍ ମାଡ଼ କରିବାରୁ ୧୨ ଜଣ ପିଲାଙ୍କ ମୃତ୍ୟୁ ଘଟିଛି। ହିଜ୍‌ବୁଲ୍ଲା ବିରୋଧରେ କଠୋର ପ୍ରତିଶୋଧମୂଳକ ପଦକ୍ଷେପ ନିଆଯିବ ବୋଲି ରବିବାର ଇସ୍ରାଏଲ୍ ଚେତାବନୀ ଦେଇଛି। ଗତବର୍ଷ ଅକ୍ଟୋବର ୭ରେ ହମାସ୍‌ର ଇସ୍ରାଏଲ୍ ଆକ୍ରମଣ ପରେ ଏହା ଉକ୍ତ ଭୂଖଣ୍ଡ ଉପରେ ସବୁଠୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି। ହିଜବୁଲ୍ଲା ରକେଟ ମାଡ଼ କରିଥିବା ପ୍ରଥମେ ଘୋଷଣା କରିଥିବାବେଳେ ପରେ ଏହାକୁ ଖଣ୍ଡନ କରିଛି। ଅନ୍ୟପକ୍ଷରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ତାଙ୍କ ଆମେରିକା ଗସ୍ତକୁ କାଟଛାଣ୍ଟ କରି ଜେରୁଜେଲମ୍ ଫେରିଆସିଛନ୍ତି। ☞ପୃଷ୍ଠା-୪






# ଦମ୍ପତିଙ୍କୁ ହତ୍ୟା

**ହତ୍ୟାକାରୀ ଶଢୁ ଗିରଫ**

ନାକଟୀଦେଉଳ, ୨୮।୭ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ତଥା ନାକଟୀଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡୁରିଶିଳା ଗ୍ରାମରେ ଶନିବାର ରାତିରେ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଉକ୍ତ ଗ୍ରାମର ଆବ୍ରାହମ କୁଜୁର(୩୫) ଏବଂ ତାଙ୍କ ସ୍ତ୍ରୀ କୁଆଁରୀ କୁଜୁର(୩୦)। ଏହି ଘଟଣାରେ ଆବ୍ରାହମଙ୍କ ଶଢୁ ଶିରକା କାର୍ମାଙ୍କୁ ରବିବାର ପୋଲିସ ଗିରଫ କରିଛି। ତାଙ୍କଠାରୁ ହାତ୍ୟାକାଣ୍ଡରେ ବ୍ୟବହୃତ ଧାରୁଆ ଅସ୍ତ୍ର ଜବତ କରାଯାଇଛି। ଶିରକାଙ୍କ ଘର ପାଣ୍ଡୁରିଶିଳା ନିକଟସ୍ଥ ବୁଢ଼ୀପାଣି ଗ୍ରାମରେ। ଖବର ପାଇ ସକାଳେ ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ସବିତାବାଳା ସେଠୀ ଏବଂ ନାକଟୀଦେଉଳ ଥାନା ଅଧିକାରୀ ଝସକେତନ ଭୋଇ ସମ୍ବଲପୁରର ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ଦମ୍ପତିଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଯାଇଛି।

ପୋଲିସ ସୂଚନା ଅନୁସାରେ ଆବ୍ରାହମ କୁଜୁର ଓ କୁଆଁରୀ ପାଣ୍ଡୁରିଶିଳା ଗ୍ରାମ ନିକଟ ଜଙ୍ଗଲ ପାଖରେ ଘର କରି ରହୁଥଲେ। ସବୁଦିନ ଭଳି କୁଜୁର ଦମ୍ପତି ଶନିବାର ରାତିରେ ଭୋଜନ କରି ୩ବର୍ଷର ସାନଝିଅ ସହ ଶୋଇଥିଲେ। ମଧ୍ୟରାତ୍ରରେ ଚିତ୍କାର ଶୁଣି ପାଖ କୋଠରିରେ ଶୋଇଥିବା ଆବ୍ରାହମଙ୍କ ସାନଭାଇ ସୁରେନ୍ଦ୍ର କୁଜୁର ଉଠି ପଡ଼ିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ମୁହଁ ଘୋଡ଼ାଇ ସେଠାରୁ ଦୌଡ଼ି ପଳାଇଥିବା ଦେଖିଥିଲେ। ଘର ଭିତରକୁ ଯିବା ପରେ ଖଟରେ ଆବ୍ରାହମ ଓ କିଛି ଦୂରରେ କୁଆଁରୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଉଭୟଙ୍କ ଛାତି, ବେକ ଓ ମୁହଁରେ ଗଭୀର କ୍ଷତ ଚିହ୍ନ ଥିଲା। ଏହା ପରେ ସୁରେନ୍ଦ୍ର ଗାଁକୁ ଯାଇ ସାହି ପଡ଼ିଶାଙ୍କୁ ଡାକି ଘଟଣା ସମ୍ପର୍କରେ ଜଣାଇଥିଲେ।

ଗାଁ ଲୋକଙ୍କଠାରୁ ଖବର ପାଇ ରେଢ଼ାଖୋଲ ଥାନା ପୋଲିସ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ସମୟରେ ହତ୍ୟାକାଣ୍ଡରେ ଶିରକା କାର୍ମାଙ୍କ ସମ୍ପୃକ୍ତି ଥିବା ସୁରେନ୍ଦ୍ର ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଶିରକାଙ୍କୁ ଆଣି ପଚରାଉଚରା କରିବା ପରେ ସେ ହତ୍ୟା କରିଥିବା ସ୍ୱୀକାର କରିଥିବା ରେଢ଼ାଖୋଲ ଏସଡିପିଓ ମେହେର କହିଛନ୍ତି। ଶିରକା ବହୁ ସମୟରେ ତାଙ୍କ ସ୍ତ୍ରୀଙ୍କୁ ମାରପିଟ କରୁଥିଲେ। ଏଥିରେ ଅତିଷ୍ଠ ହୋଇ ଶିରକାଙ୍କ ସ୍ତ୍ରୀ ଭିଶୋଇ ଆବ୍ରାହମଙ୍କ ଘରକୁ ☞ପୃଷ୍ଠା-୪

# ଶୁଟିଂ: ଭାରତକୁ ପ୍ରଥମ ପଦକ

**ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତିଲେ ମନୁ ଭାକର**

ପ୍ୟାରିସ୍, ୨୮।୭ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସରୁ ଭାରତ ପାଇଁ ରବିବାର ଆସିଛି ଖୁସି ଖବର। ଶୁଟିଂରେ ଭାରତକୁ ମିଳିଛି ପ୍ରଥମ ପଦକ। ପ୍ରତିଭାସମ୍ପନ୍ନ ମହିଳା ଶୁଟର ମନୁ ଭାକର ଜିତିଛନ୍ତି ବ୍ରୋଞ୍ଜ ପଦକ। ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ପ୍ରଥମ ମହିଳା ଭାବେ ଅଲିମ୍ପିକ୍ସରେ ପଦକ ଜିତି ଇତିହାସ ରଚିଛନ୍ତି ଏହି ଶୁଟିଂ ପ୍ରତିଭା। ଦୀର୍ଘ ୧୨ ବର୍ଷ ବ୍ୟବଧାନରେ ଅଲିମ୍ପିକ୍ସରେ ଶୁଟିଂ ଇଭେଣ୍ଟରେ ଭାରତକୁ ପଦକ ମିଳିଛି। ଶେଷଥର ପାଇଁ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ର୍ୟାପିଡ୍ ଫାୟାର ପିସ୍ତଲ ଇଭେଣ୍ଟରେ ବିଜୟ କୁମାର ଏବଂ ୧୦ ମିଟର ଏୟାର ରାଇଫଲରେ ବର୍ତ୍ତମାନ ଭାରତୀୟ ପ୍ରତିନିଧି ଦଳର ଚିଫ୍ ଡି ମିଶନ ଥିବା ଗଗନ ନାରଙ୍ଗ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହାପରେ ୨ଟି ଅଲିମ୍ପିକ୍ସରେ ଭାରତୀୟ ଶୁଟରମାନେ ଖାଲି ହାତରେ ଫେରିଥିଲେ। ପ୍ୟାରିସ୍ କ୍ରୀଡ଼ାର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ରମିତା ଜିନ୍ଦଲ ଓ ପୁରୁଷ ୧୦ ମିଟର ଏୟାର ରାଇଫଲରେ ଅର୍ଜୁନ ବବୁତା ଫାଇନାଲ୍ସରେ ପ୍ରବେଶ କରି ଭାରତ ପାଇଁ ଅଧିକ ପଦକ ଆଶା ଉଜ୍ଜୀବିତ ରଖିଛନ୍ତି।

ହରିୟାଣା ଝାଜ୍ଜରର ୨୨ ବର୍ଷୀୟା ଭାକର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟ ଫାଇନାଲରେ ୨୨୧.୭ ପଏଣ୍ଟ ହାସଲ କରି ପଦକ ପକ୍କା କରିଥିଲେ। ଦକ୍ଷିଣ କୋରିଆର ଜିନ୍ ୟେ ଗେମ୍ସ ରେକର୍ଡ ସହ ୨୪୩.୨ ଓ କିମ୍ ୟେଜି ୨୪୧.୩ ପଏଣ୍ଟ ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଭାକରଙ୍କ ପାଇଁ ଏହାଥିଲା ଦ୍ୱିତୀୟ ଅଲିମ୍ପିକ୍ସ।



ଟୋକିଓ ଅଲିମ୍ପିକ୍ସରେ ପିସ୍ତଲ ଖରାପ ହୋଇଯିବାରୁ ଖାଲି ହାତରେ ଫେରିଥିବା ଏହି ଶୁଟିଂ ସେନ୍‌ସେସନ ଏଥର କିନ୍ତୁ ନିରାଶ କରିନାହାନ୍ତି। "ଟୋକିଓ ଅଲିମ୍ପିକ୍ସର ନିରାଶ ପରେ ମୁଁ ଭାଙ୍ଗି ପଡ଼ିଥିଲି। ଏଥିରୁ ମୁକୁଳିବାକୁ ମୋତେ ଅନେକ ଦିନ ଲାଗିଥିଲା। ତେଣୁ ଏଠାରେ ପଦକ ବିଜୟର ଖୁସିକୁ ମୁଁ ଭାଷାରେ ବର୍ଣ୍ଣନା କରିପାରୁନାହିଁ" ବୋଲି ନିଜ ପ୍ରଥମ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଭାକର। ଟୋକିଓରେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟ କ୍ୱାଲିଫିକେଶନ ରାଉଣ୍ଡରେ ଭାକରଙ୍କ ପିସ୍ତଲ କାମ କରି ନ ଥିଲା। ୩ ବର୍ଷ ପରେ ସେହି ଇଭେଣ୍ଟରେ ସଫଳ ହୋଇଥିବାରୁ ତାଙ୍କ ମୁହଁକୁ ହସ ଫେରିଛି। "ମୋ ନିକଟରେ ଯେତେ ଶକ୍ତିଥିଲା ସବୁ ଖଟାଇ ଫାଇନାଲରେ ଲଢ଼ିଥିଲି। ତେଣୁ ବ୍ରୋଞ୍ଜ ବିଜୟରେ ମୁଁ ବହୁତ ଖୁସି। ମୁଁ ଭଗବଦ୍ ଗୀତା ପଢ଼େ ଏବଂ ସର୍ବଦା ନିଜର ଶକ୍ତି ସମ୍ପର୍କରେ ଜାଣିବାକୁ ଚେଷ୍ଟା କରେ। ଭାଗ୍ୟ ବିରୋଧରେ ଲଢ଼ିବା ସମ୍ଭବ ନୁହେଁ, ତେଣୁ ଫଳାଫଳରେ ମୁଁ ଖୁସି" ବୋଲି ୨୫ ମିଟର ପିସ୍ତଲ ଇଭେଣ୍ଟରେ ବିଶ୍ୱ ଚାମ୍ପିୟନ ଥିବା ଭାକର କହିଛନ୍ତି। ଚଳିତ ଅଲିମ୍ପିକ୍ସରେ ଭାକରଙ୍କ ନିକଟରେ ☞ପୃଷ୍ଠା-୪

# ଶାଶ୍ୱତ ମିଶ୍ର ଅର୍ଥ ବିଭାଗ ପ୍ରମୁଖ ସଚିବ

**ରାଜ୍ୟପାଳଙ୍କ ପ୍ରମୁଖ ସଚିବ ହେଲେ ଏନ୍.ବି.ଏସ୍ ରାଜପୁତ**

ଭୁବନେଶ୍ୱର, ୨୮।୭(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଆଇଏଏସ୍ ଅଫିସରସ୍ତରରେ ରବିବାର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ୧୯୯୬ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଫିସର ଶାଶ୍ୱତ ମିଶ୍ରଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ମିଳିଛି। ପୂର୍ବରୁ ସେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ରହିବା ସହିତ ଶକ୍ତି ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପାଇଥିଲେ। ଏହା ସହିତ ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ(ଓଏସ୍‌ଏସ୍‌ଏସ୍‌ସି)ର ଅଧ୍ୟକ୍ଷ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ଏବେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଦାୟିତ୍ୱ ତାଙ୍କଠାରୁ ନିଆଯାଇଛି। ଅପରପକ୍ଷରେ କେନ୍ଦ୍ରୀୟ ଡେପୁଟେଶନରୁ ଫେରିବା ପରେ ୧୯୯୯ ବ୍ୟାଚ୍ ଆଇଏଏସ୍ ଅଫିସର ଏନ୍.ବି.ଏସ୍ ରାଜପୁତଙ୍କୁ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି। ଶାଶ୍ୱତ ମିଶ୍ର ପୂର୍ବରୁ ପାଇଥିବା ଶକ୍ତି ବିଭାଗ ଓ ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

**ଆଜିର ସମ୍ପାଦକୀୟ**

**ଅନୀତି**

**ଆଜିର ମନ୍ତବ୍ୟ**

"ନୀତି ଆୟୋଗ ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅପମାନିତ କରାଯିବା ଗଣତନ୍ତ୍ର ପାଇଁ ଭଲ ନୁହେଁ। ରାଜ୍ୟଗୁଡ଼ିକର ଅନେକ ସମସ୍ୟାର ସମାଧାନ ଆବଶ୍ୟକ। ତାହା ନ ଶୁଣି ମୁଖ୍ୟମନ୍ତ୍ରୀଙ୍କ ମାଇକ ବନ୍ଦ କରିଦେବା ଗଣତାନ୍ତ୍ରିକ ମାନଦଣ୍ଡ ପୂରଣ କରୁନାହିଁ।

**-ସଞ୍ଜୟ ରାଉତ, ଶିବସେନା(ୟୁବିଟି) ନେତା**

# ହୀରାକୁଦ ଜଳଭଣ୍ଡାରର ୨୦ଗେଟ୍ ଖୋଲିଲା

**ପ୍ରଥମ ବନ୍ୟାଜଳ ନିଷ୍କାସନ**

ସମ୍ବଲପୁର, ୨୮।୭(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରରୁ ଚଳିତ ଋତୁର ପ୍ରଥମ ବନ୍ୟାଜଳ ରବିବାର ନିଷ୍କାସନ ହୋଇଛି। ୩ଟି ପର୍ଯ୍ୟାୟରେ ଜଳଭଣ୍ଡାରର ୨୦ ଗେଟ୍ ଖୋଲାଯାଇ ବନ୍ୟାଜଳ ଛଡ଼ା ଯାଇଛି। ସକାଳ ୯ଟାରୁ ସାଢ଼େ ୯ଟା ମଧ୍ୟରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ସୁଇଚ୍ ଟିପି ଜଳଭଣ୍ଡାରର ସ୍ଲୁଇସ୍ ଗେଟ୍ ଖୋଲିବା ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ଏହା ପୂର୍ବରୁ ବିଧିପୂର୍ବକ ପୂଜାର୍ଚ୍ଚନା ସହ ଗେଟ୍‌ଗୁଡ଼ିକୁ ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଡାହାଣ ପଟେ ୬ ଏବଂ ବାମପଟେ ୧୪ ଗେଟ୍ ମାଧ୍ୟମରେ ବନ୍ୟାଜଳ ନିଷ୍କାସିତ ହେଉଛି। ଏହି ସମୟରେ ମହାନଦୀ ବେସିନ ମୁଖ୍ୟଯନ୍ତ୍ରୀ ଇଂ. ସୁଶୀଲ କୁମାର ବେହେରାଙ୍କ ସହିତ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ. ସୁଶୀଲ କୁମାର ହେମନ୍ତ ପାଣ୍ଡବ, ☞ପୃଷ୍ଠା-୪



ହୀରାକୁଦ ଜଳଭଣ୍ଡାର ସ୍ଲୁଇସ୍ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି।

## ସତର୍କ କଲେ ଏସ୍‌ଆର୍‌ସି

ଭୁବନେଶ୍ୱର, ୨୮।୭ (ଅସମାପିକା ସାହୁ)

**୩୧ ସୁଦ୍ଧା ଆଉ ଏକ ଘୂର୍ଣ୍ଣିବଳୟ**

ରାଜ୍ୟରେ ବର୍ଷା ଲାଗି ରହିଥିବାବେଳେ ରବିବାର ହୀରାକୁଦ ଡ୍ୟାମ୍‌ରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଯାଇଛି। ତିନୋଟି ପର୍ଯ୍ୟାୟରେ ୨୦ଟି ଗେଟ୍ ଖୋଲାଯାଇଛି। ବର୍ଷା ପାଇଁ ମହାନଦୀ ସମେତ ରାଜ୍ୟର ବିଭିନ୍ନ ନଦୀରେ ଜଳ ପ୍ରବାହ ବଢ଼ିଛି। ଚଳିତ ମାସରେ ୪ଟି ଲଘୁଚାପ ହୋଇଥିବାବେଳେ ଆଗକୁ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ବର୍ଷା ପରିମାଣ ଆହୁରି ବଢ଼ିବ। ଏବେ ହୀରାକୁଦ ଗେଟ୍ ଖୋଲାଯାଇଥିବାରୁ ☞ପୃଷ୍ଠା-୪

# ଦିଲ୍ଲୀ କୋଚିଂ ସେଣ୍ଟରରେ ନର୍ଦ୍ଦମା ପାଣି: ୩ ଆଇଏଏସ୍ ଆଶାୟୀଙ୍କ ମୃତ୍ୟୁ

**ମାଲିକ, ସହଯୋଗୀ ଗିରଫ**

ନୂଆଦିଲ୍ଲୀ, ୨୮।୭

ନୂଆଦିଲ୍ଲୀର ଓଲ୍ଡ ରାଜେନ୍ଦ୍ର ନଗରସ୍ଥିତ ରାଓସ୍ ଷ୍ଟଡି ସର୍କଲ ବେସ୍‌ମେଣ୍ଟକୁ ଶନିବାର ନର୍ଦ୍ଦମାର ଉଛୁଳା ପାଣି ପଶିଯିବାରୁ ୨ ଛାତ୍ରୀ ଓ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। କୋଚିଂ ସେଣ୍ଟର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ପାଇଁ ପ୍ରସ୍ତୁତ ହେଉଥିବା ୩ ଆଶାୟୀଙ୍କ ଅକାଳ ମୃତ୍ୟୁ ଘଟିଥିବା ଦର୍ଶାଇ ଛାତ୍ରୀଛାତ୍ରମାନେ ରବିବାର ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ପରେ ପୋଲିସ ପ୍ରଶାସନର ନିଦ ଭାଙ୍ଗିଛି। କୋଚିଂ ସେଣ୍ଟର ମାଲିକ ଅଭିଷେକ ଗୁପ୍ତା ଓ କୋ-ଅର୍ଡିନେଟର ଦେଶପାଲ ସିଂଙ୍କୁ ରବିବାର ଦିଲ୍ଲୀ ପୋଲିସ ଗିରଫ କରିଛି। ଏହି ସ୍ପର୍ଶକାତର ଘଟଣାକୁ ନେଇ ନେତାଙ୍କ ବୟାନବାଜି ରାଜନୀତିକୁ ସରଗରମ କରିଛି।

ଜାତୀୟ ରାଜଧାନୀ ଦିଲ୍ଲୀରେ ଶିକ୍ଷାର ବ୍ୟବସାୟୀକରଣ ଉଗ୍ରରୂପ ଧାରଣ କରିଛି। ଦେଶର ବିଭିନ୍ନ ଭାଗରୁ ଦିଲ୍ଲୀକୁ ଆସି କ୍ୟାରିୟର ପାଇଁ ସଂଘର୍ଷ କରୁଥିବା ଛାତ୍ରୀଛାତ୍ରମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ନିଆଯାଉଛି। କିନ୍ତୁ ସେମାନଙ୍କ ସୁରକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ। ରାଜେନ୍ଦ୍ରନଗରରେ ଶନିବାର ରାତି ୭ଟାରେ ଘଟିଥିବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ବର୍ଷାଜନିତ ନର୍ଦ୍ଦମା ପାଣି ରାଓସ୍ ଆଇଏଏସ୍ ଷ୍ଟଡି ସର୍କଲରେ ପ୍ରବେଶ କରିବାରୁ ବେସ୍‌ମେଣ୍ଟରେ ଥିବା ଉତ୍ତର ପ୍ରଦେଶର ଅମ୍ବେଡକର ନଗର ବାସିନ୍ଦା ଶ୍ରେୟା ଯାଦବ, ତେଲଙ୍ଗାନାର ତାନ୍ୟା ସୋନି ଓ କେରଳ ଏର୍ନାକୁଲମ୍‌ର ନବୀନ ଦଲୱିନ୍‌ଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ବିଭିନ୍ନ ଏଜେନ୍ସି ପକ୍ଷରୁ କୋଚିଂ ସେଣ୍ଟରରେ ୭ ଘଣ୍ଟା ଧରି ଚାଲିଥିବା ତଲାସି ଅଭିଯାନ ☞ପୃଷ୍ଠା-୪

# ଓଡ଼ିଶାକୁ ଆସିବେ ୫ ବାଘ

**ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ**

ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ। ସାରା ପୃଥିବୀରେ ବାଘ ସଂରକ୍ଷଣର ମହତ୍ତ୍ୱକୁ ପ୍ରତିପାଦିତ କରିବା ନିମନ୍ତେ ଏହି ବ୍ୟାଘ୍ର ଦିବସ ପରିକଳ୍ପନା କରାଯାଇଛି। ବାଘମାନେ ବସବାସ କରୁଥିବା ଦେଶଗୁଡ଼ିକୁ ଏକାଠି କରି ବାଘ ସଂରକ୍ଷଣ ତଥା ପରିଚାଳନାକୁ ସୁଗମ କରିବା ପାଇଁ ମିଳିତ ଭାବରେ ପ୍ରୟାସ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ପ୍ରାକୃତିକ ବାସସ୍ଥାନରେ ବାଘମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ କରାଯାଉଥିବା ପ୍ରୟାସ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିନଟି ଏକ ମାଧ୍ୟମ ଭାବରେ କାର୍ଯ୍ୟ କରିଥାଏ। ବାଘ ସଂରକ୍ଷଣ ଏବଂ ସେମାନେ ସମ୍ମୁଖୀନ ହେଉଥିବା ପ୍ରମୁଖ ବିପଦ ଯଥା ବାସସ୍ଥାନ ନଷ୍ଟ, ଶିକାର ଏବଂ ମଣିଷ-ବନ୍ୟଜନ୍ତୁ ବିବାଦ ବିଷୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଚଳିତବର୍ଷର ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ଆହ୍ୱାନ ଦେଉଛି।



ଭୁବନେଶ୍ୱର, ୨୮।୭(ଅସମାପିକା ସାହୁ)

ଓଡ଼ିଶାରେ ବାଘବଂଶ ବୃଦ୍ଧି ପାଇଁ ଯୋଜନା କରିଛି ବନ ବିଭାଗ। ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରୁ ୪ ବାଘୁଣୀ ସହ ୫ ମହାବଳ ବାଘ ଆସିବେ। ଏଥିପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଏବଂ କେନ୍ଦ୍ର ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ବନ ବିଭାଗକୁ ଅନୁମତି ମିଳିସାରିଥିବାବେଳେ ସେଠାରୁ ବାଘ ଆଣି ଛାଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଛି। ବାଘଗୁଡିକୁ ରାଜ୍ୟର ଦେବ୍ରିଗଡ଼(ବନ୍ୟପ୍ରାଣୀ) ଅଭୟାରଣ୍ୟ ଏବଂ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣରେ ଛଡ଼ାଯିବ। ଏହି ଯୋଜନାରେ ଅଗଷ୍ଟ ସୁଦ୍ଧା ଦେବ୍ରିଗଡ଼ ଅଭୟାରଣ୍ୟ ପାଇଁ ୨ଟି ବାଘୁଣୀ ସହ ଗୋଟିଏ ମହାବଳ ଏବଂ ଅକ୍ଟୋବର ଶେଷ ସୁଦ୍ଧା ଶିମିଳିପାଳ ଲାଗି କେବଳ ଦୁଇଟି ବାଘୁଣୀ ଅଣାଯିବାକୁ ଲକ୍ଷ୍ୟ ରହିଥିବା ସୂଚନା ମିଳିଛି।

**ସଫଳତାକୁ ନେଇ ଆଶଙ୍କା**

ବାହାର ରାଜ୍ୟରୁ ବାଘ ଆଣି ଓଡ଼ିଶାରେ ଏହାର ବଂଶ ବୃଦ୍ଧି କରିବା ପାଇଁ ବନ ବିଭାଗ ପୂର୍ବରୁ ବି ଯୋଜନା କରିଥିଲା। ମଧ୍ୟପ୍ରଦେଶରୁ ଦୁଇଟି ମହାବଳ ବାଘ ଆଣି ସାତକୋଶିଆରେ ଛଡ଼ାଯାଇଥିଲା। ଅଣ୍ଡିରା ବାଘ 'ମହାବୀର'ର ଶିକାରୀ ଦ୍ୱାରା ମୃତ୍ୟୁ ହୋଇଥିବାବେଳେ ☞ପୃଷ୍ଠା-୪



## ସଂକ୍ଷେପରେ

### ତଳକୋର୍ଟ ବିଚାରପତି ଜାମିନ ନ ଦେବାକୁ ସୁରକ୍ଷିତ ମଣୁଛନ୍ତି: ସିଜେଆଇ

**ବେଙ୍ଗାଲୁରୁ,୨୮।୭**

ଗୁରୁତ୍ୱପୂର୍ଣ୍ଣ ଅପରାଧ ମାମଲାରେ କୌଣସି ସନ୍ଦେହ ଅନୁଭବ କଲେ ତଳକୋର୍ଟର ବିଚାରପତିମାନେ ଜାମିନ ମଞ୍ଜୁର ନ କରି ନିରାପଦ ରହିବାକୁ ପସନ୍ଦ କରୁଥିବା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ପ୍ରତ୍ୟେକ ମାମଲାର ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅନୁଧ୍ୟାନ କରି ବ୍ୟାବହାରିକ ବୁଦ୍ଧି ବଢ଼ାଇବା ଆବଶ୍ୟକ ବୋଲି ସିଜେଆଇ କହିଛନ୍ତି। ତଳକୋର୍ଟରେ ଯେଉଁମାନେ ଜାମିନ ପାଇବା କଥା, ତାହା ନ ପାଇ ହାଇକୋର୍ଟ ଯାଉଛନ୍ତି। ସେଠାରୁ ନିରାଶ ହେଲେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ଏଭଳି ବିଳମ୍ବ ଯୋଗୁ ଉପଯୁକ୍ତ ବିଚାର ବିନା ଗିରଫ ହୋଇଥିବା ଲୋକଙ୍କ ସମସ୍ୟା ବଢ଼ିଯାଉଛି ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେବା ବେଳେ କହିଛନ୍ତି।

### ୨୮ ଦିନିଆ ଅନଶନରେ ବସିବେ ୱାଙ୍ଗ୍‌ଚୁକ୍

**ନୂଆଦିଲ୍ଲୀ,୨୮।୭**

ଲଦାଖକୁ ରାଜ୍ୟ ମାନ୍ୟତା ଦେବା ଏବଂ ଏହି କେନ୍ଦ୍ରଶାସିତ ଅଞ୍ଚଳର ସାମ୍ବିଧାନିକ ସୁରକ୍ଷା ପାଇଁ କେନ୍ଦ୍ର ସରକାର ଯଦି ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଆଲୋଚନା ପାଇଁ ନ ଡାକନ୍ତି, ତେବେ ଆଗାମୀ ସ୍ୱାଧୀନତା ଦିବସରୁ ଜଳବାୟୁ କର୍ମୀ ସୋନମ ୱାଙ୍ଗ୍‌ଚୁକ୍ ୨୮ ଦିନିଆ ଅନଶନରେ ବସିବେ ବୋଲି ରବିବାର ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସପ୍ତାହରେ କାର୍‌ଗିଲ ବିଜୟର ୨୫ତମ ବାର୍ଷିକୀ ପାଳନ ଅବସରରେ ଦ୍ରାସ୍ ଯାଇଥିବାବେଳେ ଲେହ ଆପେକ୍ସ ବଡି (ଏବିଏଲ୍) ଏବଂ କାର୍‌ଗିଲ୍ ଡେମୋକ୍ରାଟିକ୍ ଆଲିଆନ୍ସ (କେଡିଏ) ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। ନୂଆ ସରକାର କେତେକ ବଳିଷ୍ଠ ପଦକ୍ଷେପ ନେବା ଆଶା କରାଯାଉଛି ବୋଲି ୱାଙ୍ଗ୍‌ଚୁକ୍ ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ କହିଛନ୍ତି। ସରକାର କୌଣସି ପଦକ୍ଷେପ ନ ନେଲେ ସେ ୭୮ତମ ସ୍ୱାଧୀନତା ଦିବସରୁ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

### ମାତା ପ୍ରସାଦ ପାଣ୍ଡେ ୟୁପି ବିଧାନସଭାର ବିରୋଧୀ ଦଳ ନେତା

**ଲକ୍ଷ୍ନୌ,୨୮।୭**

ସମାଜବାଦୀ ପାର୍ଟି(ଏସ୍‌ପି) ୭ ଥରର ବିଧାୟକ ମାତା ପ୍ରସାଦ ପାଣ୍ଡେଙ୍କୁ ରବିବାର ଉତ୍ତରପ୍ରଦେଶ ବିଧାନସଭାରେ



ବିରୋଧୀ ଦଳ ନେତା ନିଯୁକ୍ତ କରିଛି। ସେ ପୂର୍ବରୁ ୨ ଥର ବିଧାନସଭା ବାଚସ୍ପତି ରହିବା ସହ ମୁଲାୟମ ସିଂ ଯାଦବଙ୍କ ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଶ୍ରମ ଓ ନିୟୋଜନ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ପୂର୍ବରୁ ବିରୋଧୀ ଦଳ ନେତା ଥିବା ଅଖିଳେଶ ଯାଦବ କନୌଜ ଆସନରୁ ଲୋକ ସଭାକୁ ନିର୍ବାଚିତ ହେବା ପରେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। କମାଲ ଅଖତରଙ୍କୁ ଦଳର ମୁଖ୍ୟ ହୁଇପ୍ ଏବଂ ଆର୍.କେ. ବର୍ମାଙ୍କୁ ଡେପୁଟି ହୁଇପ୍ ନିଯୁକ୍ତ କରାଯାଇଛି।

# ଉଜୁଡ଼ିଗଲା ଆଇଏଏସ୍ ସ୍ୱପ୍ନ




ନୂଆଦିଲ୍ଲୀର ଓଲ୍ଡ ରାଜେନ୍ଦ୍ର ନଗରସ୍ଥିତ ରାଓସ୍ ଆଇଏଏସ୍ ଷ୍ଟଡି ସର୍କଲ ବାହାରେ ପୋଲିସ କର୍ମଚାରୀମାନେ ଛିଡ଼ା ହୋଇଛନ୍ତି।

**ଉତ୍ତର ପ୍ରଦେଶର ଅମ୍ବେଡକର ନଗର ବାସିନ୍ଦା ଶ୍ରେୟା ଯାଦବ, ତେଲଙ୍ଗାନାର ତାନ୍ୟା ସୋନି ଓ କେରଳ ଏର୍ନାକୁଲମ୍‌ର ନବୀନ ଦଲୱିନ୍ ଏହି ୩ ଜଣ ଥିଲେ ରାଜଧାନୀ ଦିଲ୍ଲୀକୁ କ୍ୟାରିୟର ଗଢ଼ିବା ପାଇଁ ଧାଇଁ ଆସିଥିବା ଅନେକ ଲକ୍ଷ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅନ୍ୟତମ। କିନ୍ତୁ କରୋଲ ବାଗ୍‌ସ୍ଥିତ ରାଓସ୍ ଆଇଏଏସ୍ ଷ୍ଟଡି ସର୍କଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଏମାନଙ୍କ ଜୀବନ ନେଇଯାଇଛି। ଶନିବାର ରାତିରେ କୋଚିଂ ସେଣ୍ଟର ବେସ୍‌ମେଣ୍ଟକୁ ଆବର୍ଜନା ପାଣି ପଶିବାରୁ ୩ ଜଣଙ୍କ ଅକାଳ ମୃତ୍ୟୁ ଘଟିଛି। ଏଥିସହ ଉଜୁଡ଼ିଯାଇଛି ଭାରତୀୟ ପ୍ରଶାସନିକ ସେବାରେ ଅଫିସର ହେବା ପାଇଁ ଏମାନେ ଦେଖିଥିବା ସ୍ୱପ୍ନ।**

## କୋଚିଂ ସେଣ୍ଟର ବେସ୍‌ମେଣ୍ଟରେ ୩ ଆଶାୟୀଙ୍କ ଜଳସମାଧି



ତାନ୍ୟା ସୋନି



ନବୀନ ଦଲ୍‌ୱିନ୍



ଶ୍ରେୟା ଯାଦବ

**ନୂଆଦିଲ୍ଲୀ,୨୮।୭**

ଶନିବାର ରାତି ୭ଟା ୧୯ରେ କେନ୍ଦ୍ରୀୟ ଦିଲ୍ଲୀ ଫାୟାର ଅଫିସକୁ ଫୋନ୍ ଯାଇଥିଲା। କୁହାଗଲା, ରାଓସ୍ ଆଇଏଏସ୍ ଷ୍ଟଡି ସର୍କଲ ବେସ୍‌ମେଣ୍ଟକୁ ପାଣି ପଶିଛି। ଅଗ୍ନିଶମ ବାହିନୀ ୫ ଫାୟାର ଇଞ୍ଜିନ ସହ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲା। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ଏକ ଟିମ୍‌କୁ ମଧ୍ୟ ରେସ୍କ୍ୟୁ ଅପରେଶନ୍‌ରେ ନିୟୋଜିତ କରାଯାଇଥିଲା। ଦୀର୍ଘ ୭ ଘଣ୍ଟାର ଅକ୍ଳାନ୍ତ ଉଦ୍ୟମ ପରେ ଛାତ୍ରୀ ତାନ୍ୟା ସୋନି (୨୫), ଶ୍ରେୟା ଯାଦବ (୨୫) ଏବଂ ଛାତ୍ର ନବୀନ ଦଲୱିନ୍ (୨୮)ଙ୍କ ମୃତଦେହ ଠାବ ହେଲା। ଏହି ଘଟଣା କେବଳ ଦିଲ୍ଲୀ ନୁହେଁ, ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଏଥିସହ କ୍ୟାରିୟର ଗଢ଼ିବା ପାଇଁ ଦିଲ୍ଲୀ ସମେତ ବଡ଼ ବଡ଼ ସହରଗୁଡ଼ିକୁ ନିଜ ପିଲାଙ୍କୁ ପଠାଉଥିବା ଅଭିଭାବକମାନଙ୍କ ମଧ୍ୟ ଚିନ୍ତା ବଢ଼ିଯାଇଛି।

ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ଉକ୍ତ କୋଚିଂ ସେଣ୍ଟର ବେସ୍‌ମେଣ୍ଟରେ ଏକ ଲାଇବ୍ରେରି ରହିଛି। ସେଠାରେ ୧୫୦ ଜଣଙ୍କ ବସିବା ଭଳି ବ୍ୟବସ୍ଥା କରାଯାଇଥିଲା। କେନ୍ଦ୍ର ଲୋକ ସେବା ଆୟୋଗ (ୟୁପିଏସ୍‌ସି) ପକ୍ଷରୁ ଆୟୋଜିତ ଆଇଏଏସ୍ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା କୋଚିଂ ସେଣ୍ଟରର ଅନେକ ଛାତ୍ରୀଛାତ୍ର ବେସ୍‌ମେଣ୍ଟରେ ଥିବାବେଳେ ହଠାତ୍ ପାଣି ମାଡ଼ିଆସିଥିଲା। ଉଛୁଳା ପାଣିରେ ଚେୟାର ଟେବୁଲ ଓ ଅନ୍ୟ ଆସବାବପତ୍ରଗୁଡ଼ିକ ଭାସିବାରେ ଲାଗିଲା, ଯାହାକି ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା। ପ୍ରବଳ ବର୍ଷା ଲାଗିରହିଥିବାରୁ ପମ୍ପ ଯୋଗେ ଆବର୍ଜନା ଜଳକୁ ବାହାର କରାଯାଇପାରି ନ ଥିଲା। ଇତିମଧ୍ୟରେ ରାଜେନ୍ଦ୍ର ନଗର ଥାନା ପୋଲିସ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୫, ୧୦୬(୧), ୧୧୫(୨), ୨୯୦ ଓ ୩୫ ବଳରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। କୋଚିଂ ସେଣ୍ଟର ମାଲିକ ଅଭିଷେକ ଗୁପ୍ତା ଓ କୋ-ଅର୍ଡିନେଟର ଦେଶପାଲ ସିଂଙ୍କୁ ଗିରଫ କରାଯାଇଥିବା ଡେପୁଟି ପୋଲିସ କମିଶନର ଏମ୍. ହର୍ଷବର୍ଦ୍ଧନ ସୂଚନା ଦେଇଛନ୍ତି। ଦିଲ୍ଲୀ ସରକାର ଏହି ଘଟଣାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ତଦନ୍ତରେ ସବୁ ପ୍ରକାର ସହଯୋଗ କରାଯିବ ଏବଂ ୩ ମୃତକଙ୍କ ଆକାଂକ୍ଷା ଓ ସ୍ୱପ୍ନ ସ୍ମରଣୀୟ ହୋଇରହିବ ବୋଲି କୋଚିଂ ସେଣ୍ଟର ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

> କୋଚିଂ ସେଣ୍ଟର ବେସ୍‌ମେଣ୍ଟକୁ ପାଣି ପଶିଆସିବାରୁ ୩ ଆଇଏଏସ୍ ଆଶାୟୀଙ୍କ ମୃତ୍ୟୁ ଘଟିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସରକାର ଓ ପ୍ରଶାସନର ଆପରାଧିକ ଅବହେଳା ଯୋଗୁ ଏହି ଦୁଃଖଦ ଘଟଣା ଘଟିଛି। ଏହା ପୂର୍ବରୁ ମଧ୍ୟ ପଟେଲ ନଗର ଅଞ୍ଚଳରେ ପାଣି ଜମା ହୋଇଥିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ୟୁପିଏସ୍‌ସି ଆଶାୟୀଙ୍କ ମୃତ୍ୟୁ ଘଟିଥିଲା। ରିପୋର୍ଟ ଅନୁଯାୟୀ ଗତ କିଛିଦିନ ଭିତରେ ଇଲେକ୍ଟ୍ରିକ୍ ଶକ୍‌ରେ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଲେଣି। କଂଗ୍ରେସ ଦିଲ୍ଲୀକୁ ଏକ ଅନ୍ତର୍ଜାତୀୟ ସହରରେ ପରିଣତ କରିଥିଲା। ଆଜି ଭାରତର ରାଜଧାନୀ ଭେଦଭାବର ଶିକାର ହୋଇଛି। ପ୍ରତିଦିନ ଦୁର୍ଘଟଣା ଘଟୁଛି।
>
> **-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

ଦିଲ୍ଲୀରେ ଥିବା ସବୁଠୁ ଜଣାଶୁଣା ଆଇଏଏସ୍ କୋଚିଂ ଇନ୍‌ଷ୍ଟିଚ୍ୟୁଟ୍‌ଗୁଡ଼ିକ ଛାତ୍ରୀଛାତ୍ରଙ୍କଠାରୁ ବାର୍ଷିକ ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନେଇଥାନ୍ତି। ଏହାବ୍ୟତୀତ ଛାତ୍ରୀଛାତ୍ରଙ୍କୁ ବର୍ଷକୁ ଘରଭଡ଼ା ବାବଦକୁ ୧.୮୨ ଲକ୍ଷରୁ ୩.୬୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପଇଠ କରିବାକୁ ପଡ଼ିଥାଏ।

ରାଜେନ୍ଦ୍ର ନଗର ଘଟଣା ପରେ ଅନ୍ୟ କୋଚିଂ ସେଣ୍ଟରଗୁଡ଼ିକ ସୁରକ୍ଷା ନିୟମକୁ କାର୍ଯ୍ୟକାରୀ କରିବା ଆଳରେ ଅଧିକ ଟଙ୍କା ଅସୁଲ କରିବେ ବୋଲି ଛାତ୍ରୀଛାତ୍ରମାନେ ଚିନ୍ତାରେ ପଡ଼ିଯାଇଛନ୍ତି।

ବିହାର, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ଦକ୍ଷିଣ ଭାରତରୁ ପ୍ରତିବର୍ଷ ଅନେକ ଲକ୍ଷ ପିଲା ଦିଲ୍ଲୀର ରାଜେନ୍ଦ୍ର ନଗର ଓ ମୁଖାର୍ଜୀ ନଗରରେ ଥିବା କୋଚିଂ ସେଣ୍ଟରଗୁଡ଼ିକରେ ପଢ଼ିବା ପାଇଁ ଆସିଥାନ୍ତି। ବିଜ୍ଞାପନ ବାବଦକୁ ବିପୁଳ ଅର୍ଥ ଖର୍ଚ୍ଚ କରୁଥିବା ଏହି କୋଚିଂ ସେଣ୍ଟରଗୁଡ଼ିକ ନିଜ ପରିସରରେ ମୌଳିକ ସୁରକ୍ଷା ଜନିତ ପଦକ୍ଷେପ ନେବାକୁ ଅଣଦେଖା କରିଥାନ୍ତି ବୋଲି ଅନେକ ଆଶାୟୀ ଅଭିଯୋଗ ଆଣିଛନ୍ତି।



କୋଚିଂ ସେଣ୍ଟର ସମ୍ମୁଖରେ ରବିବାର ସିଭିଲ୍ ସର୍ଭିସ ଆଶାୟୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ଚମନ ଗୌତମ)

## ମନ୍ କୀ ବାତ୍‌ରେ ସମ୍ବଲପୁରୀ ଶାଢ଼ି

**ନୂଆଦିଲ୍ଲୀ,୨୮।୭**




ସ୍ୱତନ୍ତ୍ର ହସ୍ତତନ୍ତ ଡିଜାଇନ୍ ପାଇଁ ବିଶ୍ୱବ୍ୟାପୀ ଅନନ୍ୟ ପରିଚୟ ସୃଷ୍ଟି କରିଥିବା ଓଡ଼ିଶାର ସମ୍ବଲପୁରୀ ଶାଢ଼ି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କୀ ବାତ୍‌ର ୧୧୨ତମ ସଂସ୍କରଣରେ ସ୍ଥାନ ପାଇଛି। ଅଗଷ୍ଟ ୭ରେ ଜାତୀୟ ହସ୍ତତନ୍ତ ଦିବସ ପାଳନ ହେବାକୁ ଯାଉଛି। ଦେଶର ବିଭିନ୍ନ ପ୍ରାନ୍ତରେ ହ୍ୟାଣ୍ଡଲୁମ୍‌କୁ ଲୋକପ୍ରିୟ କରିଥିବା କାରିଗରମାନଙ୍କୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ପ୍ରଶଂସା କରିଛନ୍ତି। ଘରୋଇ କମ୍ପାନୀଗୁଡ଼ିକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ କରି ହ୍ୟାଣ୍ଡଲୁମ୍ ଉତ୍ପାଦର ପ୍ରଚାର ପ୍ରସାର କରାଇବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଖଦି ଗ୍ରାମୋଦ୍ୟୋଗ ବ୍ୟବସାୟ ପ୍ରଥମ ଥର ପାଇଁ ୧.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଖଦି ଓ ହସ୍ତତନ୍ତ ସାମଗ୍ରୀଗୁଡ଼ିକର ବିକ୍ରି ବୃଦ୍ଧି ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ହ୍ୟାଣ୍ଡଲୁମ୍ ଶିଳ୍ପରେ ଅଧିକାଂଶ ମହିଳା ସମ୍ପୃକ୍ତ ଥିବାରୁ ସେମାନେ ସର୍ବାଧିକ ଉପକୃତ ହୋଇଛନ୍ତି। ଖଦି ପୋଷାକ କିଣିବା ପାଇଁ ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ପ୍ରୋତ୍ସାହିତ କରିଛନ୍ତି।

ପ୍ୟାରିସ୍ ଅଲିମ୍ପିକ୍ସ ଆରମ୍ଭ ହୋଇଥିବାବେଳେ ଏହା ଆମ ଖେଳାଳିମାନଙ୍କୁ ଅନ୍ତର୍ଜାତୀୟସ୍ତରରେ ଜାତୀୟ ପତାକା ଉଡ଼ାଇବାର ସୁଯୋଗ ଦେଇଛି। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ନିକଟରେ ମ୍ୟାଥ୍‌ମେଟିକ୍ସ ଅଲିମ୍ପିଆଡ୍‌ରେ ଉତ୍ତମ ପ୍ରଦର୍ଶନ କରି ୪ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ସହ ପ୍ରଧାନମନ୍ତ୍ରୀ କଥା ହେବା ସହିତ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ଆସାମର ମୋଇଦାମ୍ ସାମିଲ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଏହାର ମଧ୍ୟ ପ୍ରଶଂସା କରିଛନ୍ତି।

## ସିୟୁଇଟି-ୟୁଜି ଫଳ ପ୍ରକାଶିତ

**ନୂଆଦିଲ୍ଲୀ,୨୮।୭**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ରବିବାର କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ସିୟୁଇଟି)-ୟୁଜି ପରୀକ୍ଷା ଫଳ ଘୋଷଣା କରିଛନ୍ତି। ସ୍କୋରକାର୍ଡ ଡାଉନ୍‌ଲୋଡ ପାଇଁ ପରୀକ୍ଷାର୍ଥୀଙ୍କୁ ଅଫିସିଆଲ ୱେବ୍‌ସାଇଟ୍ exams.nta.ac.in/CUET-UGକୁ ଯାଇ ଆପ୍ଲିକେଶନ ନମ୍ବର ଏବଂ ଜନ୍ମତାରିଖ ଏଣ୍ଟର କରିବାକୁ କୁହାଯାଇଛି। ଜୁନ୍ ୩୦ରେ ଫଳାଫଳ ପ୍ରକାଶିତ ହେବାକୁ ପୂର୍ବରୁ ସ୍ଥିର ହୋଇଥିବାବେଳେ ପରୀକ୍ଷା ପରିଚାଳନାରେ ଅନିୟମିତତାଜନିତ ବିବାଦକୁ ନେଇ ଏହାକୁ ସ୍ଥଗିତ ରଖାଯାଇଥିଲା। ବିଭିନ୍ନ ଅଭିଯୋଗ ଆଣିଥିବା ୧,୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କର ପୁନଃ ପରୀକ୍ଷା ଗତ ୧୯ରେ ହୋଇଥିଲା।

## ବନ୍ୟା କ୍ଷତିଗ୍ରସ୍ତ ରାଜ୍ୟକୁ ପାଣ୍ଠି ଦେବାରେ କେନ୍ଦ୍ରର ଦୋମୁହାଁ ନୀତି: କଂଗ୍ରେସ

**ନୂଆଦିଲ୍ଲୀ,୨୮।୭**

କେନ୍ଦ୍ର ସରକାର ବନ୍ୟା କ୍ଷତିଗ୍ରସ୍ତ ରାଜ୍ୟଗୁଡ଼ିକୁ ପାଣ୍ଠି ମଞ୍ଜୁର କରିବାରେ ଦୋମୁହାଁ ନୀତି ଅବଲମ୍ବନ କରିଥିବା କଂଗ୍ରେସ କହିଛି। ହିମାଚଳପ୍ରଦେଶର ଜନସାଧାରଣ ବିଧାନସଭା ନିର୍ବାଚନରେ ଭାଜପାକୁ ଭୋଟ ଦେଇ ନ ଥିବାରୁ ଏହି ରାଜ୍ୟ ଉପରେ କେନ୍ଦ୍ର ପ୍ରତିଶୋଧ ନେଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅଭିଯୋଗ କରିଛନ୍ତି। ୨୦୨୩ରେ ହିମାଚଳପ୍ରଦେଶରେ ପ୍ରଳୟଙ୍କରୀ ବନ୍ୟା ହୋଇଥିବାବେଳେ ରାଜ୍ୟ ସରକାର ଏହାକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବାକୁ କେନ୍ଦ୍ର ନିକଟରେ ଦାବି କରିଥିଲେ। ତେବେ କେନ୍ଦ୍ର ବଜେଟରେ ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ ବ୍ୟୟମଞ୍ଜୁରୀରେ ପାତରଅନ୍ତର କରାଯାଇଛି। ଏହା କେନ୍ଦ୍ର ସରକାରଙ୍କ ଡବଲ ଷ୍ଟାଣ୍ଡାର୍ଡର ଜ୍ୱଳନ୍ତ ଚିତ୍ରଣ ବୋଲି ଜୟରାମ କହିଛନ୍ତି। ବନ୍ୟା ପ୍ରଭାବିତ ରାଜ୍ୟ ବିହାର,ଆସାମ, ଉତ୍ତରାଖଣ୍ଡ ଏବଂ ସିକିମ୍‌କୁ ସହାୟତା ଅନୁଦାନ ଭାବେ ପ୍ରଦାନ କରାଯିବାକୁ ଥିବାବେଳେ ହିମାଚଳପ୍ରଦେଶକୁ ବହୁପାକ୍ଷିକ ଉନ୍ନୟନ ସହାୟତା ଜରିଆରେ ସାହାଯ୍ୟ ମିଳିବ, ଅର୍ଥାତ୍ ଋଣ ଆକାରରେ ଯୋଗାଇ ଦିଆଯିବ, ଯାହାକୁ ପରିଶୋଧ କରିବାକୁ ପଡ଼ିବ ବୋଲି ଜୟରାମ କହିଛନ୍ତି।

## ଅତି ଧନୀଙ୍କ ଉପରେ ଟିକସ ଲଗାଇବାକୁ ଜି୨୦ ରାଷ୍ଟ୍ର ସହମତ




**ରିଓ ଡି ଜେନିରୋ,୨୮।୭**

ବ୍ରାଜିଲର ରିଓ ଡି ଜେନିରୋରେ ଜି୨୦ ରାଷ୍ଟ୍ରଗୁଡ଼ିକର ଅର୍ଥମନ୍ତ୍ରୀମାନଙ୍କ ୨ ଦିନିଆ ବୈଠକ ଶୁକ୍ରବାର ଶେଷ ହୋଇଛି। ଅତି ଧନୀମାନଙ୍କ ଉପରେ ଟିକସ ଲଗାଇବା ଦିଗରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏକାଠି କାର୍ଯ୍ୟ କରିବାକୁ ସହମତ ହୋଇଛନ୍ତି। କିନ୍ତୁ ଏନେଇ କୌଣସି ଚୁକ୍ତିନାମା ହୋଇପାରି ନାହିଁ। କାରଣ ଅତି ଧନୀଙ୍କ ଉପରେ ଟିକସ ଲଗାଇବା ନିମନ୍ତେ ବୈଶ୍ୱିକ ଡିଲ୍‌ର ଆବଶ୍ୟକତାକୁ ଆମେରିକା ଓ ଜର୍ମାନୀ ଖଣ୍ଡନ କରିଥିଲେ। ପରବର୍ତ୍ତୀ ଜି୨୦ ସମିଟ୍ ନଭେମ୍ବରରେ ବ୍ରାଜିଲରେ ଅନୁଷ୍ଠିତ ହେବ।

ଅତି ଧନୀମାନେ ସେମାନଙ୍କ ସମ୍ପତ୍ତିର ୨ ପ୍ରତିଶତ ଟିକସ ଆକାରରେ ଦେବା ଆବଶ୍ୟକ ବୋଲି ପ୍ରସ୍ତାବ ଅଣାଯାଇଥିଲା। ଫ୍ରାନ୍ସ ଅର୍ଥନୀତିଜ୍ଞ ଗାବ୍ରିଏଲ୍ ଜୁକ୍‌ମାନଙ୍କ ରିପୋର୍ଟ ଅନୁଯାୟୀ, ବିଲିଅନେୟାରମାନେ ବର୍ତ୍ତମାନ ସେମାନଙ୍କ ସମ୍ପତ୍ତିର ମାତ୍ର ୦.୩ ପ୍ରତିଶତ ଟିକସ ଭାବେ ଦେଉଛନ୍ତି। ସେମାନେ ବାର୍ଷିକ ୨ ପ୍ରତିଶତ ଟ୍ୟାକ୍ସ ଦେଲେ ୩,୦୦୦ ବିଲିଅନେୟାରଙ୍କଠାରୁ ୨୦୦ରୁ ୨୫୦ ବିଲିୟନ ଡଲାର ସଂଗୃହୀତ ହୋଇପାରିବ, ଯାହାକୁ ଶିକ୍ଷା, ସ୍ୱାସ୍ଥ୍ୟସେବା ଭଳି ସାଧାରଣ ସେବାରେ ବିନିଯୋଗ କରାଯିବା ସହ ଜଳବାୟୁ ପରିବର୍ତ୍ତନର ମୁକାବିଲା ଦିଗରେ ଖର୍ଚ୍ଚ କରାଯାଇପାରିବ।

## ଏମିଙ୍କ ଭବିଷ୍ୟବାଣୀ: ଟ୍ରମ୍ପ୍ ଜିତିବେ

**ୱାଶିଂଟନ, ୨୮।୭**

### ରାଷ୍ଟ୍ରପତି ଦୌଡ଼ରୁ ବାଇଡେନ୍ ଓହରିବା ନେଇ କରିଥିଲେ ଆକଳନ



ଏମି ଟ୍ରିପ୍



ଡୋନାଲ୍ଡ ଟ୍ରମ୍ପ୍

ଆମେରିକାର ରାଷ୍ଟ୍ରପତି ରେସ୍‌ରୁ ଜୋ ବାଇଡେନ୍ ଓହରିବା ନେଇ ଇଣ୍ଟରନେଟ୍‌ରେ ସବୁଠାରୁ ଚର୍ଚ୍ଚିତ ଜ୍ୟୋତିଷୀ ଭାବେ ଜଣାଶୁଣା ଏମି ଟ୍ରିପ୍(୪୦) ଭବିଷ୍ୟବାଣୀ କରିଥିଲେ। ଏମି ଆକଳନ କରିଥିବା ତାରିଖରେ ବାଇଡେନ୍ ରାଷ୍ଟ୍ରପତି ପଦରୁ ଓହରିଥିଲେ, ଯାହାକୁ ନେଇ ବହୁ ଚର୍ଚ୍ଚା ଓ ଆଲୋଚନା ହୋଇଥିଲା। ତେବେ ଏମି ପୁଣି ଏକ ଭବିଷ୍ୟବାଣୀ କରିଛନ୍ତି ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ନ୍ୟୁୟର୍କ ପୋଷ୍ଟର ଏକ ରିପୋର୍ଟ ଅନୁଯାୟୀ ତାରାମାନଙ୍କର ସ୍ଥିତିକୁ ଭିତ୍ତି କରି ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହେବେ ବୋଲି ଏମି ଭବିଷ୍ୟବାଣୀ କରିଛନ୍ତି। ଟ୍ରମ୍ପଙ୍କ ରାଶିରେ ବସିଥିବା ସୂର୍ଯ୍ୟଙ୍କ ଚଳନ ଏବେ ଶିଖରରେ ଥିବାରୁ ସେ ଆଗାମୀ ଦିନରେ ସଫଳତା ପାଇ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଶପଥ ନେବେ। ସେହିପରି ଟ୍ରମ୍ପ୍‌ଙ୍କୁ ହୋଇଥିବା ହତ୍ୟା ପ୍ରୟାସ ତାଙ୍କ ନିର୍ବାଚନୀ ମାହୋଲକୁ ସୁଦୃଢ଼ କରିବ। ତେବେ ଆଗାମୀ ଦିନରେ ଟ୍ରମ୍ପ୍ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ ବୋଲି ଏମି ଭବିଷ୍ୟବାଣୀ କରିଛନ୍ତି।

ଏମି ଗତ ୧୧ରେ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ପୋଷ୍ଟ କରି ଲେଖିଥିଲେ, ମକର ସଂକ୍ରାନ୍ତି ସାଧାରଣତଃ ବୃଦ୍ଧାବସ୍ଥା ଓ ଶାସନ କ୍ଷମତା ଉପରେ ଭାରି ପଡ଼ିଥାଏ। ତେଣୁ ଏହି ଦିନ ବାଇଡେନ୍ ରାଷ୍ଟ୍ରପତି ପଦ ରେସ୍‌ରୁ ଓହରିବେ। ଜଣେ ୟୁଜର୍ସ ତାରିଖ ପଚାରିବାରୁ ସେ ଉତ୍ତରରେ ଜୁଲାଇ ୨୧ କହିଥିଲେ ଯାହା ଠିକ୍ ପ୍ରମାଣିତ ହୋଇଥିଲା। ସେହିପରି ସେ ପୂର୍ବରୁ ଉପ ରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ନେଇ ମଧ୍ୟ ଭବିଷ୍ୟବାଣୀ କରିଛନ୍ତି। କମଳା ୨୦୨୪ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ୨୦୨୦ରେ ଏମି ଭବିଷ୍ୟବାଣୀ କରିଥିଲେ। ତେବେ ଆସନ୍ତା ଅଗଷ୍ଟ ଆମେରିକା ପାଇଁ କଷ୍ଟସାଧ୍ୟ ରହିବ। ଦେଶରେ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇବ ବୋଲି ଏମି ଭବିଷ୍ୟବାଣୀ କରିଛନ୍ତି।


ଭୁବନେଶ୍ୱର ପଳାଶୁଣି ଛକଠାରେ ରବିବାର ହୋଇଥିବା ଟ୍ରାଫିକ୍ ସମସ୍ୟା।

# ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ଅଧିକାରୀଙ୍କ ସହଯୋଗ ଜରୁରୀ: ମୁଖ୍ୟମନ୍ତ୍ରୀ

**ବିଭିନ୍ନ ମନ୍ତ୍ରଣାଳୟର ସଚିବଙ୍କ ସହ ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ବୈଠକ**

ଭୁବନେଶ୍ୱର, ୨୮।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଅଧୀନରେ କାମ କରୁଥିବା ଉଚ୍ଚ ପଦାଧିକାରୀମାନଙ୍କ ସହଯୋଗ କାମନା କରିଛନ୍ତି। ଶନିବାର ନୀତି ଆୟୋଗ ବୈଠକରେ ଯୋଗଦେବା ପରେ ଓଡ଼ିଶା ଭବନରେ କେନ୍ଦ୍ରରେ କାର୍ଯ୍ୟରତ ଓଡ଼ିଶା କ୍ୟାଡର ଅଧିକାରୀମାନଙ୍କ ଏକ ବୈଠକର ଆୟୋଜନ କରାଯାଇଥିଲା। ଏଥିରେ ୨ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ମଧ୍ୟ ଯୋଗ ଦେଇଥିଲେ। ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ନିକଟରେ ଯେଉଁସବୁ ପ୍ରସ୍ତାବ ରଖିଥିଲେ ସେସବୁ ତ୍ୱରିତ କର୍ଯ୍ୟାନ୍ୱୟନ ପାଇଁ ସେ ଏହି ଅଧିକାରୀମାନଙ୍କ ସହଯୋଗ ଲୋଡ଼ିଥିଲେ। ଏକ ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ପାଇଁ ଏହିସବୁ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗ ଏବଂ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ବିକାଶ ଯୋଜନାରେ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ପ୍ରତି ଥିବା ଏହି ସ୍ୱତନ୍ତ୍ର ଧ୍ୟାନ ଓଡ଼ିଶା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିଛି। ସମସ୍ତଙ୍କ ସହଯୋଗରେ ଓଡ଼ିଶା ନିଶ୍ଚୟ ତା'ର ଅଭିଳଷିତ ଲକ୍ଷ୍ୟ ହାସଲ କରିପାରିବ। ନୀତି ଆୟୋଗର ଗଭର୍ନିଂ କାଉନସିଲିଂ ବୈଠକରେ ସେ ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଭାରତ ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗ କାମନା କରିଛନ୍ତି। ଯେଉଁ କ୍ଷେତ୍ର ପାଇଁ ଆମକୁ କେନ୍ଦ୍ର ସରକାରଙ୍କ ସହଯୋଗ ଆବଶ୍ୟକ ସେଗୁଡିକ ହେଲା ବନ୍ଦରଭିତ୍ତିକ ବିକାଶ, ଇଣ୍ଡଷ୍ଟ୍ରିଅଲ କରିଡର ଓ ପାର୍କ ସ୍ଥାପନ, ରେଲୱେ ଓ ଏୟାରପୋର୍ଟ ଭିତ୍ତିଭୂମି ସ୍ଥାପନ ପାଇଁ ଅଧିକ ଅର୍ଥର ବରାଦ ଏବଂ ଆବଶ୍ୟକ ମଞ୍ଜୁରୀ, ପ୍ରାକୃତିକ ବିପର୍ଯ୍ୟୟ ସହଣୀୟ ଭିତ୍ତିଭୂମିର ବିକାଶ ପାଇଁ ସହାୟତା, ସବୁଜ ଅର୍ଥନୀତିର ବିକାଶ ପାଇଁ ହାଇଡ୍ରୋ ଷ୍ଟୋରେଜ ପ୍ଲାଣ୍ଟ ଓ ସୋଲାର ପ୍ରକଳ୍ପ ପାଇଁ ସହାୟତା, ଫାଇନାନ୍ସିଆଲ ଇନକ୍ଲୁଜନ ବା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ବ୍ୟାଙ୍କ ସୁବିଧା ନ ଥିବା ଅଞ୍ଚଳରେ ବ୍ୟାଙ୍କ୍ ଶାଖା ଓ ଏଟିଏମ୍ ପ୍ରତିଷ୍ଠା, ଖଣିଜ ଶିଳ୍ପର ବିକାଶ ପାଇଁ ସହଯୋଗ, ରେଳ ନେଟୱର୍କର ବିକାଶ, ବୈଦେଶିକ ପୁଞ୍ଜି ଓ ସେମିକଣ୍ଡକ୍ଟର ପରି ଆଧୁନିକ ଶିଳ୍ପର ବିକାଶ ପାଇଁ ସହଯୋଗ, ଜଙ୍ଗଲ ସମ୍ପଦର ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ପରି ରାଜ୍ୟକୁ ଅଧିକ ପ୍ରୋତ୍ସାହନ ଓ ଆହୁରି ଅନେକ ପ୍ରସ୍ତାବ। ନବଗଠିତ ଓଡ଼ିଶା ସରକାର ଜୁଲାଇ ୨୫ ତାରିଖରେ ପ୍ରଥମ ବଜେଟ ଉପସ୍ଥାପନ କରିଛନ୍ତି। ଅର୍ଥମନ୍ତ୍ରୀ ଭାବେ ସେ ଏହି ବଜେଟ ଉପସ୍ଥାପନ କରିଥିଲେ। ଏହି ବଜେଟ ପ୍ରସ୍ତୁତି ପ୍ରକ୍ରିୟାରେ ସମାଜର ବିଭିନ୍ନ ବର୍ଗ ଯଥା ଅର୍ଥନୈତିକ ବିଶେଷଜ୍ଞ, ବୁଦ୍ଧିଜୀବୀ, ବିଭିନ୍ନ ବର୍ଗର ପ୍ରତିନିଧି ସାମିଲ ରହି ସେମାନଙ୍କ ବହୁମୂଲ୍ୟ ମତାମତ ପ୍ରଦାନ କରିଥିଲେ। ଏହା ସହିତ ଅନଲାଇନ ଜରିଆରେ ମଧ୍ୟ ପ୍ରାୟ ୧୨ ହଜାରରୁ ଊର୍ଦ୍ଧ୍ୱ ମତାମତ ଆସିଥିଲା। ଏହା ପୂର୍ବ ବର୍ଷ ଅପେକ୍ଷା ୬ ଗୁଣ ଅଧିକ। ତେଣୁ ଆମର ଏହି ବଜେଟରେ ଲୋକଙ୍କ ମତାମତ ପ୍ରତିଫଳିତ ହୋଇଛି। ସମାଜର ସବୁ ବର୍ଗର ଲୋକଙ୍କ ଦ୍ୱାରା ଏହା ଆଦୃତ ହୋଇପାରିଛି। ଆମ ସରକାର 'ଲୋକଙ୍କ ସରକାର' ବୋଲି ପ୍ରକାଶ କରି ସେ କହିଛନ୍ତି ଯେ, ବିକଶିତ ଓଡ଼ିଶାର ପରିକଳ୍ପନା ଓ ରୂପରେଖ ନିର୍ଦ୍ଧାରଣ ପାଇଁ ସମାଜର ସବୁ ବର୍ଗର ସୁଚିନ୍ତିତ ମତାମତ ସବୁବେଳେ ସ୍ୱାଗତଯୋଗ୍ୟ। କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ଓଡ଼ିଶାର ଅଧିକାରୀମାନଙ୍କର ସହଯୋଗ ଆମ ଉଦ୍ୟମକୁ ବାସ୍ତବ ରୂପ ଦେବାରେ ସହାୟକ ହେବ ବୋଲି ତାଙ୍କର ଦୃଢ଼ ଆଶା ଓ ବିଶ୍ୱାସ ରହିଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାରଙ୍କର ବିଭିନ୍ନ ମନ୍ତ୍ରାଳୟ ବିଶେଷକରି ଯଥା ଜଙ୍ଗଲ, ଶିଳ୍ପ, ରେଲୱେ, ବେସାମରିକ ଚଳାଚଳ ଏବଂ ଅନ୍ୟ ମନ୍ତ୍ରଣାଳୟର ଅଧିକାରୀମାନେ ଅଛନ୍ତି। ଆଗାମୀ ଦିନରେ ଆମେ ଆହୁରି ଅନେକ ଥର ବିଚାରବିମର୍ଶ କରିବା ଏବଂ ଏକମନ ହୋଇ ବିକଶିତ ଓଡ଼ିଶାର ପରିକଳ୍ପନାକୁ ବାସ୍ତବ ରୂପ ଦେବା ବୋଲି ସେ କହିଛନ୍ତି।


ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ଡେପୁଟେଶନରେ ଥିବା ବିଭିନ୍ନ ମନ୍ତ୍ରଣାଳୟର ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରୁଛନ୍ତି।

**ଝଞ୍ଜାବତୀ ନଦୀରେ ମା' ଝିଅ ଭାସିଯାଇ ନିଖୋଜ ଘଟଣା**

# ମା'ଙ୍କ ମୃତଦେହ ଜବତ

କୋରାପୁଟ,୨୮।୭
(ଅମିତାଭ ବେହେରା)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ତଳଗୁମାଣ୍ଡିର ଡକରିଘାଟି ଅନ୍ତର୍ଗତ ଝଞ୍ଜାବତୀ ନଦୀରେ ଭାସିଯାଇ ନିଖୋଜ ହୋଇଥିବା ମା' ଓ ଝିଅଙ୍କ ମଧ୍ୟରୁ ରବିବାର ସକାଳେ ଓଡ୍ରାଫ ଟିମ୍ ମା'ଙ୍କ ମୃତଦେହ ଜବତ କରିଛି। କୋରାପୁଟ ଓଏସ୍ଏପି ତୃତୀୟ ବାଟାଲିୟନ ଓଡ୍ରାଫ ଟିମ୍ ରବିବାର ଭୋରୁ ଝଞ୍ଜାବତୀ ନଦୀରେ ତଲାସି ବେଳେ ନିଖୋଜ ମହିଳାଙ୍କ ମୃତଦେହ ପାଇଥିଲା। ତାଙ୍କ ନାମ ମତି ଡାଡିଙ୍ଗି। ସେ ତଳଗୁମାଣ୍ଡି ଗ୍ରାମର ରାମ ଡାଡିଙ୍ଗିଙ୍କ ସ୍ତ୍ରୀ ବୋଲି ଜଣାପଡିଛି। ଉଦ୍ଧାର ପରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ନାରାୟଣପାଟଣା ଡାକ୍ତରଖାନା ପଠାଯାଇଛି। ରାମଙ୍କ ସ୍ତ୍ରୀ ମତି ପ୍ରସବ ପାଇଁ ୬ ବର୍ଷର ଝିଅକୁ ଧରି ଶୁକ୍ରବାରଠାରୁ ମା' ଗୃହରେ ରହୁଥିଲେ। ଶନିବାର ଅପରାହ୍ଣରେ ସେ ଝିଅକୁ ଧରି ଶୌଚ ପାଇଁ ଝଞ୍ଜାବତୀ ନଦୀକୁ ଯାଇଥିଲେ। ଶୌଚ ବେଳେ ଉଭୟେ ନଦୀରେ ଭାସିଯାଇ ନିଖୋଜ ହୋଇ ଯାଇଥିଲେ। ଖବରପାଇ ପୋଲିସ ଓ ଅଗ୍ନିଶମ ବାହିନୀ କର୍ମଚାରୀ ନଦୀ କୂଳରେ ପହଞ୍ଚି ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କ ମୃତଦେହ ମିଳି ନ ଥିଲା। ରବିବାର ଭୋରୁ ପୁଣି ନଦୀରେ ଖୋଜାଖୋଜି ବେଳେ ମତିଙ୍କ ମୃତଦେହ ମିଳିଥିଲା। ମୃତଦେହ ଜବତ ପରେ ନଦୀକୂଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବର ଲେଖା ହେବାଯାଏ ଝିଅର କୌଣସି ପତ୍ତା ମିଳିନାହିଁ। ରବିବାର ଉପ ଜିଲାପାଳ ବେଣୁଧର ଶବର ନାରାୟଣପାଟଣା ଯାଇ ଘଟଣାର ଅନୁଧ୍ୟାନ କରି ଫେରିଛନ୍ତି। ନାରାୟଣପାଟଣା ବିଡିଓ ପୀୟୂଷ ଲେହର ଓ ତହସିଲଦାର ସଙ୍ଗୀତା ସେନ୍ ଉପସ୍ଥିତ ଥିଲେ। ଏହି ସମୟରେ ତାଙ୍କ ପରିବାରକୁ ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ୨ ହଜାର ଟଙ୍କା ଏବଂ ଜିଲାପାଳଙ୍କ ନିର୍ଦ୍ଦେଶରେ ରେଡକ୍ରସ ପକ୍ଷରୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ମା'ଙ୍କ ମୃତଦେହ ମିଳିଛି, ଝିଅର ମୃତଦେହ ମିଳିବା ପରେ ସରକାରଙ୍କ ନିୟମ ଅନୁସାରେ ରହିଥିବା ସହାୟତା ରାଶି ପ୍ରଦାନ ବ୍ୟବସ୍ଥା ହେବ ବୋଲି ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ଜଣେ ଅଧିକାରୀ କହିଛନ୍ତି।


ନାରାୟଣପାଟଣା ତହସିଲଦାର ସଙ୍ଗୀତା ସେନ୍ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

# ବୈତରଣୀରେ ବୁଡ଼ିଗଲେ କାଉଡ଼ିଆ

**ଅଧାରେ ରହିଲା ବୋଲ୍‌ବମ୍ ଯାତ୍ରା**

ଭଦ୍ରକ/ଭଣ୍ଡାରିପୋଖରୀ,୨୮।୭
(ସନାତନ ରାଉତ/ରାଜେନ୍ଦ୍ର ଶତପଥୀ)

ଅଧାରେ ରହିଲା ବୋଲ୍‌ବମ୍ ଯାତ୍ରା। ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଆରଡ଼ି ପୀଠରେ ବାବା ଆଖଣ୍ଡଳମଣିଙ୍କୁ ଜଳାଭିଷେକ କରିଥାନ୍ତେ। ଏଥିପାଇଁ ରବିବାର ସକାଳେ ବୈତରଣୀ ନଦୀର ବଲ୍ଲଭିଘାଟରେ ପାଣିଭାର ଉଠାଇବାକୁ ଯାଇଥିବା ବେଳେ ବୁଡ଼ିଯାଇ ଜଣେ କାଉଡ଼ିଆଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଣ୍ଡାରିପୋଖରୀ ଥାନା ଅଧୀନ ରହଣିଆ ପଞ୍ଚାୟତ ପୁରଷୋତ୍ତମପୁର ଗ୍ରାମର ଦେବେନ୍ଦ୍ର ସାମଲଙ୍କ ଏକମାତ୍ର ପୁଅ ପ୍ରଶାନ୍ତ(୩୨)।

ଜଳାଭିଷେକ ପାଇଁ ପ୍ରଶାନ୍ତ ସାଙ୍ଗମାନଙ୍କ ସହ ବୋଲ୍‌ବମ୍ ଯାତ୍ରାରେ ବାହାରିଥିଲେ। ଯାଜପୁର ଟାଉନ ବଲ୍ଲଭିଘାଟରେ ସାଥୀ କାଉଡ଼ିଆମାନଙ୍କ ସହ ସ୍ନାନ କରି ଘଟୋତ୍ତଳନ କରିବାକୁ ନଦୀ ଭିତରକୁ ଯାଇଥିବା ବେଳେ ଗଭୀର ବାଲି ଖାଲ ଜଳରେ ସେ ଫସି ଯାଇଥିଲେ। ପହଁରା ଜାଣି ନ ଥିବା ପ୍ରଶାନ୍ତଙ୍କୁ ବୁଡ଼ି ଯାଉଥିବା ଦେଖି ସାଙ୍ଗରେ ଯାଇଥିବା ଅନ୍ୟ ୨ କାଉଡ଼ିଆ ଉଦ୍ଧାର ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବରପାଇ ଯାଜପୁର ଦମକଳ ବାହିନୀ ଓ ସ୍ଥାନୀୟ କୈବର୍ତ୍ତସାହି ଯୁବକ ବାଲିଖାଲ ଜଳରୁ ପ୍ରଶାନ୍ତଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପ୍ରଶାନ୍ତଙ୍କ ସମ୍ପର୍କୀୟ ଭାଇ ପ୍ରଦୀପ ସାମଲଙ୍କ ଅଭିଯୋଗକ୍ରମେ ଯାଜପୁର ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬୬/୨୪) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପ୍ରଶାନ୍ତ ୨ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ଏକ ଝିଅ ଅଛି। ତାଙ୍କ ମୃତ୍ୟୁରେ ବୃଦ୍ଧ ମା'ବାପା, ସ୍ତ୍ରୀ ବେସାହାରା ହୋଇପଡ଼ିଛନ୍ତି। ପ୍ରକାଶଥାଉ କି, କିଛିଦିନ ପୂର୍ବରୁ ବୈତରଣୀ ନଦୀ ଶୁଖିଲା ଥିବାବେଳେ ଲଗାଣ ବର୍ଷା ଯୋଗୁ ଏବେ ଜଳସ୍ତର ବୃଦ୍ଧି ପାଇଛି। ବାଲିମାଫିଆମାନେ ଜେସିବି ମେଶିନ ସହାୟତାରେ ମାଟି ଓ ବାଲି ଉଠାଇଥିବାରୁ ଅଧିକାଂଶ ସ୍ଥାନରେ ୧୫ ଫୁଟ୍‌ରୁ ଊର୍ଦ୍ଧ୍ୱ ଗଭୀର ହୋଇଯାଇଛି। ଶନିବାର ଆନନ୍ଦପୁର ବ୍ୟାରେଜରୁ ଚଳିତବର୍ଷ ପ୍ରଥମ ମୌସୁମୀ ବର୍ଷା ଜଳ ପ୍ରବାହିତ ହୋଇଥିବାରୁ ବାଲି ଖୋଳା ଯାଇଥିବା ଗଭୀର ବାଲିଖାଲ ଜଳରେ ଲୁଚି ଯାଇଥିଲା।


ପ୍ରଶାନ୍ତ ସାମଲ

# 'ନୂଆ ସରକାର ଆଳୁ ରଖିବାକୁ ଗୋଦାମ ପ୍ରସ୍ତୁତ କରନ୍ତୁ'

**ପ୍ରସ୍ତାବ ରଖିଲା ନବନିର୍ମାଣ କୃଷକ ସଂଘ**

ଭୁବନେଶ୍ୱର, ୨୮।୭ (ବନ୍ଦନା ସେଠୀ)

ବର୍ଷ ବର୍ଷ ଧରି କ୍ରମାଗତ ଭାବରେ ରାଜ୍ୟରେ ଖାଉଟିଙ୍କ ପାଇଁ ଆଳୁ ସଙ୍କଟ ଲାଗି ରହିଥିବାବେଳେ ପୂର୍ବ ସରକାରଙ୍କ ବାବୁରାଜ ଆମ ରାଜ୍ୟ ପାଇଁ ଦୁର୍ଦ୍ଦଶା ଡାକି ଆଣିଛି ବୋଲି ନବ ନିର୍ମାଣ କୃଷକ ସଂଗଠନ ଅଭିଯୋଗ ଆଣିଛି। ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି, ଆମର ଆବର୍ଶ୍ୟକ ଚାଷଜମି, ଚାଷୀ ଓ ବଡ଼ ଖାଉଟି ବଜାର ଥିବାସତ୍ତ୍ୱେ ଆଳୁ ଚାଷୀଙ୍କ ପାଇଁ ପ୍ରୋତ୍ସାହନ ଓ ଶୀତଳଭଣ୍ଡାର କାହିଁକି କରାଯାଉନାହିଁ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଆଳୁ ମିଶନ୍ କିଭଳି ଫେଲ୍ ହୋଇଥିଲା ତାହା ସିଏଜି ରିପୋର୍ଟରୁ ସ୍ପଷ୍ଟ ହୋଇଛି। କ୍ରମାଗତ କ୍ଷତି ସହି ଆଳୁ ଚାଷୀମାନେ ଏଥିରୁ ମୁହଁ ଫେରାଇ ନେଇଛନ୍ତି। ତେଣୁ ନୂଆ ସରକାର ତୁରନ୍ତ ଆଳୁ ଚାଷ ହେଉଥିବା ବଡ଼ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ପରିମାଣର ଆଳୁ ରଖିବା ପାଇଁ ଗୋଦାମ ଘର ଆରମ୍ଭ କରିବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ସମବାୟ, କୃଷି, ଯୋଗାଣ ଓ ଉଦ୍ୟାନ ବିଭାଗ ମିଳିତ ବୈଠକ କରି ରାଜ୍ୟରେ ଆଳୁ ସମସ୍ୟାର ସମାଧାନ ପାଇଁ ବାଟ ବାହାର କରନ୍ତୁ। ବର୍ଷସାରା ଆଳୁ ଚାଷୀ କିଭଳି ରାଜ୍ୟବ୍ୟାପୀ ଆବଶ୍ୟକ ଅନୁଯାୟୀ ଆଳୁ ଉତ୍ପାଦନ କରିବେ, ଖାଉଟି ଉଚିତ ଦରରେ ଆଳୁ ପାଇବେ, ଏଥିପାଇଁ କ'ଣ ସବୁ ସଫଳ ପଦକ୍ଷେପ ନିଆଯାଇପାରିବ, ସେଥିପାଇଁ ତୁରନ୍ତ ବୈଠକ ଡାକିବା ଆବଶ୍ୟକ ସେ କହିଛନ୍ତି। ସେହିଭଳି ବିଭାଗୀୟ ସଚିବ, ନିର୍ଦ୍ଦେଶକ ପ୍ରମୁଖ ସମସ୍ତେ କିଭଳି ତଦାରଖ କରି ଯୋଜନାକୁ ସଫଳ କରିବେ, ସେ ନେଇ ରାଜ୍ୟ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଶେଷଦେବ ଆହ୍ୱାନ ଦେଇଛନ୍ତି।

# ଏସ୍‌ସିବି ମେଡିକାଲରେ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ

କଟକ, ୨୮।୭(ଶିଳ୍ପା ପ୍ରିୟଦର୍ଶିନୀ)

ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ ଅସୁସ୍ଥ ହୋଇ ରବିବାର ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମେଡିସିନ ବିଭାଗର ୩ ନମ୍ବର କ୍ୟାବିନ୍‌ରେ ତାଙ୍କର ଚିକିତ୍ସା ଜାରି ରହିଛି। ମେଡିସିନ ବିଭାଗୀୟ ମୁଖ୍ୟଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଛି। ଏନେଇ ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ପଦ୍ମଶ୍ରୀ ସ୍ୱାଇଁ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସୂଚନାଯୋଗ୍ୟ, ପଦ୍ମଶ୍ରୀ ସ୍ୱାଇଁ ଅସୁସ୍ଥ ହେବାରୁ ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ରତ୍ନଭଣ୍ଡାର ମରାମତି ଖୁବ୍‌ଶୀଘ୍ର: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୮।୭(ସୁନିତ୍ ମିଶ୍ର)

- ଏସ୍‌ଓପିରେ ସାମାନ୍ୟ ପରିବର୍ତ୍ତନ ସୂଚନା
- ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବସିବ ବୈଠକ

ରତ୍ନଭଣ୍ଡାରର ଏଏସ୍ଆଇ ସର୍ବେକ୍ଷଣ ଏବଂ ମରାମତି ନେଇ ଯେଉଁ ପଦକ୍ଷେପ ନେବା କଥା ତାହା ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଛୋଟ ଗୋଟେ ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ)ରେ ପରିବର୍ତ୍ତନର ଆବଶ୍ୟକତା ଥିଲା। ସେ କଥାକୁ ସୁଧାରିବାକୁ ମଧ୍ୟ ସରକାର ଖୁବଶୀଘ୍ର ଚେଷ୍ଟା କରୁଛନ୍ତି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ପୃଥ୍ୱୀରାଜ କହିଛନ୍ତି ଯେ, ଯେହେତୁ ମରାମତି ସମୟରେ କିଛି ଅସୁବିଧା ହେବ ସେକଥାକୁ ଆଖି ଆଗରେ ରଖି ପ୍ରାଥମିକତା ଦେଇ ସେବାୟତମାନଙ୍କ ସାଙ୍ଗରେ ଆଲୋଚନା ହୋଇଛି। ବହୁଶୀଘ୍ର କେବେ କାମ ଆରମ୍ଭ ହେବ ସେନେଇ ନିଷ୍ପତ୍ତି ହୋଇଯିବ। ରତ୍ନଭଣ୍ଡାର ସ୍ଥିତି ନେଇ ପ୍ରାରମ୍ଭିକ ଯାଞ୍ଚ ସରିଛି। ହେଲେ ଟିକିନିକି ଯେପରି ଭଲ ଭାବେ ଯାଞ୍ଚ ହେବା କଥା ତାହା ମଧ୍ୟ ଶୀଘ୍ର ହୋଇଯିବ। କାମ ବହୁ ଜଲ୍‌ଦି ଆରମ୍ଭ ହେବ, ଲେଜର ସ୍କାନିଂ ବାବଦରେ ମଧ୍ୟ ନିଷ୍ପତ୍ତି ନିଆଯାଉଛି। ବାହାର ରତ୍ନଭଣ୍ଡାର ମରାମତି ଆଗ ହୋଇଯିବ। ଭିତର ରତ୍ନଭଣ୍ଡାର କାମ ହେବା ବେଳକୁ ଲେଜର ସ୍କାନିଂ ହେବ କି ନ ହେବ ସେ ବାବଦରେ ତା ଭିତରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ରତ୍ନଭଣ୍ଡାର ସ୍ଥିତି ଓ ସ୍ଥାୟିତ୍ୱ ନେଇ ସୋମବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ବୈଠକ ବସିବ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହେବ। ବୈଠକରେ ଏଏସ୍ଆଇ ଅଧିକାରୀ ଯୋଗଦେବେ। କେବେଠାରୁ ଯାଞ୍ଚ ଓ ମରାମତି ହେବ ସେନେଇ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି।


ପୃଥ୍ୱୀରାଜ ହରିଚନ୍ଦନ

# ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ବନ୍ଦ

ଭୁବନେଶ୍ୱର, ୨୮।୭(ଅସମାପିକା ସାହୁ)

ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ୨୯ ତାରିଖ ସୋମବାର ଜନଶୁଣାଣି ବନ୍ଦ ରହିବ। ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଚାଲୁ ରହିଥିବାରୁ ଏହି ଜନଶୁଣାଣି ବନ୍ଦ ରହିବ ବୋଲି ରବିବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବସି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି। ଏଥିପାଇଁ ଜନସାଧାରଣ ସେଠାକୁ ଯାଇ ସେହିଦିନ ନାମ ପଞ୍ଜୀକରଣ କରୁଛନ୍ତି। ହଜାର ହଜାର ଅଭିଯୋଗ ଆସୁଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ସେଠାରେ ଉପସ୍ଥିତ ରହୁଛନ୍ତି।

# ଅଣଜଙ୍ଗଲ ଜମିରେ ଗଛ ସୁରକ୍ଷା ଆଇନ ହେଉ

ଭୁବନେଶ୍ୱର, ୨୮।୭(ଅସମାପିକା ସାହୁ)

ଚଳିତ ମୌସୁମୀରେ ରାଜ୍ୟ ସରକାର ୫ କୋଟି ଚାରା ଲଗାଇବାକୁ ଯୋଜନା କରିଛନ୍ତି। ସେଥିରୁ ୨.୫ କୋଟି ଚାରା ଜଙ୍ଗଲ ଭିତରେ ଏବଂ ବାକି ଚାରାଗୁଡ଼ିକ ଅଣଜଙ୍ଗଲ ଜମିରେ ରୋପଣ କରାଯିବ। ତେବେ ଅଣଜଙ୍ଗଲ ଜମିରେ ଥିବା ଗଛଗୁଡ଼ିକର ସୁରକ୍ଷା ଦିଗରେ କୌଣସି ଆଇନ ନାହିଁ। ଫଳରେ ଲୋକେ ଗଛ କାଟି ନେବାକୁ ପଛାଉ ନାହାନ୍ତି। ଦିଲ୍ଲୀ, କେରଳ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଭଳି ରାଜ୍ୟରେ ଅଣଜଙ୍ଗଲ ଜମିରେ ଜଙ୍ଗଲ ସୁରକ୍ଷା ପାଇଁ ଗଛ ସୁରକ୍ଷା ଆଇନ ରହିଛି। ତେଣୁ ଓଡ଼ିଶାରେ ସେହିଭଳି ଆଇନ ପ୍ରଣୟନ କରାଯିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ବରିଷ୍ଠ ନାଗରିକ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏ ନେଇ ପରିଷଦ ସଦସ୍ୟମାନେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ଜଣାଇଛନ୍ତି। ସେହିଭଳି ରାଜଧାନୀବାସୀଙ୍କ ପାଇଁ ନଗରବନ ସୃଷ୍ଟି କରିବା ପାଇଁ ଦାବି ଜଣାଇବା ସହିତ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପରିଷଦ ପକ୍ଷରୁ ଦର୍ଶାଯାଇଛି,ଭରତପୁର ସଂରକ୍ଷିତ ଜଙ୍ଗଲ ଭୁବନେଶ୍ୱର ସହର ଉପକଣ୍ଠରେ ରହିଛି। ଏହାସତ୍ତ୍ୱେ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ରାଜଧାନୀବାସୀଙ୍କୁ ତାତିରୁ ନିସ୍ତାର ମିଳି ପାରୁନାହିଁ। ଖରାଦିନେ ସହରବାସୀ ପ୍ରଚଣ୍ଡ ଗରମରେ ଆଉଟୁପାଉଟୁ ହେଉଛନ୍ତି। ଏହାର ମୁକାବିଲା କରିବା ପାଇଁ ସହର ମଧ୍ୟରେ ଅଧିକ ସଂଖ୍ୟାରେ ନଗର ବନର ଆବଶ୍ୟକ ରହିଛି। ୫୦ କି.ମି. ପରିଧି ମଧ୍ୟରେ ଅତି କମ୍‌ରେ ୫ ଏକର ପରିମିତ ଜମିରେ ନଗର ବନ ସୃଷ୍ଟି କରାଯାଉ। ଏହାଦ୍ୱାରା ରାଜଧାନୀରେ ଦିନକୁ ଦିନ ବଢୁଥିବା ତାତିକୁ ରୋକାଯାଇ ପାରିବ ବୋଲି ପରିଷଦ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଏସ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଫଏସ ଅଜିତ ପଟ୍ଟନାୟକ, ବିଜୟ କୁମାର ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି।

# ପାହାଡ଼ରୁ ପଥର ଖସି ଯାତାୟାତ ଠପ

ମୋହନା,୨୮।୭(ମନ୍ମଥ ମିଶ୍ର)

ଲଗାଣ ବର୍ଷାରେ ଗଜପତି ଜିଲା ମୋହନା ଅଞ୍ଚଳର ଅନେକ ସ୍ଥାନରେ ନଦୀରେ ପାଣି ଆସି ଲୋକେ ଜଳବନ୍ଦୀ ହୋଇଛନ୍ତି। ମୋହନା ବ୍ଲକ ଅନ୍ତର୍ଗତ ଗୁରୁଝୁଳୀ ପଞ୍ଚାୟତ କୁଟୀପଦର ଛକ ନିକଟ ଗାଘୁଡିପଙ୍କାଳରେ ବର୍ଷା ଯୋଗୁ ପାହାଡ଼ରୁ ବଡ଼ ବଡ଼ ପଥର ଖସି ରାସ୍ତାରେ ପଡ଼ିଛି। ଫଳରେ ଗାଙ୍ଗୁଡ଼ିପଙ୍କାଳ, ରାଜପୁର, ମୋହନଗୁଡା, ଗମ୍ଭୀରଗାଁ ଆଦି ଗ୍ରାମବାସୀ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ଏନେଇ ପ୍ରଶାସନ ପାଖରେ କୌଣସି ସୂଚନା ନଥିବାରୁ ଏହି ସମସ୍ୟାର ସମାଧାନ ହୋଇପାରିନାହିଁ।


ରାସ୍ତାରେ ପଡ଼ିଥିବା ପଥର।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବଜେଟ୍‌କୁ ନେଇ ସର୍ବଦଳୀୟ ବୈଠକ, ସ୍ଥାନ: ହୋଟେଲ କେଶରୀ, ମାଷ୍ଟରକାଣ୍ଟିନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାସିକ ସାମ୍ବିଦଭିତ୍ତିକ ପତ୍ରିକା ଦୂରଦର୍ଶୀର ୧୬ତମ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ବିଶିଷ୍ଟ କର୍ମଚାରୀ ନେତା ପତିତପାବନ ପରିଡ଼ାଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳୀ ସଭା, ସ୍ଥାନ: କର୍ମଚାରୀ ଭବନ, ୟୁନିଟ୍-୫, ସମୟ: ସନ୍ଧ୍ୟା ୬ଟା ୨୦।

## ପୁରୀ
- ଅଧାରୁ ପାଠ ଛାଡ଼ିବା ଓ ବାଲ୍ୟବିବାହ ଉପରେ ସଚେତନତା ଶିବିର, ସ୍ଥାନ: ପେଣ୍ଠପଡ଼ା କଲ୍ୟାଣ ମଣ୍ଡପ ଓ ସତ୍ୟବାଦୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ବୀରରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର, ସ୍ଥାନ: ଗୋପ ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ଆଖଣ୍ଡଳମଣି ପୀଠରେ ଜଳାଭିଷେକ, ସ୍ଥାନ: ଆରଡ଼ି, ଭଦ୍ରକ, ସମୟ: ଭୋର ୪ଟା।
- ସିନ୍ଧୁକେଶ୍ୱର ପୀଠରେ ଜଳାଭିଷେକ, ସ୍ଥାନ: ଅଣିଜୋ, ଆଗରପଡ଼ା, ସମୟ: ଭୋର ୪ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାର୍ଥୀ ବିକାଶ ମଞ୍ଚ ପକ୍ଷରୁ ଚାରାରୋପଣ, ସ୍ଥାନ: ରାନ୍ଦିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ବିଭିନ୍ନ ଶୈବ ମନ୍ଦିରରେ କାଉଡ଼ିଆଙ୍କ ଜଳଲାଗି ଏବଂ ଭଜନ ସମାରୋହ, ସ୍ଥାନ: ଶାଳନିଆଁ, ହାବଳେଶ୍ୱର, ପଞ୍ଚୁଗୋଛିଆ, ବଂଚୋ, ସରଳା, ସମୟ: ସକାଳ ୬ ଟା ଏବଂ ସନ୍ଧ୍ୟା ୭ ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଆନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।
- ସାଇ ନୀଳୟରେରେ ଭଜନ ଏବଂ ଆଧାତ୍ମିକ ଆଲୋଚନା, ସ୍ଥାନ: ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ସଦ୍‌ଭାବନା ସମିତିର ୫୪୩ତମ ସନ୍ଥ ଦିବସ ବୈଠକର ଆଲୋଚନା ରେଡିଓ ଷ୍ଟେଶନ ଦ୍ୱାରା ପ୍ରସାରଣ, ସ୍ଥାନ: ରେଡିଓ ଷ୍ଟେଶନ, ବାରିପଦା, ସମୟ: ସକାଳ ୭ଟା ୨୫।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର,ସ୍ଥାନ: ହରିହର ନଗର, ସମୟ: ସକାଳ ୮:୩୦।

## କନ୍ଧମାଳ
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦାରିଙ୍ଗବାଡି ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ,ସମୟ: ମଧ୍ୟାହ୍ନ ୧୨ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ପଲ୍ଲୀରେ ପ୍ରଶାସନ, ସ୍ଥାନ: ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ପଲ୍ଲୀରେ ପ୍ରଶାସନ, ସ୍ଥାନ: ଗଁଦିଆ ମଠତେନ୍ତୁଳିଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ପଲ୍ଲୀରେ ପ୍ରଶାସନ, ସ୍ଥାନ: କାମାକ୍ଷାନଗର ବ୍ଲକ ବଡସୁଆଁଳ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ପଲ୍ଲୀରେ ପ୍ରଶାସନ, ସ୍ଥାନ: କଙ୍କଡ଼ାହାଡ଼ ବ୍ଲକ ଚାନ୍ଦପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ପଲ୍ଲୀରେ ପ୍ରଶାସନ, ସ୍ଥାନ: ପରଜଙ୍ଗ ବ୍ଲକ କୁଆଁଳୋ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ପଲ୍ଲୀରେ ପ୍ରଶାସନ, ସ୍ଥାନ: ହିନ୍ଦୋଳ ବ୍ଲକ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ପଲ୍ଲୀରେ ପ୍ରଶାସନ, ସ୍ଥାନ- ଓଡ଼ାପଡ଼ା ବ୍ଲକ ଘଟିପିରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଜଗତ୍‌ସିଂହପୁର
- ଜଗତ୍‌ସିଂହପୁର ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସର, ସମୟ: ପୂର୍ବାହ୍ନ୧୦ଟା।

## କେନ୍ଦ୍ରାପଡ଼ା
- ଶ୍ରୀଲକ୍ଷ୍ମୀବରାହ ବୋଲବମ ସଂଘ ପକ୍ଷରୁ ବୋଲବମ ପଦଯାତ୍ରା, ସ୍ଥାନ: ଆଳି, ସମୟ: ପ୍ରାତଃ ୫ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ମିଶନ ଶକ୍ତିର ତଥ୍ୟ ପାଇଁ ବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାବିତ୍ରୀ ବାଇ ଫୁଲେ ସଂଘ ପକ୍ଷରୁ ପୋଲିସର ଦମନଲୀଳା ବିରୋଧରେ ବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ କୃଷିବୀମା କୃଷକ ସଚେତନତା ଶିବିର, ସ୍ଥାନ: ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜନ ଆରୋଗ୍ୟ ସମିତି ବୈଠକ, ସ୍ଥାନ: ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ସାଢେ ୧୧ଟା।

## ନୟାଗଡ଼
- ସମ୍ପ୍ରଦାୟ ଯୋଗଦାନ ଦିବସ, ସ୍ଥାନ: ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ସାଢେ ୧୨ଟା।

## ରାୟଗଡ଼ା
- ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନ ୟୁନିଟ ଉଦଘାଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ରାୟଗଡ଼ା, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋଲନରା, ସମୟ: ପୂର୍ବାହ୍ନ ୧୦ଟା।
- ମଣିଦୀପା ମହିଳା ସଂଗଠନ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନ: ରାମଲିଙ୍ଗେଶ୍ୱର ମନ୍ଦିର ପରିସର, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଉମରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ପ୍ରଧାନ କୌଶଳ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ,ସମୟ: ଅପରାହ୍ନ ୫ଟା ୩୦।

## କୋରାପୁଟ
- ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ,ସ୍ଥାନ: ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
ଦିବ୍ୟଜୀବନ ସଂଘ ଆନୁକୂଲ୍ୟରେ ଶିବାନନ୍ଦଙ୍କ ଆରାଧନା ଦିବସ, ସ୍ଥାନ- ଚିତ୍ରକୋଣ୍ଡା, ସମୟ- ସକାଳ ୭ଟା

## ସମ୍ବଲପୁର
- ସମ୍ବଲପୁରୀ ଏକତା ମଞ୍ଚର ସମ୍ବଲପୁରୀ ଦିନ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସକାଳ ୯ଟା।
- ବରିଷ୍ଠ ନାଗରିକ ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ , ସ୍ଥାନ : ଜୁଜୁମୁରା ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୈଠକ, ସ୍ଥାନ : ଗୁରୁଶ୍ରୀ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୧୫।

## ବଲାଙ୍ଗୀର
- ବାଦିବାହାଲ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ପରିସର, ଲୋଇସିଂହା , ସମୟ : ପୂର୍ବାହ୍ନ ୧୦ ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଟିଟିଲାଗଡ , ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ଅନ୍ୱେଷା ଅଭିଭାବକ ସଂଘର ଖବରଦାତା ସମ୍ମିଳନୀ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।
- ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ଉପଜିଲାପାଳ କାର୍ଯ୍ୟାଳୟ, ଟିଟିଲାଗଡ, ସମୟ: ଅପରାହ୍ନ ୪ଟା ।

## ରାଉରକେଲା
- ସାଂସ୍କୃତିକ ପରିଷଦ ପକ୍ଷରୁ ବୃକ୍ଷରୋପଣ,ସ୍ଥାନ: ଡିଏଭି ସରୋବର ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅପରିଷ୍କାର ପାଣିକୁ ନେଇ ୱାଟକୋ ବିଭାଗ ଅଧିକାରୀଙ୍କୁ ଭେଟିବେ ବସ୍ତିବାସୀ,
- ସ୍ଥାନ: ଉଦିତନଗର ସମୟ: ପୂର୍ବାହ୍ନ ୧୨ଟା।

## ସୁନ୍ଦରଗଡ଼
- ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର,ସ୍ଥାନ:ଲେଫ୍ରିପଡା ବ୍ଲକ ସଭାଗୃହ,ସମୟ:ପୂର୍ବାହ୍ନ ୧୦ଟା।

## ବରଗଡ଼
- ଶୈବ ପୀଠରେ ଜଳାଭିଷେକ, ସ୍ଥାନ: ବିଶ୍ୱେଶ୍ୱର ଅଷ୍ଟଶମ୍ଭୁ, ସରଣ୍ଡା, ସମୟ: ସକାଳ ୫ଟା।
- ଶ୍ୟାମେଶ୍ୱର ବାବାଙ୍କ ପୂର୍ଣ୍ଣ ଜଳାଭିଷେକ, ସ୍ଥାନ: ମା' ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ: ୭ଟା ।
- ଶିବ ପୁରାଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର, ଗାଇସିଲେଟ୍, ସମୟ: ସକାଳ ୯ଟା।
- ଜନକଲ୍ୟାଣ ସେବା ଟ୍ରଷ୍ଟର ସାଧାରଣଜ୍ଞାନ ପ୍ରତିଯୋଗିତା, ସ୍ଥାନ: ଗୋପାଳପୁର ଆଶ୍ରମ ସ୍କୁଲ, ଭଟଲି, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: କଲମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ , ସମୟ : ପୂର୍ବାହ୍ନ ୧୦ଟା।
- ମାଟ୍ରିକ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, ସଇଡ଼ା ଗ୍ରାମପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ମା କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ମହା ଜଳାଭିଷେକ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ତରଭା ବ୍ଲକ ସରଗଜ ପଞ୍ଚାୟତ ତେନ୍ତୁଳିଖୁଣ୍ଟି ଶିବ ମନ୍ଦିର, ସମୟ: ସକାଳ ୮ଟା।
- ଶ୍ରାବଣ ଦ୍ୱିତୀୟ ସୋମବାର ବୋଲବମ ଭକ୍ତ ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସ୍ଥାନ: ଗୌଡଗାଡ ଶିବ ମନ୍ଦିର,ବୀରମହାରାଜପୁର, ସମୟ: ସକାଳ ୮ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱରସ୍ ମନ୍ଦିର ପ୍ରାଙ୍ଗଣ, ସମୟ ପ୍ରାତଃ ୪ଟା।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ କାଉଡ଼ିଆଙ୍କ ଜଳାଭିଷେକ, ସ୍ଥାନ: ସହରସ୍ଥିତ ବାଗଡିହି ଗ୍ରାମ, ମହାକାଳ ମନ୍ଦିର, ସମୟ: ପ୍ରାତଃ ୪ଟା।
- କାଉଡ଼ିଆଙ୍କ ଜଳାଭିଷେକ, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୪ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦୀର୍ଘଦିନର ଆଶା ପୂରଣ ସକାଶେ ବିଭିନ୍ନ ଉପାୟ ଅବଲମ୍ବନ କରି ସଫଳ ହେବେ। ନିଜର ଦକ୍ଷତା ପ୍ରତିପାଦନ କରି କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ପରିବାରର ସାଧାରଣ କଥାକୁ ନେଇ ଭାବାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନିକ ସ୍ଥିତି, ରାଜନୈତିକ ପରିସ୍ଥିତି ଗମ୍ଭୀର ରହିପାରେ।

**ବୃଷ** ନିଜ ଲୋକଙ୍କ ସହ ବକେୟା ଅର୍ଥ ସମ୍ପର୍କକୁ କେନ୍ଦ୍ରକରି କଳହର ସମ୍ମୁଖୀନ ହୋଇପାରନ୍ତି। ଆକସ୍ମିକ ଜଣେ ଅପରିଚିତ ବ୍ୟକ୍ତିଙ୍କ ସାହାଯ୍ୟ ପାଇବେ, ଯାହାକି ଆପଣ କେବେ ମଧ୍ୟ କଳ୍ପନା କରି ନ ଥିବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଆଜିର ଯାତ୍ରାରେ ବିଳମ୍ବ ଘଟିପାରେ। ନିର୍ମାଣାଧୀନ କାମରେ ବିଳମ୍ବଜନିତ ନିଜ ଲୋକଙ୍କୁ ସନ୍ଦେହ କରିପାରନ୍ତି।

**ମିଥୁନ** ଆର୍ଥିକ ଉନ୍ନତି, ଶିକ୍ଷାରେ ସଫଳତା, ସମ୍ପର୍କରେ ନିବିଡ଼ତା, ସନ୍ତାନଙ୍କ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଖୁସି ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ସାମାଜିକ ସ୍ତରରେ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରି ସଫଳତା ପାଇପାରିବେ। ଖଳ ଲୋକମାନଙ୍କ କଥାରେ ମୁଣ୍ଡ ପୂରାନ୍ତୁ ନାହିଁ।

**କର୍କଟ** ସାମଗ୍ରିକ ସୁଖସନ୍ତୋଷ, ଅର୍ଥସମ୍ମାନ ଓ ସୌଭାଗ୍ୟଲାଭରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିରେ ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ପାଇପାରନ୍ତି। ପ୍ରଶାସନ, ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। କିନ୍ତୁ ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବା କାରଣରୁ ସାମାନ୍ୟ ମନ ହାଲୁକା ହୋଇଯିବ। ସଭାସମିତିରେ ପରିହାସ ଯୁକ୍ତ କଥା ସମସ୍ୟା ସୃଷ୍ଟି କରିପାରେ। ନିଜର ସମୟୋପଯୋଗୀ ପଦକ୍ଷେପ କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ପରୋକ୍ଷ ଶତ୍ରୁତା ରହିଥିଲେ ମଧ୍ୟ ଆପଣଙ୍କର ବିଶେଷ କିଛି କ୍ଷତି ହେବ ନାହିଁ।

**କନ୍ୟା** ସକାଳୁ ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ପୂର୍ଣ୍ଣାଙ୍ଗ ହୋଇପାରିବ। ନିଜ ପରିସରରେ ସାଧାରଣ ଖେଳରୁ କଳହର ସମ୍ଭାବନା ରହିଛି। ହାତ କିମ୍ବା ଗୋଡରେ ଆଘାତ ଲାଗିପାରେ, ଏଣୁ ସତର୍କତାର ସହ କାମ କରିବା ଭଲ ହେବ। ସାୟାହ୍ନେ କୌଣସି ବ୍ୟକ୍ତିଙ୍କଠାରୁ ଶୁଭଖବର ପାଇ ଉଲ୍ଲସିତ ହୋଇପାରନ୍ତି।

**ତୁଳା** ମନ ଭିତରେ ଥିବା କେତେକ ଅକୁହା କଥା କଳ୍ପନା ମାଧ୍ୟମରେ ସୁଖାନୁଭୂତି ଆଣିବ। ଶେଷ ସମୟରେ ବୃଥା ସନ୍ଦେହଜନିତ ବନ୍ଧୁ ଆପଣଙ୍କ ନିକଟରୁ ଦୂରେଇ ରହିପାରନ୍ତି। ନିଜ ଚତୁଃପାର୍ଶ୍ୱସ୍ଥ ବ୍ୟକ୍ତିବିଶେଷ ଆପଣଙ୍କ ସାହାଯ୍ୟ ଓ ଅନୁକମ୍ପା ପ୍ରାର୍ଥୀ ହେବାର ସୂଚନା ରହିଛି। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ବିଛା** ଆଜି ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା, ମାଲିମକଦ୍ଦମା କ୍ଷେତ୍ରରେ ଶୁଭଫଳ ପାଇବେ। ଅନୁରାଧା ନକ୍ଷତ୍ରର ଅପୂରଣୀୟ ଆଶା ଓ କାମନା ମନକୁ ବିଚଳିତ କରିପାରେ। ଅନ୍ୟକୁ ନିଜ ସହ ତୁଳନାକରି କିମ୍ବା ନିଜର କେତେକ ସମସ୍ୟା ହେତୁ ମନଟା ଚହଲି ଯାଇପାରେ। ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବାରୁ ସାମୟିକ ଚିନ୍ତିତ ରହିପାରନ୍ତି।

**ଧନୁ** ନିଜ ଲୋକଙ୍କଠାରୁ ଯେତିକି ଦୂରେଇ ରହିବେ ସମଅନୁପାତରେ ବାହାର ଲୋକଙ୍କ ସହ ସେତିକି ମିତ୍ରତା ବୃଦ୍ଧି ପାଇବ। ପାରିବାରିକ କ୍ଷେତ୍ରରେ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ଅସୂୟାଭାବ ପୂର୍ବକ ଯେସାକୁ ତେସା ନୀତିରେ କାମ କଲେ ସମାଲୋଚିତ ହେବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ମକର** ଆଜି ଦିନଟିରେ ସାହାଯ୍ୟ,ସହଯୋଗ ଲାଭକରି ଅଭିଳଷିତ କାମକୁ ସମ୍ପନ୍ନ କରିପାରିବେ। ବନ୍ଧୁଙ୍କ ସହାୟତାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ସମ୍ଭାବନା ରହିଛି। ଘର ଲୋକମାନଙ୍କ ଅନୁରୋଧରେ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। ଆର୍ଥିକ ସ୍ଥିତି ସନ୍ତୋଷଜନକ ନ ରହିଲେ ମଧ୍ୟ ହାତ ଖାଲି ରହିବ ନାହିଁ।

**କୁମ୍ଭ** ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟରୁ କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ, ଅବଶ୍ୟ ସମାଧାନର ରାସ୍ତା ମଧ୍ୟ ଖୋଜି ପାଇପାରିବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ପ୍ରଶାସନିକ ସ୍ତରରେ ସଫଳତା ହାସଲ କରିପାରନ୍ତି। ପାରିବାରିକ କ୍ଷେତ୍ର ମନାନ୍ତର ଓ ମତାନ୍ତର ହେତୁ ନିରସ ରହିପାରେ।

**ମୀନ** ନିଜେ ଭଲ ତ ଦୁନିଆ ଭଲ ନୀତି ଆପଣେଇବା କାରଣରୁ ସମାଲୋଚିତ ହେବାକୁ ପଡିବ। ବନ୍ଧୁଙ୍କ ଅନୁରୋଧରେ ସକାଳୁ ସକାଳୁ ଇଚ୍ଛା ନ ଥିଲେ ମଧ୍ୟ ଦୂର ସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ଜାଣିଶୁଣି କେତେକ ବ୍ୟକ୍ତି ପାରିବାରିକ ସମସ୍ୟା ସୃଷ୍ଟିର ସହାୟକ ହୋଇପାରନ୍ତି। କର୍ମ କ୍ଷେତ୍ରରେ ଉପରିସ୍ଥ ଅଫିସରଙ୍କୁ ମନକଥା ପ୍ରକାଶ କରିପାରିବେ ନାହିଁ।

ଆଜି ଜୁଲାଇ ୨୯ ତାରିଖ, ଅନ୍ତର୍ଜାତୀୟ ବ୍ୟାଘ୍ରଦିବସ, ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ଦିବସ, ଶ୍ରାବଣ କୃଷ୍ଣ ନବମୀ ସୋମବାର, ଦିବା ଘ.୧୦।୫୫ ମି. ଗତେ, ରାଶି ନକ୍ଷତ୍ର-କୃତ୍ତିକା/ମେଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୫ ଗତେ, ଘ.୦୭।୦୨ ମଧ୍ୟେ, ଘ.୧୦।୩୫ ଗତେ, ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୭।୦୨ ଗତେ, ଘ.୦୮।୩୯ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଶୁଟିଂ: ଭାରତକୁ ...
ଏକାଧିକ ଅଲିମ୍ପିକ୍ସ ପଦକ ଜିତିବାର ସୁଯୋଗ ରହିଛି। ସେ ସୋମବାରଠାରୁ ଆରମ୍ଭ ହେବାକୁଥିବା ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟ ଏବଂ ଶୁକ୍ରବାର ଆରମ୍ଭ ହେଉଥିବା ୨୫ ମିଟର ପିସ୍ତଲ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ୨୧ ଜଣିଆ ଭାରତୀୟ ଶୁଟିଂ ଦଳରେ ଏକମାତ୍ର ଶୁଟର ଭାବେ ସେ ଏକାଧିକ ଇଭେଣ୍ଟରେ ଅଂଶଗ୍ରହଣ କରିବେ।

ଭାକରଙ୍କ ପଦକକୁ ମିଶାଇ ଅଲିମ୍ପିକ୍ସର ଶୁଟିଂ ଇଭେଣ୍ଟରେ ଭାରତର ପଦକ ସଂଖ୍ୟା ୫ରେ ପହଞ୍ଚିଛି। ୨୦୦୪ ଏଥେନ୍ସରୁ ଆରମ୍ଭ କରି ୨୦୧୨ ଲଣ୍ଡନ ପର୍ଯ୍ୟନ୍ତ କ୍ରମାଗତ ୩ ଅଲିମ୍ପିକ୍ସରେ ଭାରତୀୟ ଶୁଟର ପଦକ ଜିତିଥିବାବେଳେ ପରବର୍ତ୍ତୀ ୨ ଅଲିମ୍ପିକ୍ସରେ ଶୂନ୍ୟତା ରହିଥିଲା। ଏଥର ବ୍ରୋଞ୍ଜ ଜିତି ପଦକ ଶୂନ୍ୟତାକୁ ଭରିଛନ୍ତି ଭାକର। ରାଜ୍ୟବର୍ଦ୍ଧନ ସିଂ ରାଠୋର ଭାରତ ପାଇଁ ଅଲିମ୍ପିକ୍ସର ଶୁଟିଂ ଇଭେଣ୍ଟରେ ପଦକ ଖାତା ଖୋଲିଥିଲେ। ୨୦୦୪ ଏଥେନ୍ସ କ୍ରୀଡ଼ାରେ ସେ ପୁରୁଷ ଡବଲ ଟ୍ରାପ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ୨୦୦୮ ବେଜିଂ ଅଲିମ୍ପିକ୍ସରେ ଅଭିନବ ବିନ୍ଦ୍ରା ୧୦ ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ଜିତି ଦେଶର କ୍ରୀଡ଼ା ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଥିଲେ। ପରେ ନାରଙ୍ଗ ଓ ବିଜୟ କୁମାର ୨୦୧୨ ଗେମ୍ସରେ ପଦକ ଜିତିଥିଲେ।

## ଦିଲ୍ଲୀ କୋଚିଂ ସେଣ୍ଟରରେ ...
ମଧ୍ୟରାତ୍ରିରେ ଶେଷ ହୋଇଥିଲା। ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ)ର ପୂର୍ବତନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ ରାଜେନ୍ଦ୍ର ନଗରସ୍ଥିତ ଉକ୍ତ କୋଚିଂ ସେଣ୍ଟର ପରିଦର୍ଶନ କରିଛନ୍ତି। ଦିଲ୍ଲୀ କଂଗ୍ରେସ ମୁଖ୍ୟ ଦେବେନ୍ଦ୍ର ଯାଦବ ମଧ୍ୟ ଘଟଣାସ୍ଥଳ ବୁଲିଦେଖିବା ପରେ ଛାତ୍ରୀଛାତ୍ର ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦିଲ୍ଲୀ ମେୟର ଶେଲୀ ଓବରୟ ଏମ୍‌ସିଡି କମିଶନରଙ୍କୁ ବେଆଇନ ଇନ୍‌ଷ୍ଟିଚ୍ୟୁଟ୍‌ଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ଫାୟାର ସର୍ଭିସ ମୁଖ୍ୟ ଅତୁଲ ଗର୍ଗ କହିଛନ୍ତି, ରାଓସ୍ ଆଇଏଏସ୍ ଷ୍ଟଡି ସର୍କଲର ଭୂତଳକୁ ଷ୍ଟୋର ରୁମ୍ ଭାବେ ବ୍ୟବହାର କରିବାକୁ ଅନୁମତି ଦିଆଯାଇଥିଲା। ଇନ୍‌ଷ୍ଟିଚ୍ୟୁଟ୍ ବିଲ୍ଡିଂର ଅଗ୍ନି ନିରାପତ୍ତା ଆପତ୍ତି ବିହୀନ ପ୍ରମାଣପତ୍ର (ଏନ୍‌ଓସି) ଥିଲା। କିନ୍ତୁ ସେମାନେ ବ୍ୟବସାୟିକ ଉଦ୍ଦେଶ୍ୟରେ ଏହାକୁ ଶ୍ରେଣୀଗୃହ ବା ଲାଇବ୍ରେରି ରୂପେ ବ୍ୟବହାର କରୁଥିଲେ। ଏହା ଅଗ୍ନିଶମ ବିଭାଗ ନିୟମଗୁଡ଼ିକର ଖୋଲାଖୋଲି ଉଲ୍ଲଂଘନ ଏବଂ ନିରୀହ ପିଲାଙ୍କୁ ମୃତ୍ୟୁମୁଖକୁ ଠେଲିଦେବା ସଦୃଶ।

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ୩ ଆଇଏଏସ୍ ଆଶାୟୀଙ୍କ ମୃତ୍ୟୁକୁ ନେଇ ଶୋକବ୍ୟକ୍ତ କରିଛନ୍ତି। ରାହୁଲ କହିଛନ୍ତି, ଅସୁରକ୍ଷିତ ନିର୍ମାଣ, ଦୁର୍ବଳ ଟାଉନ୍ ପ୍ଲାନିଂ ଓ ସବୁ ସ୍ତରରେ ଇନ୍‌ଷ୍ଟିଚ୍ୟୁଟ୍‌ଗୁଡ଼ିକର ଦାୟିତ୍ୱହୀନତା ଯୋଗୁ ସାଧାରଣ ଲୋକଙ୍କୁ ମୂଲ୍ୟ ଦେବାକୁ ପଡୁଛି। ସେହିପରି କଂଗ୍ରେସ ନେତା ପୱନ ଖେରା ଏହାକୁ 'କୃତ୍ରିମ ବିପର୍ଯ୍ୟୟ' ଭାବେ ଅଭିହିତ କରିଛନ୍ତି। ଗତ ସପ୍ତାହରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ଖେରା ଦାବି କରିଛନ୍ତି। ଦିଲ୍ଲୀ ଭାଜପା ସଭାପତି ବୀରେନ୍ଦ୍ର ସଚ୍‌ଦେବା ଏହାକୁ ଏକ ହତ୍ୟା ରୂପେ ଅଭିହିତ କରିଛନ୍ତି।

## ହୀରାକୁଦ ଜଳଭଣ୍ଡାରର ...
ଅଧୀକ୍ଷଣ ଯନ୍ତ୍ରୀ ଇଂ. ସୁଧୀର କୁମାର ସାହୁ ଉପସ୍ଥିତ ଥିଲେ। ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣକୁ ଅନୁଧ୍ୟାନ କରି ଆଗକୁ ଅଧିକ ଗେଟ୍ ଖୋଲାଯିବା ବା ବନ୍ଦ କରାଯିବ ତାହା ସ୍ଥିର ହେବ। ତେବେ ଆଗାମୀ ୨୪ ଘଣ୍ଟା ଧରି ୨୦ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ଜଳଭଣ୍ଡାରରୁ ଜଳ ନିଷ୍କାସନ ପ୍ରକ୍ରିୟା ଜାରିରହିବ ବୋଲି ମହାନଦୀ ବେସିନ ମୁଖ୍ୟଯନ୍ତ୍ରୀ ଇଂ. ବେହେରା କହିଛନ୍ତି। ଅପରପକ୍ଷରେ ହୀରାକୁଦ ଜଳଭଣ୍ଡାରରୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ତଳମୁଣ୍ଡରେ ଥିବା ୯ ଜିଲାର ମହାନଦୀ ଅବବାହିକାରେ ବସବାସ କରୁଥିବା ଅଧିବାସୀଙ୍କ ସହ ସମ୍ପୃକ୍ତ ଜିଲାର ଜିଲାପାଳଙ୍କ ପାଇଁ ମହାନଦୀ ବେସିନ କର୍ତ୍ତୃପକ୍ଷ ସତର୍କ ସୂଚନା ଜାରି କରିଛନ୍ତି। ବନ୍ୟାଜଳ ନିଷ୍କାସନ ସମୟରେ ମହାନଦୀର ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ମହାନଦୀକୁ ଯିବାକୁ ବାରଣ କରାଯିବା ସହ ଏହି କଟକଣାକୁ ନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ଜିଲାପାଳମାନଙ୍କୁ ପରାମର୍ଶ ମଧ୍ୟ ଦିଆଯାଇଛି। ରବିବାର ଅପରାହ୍ନ ସାଢ଼େ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୭.୬୯ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୭ ହଜାର ୭୧୦ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ୨୦ଟି ସ୍ଲୁଇସ୍ ଗେଟ୍ ଓ କେନାଲ ମାଧ୍ୟମରେ ପ୍ରତି ସେକେଣ୍ଡରେ ମୋଟ୍ ୩ ଲକ୍ଷ ୪୫ ହଜାର ୮୪୫ ଘନଫୁଟ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ୨୦ଟି ସ୍ଲୁଇସ୍ ଗେଟ୍ ମଧ୍ୟଦେଇ ୩ ଲକ୍ଷ ୯ ହଜାର ୭୬୦ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର କେନାଲରେ ୩୨ ହଜାର ୬୭୨ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୬୪୦ ଘନଫୁଟ, ଶାସନ କେନାଲରେ ୪୩୦ ଘନଫୁଟ, ସମ୍ବଲପୁର କେନାଲରେ ୬୧ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନଗୁଡ଼ିକୁ ୨୭୫ ଘନଫୁଟ ଜଳ ଯୋଗାଣ ହେଉଛି।

## ସତର୍କ କଲେ ...
ଆଗାମୀ ବର୍ଷା ବନ୍ୟା ସ୍ଥିତି ଉପୁଜାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏପରି ସ୍ଥିତିରେ ହୀରାକୁଦରୁ ଜଳ ନିଷ୍କାସନ ଓ ବର୍ଷାଜନିତ ସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ବିଭିନ୍ନ ଜିଲାକୁ ସତର୍କ କରିଛନ୍ତି। ହୀରାକୁଦରୁ ବନ୍ୟାଜଳ ନିଷ୍କାସନ ନେଇ ଏସ୍‌ଆର୍‌ସି ୯ ଜିଲାକୁ ସତର୍କ କରିବା ସହ ସମ୍ପୃକ୍ତ ଜିଲାପାଳଙ୍କୁ ଚିଠି ଲେଖି ଲୋକଙ୍କୁ ସଚେତନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜିଲାଗୁଡ଼ିକ ହେଲା ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼, ଅନୁଗୋଳ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀ। ଏସ୍‌ଆର୍‌ସି ଲେଖିଥିବା ଚିଠିରେ ଲେଖିଛନ୍ତି, ହୀରାକୁଦର ୨୦ ଗେଟ ଖୋଲାଯାଇଥିବାରୁ ସୋମବାର ସକାଳ ୮ଟାରେ ଖଇରମାଳ ନିକଟରେ ମହାନଦୀରେ ୪ ଲକ୍ଷ ୫୦ ହଜାର କ୍ୟୁସେକ ଜଳ ପ୍ରବାହିତ ହେବ। ସେହିଭଳି ୩୦ ତାରିଖ ପୂର୍ବାହ୍ନ ୧୧ଟାବେଳେ କଟକର ମୁଣ୍ଡଳୀ ଦେଇ ପ୍ରାୟ ୫ ଲକ୍ଷ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହୋଇପାରେ। ତେଣୁ ବନ୍ୟାଜଳ ପ୍ରବାହିତ ହେବା ସମୟରେ ନଦୀ ଭିତରକୁ ଲୋକଙ୍କୁ ନ ଯିବା ପାଇଁ ସତର୍କ କରାଇବା ସହ ନଦୀପଠାକୁ ଗୋରୁଙ୍କୁ ନ ଛାଡ଼ିବା ଲାଗି ଜିଲାପାଳମାନେ ସଚେତନ କରାଇବେ। ଏଥିସହ ସ୍ଥିତି ଉପରେ କଡ଼ା ନଜର ରଖିବାକୁ ଏସ୍‌ଆର୍‌ସି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେପଟେ ଆସନ୍ତା ୩୧ ତାରିଖ ସୁଦ୍ଧା ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ରବିବାର ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ ସୂଚନା ଦେଇଛନ୍ତି। ଏହି ଘୂର୍ଣ୍ଣିବଳୟ ଯୋଗୁ ୩ ତାରିଖ ପର୍ଯ୍ୟନ୍ତ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ସେହିପରି ୩୧ରୁ ୨ ଯାଏ ଛତିଶଗଡ଼ରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। ତେବେ ଓଡ଼ିଶାରେ ବିଭିନ୍ନ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଥିବାରୁ ଏଥିପାଇଁ ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ଏସ୍‌ଆର୍‌ସି ଆଉ ଏକ ଚିଠି କରି ନିର୍ଦ୍ଦେଶ ଦେଇଛନ୍ତି। ଏପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ଦୁଇଦିନ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଆଦି ୬ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ୭୦ରୁ ୧୧୦ ମି.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଅନ୍ୟପକ୍ଷରେ ରବିବାର ମଧ୍ୟ ଭଦ୍ରକରେ ୨୩ ମି.ମି. ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବଲିରେ ୧୩.୨, ନୂଆପଡ଼ାରେ ୧୦ମିମି ବର୍ଷା ହୋଇଛି। ତେବେ ରାଜ୍ୟରେ ଗୋଟିଏ ପରେ ଗୋଟିଏ ଲଘୁଚାପ ହେଉଥିଲେ ମଧ୍ୟ ଏବେ ବି ରାଜ୍ୟରେ ନିଅଣ୍ଟିଆ ବର୍ଷା ରହିଛି। ସାରା ରାଜ୍ୟରେ ୮ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବାବେଳେ ୪ ଜିଲାରେ ଅଧିକ ବର୍ଷା ଏବଂ ମାଲକାନଗିରିରେ ଅଧିକରୁ ଅଧିକ ବର୍ଷା ହୋଇଛି। ତେବେ ୧୪ ଜିଲାରେ ସ୍ୱାଭାବିକ ବର୍ଷା ଓ ୧୧ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି।

## ଦମ୍ପତିଙ୍କୁ ହତ୍ୟା...
ଚାଲି ଆସୁଥିଲେ। ଏହାକୁ ନେଇ ଆବ୍ରାହମଙ୍କ ସହ ଶିରକାଙ୍କର ସମ୍ପର୍କ ତିକ୍ତ ରହିଥିଲା। ଏହି କାରଣରୁ ସେ ତାଙ୍କ ଭାଇ ଭାଉଜଙ୍କୁ ହତ୍ୟା କରି ଥାଇପାରନ୍ତି ବୋଲି ସୁରେନ୍ଦ୍ର କହିଛନ୍ତି। ହେଲେ ପ୍ରକୃତ କାରଣ କ'ଣ ତାହା ତଦନ୍ତ କଲାପରେ ଜଣାପଡ଼ିବ ବୋଲି ପୋଲିସ କହିଛି। ଏ ନେଇ ରେଢ଼ାଖୋଲ ଥାନାରେ ଏକ ମାମଲା(ନଂ.୧୮୮/୨୦୨୪) ରୁଜୁ ହୋଇଛି।

## ଅନାଥ ହୋଇଗଲେ ମୃତକଙ୍କ ୩ ଝିଅ
ଶନିବାର ରାତିରେ ରେଢ଼ାଖୋଲ ଥାନା ପାଣ୍ଡୁରିଶିଳା ଗ୍ରାମର ଆବ୍ରାହମ କୁଜୁର ଏବଂ ତାଙ୍କ ସ୍ତ୍ରୀ କୁଆଁରୀ କୁଜୁର ହତ୍ୟାର ଶିକାର ହୋଇଥିଲେ। ଶତ୍ରୁ ଓ ଦେଢ଼ଶାଶୁଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିଲେ ଶିରକା କାର୍ମା। ହେଲେ ଏତେ ବଡ଼ ହତ୍ୟାକାଣ୍ଡ ଘଟିଥିଲେ ବି କୁଆଁରୀଙ୍କ ପାଖରେ ଶୋଇଥିବା ୩ବର୍ଷର ଝିଅ ରିକିତା ଓ ପାଖ କୋଠରିରେ ଜେଜେ ମା'ଙ୍କ ପାଖରେ ଶୋଇଥିବା କୁଆଁରୀଙ୍କ ମଝିଆ ଝିଅ ନିକିତା(୧୦) ସୌଭାଗ୍ୟକୁ ବର୍ତ୍ତି ଯାଇଛନ୍ତି। ଏହି ଦୁଇ ଭଉଣୀଙ୍କ ସହ ମୁଟୁରୁମୁଣ୍ଡା ସେବାଶ୍ରମ ହଷ୍ଟେଲରେ ରହି ପଢୁଥିବା ବଡ଼ଝିଅ ଅନୁଷ୍କା(୧୨)ଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲିଯାଇଛି। ବର୍ତ୍ତମାନ ମା'ବାପାଙ୍କୁ ହରାଇ ୩ଭଉଣୀ ଅନାଥ ହୋଇଯାଇଛନ୍ତି।

## ଓଡ଼ିଶାକୁ ଆସିବେ...
ବାଘୁଣୀ 'ସୁନ୍ଦରୀ' ଲୋକଙ୍କୁ ମାରୁଥିବା ଅଭିଯୋଗ ଆସିବା ପରେ ତାକୁ ପୁଣି ଆବଦ୍ଧ କରାଯାଇ ରଖାଯାଇଥିଲା। ବାରମ୍ବାର ସ୍ଥାନୀୟ ଲୋକଙ୍କ ଅଭିଯୋଗ ଆସିବାରୁ 'ସୁନ୍ଦରୀ'କୁ ଜଙ୍ଗଲରେ ଛାଡ଼ିବାକୁ ଦିନ ପରେ ଦିନ ଗଡ଼ାଇଥିଲା। ତେଣୁ ଧୀରେ ଧୀରେ ବାଘୁଣୀ ମୋଟା ହୋଇଯାଇଥିଲା ଏବଂ ଜଙ୍ଗଲରେ ଛାଡ଼ିଲେ ନିଜେ ଶିକାର କରି ଖାଇପାରିବ କି ନାହିଁ ତାହା ସନ୍ଦେହ ହୋଇଥିଲା। ଏହାକୁ ନେଇ ଏନ୍‌ଟିସିଏ ଉଦ୍‌ବେଗ ପ୍ରକାଶ କରିବା ସହିତ 'ସୁନ୍ଦରୀ'କୁ ଫେରାଇ ନେବା ସହ ରାଜ୍ୟରେ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟାକୁ ବନ୍ଦ କରିଦେଇଥିଲେ। ଏବେ ପୁଣିଥରେ ରାଜ୍ୟ ସରକାର ଅନ୍ୟ ରାଜ୍ୟରୁ ବାଘ ଆଣିବା ପାଇଁ ଯୋଜନା କରିଛନ୍ତି। ତେଣୁ ଏହା କେତେ ଫଳପ୍ରଦ ହେବ ତାକୁ ନେଇ ଆଶଙ୍କା ଦେଖାଦେଇଛି।

## ରାଜ୍ୟରେ ୩୦ ମହାବଳ
ଗତ ଫେବୃଆରୀରେ ପ୍ରକାଶ ପାଇଥିବା ରାଜ୍ୟ ସରକାରଙ୍କ ନିଜସ୍ୱ ବାଘ ଗଣନା ରିପୋର୍ଟ ଅନୁସାରେ, ରାଜ୍ୟରେ ୩୦ ମହାବଳ ବାଘ ଅଛନ୍ତି। ଏମାନଙ୍କ ମଧ୍ୟରୁ ୮ଟି ଶାବକ ରହିଛନ୍ତି, ଯେଉଁମାନଙ୍କ ବୟସ ଏକବର୍ଷରୁ କମ୍। ୨୭ଟି ବାଘକୁ କ୍ୟାମେରା ଟ୍ରାପ୍‌ରେ ଠାବ କରାଯାଇଥିବା ବେଳେ ଶିମିଳିପାଳରେ ଆଉ ୩ଟି ବାଘର ଉପସ୍ଥିତ ଥିବା ପ୍ରମାଣ ମିଳିଥିଲା। କିନ୍ତୁ ଏହି ୩ ବାଘ କ୍ୟାମେରା ଟ୍ରାପ୍‌ରେ ଠାବ ହୋଇ ନ ଥିଲା। ତେବେ ୩୦ ବାଘ ମଧ୍ୟରୁ କେବଳ ଶିମିଳିପାଳରେ ୨୭ଟି ବାଘ ରହିଥିବା ରିପୋର୍ଟରେ ଦର୍ଶାଯାଇଥିଲା।

ସୂଚନାଯୋଗ୍ୟ, ୨୦୨୨ରେ ଭାରତ ସରକାରଙ୍କ ପକ୍ଷରୁ ହୋଇଥିବା ବାଘ ଗଣନାରେ ଓଡ଼ିଶାରେ ୧୭ଟି ବାଘ ଥିବା ଜଣାପଡ଼ିଥିଲା। ତେବେ ରାଜ୍ୟରେ ଅଧିକ ବାଘ ରହିଥିବା ରାଜ୍ୟ ସରକାର ଦାବି କରିଥିଲେ ଏବଂ ନିଜ ଉଦ୍ୟମରେ ବାଘ ଗଣନା କରିବେ ବୋଲି କହିଥିଲେ। ଏହାପରେ ରାଜ୍ୟ ସରକାର ପ୍ରଥମଥର ପାଇଁ ବାଘ ଗଣନା କରିଥିଲେ। ୨୦୨୩ ଅକ୍ଟୋବର ୧୫ରୁ ୨୦୨୪ ଫେବୃଆରୀ ୧୦ ତାରିଖ ମଧ୍ୟରେ ରାଜ୍ୟର ୪୭ଟି ବନଖଣ୍ଡରେ ବାଘ ଗଣନା ହୋଇଥିଲା। ମୋଟ ୧,୪୩୨ଟି କ୍ୟାମେରା ଟ୍ରାପ ଲଗାଯାଇଥିବାବେଳେ ୫୬୭ଟି ଫଟୋ ଉଠାଯାଇଥିଲା।

## ଫୁଟ୍‌ବଲ ପଡ଼ିଆରେ ...
ସେ ଖୁବ୍‌ଶୀଘ୍ର ଇସ୍ରାଏଲ୍‌ର ପ୍ରତିଶୋଧ ସମ୍ପର୍କରେ ତାଙ୍କ ନିରାପତ୍ତା କ୍ୟାବିନେଟ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ମୃତ ପିଲାମାନଙ୍କ ଶେଷକୃତ୍ୟ ପାଇଁ ସେମାନଙ୍କ ପରିବାର ସଦସ୍ୟ ଗୋଲାନ ହାଇଟ୍ସ ଅନ୍ତର୍ଗତ ମଜଦଲ ଶାମ୍‌ସର ଡ୍ରୁଜେ ଗ୍ରାମରେ ଏକାଠି ହୋଇଛନ୍ତି। ୧୯୬୭ରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ବେଳେ ଇସ୍ରାଏଲ୍ ସିରିଆଠାରୁ ଗୋଲାନ ହାଇଟ୍ସକୁ ଅକ୍ତିଆର କରିଥିଲା।

# କଟକ ମେୟରଙ୍କୁ ଓସିଏ ସମ୍ପାଦକଙ୍କ ଟାର୍ଗେଟ୍

## ବାରବାଟୀ ଷ୍ଟାଡିୟମ ନବୀକରଣ ବିବାଦ


ସୁବାସ ସିଂ


ସଞ୍ଜୟ ବେହେରା

କଟକ,୨୮।୭(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ ଷ୍ଟାଡିୟମ ନବୀକରଣ କାର୍ଯ୍ୟ ନେଇ ଲାଗି ରହିଥିବା ବିବାଦ ବଢ଼ିବାରେ ଲାଗିଛି। ଏହି ପ୍ରସଙ୍ଗରେ କଟକ ମେୟର ସୁବାସ ସିଂଙ୍କୁ ଟାର୍ଗେଟ କରିଛନ୍ତି ଓସିଏ ସମ୍ପାଦକ ସଞ୍ଜୟ ବେହେରା। ସୁବାସ ଦ୍ୱନ୍ଦ୍ୱରେ ରହି ଗଣମାଧ୍ୟମ ସମ୍ମୁଖରେ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଥିବାରୁ ସଞ୍ଜୟ ତାଙ୍କୁ ସମାଲୋଚନା କରିଛନ୍ତି।

ଓସିଏ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି, ବାରବାଟୀ ଷ୍ଟାଡିୟମ୍ ନବୀକରଣ କାର୍ଯ୍ୟ ନେଇ ଯେଉଁ ଯୋଜନା କରାଯାଇଥିଲା ତାହା ଚାଲିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଅଲିମ୍ପିକ ଆସୋସିଏଶନର ଲିଜ୍ ଅବଧିକୁ ବୃଦ୍ଧି କରିବା ନେଇ କ୍ୟାବିନେଟ୍‌ରେ ଅନୁମତି ମିଳିଥିଲା। ଏହାସହ ସେ ଘୋଷଣା କରିଥିଲେ, ନିର୍ବାଚନରେ ବିଜେଡି ସରକାର ଗଢ଼ିଲେ ବାରବାଟୀର ରୂପରେଖ ବଦଳାଇବା ସହ ନବୀକରଣ କାର୍ଯ୍ୟ ହାତକୁ ନେବା ପାଇଁ। କିନ୍ତୁ ଏନେଇ ମେୟର ଶନିବାର ଗଣମାଧ୍ୟମକୁ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି। ତତ୍କାଳୀନ ସରକାର ୭୦୦ କୋଟି ଟଙ୍କାର ବଜେଟ କରି ନାହାନ୍ତି। ଏପରି କି କୌଣସି ବଜେଟ କ୍ୟାବିନେଟ୍‌ରେ ମଞ୍ଜୁର ହୋଇନାହିଁ କିମ୍ବା କୌଣସି ଏମ୍‌ଓୟୁ କରାଯାଇନାହିଁ। ବାରବାଟୀ ନବୀକରଣ କାର୍ଯ୍ୟ ନେଇ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରାଯାଇନାହିଁ। ମେୟର ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାଙ୍କୁ ସାଙ୍ଗରେ ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇ ବାରବାଟୀ ନବୀକରଣ କାର୍ଯ୍ୟ ଲାଗି ଆଲୋଚନା କରିଥିଲେ, ତାହା ଭିତ୍ତିହୀନ। ବାରବାଟୀର କୌଣସି କାର୍ଯ୍ୟ ହେଲେ ସେଥିରେ ବାରବାଟୀ-କଟକର ବିଧାୟିକା, ମେୟର ଓ ଅନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏଭଳି ଭୁଲ୍ ତଥ୍ୟ ଦେଇ କଟକବାସୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛନ୍ତି ମେୟର। ବାରବାଟୀକୁ ନେଇ ପୂର୍ବରୁ ବିଭିନ୍ନ ଲୋକ ଭିନ୍ନ ମତ ଦେଉଥିବାରୁ ସେଥିରୁ ନିବୃତ୍ତ ରହିବାକୁ ସଞ୍ଜୟ କହିଛନ୍ତି। ପୂର୍ବ ସରକାର କେବଳ ୩୦ଟି ଜିଲାରେ ୪୧ଟି କ୍ରିକେଟ୍ ଏକାଡେମୀ କରିଛନ୍ତି। ବାରବାଟୀ ନବୀକରଣ ନେଇ କାଗଜକଲମରେ ତଥ୍ୟ ନାହିଁ। ଏହା କେବଳ ପୂର୍ବ ସରକାରଙ୍କ ଏକ ଘୋଷଣା ଥିଲା। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ବିଧାନସଭାରେ ବାରବାଟୀ ପ୍ରସଙ୍ଗ ନେଇ ପ୍ରଶ୍ନ କରିବା ଯଥାର୍ଥ ରହିଛି। ଏପରି କି ବିଧାୟିକାଙ୍କ ପ୍ରଶ୍ନର ଉତ୍ତର ମଧ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମସ୍ତ ତଥ୍ୟ ଅନୁଯାୟୀ ପ୍ରଦାନ କରିଛନ୍ତି । ସେଥିରେ କୌଣସି ମିଥ୍ୟା ରହି ନାହିଁ। କ୍ରୀଡ଼ା ଦିଗରେ ଓ ବାରବାଟୀ ଭିତ୍ତିଭୂମି କାର୍ଯ୍ୟ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ସମସ୍ତ ବିଷୟରେ ସେ ଆଲୋଚନା କରିଛନ୍ତି ଏବଂ ଉଭୟ ସମସ୍ତ ସହଯୋଗ ଯୋଗାଇ ଦେବା ନେଇ ପ୍ରତିଶ୍ରୁତି ଦେଇଥିବା ସଞ୍ଜୟ କହିଛନ୍ତି। ବାରବାଟୀକୁ ବିଶ୍ୱସ୍ତରୀୟ କରିବା ନେଇ ଅର୍ଥର ଆବଶ୍ୟକତା ରହିଛି। ଏନେଇ ଏକ ଡିପିଆର ପ୍ରସ୍ତୁତ କରିବା ଲାଗି ଲଣ୍ଡନର ଗୋଟିଏ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। କମ୍ପାନୀ ୩ ଡିପିଆର ପ୍ରସ୍ତୁତ କରିବ। ସେଥିମଧ୍ୟରୁ ଯେଉଁ ଡିପିଆରକୁ ରାଜ୍ୟ ସରକାର ଓ ବିସିସିଆଇ ଅନୁମତି ପ୍ରଦାନ କରିବେ, ତଦନୁଯାୟୀ କାର୍ଯ୍ୟ ହେବ। ଏହାସହ ଅର୍ଥ ପାଇଁ ଏକ ରିପୋର୍ଟ ତିଆରି କରାଯାଉଛି। ଏନେଇ ଡେଲ୍‌ଏଟ୍ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ଓସିଏ ନୂତନ ଭାବେ ଭିତ୍ତିଭୂମିକୁ ତିଆରି କରିବାକୁ ଚାହୁଁଛି। ଅନ୍ୟ ରାଜ୍ୟରେ ୨ଟି ଷ୍ଟାଡିୟମ ରହିଛି କିନ୍ତୁ ଓଡ଼ିଶାରେ ଆମ ନିଜସ୍ୱ ଷ୍ଟାଡିୟମ ନାହିଁ। ୨୦୧୬ ନୀତି ଅନୁଯାୟୀ ଯଦି ଓସିଏ ନାଁରେ ନିଜର ଟାଇଟେଲ ନ ଥିବ, ତେବେ ଭିତ୍ତିଭୂମି ପାଇଁ ଆବଶ୍ୟକ ସବ୍‌ସିଡି ଓସିଏକୁ ମିଳିପାରିବ ନାହିଁ। ସେଥିପାଇଁ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଓସିଏକୁ ସବ୍‌ଲିଜ୍ ଅନୁଯାୟୀ ପ୍ରଦାନ କଲେ ଓସିଏ ଏନେଇ କାର୍ଯ୍ୟ କରିବା ଲାଗି ବ୍ୟବସ୍ଥା କରାଯାଇଛି। ଡିପିଆର ପ୍ରସ୍ତୁତ ପରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଓ ଓଡ଼ିଶା କ୍ରିକେଟ୍ ଆସୋସିଏଶନକୁ ନେଇ ଏକ ବୈଠକ ହେବ। ସେଥିରେ ଭିତ୍ତିଭୂମି ବିକାଶ ନେଇ ଯାହା ନିଷ୍ପତ୍ତି ହେବ ସେନେଇ ସରକାରଙ୍କୁ ଅବଗତ କରାଯିବ ବୋଲି ସଞ୍ଜୟ ବେହେରା କହିଛନ୍ତି।

ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସମ୍ପାଦକ ଅଭିଜିତ୍ ପାଲ୍ କହିଛନ୍ତି, ବାରବାଟୀର ମର୍ଯ୍ୟାଦା ଓ ମାନ୍ୟତା ବଜାୟ ରଖିବା ଦିଗରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ଓ ଓଡ଼ିଶା କ୍ରିକେଟ୍ ଆସୋସିଏଶନ ସର୍ବଦା ଚେଷ୍ଟା କରିବ।

ସୂଚନାଥାଉକି, ବାରବାଟୀ ଷ୍ଟାଡିୟମ ନବୀକରଣ ନେଇ ବିଧାନସଭାରେ ପ୍ରଶ୍ନ କରିଥିଲେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ। ବିଧାୟିକାଙ୍କ ପ୍ରଶ୍ନର ଉତ୍ତର ଦେଇ କ୍ରୀଡ଼ାମନ୍ତ୍ରୀ କହିଥିଲେ, ବାରବାଟୀ ଷ୍ଟାଡିୟମ ଓସିଏ ଦ୍ୱାରା ପରିଚାଳିତ, ଏହାର ବିକାଶ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। କ୍ରୀଡ଼ାମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ନେଇ ମେୟର ସୁବାସ ସିଂ କହିଥିଲେ, ବାରବାଟୀ ନବୀକରଣ କାର୍ଯ୍ୟ ନେଇ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏନେଇ ୭୦୦ କୋଟିର ବଜେଟ କରାଯିବା ସହ ଡିପିଆର ପ୍ରସ୍ତୁତ କରାଯାଇଛି। ଏପରିକି ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି। ଯୋଜନା ଭାଜପା ସରକାର ବଦଳାଇବା ହାସ୍ୟାସ୍ପଦ ବୋଲି ମେୟର କହିଥିଲେ।

## ସୁର ରାଉତରାୟଙ୍କୁ ଆଦିବାସୀ କଲ୍ୟାଣ ସଂଘର ବିରୋଧ


ସଂଘ ପକ୍ଷରୁ ଏଏସ୍‌ଆଇଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଶହୀଦ ମାଧୋ ସିଂଙ୍କ ସମ୍ପର୍କରେ ମନ୍ତବ୍ୟ ମହଙ୍ଗା ପଡ଼ିଲା

ପାଟଣାଗଡ,୨୮।୭(ସଚ୍ଚିଦାନନ୍ଦ ମହାକୁର)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶହୀଦ ମାଧୋ ସିଂଙ୍କୁ ଅସମ୍ମାନ କରି ଗଣମାଧ୍ୟମରେ ମନ୍ତବ୍ୟ ଦେବା ଜଟଣୀର ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପାଇଁ ମହଙ୍ଗା ପଡ଼ିଛି। ଏହାକୁ ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ବିରୋଧ କରିଛି । ରବିବାର ସଂଘ ପକ୍ଷରୁ ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ନେତୃତ୍ୱରେ ଏକ ଦାବିପତ୍ର ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ପାଟଣାଗଡ ଥାନା ଅଧିକାରିଣୀଙ୍କ ଜରିଆରେ ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ରରେ ରାଉତରାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ଗତ ୨୭ ତାରିଖରେ ଗଣମାଧ୍ୟମ ସମ୍ମୁଖରେ ଜଟଣୀର ପୂର୍ବତନ ବିଧାୟକ ରାଉତରାୟ ସ୍ୱାଧୀନତା ସଂଗ୍ରାମୀ ଶହୀଦ ମାଧୋ ସିଂଙ୍କ ଉଦ୍ଦେଶ୍ୟରେ କହିଥିଲେ, ମାଧୋ ସିଂ କେଉଁ ରାଜ୍ୟର ଆମେ ଜାଣିନାହୁଁ । ସେ କିଏ ବୋଲି ପ୍ରଶ୍ନ କରି ପ୍ରତିକ୍ରିୟା ଦେଇଥିଲେ। ଭାରତ ସ୍ୱାଧୀନତା ସଂଗ୍ରାମରେ ଶହୀଦ ମାଧୋ ସିଂଙ୍କ ପରିବାରର ଅବଦାନ ରହିଛି । ଏଣୁ ମାଧୋଙ୍କ ଭଳିଆ ଜଣେ ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ବିରୋଧରେ ଏଭଳି ମନ୍ତବ୍ୟ ଦେବା ସମଗ୍ର ଆଦିବାସୀ ସମାଜ ତଥା ଦେଶ ପାଇଁ ଅସମ୍ମାନ ବୋଲି ଅଭିଯୋଗ କରିଛି ଆଦିବାସୀ କଲ୍ୟାଣ ସଂଘ । ସୁର ରାଉତରାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବାକୁ ସଂଘ ଚେତାବନୀ ଦେଇଛି । ଦାବିପତ୍ର ପ୍ରଦାନ ସମୟରେ ଗୌରୀ ଶଙ୍କର ବରିହା, ଚୂଡ଼ାମଣି ଧରୁଆ, କୃଷ୍ଣ ଧରୁଆ, ମଦନ ମାଝୀ, ପିଣ୍ଟୁ , ଚୂଡ଼ାମଣି ଧରୁଆ, ହୃଷୀକେଶ ଭୋଇ, ରଞ୍ଜିତ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଓଡ଼ିଶାର ବିକାଶ ଶିଖର ଛୁଇଁବ



ଖବରଦାତା ସମ୍ମିଳନୀରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ସୂଚନା ଦେଉଛନ୍ତି।

### ସମ୍ବଲପୁରରେ କେନ୍ଦ୍ର କୋଇଲା ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ

### କୋଇଲା ରୟାଲ୍‌ଟି ବଢ଼ାଇବା ଉପରେ ନୀତିଗତ ନିଷ୍ପତ୍ତି ନିଆଯିବ

ସମ୍ବଲପୁର, ୨୮।୭(ବି.ଶଙ୍କର)

ଚଳିତ କେନ୍ଦ୍ରୀୟ ବଜେଟ ସମସ୍ତ ବର୍ଗଙ୍କୁ ଦୃଷ୍ଟିରେ ରଖି ପ୍ରଦାନ କରାଯାଇଛି। ୨୦୪୭ ପର୍ଯ୍ୟନ୍ତ ବିକଶିତ ଭାରତ ଗଠନ ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହି ବଜେଟ ଆଗତ ହୋଇଛି । ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ବିକାଶ ଶିଖର ଛୁଇଁବ। ରବିବାର ସମ୍ବଲପୁର ବୁଢ଼ାରଜାସ୍ଥିତ ଗ୍ରାଣ୍ଡ ଶିବା ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ।

ମନ୍ତ୍ରୀ କହିଛନ୍ତି ଯେ, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ସାମିଲ କରି ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟ ଯୋଜନା ତିଆରି ହୋଇଛି। ଓଡ଼ିଶାର ଦର୍ଶନୀୟ ସ୍ଥାନ, ମନ୍ଦିର, ସ୍ମାରକ ତଥା ଶିଳ୍ପ ପାଇଁ ବଜେଟରେ ଗୁରୁତ୍ୱ ଦିଆଯାଇଛି । ସେହିପରି କେନ୍ଦ୍ରୀୟ ବଜେଟରେ କୃଷକଙ୍କୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୧ଲକ୍ଷ ୨୫ହଜାର ୪୪୪.୫୨ କୋଟି ଟଙ୍କା ଓଡ଼ିଶାକୁ ଦିଆଯାଇଛି, ଯାହା କେନ୍ଦ୍ରର କର ତଥା ଶୁଳ୍କ ଦ୍ୱାରା ଆୟ ବଣ୍ଟନର ୧୦ ପ୍ରତିଶତ ଅଧିକ। ବଜେଟରେ ସମ୍ବଲପୁର, ଭୁବନେଶ୍ୱର, ବ୍ରହ୍ମପୁର ଅଞ୍ଚଳରେ କୃଷି ଉତ୍ପାଦ କ୍ଲଷ୍ଟର ପାଇଁ ଧ୍ୟାନ ଦିଆଯାଇଛି। ଶିକ୍ଷାକ୍ଷେତ୍ରରେ ୨୦୨୧-୨୨ରୁ ୨୦୨୩-୨୪ ମଧ୍ୟରେ ୪ହଜାର ୩୧୧ କୋଟି ଟଙ୍କା ପ୍ରଦାନ କରାଯାଇଛି। କୌଶଳ ବିକାଶ ପାଇଁ ୧୩୫.୩୪ କୋଟି ଦିଆଯାଇଛି। ଏଥିସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଓଡ଼ିଶାକୁ ୨୦୨୨-୨୩ ଓ ୨୦୨୩-୨୪ ମଧ୍ୟରେ ୯,୪୧୩ କୋଟି ପ୍ରଦାନ କରାଯାଇଛି। ତେବେ କୋଇଲା ରୟାଲ୍‌ଟି ବଢ଼ାଇବା ଉପରେ କେନ୍ଦ୍ରର ନୀତିଗତ ନିଷ୍ପତ୍ତିର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଦୁବେ କହିଛନ୍ତି। କୋଇଲା ଖଣି ଅଞ୍ଚଳରେ ଲାଗି ରହିଥିବା ସମସ୍ୟା ବିଷୟରେ ଖବରଦାତାମାନେ ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଖଣି ଅଞ୍ଚଳ ପରିଦର୍ଶନ ପରେ ଏ ନେଇ ସୂଚନା ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ।

ଖବରଦାତା ସମ୍ମିଳନୀରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ବରଗଡ ଲୋକ ସଭା ଏମ୍‌ପି ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭାଜପା ସମ୍ବଲପୁର ଜିଲା ସଭାପତି ଗିରିଶ ପଟେଲ, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ମଞ୍ଚାସୀନ ଥିଲେ । ମହାନଦୀ କୋଇଲା କମ୍ପାନୀ କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ସମେତ ବିଭିନ୍ନ ବିଭାଗର ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ସୋମବାର ମନ୍ତ୍ରୀଙ୍କର ଝାରସୁଗୁଡା ଜିଲା ଲଖନପୁର ଏମ୍‌ସିଏଲ୍ ଖଣିକ୍ଷେତ୍ର ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି।

# ଥିଲେ ୩ ବାପି, ଆସିଲେନି ବସନ୍ତ

### ପଦାରେ ପଡ଼ିଲା ପାରାଦୀପ ବିଜେଡି କନ୍ଦଳ

ପାରାଦୀପ,୨୮।୭(ଶରତ ରାଉତ)



୨୦୨୪ ନିର୍ବାଚନର ମାସେ ୨୪ ଦିନ ପରେ ରବିବାର ପାରାଦୀପ ବିଜେଡିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ନୂଆବଜାର ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପାଖରେ ଆୟୋଜିତ ଏହି ବୈଠକରେ ପ୍ରମୁଖ ୩ ବାପି ନେତୃତ୍ୱ ନେଇଥିଲେ। ସେମାନେ ହେଲେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ (ବାପି), କଂଗ୍ରେସରୁ ଆସି ବିଜେଡିରେ ମିଶିଥିବା ଅରିନ୍ଦମ ସର୍ଖେଲ (ବାପି) ଓ ଦଳର ଜିଲା ଉପସଭାପତି ଜ୍ୟୋତିକାନ୍ତ ପରିଡ଼ା (ବାପି)। ପାରାଦୀପ ବିଜେଡି ଉପସଭାପତି କୁମର ନାୟକଙ୍କ ଦ୍ୱାରା ଆୟୋଜିତ ବନ୍ଧୁମିଳନରେ ୩ ବାପିଙ୍କ ସମେତ ଶ୍ରମିକ ନେତା ତଥା ଦଳର ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ, ବିଜୁ ଶ୍ରମିକ ସାମ୍ମୁଖ୍ୟର କାର୍ଯ୍ୟକାରୀ ସଭାପତି ମୋନିଦୀପା ସର୍ଖେଲ, ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ, ପୌର ଉପାଧ୍ୟକ୍ଷା ଛବିଲତା ରାଉତ, ଦଳର ଜିଲା ମହିଳା ସଭାପତି ସବିତା ମହାପାତ୍ର, କୁଜଙ୍ଗ ପ୍ରଚାର କମିଟି ଅଧ୍ୟକ୍ଷ ରଘୁନାଥ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା, କୁଜଙ୍ଗ ବ୍ଲକର ପଞ୍ଚାୟତସ୍ତରୀୟ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ପାରାଦୀପ ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳଙ୍କ ସମେତ ଦଳର ଅର୍ଦ୍ଧାଧିକ କାଉନସିଲର ଅନୁପସ୍ଥିତ ଥିଲେ। ପ୍ରାୟ ସମସ୍ତେ ଦଳର ପରାଜୟ କଥା ଭୁଲି ଆଗକୁ ଯିବାକୁ ସଭାରେ ପରାମର୍ଶ ଦେଇଥିଲେ।

ପୂର୍ବତନ ବିଧାୟକ ସମ୍ବିତ କହିଥିଲେ, ଦଳ ମଧ୍ୟରେ କେତେଜଣ ଢୋଲ ଭିତରେ ମୂଷା ଭଳି କାମ କରିଛନ୍ତି। ଏବେ ସମୟ ଆସିଛି ସେହି ମୂଷାଙ୍କୁ ଚିହ୍ନଟ କରିବା ଏବଂ ସେପରି ମୂଷାଙ୍କୁ ଢମଣା ଓ ଧଣ୍ଡ ସାପ ଜରିଆରେ ନିପାତ କରିବା। ଆଗକୁ ପାରାଦୀପ ସମେତ କୁଜଙ୍ଗ ଓ ରାହାମାରେ ବୈଠକ ଅନୁଷ୍ଠିତ ହେବ ବୋଲି ସେ କହିଥିଲେ। ଜିଲା ଉପସଭାପତି ପୀତାମ୍ବର ତରାଇ କହିଥିଲେ, ଆସନ୍ତା ୩ ମାସ ମଧ୍ୟରେ ପୌରପରିଷଦରେ ଅନାସ୍ଥା ଆସିବ। ଉକ୍ତ ଅଭିଯୋଗକୁ ପୂର୍ବତନ ବିଧାୟକ ସମ୍ବିତ ନାପସନ୍ଦ କରିଥିଲେ।

ଗତ ନିର୍ବାଚନରେ ବିଜେଡି ପ୍ରାର୍ଥିନୀ ଗୀତାଞ୍ଜଳିଙ୍କ ପରାଜୟ ହୋଇଥିଲା। ଏହି ପରାଜୟକୁ ଦଳର ବହୁ କର୍ମୀମାନେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଏଥିପାଇଁ ଅଧିକାଂଶ କର୍ମୀ ଓ ନେତା ପାରାଦୀପ ପୌରାଧ୍ୟକ୍ଷ ବସନ୍ତଙ୍କୁ ଦାୟୀ କରୁଛନ୍ତି। ସେବେଠାରୁ ଏହା କେବଳ ଚର୍ଚ୍ଚାରେ ସୀମିତ ଥିଲା। ରବିବାର ବୈଠକ ବସନ୍ତଙ୍କୁ ଦମନ କରିବା ପାଇଁ କରାଯାଇଛି ବୋଲି ଆଲୋଚନା ହେଉଛି। କିନ୍ତୁ ସଭାରେ କେହି ବସନ୍ତଙ୍କ ନାମ ନେଇ ନ ଥିଲେ। ୨୦୨୨ ପୌର ନିର୍ବାଚନ ସମୟରେ ବିଜେଡିର ଏକାଧିକ ଆଶାୟୀ ଥିଲେ ଏବଂ ଦୁଇ ଗୋଷ୍ଠୀରେ ଟିକେଟ ପାଇଁ ଲବି ଚଳାଇଥିଲେ। ସେତେବେଳେ ଦଳର ଅସନ୍ତୁଷ୍ଟ ଆଶାୟୀ ଟିକେଟରୁ ବଞ୍ଚିତ ହେବାରୁ ସେମାନେ ବାପି ସର୍ଖେଲଙ୍କ ସହ ମିଶି ଥିଲେ। ବାପି 'ଆମ ପାରାଦୀପ ଆମ ପ୍ରଗତି' ନାମରେ ସଙ୍ଗଠନ କରି ପୌରାଞ୍ଚଳର ୧୯ଟି ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ଦେଇଥିଲେ। ସେଥିରୁ ୮ ଜଣଙ୍କ ବିଜୟ ହୋଇଥିଲା। ବିଜେଡି ୭, ଭାଜପା ୩ ଓ କଂଗ୍ରେସର ଗୋଟିଏ କାଉନ୍‌ସିଲର ଜିତିଥିଲେ। ସେତେବେଳେ ବିଧାୟକଙ୍କ ଗୋଷ୍ଠୀ ବସନ୍ତଙ୍କୁ ବିରୋଧ କରିବା ସତ୍ତ୍ୱେ ସେ ୧୧ ହଜାରରୁ ଅଧିକ ବ୍ୟବଧାନରେ ବିଜୟୀ ହୋଇଥିଲେ। ତା'ପରଠାରୁ ବସନ୍ତ ଓ ସମ୍ବିତଙ୍କ ମଧ୍ୟରେ ବ୍ୟବଧାନ ବଢ଼ିବାରେ ଲାଗିଥିଲା। ଏପରିକି ଗତ ନିର୍ବାଚନ ସମୟରେ ବସନ୍ତଙ୍କ ନାମ ବିଧାୟକ ଦୌଡ଼ରେ ଥିଲା। ସମ୍ବିତଙ୍କୁ ନିର୍ବାଚନ ପୂର୍ବରୁ ଅଯୋଗ୍ୟ ପ୍ରାର୍ଥୀ ବୋଲି ଦଳର କର୍ମୀମାନେ କହି ବିରୋଧ କରିଥିଲେ। ଏବେ ପରାଜୟ ପରେ ସେହି ଘଟଣାକୁ ନେଇ ଦଳ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବସନ୍ତଙ୍କୁ ପଚାରିଲେ କୁହନ୍ତି, ଯେଉଁ ଅଭିଯୋଗ ଆସୁଛି ତାହା ଅମୂଳକ। କାରଣ ସାରା ରାଜ୍ୟରେ ଦଳର ପରାଜୟ ହୋଇଛି। ସେଠାରେ କ'ଣ ସେ ଯାଇ କାହାକୁ ହରେଇଦେଲେ। ନିଜ ଦୋଷ ନ ଦେଖି ଏପରି ଆକ୍ଷେପ ଆଦୌ ଭଲ ନୁହେଁ।

# ପ୍ରତିଶ୍ରୁତି ପୂରଣ କରିବାକୁ ସରକାର ସଂକଳ୍ପବଦ୍ଧ: ମନ୍ତ୍ରୀ ସୂର୍ଯ୍ୟବଂଶୀ

ତିହିଡ଼ି,୨୮।୭(ସଞ୍ଜିତ ବଳ)

ନିର୍ବାଚନ ପୂର୍ବରୁ ଭାଜପା ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା, ତାହା ପୂରଣ କରିବ। ଏଥିପାଇଁ ଭାଜପା ସରକାର ସଂକଳ୍ପବଦ୍ଧ ବୋଲି ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ରବିବାର ସନ୍ଧ୍ୟାରେ ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତର ଗଣେଶ୍ୱରପୁରଠାରେ ଭାଜପାର କାନ୍ତକବି ମଣ୍ଡଳ ପକ୍ଷରୁ ଅନୁଷ୍ଠିତ 'ଧନ୍ୟବାଦ ଧାମନଗର' ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ ଏହା କହିବା ସହ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଦୋଳସାହିଠାରୁ ଏକ ଶୋଭାଯାତ୍ରାରେ ଆସି ପହଞ୍ଚିବା ପରେ ତାଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଯୁବନେତା ଭରତ ଚନ୍ଦ୍ର ସାହୁଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି ଯୋଗଦେଇ କହିଥିଲେ, ଲୋକେ ଯେଉଁ ଆଶା ନେଇ ତାଙ୍କୁ ବିଜୟୀ କରାଇଛନ୍ତି ସେ ଆଶା ପୂରଣ ଦିଗରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ଉଦ୍ୟମ କରିବେ ବୋଲି କହିବା ସହ ସମସ୍ତଙ୍କ ଆନ୍ତରିକ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ।

ବରେଣ୍ୟ ଅତିଥି ବରିଷ୍ଠ ନେତା ସୁଧାଂଶୁ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ବରିଷ୍ଠ କବି ହୃଦାନନ୍ଦ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲ୍ଲିକ, ଜିଲା ଉପସଭାପତି ଦୁର୍ଗାଚରଣ ନାୟକ, ଶରତ ଦାସ, ମଣ୍ଡଳ ସଭାପତି ତପନ ପାଢ଼ୀ, ରଘୁନାଥ ପାତ୍ର, ଉଦୟ ନାରାୟଣ ମଲ୍ଲିକ, ସରପଞ୍ଚ କୁନ୍ତଳା ମଲ୍ଲିକ, ମାମିନା ଜେନା, ପ୍ରଦୀପ ବଳ, ନୀହାରିକା ବିଶ୍ୱାଳ, କାନ୍ତକବି ମଣ୍ଡଳ ସଭାପତି ତପନ ପାଢ଼ୀ, ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ଜିଲା ଯୁବମୋର୍ଚ୍ଚା ସଭାପତି ଦେବାଂଶୁ ରାଉତ, ଐଶାନ୍ୟଚଣ୍ଡୀ ମଣ୍ଡଳ ସଭାପତି ପ୍ରମୋଦ ଦାସ, ରାଜାରାମ ମହାକୁଡ଼, ଉମାକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ଉଷାକାନ୍ତ ଜେନା, ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ ଜେନା, ରବିନାରାୟଣ ଆଚାର୍ଯ୍ୟ, ଯୁବନେତା ରତିକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


'ଧନ୍ୟବାଦ ଧାମନଗର' ସଭାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉଦ୍‌ବୋଧନ ଦେଉଛନ୍ତି।

# ଆଗରୁ କେନ୍ଦ୍ରୀୟ ଯୋଜନାରୁ ଓଡ଼ିଶା ବଞ୍ଚିତ ହେଉଥିଲା: ବୈଜୟନ୍ତ



ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଲୋକ ସଭା ଏମ୍‌ପି ବୈଜୟନ୍ତ ପଣ୍ଡା ଓ ଅନ୍ୟ ଭାଜପା ନେତା।

ଭୁବନେଶ୍ୱର, ୨୮।୭(ସୁନିତ୍ ମିଶ୍ର)

ଓଡ଼ିଶାରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। ପୂର୍ବ ସରକାର ସମୟରେ ଅନେକ କେନ୍ଦ୍ରୀୟ ଯୋଜନାରୁ ଓଡ଼ିଶା ଲୋକଙ୍କୁ ରାଜନୈତିକ ହୀନ ଉଦ୍ଦେଶ୍ୟ ରଖି ବଞ୍ଚିତ କରାଯାଉଥିଲା। କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଯୁଗାନ୍ତକାରୀ ଯୋଜନାର ହିତାଧିକାରୀ ଚୟନରେ ମଧ୍ୟ ପାତରଅନ୍ତର କରାଯାଇ ଗରିବ ଲୋକଙ୍କୁ ହଇରାଣ କରାଯାଉଥିଲା। ଏବେ ରାଜ୍ୟବାସୀ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଓଡ଼ିଶା ଗଠନ ପାଇଁ ଆସୁଥିବା ସମସ୍ତ କେନ୍ଦ୍ରୀୟ ସହାୟତାର ଲାଭ ପାଇବେ। କଂଗ୍ରେସର ୧୦ ବର୍ଷ ଶାସନରେ କେନ୍ଦ୍ରୀୟ ଯୋଜନା, କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ବାବଦରେ ମାତ୍ର ୧ ଲକ୍ଷ ୧୪ ହଜାର କୋଟି ଟଙ୍କା ପାଇଥିଲାବେଳେ ମୋଦି ସରକାରଙ୍କ ୧୦ ବର୍ଷରେ ୪ ଗୁଣ ବଢ଼ି ୪ ଲକ୍ଷ ୫୭ ହଜାର କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଯଦି ରେଳ ଅନୁଦାନ କଥା ଦେଖିବା ତାହେଲେ କଂଗ୍ରେସ ୧୦ ବର୍ଷରେ କେବେ ମଧ୍ୟ ବାର୍ଷିକ ଅନୁଦାନ ହଜାରେ କୋଟି ଛୁଇଁ ନ ଥିଲା କିନ୍ତୁ ମୋଦି ସରକାରରେ ଚଳିତ ରେଳ ବଜେଟରେ ଓଡ଼ିଶାକୁ ୧୦ ହଜାର ୫୦୦ କୋଟି ଟଙ୍କାରୁ ଅଧିକ କେନ୍ଦ୍ରୀୟ ଅନୁଦାନ ମିଳିଥିବା କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ବୈଜୟନ୍ତ କହିଛନ୍ତି ଯେ, ଚଳିତ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆଗତ ହୋଇଥିବା କେନ୍ଦ୍ର ବଜେଟ ଅନେକ କ୍ଷେତ୍ରରେ ଐତିହାସିକ ହୋଇ ରହିଯାଇଛି । ବିଶ୍ୱ ବ୍ୟାଙ୍କ ଓ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ସଙ୍ଗଠନ ନିଜର ସର୍ଭେ ରିପୋର୍ଟରେ ମତ ରଖିଛନ୍ତି ଯେ, ଏପ୍ରିଲ-ମେ ମାସରେ ଦେଶରେ ବେରୋଜଗାର ୩.୨% ଥିଲା, ଯାହା ଐତିହାସିକ ସଫଳତା। ୧୮ ବର୍ଷରେ ବେରୋଜଗାରୀ ପରିସଂଖ୍ୟାନରେ ଏହା ସବୁଠାରୁ କମ୍। ମୋଦି ସରକାରଙ୍କ ୧୦ ବର୍ଷ ଭିତରେ ଦେଶରେ ୧୨.୫ କୋଟି ନିଯୁକ୍ତି ସୃଷ୍ଟି ହୋଇଛି। କଂଗ୍ରେସର ୧୦ ବର୍ଷ ଭିତରେ ମାତ୍ର ୨.୯ କୋଟି ନିଯୁକ୍ତି ସୃଷ୍ଟି ହୋଇଥିଲା। ଚଳିତ ବଜେଟରେ ଆହୁରି ଅଧିକ ନିଯୁକ୍ତି ଓ କ୍ଷୁଦ୍ର, ମଧ୍ୟମ ଶିଳ୍ପର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଦିଆଯାଇଛି। ମୋଦି ସରକାର ଶାସନକୁ ଆସିବା ପରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ସୁଦୃଢ଼ ହୋଇଚାଲିଛି ବୋଲି ବୈଜୟନ୍ତ କହିଛନ୍ତି।

DIRECT ADMISSION SPOT ADMISSION
IMPERIAL PRESIDENCY HIGHER SECONDARY (+2) COLLEGE
Shanti Nagar, Khariar, Dist-Nuapada
ARTS & SCIENCE
Admission 24th to 30th July
100% Result
For Arts: 15,000/- only
(Including Books & Uniform)
For Science : 20,000/- only (Books & Uniform)
Hostel Facilities for (Boys & Girls)
Contact: 8249908311, 9556711974

ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। –ଶ୍ରୀମା



# ଅନୀତି

ଭାରତରେ ଯୋଜନା ଆୟୋଗ ଦୀର୍ଘ ବର୍ଷ ଧରି ସୁରୁଖୁରୁରେ କାର୍ଯ୍ୟ କରି ଆସୁଥିବା ବେଳେ ତାହାକୁ ୧ ଜାନୁୟାରୀ ୨୦୧୫ରେ କେନ୍ଦ୍ରର ଭାଜପା ସରକାର ଭାଙ୍ଗି ଦେଇଥିଲେ। ତାହା ସ୍ଥାନରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ(ନୀତି) ଆୟୋଗ ନାମରେ ସରକାରୀ ଥିଙ୍କ୍ ଟ୍ୟାଙ୍କ୍ ସଂସ୍ଥା ଗଠନ କରିଥିଲେ। ଏହାର ଲକ୍ଷ୍ୟ ଥିଲା ଅର୍ଥନୈତିକ ବିକାଶ ସହ ସହଯୋଗୀ ସଂଘୀୟବାଦ ବା କୋଅପରେଟିଭ୍ ଫେଡେରାଲିଜମ୍‌କୁ ସୁଦୃଢ଼ କରିବା। ଦେଶର ଆର୍ଥିକ ନୀତିରେ ରାଜ୍ୟଗୁଡ଼ିକର ମତକୁ ସାମିଲ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ମନେରଖିବାକୁ ହେବ ଯେ, ଭାରତବର୍ଷର ସଂଘୀୟ ବ୍ୟବସ୍ଥା ମାଧ୍ୟମରେ ଉଭୟ କେନ୍ଦ୍ର ଓ ରାଜ୍ୟ ଟିକସ ଆଦାୟ କରିଥାନ୍ତି। ୧ ଜୁଲାଇ ୨୦୧୭ରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଭଳି ଗରିବମାରଣ ଟିକସ ବ୍ୟବସ୍ଥା ସୃଷ୍ଟି କରାଯିବା ଫଳରେ ରାଜ୍ୟ ସରକାରଗୁଡ଼ିକର ଟିକସ ଆଦାୟ କରିବା କ୍ଷମତା ହ୍ରାସ ପାଇଛି। ତେଣୁ ରାଜ୍ୟଗୁଡ଼ିକଠାରୁ ଟିକସ ଆଦାୟ କରୁଥିବା କେନ୍ଦ୍ର ସରକାର ସେମାନଙ୍କୁ ରାଜନୈତିକ ଦୃଷ୍ଟିକୋଣରୁ ଅଣଦେଖା କରିବା ତ୍ରୁଟିପୂର୍ଣ୍ଣ।

୨୭ ଜୁଲାଇରେ ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନର ସଂସ୍କୃତି କେନ୍ଦ୍ରଠାରେ ନୀତି ଆୟୋଗର ୯ମ ଗଭର୍ଣ୍ଣିଂ କାଉନ୍‌ସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେବଳ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବ୍ୟତୀତ ଅଣଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଯଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍, କେରଳ ମୁଖ୍ୟମନ୍ତ୍ରୀ ପିନାରୟୀ ବିଜୟନ, କର୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରାମାୟା, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ଏପରିକି ଦିଲ୍ଲୀର କୌଣସି ମନ୍ତ୍ରୀ ଯୋଗ ଦେଇ ନ ଥିଲେ। ନିକଟରେ ଉପସ୍ଥାପନ କରାଯାଇଥିବା କେନ୍ଦ୍ର ବଜେଟରେ ଅଣଏନ୍‌ଡିଏ ରାଜ୍ୟଗୁଡ଼ିକୁ ଅବହେଳା କରାଯାଇଥିବାରୁ ତାହାର ପ୍ରତିବାଦରେ ବିରୋଧୀ ଦଳ ଶାସିତ ମୁଖ୍ୟମନ୍ତ୍ରୀଗଣ ଉକ୍ତ ବୈଠକକୁ ବର୍ଜନ କରିଥିଲେ। ତେବେ ମମତାଙ୍କ ଯୋଗଦାନ ସହଯୋଗୀ ସଂଘୀୟବାଦକୁ ସୁଦୃଢ଼ କରିବାର ଲକ୍ଷ୍ୟ ଥିଲା ବୋଲି ସେ କହିଛନ୍ତି। ଏଥିସହିତ ସେ ଆଣିଥିବା ଅଭିଯୋଗ ଏବେ ରାଷ୍ଟ୍ର ରାଜନୀତିକୁ ଚଳଚଞ୍ଚଳ କରିଦେଇଛି। ମମତା କହିଛନ୍ତି, ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ୧୫ ମିନିଟ୍‌ରୁ ଅଧିକ ସମୟ ଭାଷଣ ଦେବାର ସୁଯୋଗ ପାଇଥିବା ବେଳେ ୫ ମିନିଟ୍ କହିବା ପରେ ତାଙ୍କ ମାଇକ୍‌କୁ ବନ୍ଦ କରିଦିଆଯାଇଥିଲା। କାହିଁକି ଏଭଳି ନିଷ୍ପତ୍ତି ନିଆଯାଇଥିଲା ତାହା ବର୍ଣ୍ଣନା କରିବାକୁ ଯାଇ ସେ କହିଛନ୍ତି ଯେ, କେନ୍ଦ୍ର ସରକାର ପଶ୍ଚିମବଙ୍ଗର ସମସ୍ତ ବିକାଶମୂଳକ ପ୍ରକଳ୍ପକୁ ବନ୍ଦ କରିଦେଇଥିବା ପ୍ରସଙ୍ଗ ଉଠାଇଥିଲେ। ଏଥିସହିତ ୨୦୨୪-୨୫ ବଜେଟରେ ତାଙ୍କ ରାଜ୍ୟକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିବା କଥା କହିବାରୁ କେନ୍ଦ୍ର ସରକାରଙ୍କ ରୋଷର ଶିକାର ହୋଇଛନ୍ତି। ମମତାଙ୍କ ଏଭଳି ଅଭିଯୋଗକୁ କେନ୍ଦ୍ର ଖଣ୍ଡନ କରିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି, ବିରୋଧୀଙ୍କୁ ଉତ୍ସାହିତ କରିବା ଲାଗି ମମତା ଏପରି ଅଭିଯୋଗ ଆଣିଛନ୍ତି। ତେବେ ସେହି ବୈଠକରେ ଅନ୍ୟ କୌଣସି ବିରୋଧୀ ମୁଖ୍ୟମନ୍ତ୍ରୀ ଉପସ୍ଥିତ ନ ଥିଲେ। ଏଭଳି ପରିପ୍ରେକ୍ଷୀରେ ଅନ୍ୟ ଯେଉଁ ରାଜ୍ୟର ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ଯୋଗଦେଇ ନାହାନ୍ତି, ସେ ସମ୍ପର୍କରେ କେନ୍ଦ୍ର ଚିନ୍ତା କରିବା ଦରକାର। କେବଳ ସହଯୋଗୀ ସଂଘୀୟବାଦ କଥା ତୁଣ୍ଡରେ ଧରିଦେଲେ ଚଳିବ ନାହିଁ। ପ୍ରତ୍ୟେକ ରାଜ୍ୟକୁ ସମାନ ଦୃଷ୍ଟିରେ ଦେଖିବା ହେଉଛି କେନ୍ଦ୍ରର ଦାୟିତ୍ୱ। ୨୦୨୪-୨୫ କେନ୍ଦ୍ର ବଜେଟରେ ବିହାର ଓ ଅନ୍ଧ୍ରପ୍ରଦେଶକୁ ପର୍ଯ୍ୟାପ୍ତ ଅର୍ଥ ଆବଣ୍ଟନ କରାଯାଇଥିବା ବେଳେ ଅଣଏନ୍‌ଡିଏ ରାଜ୍ୟଗୁଡ଼ିକୁ ଉପେକ୍ଷିତ କରାଯାଇଛି। ଏଭଳି କେନ୍ଦ୍ରୀୟ ନିଷ୍ପତ୍ତି ପଛରେ ନିହିତ ଥିବା କାରଣ ବିଷୟରେ ସମସ୍ତେ ଅବଗତ। ଭାଜପା ୨୦୨୪ ଲୋକ ସଭା ନିର୍ବାଚନରେ ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିବାରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ କେନ୍ଦ୍ର ସରକାରକୁ ଢେରା ଦେଇ ବଞ୍ଚାଇ ରଖିଛନ୍ତି। କୌତୂହଳର କଥା ହେଲା ଯେ, ସବୁ ଅଣଏନ୍‌ଡିଏ ମୁଖ୍ୟମନ୍ତ୍ରୀ ବୈଠକ ବର୍ଜନ କରିଥିବା ବେଳେ ସଂଖ୍ୟାଲଘୁ ଭାଜପାକୁ ସମର୍ଥନ ଜଣାଇଥିବା ସଂଯୁକ୍ତ ଜନତା ଦଳ (ଜେଡିୟୁ) ସଭାପତି ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ଏହି ସଭାରେ ଅନୁପସ୍ଥିତ ରହିଲେ। ନୀତୀଶ ପୂର୍ବରୁ ତାଙ୍କର ଅନୁପସ୍ଥିତି ସମ୍ପର୍କରେ କାହାରିକୁ ଜଣାଇ ନ ଥିଲେ। ସେଥିପାଇଁ ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣା, ଯାହାକୁ ଜାତୀୟ ଗଣମାଧ୍ୟମ ଆଦୌ ଗୁରୁତ୍ୱ ଦେଇ ନ ଥିଲା। ଶେଷରେ ଏହା କୁହାଯାଇପାରେ ଯେ, ଏହି ନୀତି ଆୟୋଗ ବୈଠକ ଭାରତୀୟ ରାଜନୀତିର ଆଗାମୀ ଦିନର ସ୍ରୋତ ସମ୍ପର୍କରେ କିଛି ଭିନ୍ନ ଦିଗ ଦେଖାଇଲାଣି।

**ଯେଉଁ ରାଜ୍ୟର ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ଯୋଗଦେଇ ନାହାନ୍ତି, ସେ ସମ୍ପର୍କରେ କେନ୍ଦ୍ର ଚିନ୍ତା କରିବା ଦରକାର। କେବଳ ସହଯୋଗୀ ସଂଘୀୟବାଦ କଥା ତୁଣ୍ଡରେ ଧରିଦେଲେ ଚଳିବ ନାହିଁ। ପ୍ରତ୍ୟେକ ରାଜ୍ୟକୁ ସମାନ ଦୃଷ୍ଟିରେ ଦେଖିବା ହେଉଛି କେନ୍ଦ୍ରର ଦାୟିତ୍ୱ।**

# ସଂଖ୍ୟାଗରିଷ୍ଠତାରେ ମାନର ନ୍ୟୂନତା



ଡ.ସତ୍ୟନାରାୟଣ ମିଶ୍ର

ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ସଂଖ୍ୟାର ସଂସ୍ପର୍ଶରେ ଆସି ଜୀବନର ଗତିପଥକୁ ଭିନ୍ନଭିନ୍ନ ପରିଚୟରେ ନିବଦ୍ଧ କରିଥାଏ। କେତେବେଳେ ସଂଖ୍ୟା ମଣିଷ ପ୍ରତି ସଦୟ ହୋଇଥାଏ ତ ପୁଣି କେତେବେଳେ ସଂଖ୍ୟା ମଣିଷ ପ୍ରତି ନିର୍ଦ୍ଦୟ ହୋଇଥାଏ, ଯେଉଁଥିରେ ମଣିଷ ଜୟ ବିଜୟର ଭାଗ୍ୟ ନିର୍ଣ୍ଣୟ ହୋଇଥାଏ। ଯେତେବେଳେ ସଂଖ୍ୟାର ଗରିଷ୍ଠତାରେ ମଣିଷ ଉପବେଶନ କରିଥାଏ, ସେତେବେଳେ ସେ ନିଜକୁ ଚକ୍ରବର୍ତ୍ତୀ ସମ୍ରାଟ ଭାବି ବିଶ୍ୱର ଅଧୀଶ୍ୱର ବୋଲି ମନେକରେ, ମାତ୍ର ଯେତେବେଳେ ସଂଖ୍ୟାର ନ୍ୟୂନରେ ମଣିଷ ନିମଜ୍ଜିତ ହୁଏ, ସେତେବେଳେ ଅନେକ ଲାଞ୍ଛନା ଓ ଅସୂୟାଭାବ ମଣିଷ ପାଇଥାଏ ସମାଜ ନିକଟରୁ। ମାତ୍ର ଏହା ମଧ୍ୟ ସୁନିଶ୍ଚିତ ଯେ ସଦାବେଳେ ସଂଖ୍ୟାଗରିଷ୍ଠତା ଉପଯୁକ୍ତ ନିର୍ଣ୍ଣୟ ନେଇପାରି ନଥାଏ ବା ସଂଖ୍ୟାଗରିଷ୍ଠତା ଯେ ସବୁବେଳେ ଠିକ୍ କରିଥାଏ ତାହା ସମ୍ପୂର୍ଣ୍ଣ ଭ୍ରାନ୍ତ ଧାରଣା। ଅନେକ ସମୟରେ ସଂଖ୍ୟାନ୍ୟୂନ ମଧ୍ୟ ଉପଯୁକ୍ତ ବୁଦ୍ଧି ବିଚାର ଓ ନ୍ୟାୟୋଚିତ ନିଷ୍ପତ୍ତି ନେଇଥାଏ, ଯାହା ସମୟର ସ୍ରୋତରେ ଉଦ୍ଭାସିତ ହୋଇଥାଏ। ସଂଖ୍ୟାଗୁଡ଼ିକ ଦ୍ୱାରା ନିଷ୍ପତ୍ତି ହେଉଛି ପାର୍ଥକ୍ୟକୁ ନିୟନ୍ତ୍ରଣ କରିବାର ଏକ ବ୍ୟବହାରିକ ଉପାୟ। ଏକଚ୍ଛତ୍ରବାଦୀ ଶାସନରେ ପାର୍ଥକ୍ୟର କୌଣସି ଗୁରୁତ୍ୱ ନାହିଁ; କେବଳ ଜଣେ ବ୍ୟକ୍ତିଙ୍କ ମତ ଗଣନା କରାଯାଏ। ସାମ୍ପ୍ରତିକ ସମାଜରେ ଅନେକ କ୍ଷେତ୍ରରେ ପରିଲକ୍ଷିତ ତଥା ପ୍ରମାଣିତ ହୋଇଅଛି ଯେ ସଂଖ୍ୟାଗରିଷ୍ଠର ମତ ସମ୍ପୂର୍ଣ୍ଣ ଭୁଲ୍। ଏକଦା ଗାଲିଲିଓ କେବଳ ଜଣେ ବ୍ୟକ୍ତି, ଯିଏ କହିଥିଲେ ଯେ ସୂର୍ଯ୍ୟ ସ୍ଥିର, ପୃଥିବୀ ସୂର୍ଯ୍ୟଙ୍କ ଚତୁର୍ଦ୍ଦିଗରେ ଘୂର୍ଣ୍ଣନ କରୁଅଛି। ମାତ୍ର ତାହା ସେତେବେଳେ ସ୍ୱୀକାର କରାଯାଇନଥିଲା ଓ ସେତେବେଳେ ଗାଲିଲିଓଙ୍କୁ ଅନେକ ଅପମାନଜନକ ପରିସ୍ଥିତି ମଧ୍ୟ ଦେଇ ଗତି କରିବାକୁ ପଡ଼ିଥିଲା, ଯାହା ପରବର୍ତ୍ତୀ ସମୟରେ ସଂଖ୍ୟା ନ୍ୟୂନଙ୍କର ନିଷ୍ପତ୍ତି ଗ୍ରହଣୀୟ ହୋଇଥିଲା। ଅଦ୍ୟାବଧି ଉକ୍ତ ସତ୍ୟକୁ ଆଧାର କରି ସମାଜ ଦଣ୍ଡାୟମାନ ହୋଇଅଛି। ଏକଦା ମହାତ୍ମା ଗାନ୍ଧୀ କହିଥିଲେ, ଏକବିଂଶ ଶତାବ୍ଦୀରେ ଜଣେ ମହାନ ତଥା ଅତୁଳନୀୟ ନେତା ହେବାକୁ ଯଦି ଆବଶ୍ୟକତା ପଡେ, ତେବେ ସଂଖ୍ୟାଲଘୁ ହେବାର ଆଶଙ୍କାକୁ ସାମ୍ନା କରିବାକୁ ସାହସର ବିକାଶ କରିବାକୁ ପଡ଼ିବ। ଯଦି ଜଣେ ଅନେକ ଲୋକଙ୍କ ମଧ୍ୟରେ ଛିଡ଼ା ହେବାକୁ ଚାହାନ୍ତି, ତେବେ ସେମାନଙ୍କ ସହିତ ମିଶ୍ରଣ କରିବେ ନା ଛିଡ଼ା ହେବେ ? ଅନେକଙ୍କ ମଧ୍ୟରେ ଭିଡ଼ରୁ ଛିଡ଼ା ହେବା ଅପେକ୍ଷା ସେମାନଙ୍କ ସହିତ ମିଶ୍ରଣ କରିବା ସହଜ ଉପାୟ ହୋଇଥାଏ। ମିଥ୍ୟା ସହିତ ଦୌଡ଼ିବା ଅତି ସହଜ। ବିଶେଷତଃ ଯେତେବେଳେ ସଂଖ୍ୟାଗରିଷ୍ଠତା ଏହା ସହିତ ଧାବମାନ କରିଥାଏ। କିନ୍ତୁ ସତ୍ୟ ସହିତ ଏକା ଦୌଡିବା ଅନେକ କଷ୍ଟ ହୋଇଥାଏ ଓ ଏଥିରେ ଲାଞ୍ଛନା ଅନେକ ସହ୍ୟ କରିବାକୁ ହୋଇଥାଏ, ମାତ୍ର ତାହା ନ୍ୟୂନ ହୋଇ ନଥାଏ। ସମୟକ୍ରମେ ଉକ୍ତ ସଂଖ୍ୟାଗରିଷ୍ଠତା ନ୍ୟୂନ ହୋଇପାରେ, ମାତ୍ର ସତ୍ୟର ଏକାନ୍ତ ନିଷ୍ପତ୍ତି ସମୟକ୍ରମେ ଗରିଷ୍ଠ ହୋଇଥାଏ। ତେଣୁ ଅନେକ ଭୁଲ୍ ବ୍ୟକ୍ତି ସହିତ ଛିଡା ହେବା ଓ ଭୁଲ ହେବା ଅପେକ୍ଷା, ଏକାକୀ ସତ୍ୟ ଓ ନ୍ୟାୟ ସହିତ ଛିଡ଼ା ହେବା ବରଂ ଭଲ। ଅନେକ ଲୋକ ଭୁଲ୍ ଥିବାବେଳେ ଜଣେ ବ୍ୟକ୍ତି ଠିକ୍ ହେବା ସମ୍ଭବ ବୋଲି ବିଚାର ଲାଗୁ ନଥିଲେ ମଧ୍ୟ ତାହା ନୀତି ଓ ନିୟମର ସ୍ୱଷ୍ଟ ଚିତ୍ର ହୋଇଥାଏ। ମଣିଷର କୌଣସି ନିଷ୍ପତ୍ତି ନେବାରେ ସର୍ବଦା ନିଜକୁ ସଂଖ୍ୟାଗରିଷ୍ଠତା ସହିତ ଠିଆ ହେବାର ଅଭ୍ୟାସରେ ବିରାମ ଦେବା ଆବଶ୍ୟକ, ଯାହା ସଂଖ୍ୟାଗରିଷ୍ଠତା ସର୍ବଦା ଠିକ୍ ନୁହେଁ। ଆକାଶରେ ଗୋଟିଏ ଚନ୍ଦ୍ର ସମଗ୍ର ବିଶ୍ୱକୁ ଆଲୋକିତ କରୁଥିବା ବେଳେ ସଂଖ୍ୟାଗରିଷ୍ଠତାର ତାରାମାନେ କେବଳ ଆକାଶର ଶୋଭା ବର୍ଦ୍ଧନ କରିଥାନ୍ତି। ମାତ୍ର ପୃଥିବୀକୁ ଆଲୋକିତ କରିବାରେ ସକ୍ଷମ ହୋଇପାରି ନ ଥାନ୍ତି।



ମହାଭାରତ ଯୁଦ୍ଧରେ କୌରବ ପକ୍ଷରେ ସଂଖ୍ୟାଗରିଷ୍ଠ ଯୋଦ୍ଧା ଓ ସେନା ଥିଲାବେଳେ ପାଣ୍ଡବ ପକ୍ଷରେ କେବଳ ନ୍ୟୂନତମ ଯୋଦ୍ଧା ଓ ସେନା ରହିଥିଲେ, ହେଲେ ପରିଶେଷରେ ସଂଖ୍ୟାଗରିଷ୍ଠତା ସେଠାରେ ନ୍ୟୂନ ହୋଇ ସଂଖ୍ୟା ନ୍ୟୂନ ନିକଟରେ ନ୍ୟୂନ ହୋଇଗଲା। ରାମାୟଣରେ ରାବଣଙ୍କର ଅସଂଖ୍ୟ ସେନା ଓ ଯୋଦ୍ଧା ଥିଲେ ମଧ୍ୟ ରାମଚନ୍ଦ୍ରଙ୍କର ସାମାନ୍ୟ ସୈନ୍ୟ ନିକଟରେ ପରାସ୍ତ ହୋଇଥିଲେ। ଏଠାରେ ସଂଖ୍ୟାଗରିଷ୍ଠତା ଯେ ଉପଯୁକ୍ତ ନିର୍ଣ୍ଣୟର ଅଧିକାରୀ ତାହା ଭୁଲ୍ ବୋଲି ପ୍ରମାଣିତ ହୋଇଥାଏ। ସାମ୍ପ୍ରତିକ ସମାଜରେ ଗଣତାନ୍ତ୍ରିକ ପଦ୍ଧତିରେ ସଂଖ୍ୟାଗରିଷ୍ଠତାକୁ ଚାରୋଟି ସ୍ତମ୍ଭରେ ବିଭକ୍ତ କରାଯାଇଥାଏ, ଯାହା ସରଳ, ସମ୍ପୂର୍ଣ୍ଣ, ବିଶେଷ ଓ ପ୍ରଭାବଶାଳୀ ସଂଖ୍ୟାଗରିଷ୍ଠତା। ଏହା ନିଶ୍ଚିତ ଯେ ସଂଖ୍ୟାଗରିଷ୍ଠତା ହୁଏତ ଆଇନର ପରିଧି ମଧ୍ୟରେ ସିଦ୍ଧାନ୍ତକୁ ସହମତି ଦେଇପାରେ, ମାତ୍ର ଧାର୍ମିକ ଓ ସାମାଜିକ ଜୀବନ କ୍ଷେତ୍ରରେ ତାହା ପରାସ୍ତ ହୋଇଥାଏ। କାରଣ ସଂଖ୍ୟା ନ୍ୟୂନର ମତ ବା ସିଦ୍ଧାନ୍ତ ସଦାବେଳେ ଯେ ନ୍ୟୂନ ତାହା ବିବେଚନା କରିବା ଭୁଲ୍। ନିଷ୍ପତ୍ତି ଓ ସିଦ୍ଧାନ୍ତ ପରିସ୍ଥିତି ଓ ପରିବେଶର ଆବଶ୍ୟକତା ତଥା ସାମୂହିକ ସାର୍ଥକୁ ଆଲିଙ୍ଗନ କରିଥାଏ, ଯେଉଁଥିରେ ନିହିତ ଥାଏ ବିବେକର ଅନ୍ତର୍ଦାହ। ସମାଜରେ ଅନେକ କ୍ଷେତ୍ରରେ ଦୃଶ୍ୟମାନ ହୋଇଥାଏ ଯେ ଗଣ ନିଷ୍ପତ୍ତି ହେଉଛି ସର୍ବୋଚ୍ଚ ନିଷ୍ପତ୍ତି ଓ ଜଣ ନିଷ୍ପତ୍ତି ସମ୍ପୂର୍ଣ୍ଣ ଅଗ୍ରାହ୍ୟ ବୋଲି ସିଦ୍ଧ ହୋଇଥାଏ। ସେଠାରେ ଗଣଙ୍କର ଅହଙ୍କାର ଓ ଆତ୍ମବଡ଼ିମା ନିର୍ଦ୍ଦେଶ ଦେଇଥାଏ ଯେ, ଆମେ ସଂଖ୍ୟାଗରିଷ୍ଠ ନିଷ୍ପତ୍ତି ନେଇଛୁ ତାହା ସ୍ୱୀକାର କରିବାକୁ ପଡ଼ିବ ଓ ତାହା ଭୁଲ୍ ବା ଅନୁଚିତ ହୋଇଥିଲେ ମଧ୍ୟ ଗ୍ରହଣୀୟ କରିବା ପାଇଁ ବାଧ୍ୟ କରାଯାଏ। ସଂଖ୍ୟାଗରିଷ୍ଠ ମଧ୍ୟରୁ ମଧ୍ୟ ଯଦି କିଏ ସେଥିରେ ଦ୍ୱିମତ ରଖିଥାଏ ତେବେ ସେ ବିଦ୍ରୋହୀ ବୋଲି ପ୍ରମାଣିତ ହୋଇ ସଂଖ୍ୟାଗରିଷ୍ଠ ସଦସ୍ୟରୁ ବିତାଡିତ ହୋଇଥାଏ, ବାକ୍ ସାଧୀନତା ସେଠାରେ ହୋଇଥାଏ ବାକ୍‌ରୁଦ୍ଧର ଅଭିନୟ।

ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସଂଖ୍ୟାଗରିଷ୍ଠତା ପ୍ରମାଣ କରାଯିବା ଆବଶ୍ୟକ, କିନ୍ତୁ ସଂଖ୍ୟାଲଘୁଙ୍କୁ ମଧ୍ୟ ଉଚିତ ସମ୍ମାନ ଦିଆଯିବା ବିଧେୟ। କାରଣ ଗଣତନ୍ତ୍ରରେ ଅତ୍ୟାଚାର ଏକଚ୍ଛତ୍ରବାଦୀ ଶାସନକୁ ରୋକିବା ଅତ୍ୟନ୍ତ ଜରୁରୀ। ଯଦି ଏକ ପଦ୍ଧତି କେବଳ ସଂଖ୍ୟାଗରିଷ୍ଠତାକୁ ସମ୍ମାନ କରେ, ତେବେ ସଂଖ୍ୟାଗରିଷ୍ଠତାର ଅତ୍ୟାଚାରରେ ସଂଖ୍ୟାଲଘୁ ଶିକାର ହୋଇଥାନ୍ତି। ନିଷ୍ପତ୍ତି ଗ୍ରହଣକାରୀ ଦଳର କାର୍ଯ୍ୟକାରିତା ମୁଖ୍ୟତଃ ସେମାନଙ୍କର ଏକୀକରଣ ଓ ସୂଚନାର ଦକ୍ଷତା ଉପରେ ନିର୍ଭର କରେ। ଫଳସ୍ୱରୂପ, ଅଧିକାଂଶ ସମୟରେ ଅନେକ ନିଷ୍ପତ୍ତି ଉନ୍ନତମାନର ନିଷ୍ପତ୍ତି ହୋଇଥିବା ବେଳେ ସଂଖ୍ୟା ଗରିଷ୍ଠତାର ଅହମିକାରେ କେତେକ ନ୍ୟୂନ ନିଷ୍ପତ୍ତି ମଧ୍ୟ ଗ୍ରହଣ କରାଯାଇଥାଏ, ଯାହା ଜନସାଧାରଣ ସ୍ୱୀକାର କରିବାକୁ ଗଣତନ୍ତ୍ରରେ ବାଧ୍ୟ ହୋଇଥାନ୍ତି। ଉନବିଂଶ ଶତାବ୍ଦୀର ଫ୍ରାନ୍ସର ରାଜନୈତିକ ଚିନ୍ତକ ଆଲେକ୍ସସ ଡି ଟୋକ୍ୱିଲ ତାଙ୍କ ପୁସ୍ତକ ଆମେରିକାର ଗଣତନ୍ତ୍ରରେ ସଂଖ୍ୟାଗରିଷ୍ଠତାର ଅତ୍ୟାଚାର ବିଷୟରେ ନିଖୁଣ ଭାବରେ ଚେତାବନୀ ଦେଇଥିଲେ ଯେ, ଗଣତନ୍ତ୍ରରେ ସଂଖ୍ୟାଗରିଷ୍ଠତାର ଯେତିକି ଗୁରୁତ୍ୱ ସଂଖ୍ୟାନ୍ୟୂନଙ୍କୁ ମଧ୍ୟ ଉପଯୁକ୍ତ ମତକୁ ଉଚିତ ସମ୍ମାନ ଦେବା ବିଧେୟ। ତାଙ୍କ କହିବାନୁସାରେ, ସଂଖ୍ୟାଗରିଷ୍ଠତାର ମତ ଏକ ଭୟଙ୍କର ଶକ୍ତି ହୋଇପାରେ, ଯାହା ସଂଖ୍ୟାଲଘୁମାନଙ୍କୁ ନୀରବ କରି ଚିନ୍ତା ଓ ଅଭିବ୍ୟକ୍ତିର ସ୍ୱାଧୀନତାକୁ ପ୍ରଭାବିତ କରିଥାଏ। ଏହି ଧାରଣା ସମ୍ପ୍ରତି ଏକ ପରୀକ୍ଷଣରେ ଛିଡା ହୋଇଛି, ଯାହା ବର୍ତ୍ତମାନର ସମାଜରେ ଅନେକ ବିବାଦ ଓ ବିଶୃଙ୍ଖଳାକୁ ପ୍ରୋତ୍ସାହନ ଦେଉଅଛି। ଅନେକ ସମୟରେ ଅନେକ ନିଷ୍ପତ୍ତି ଯେଉଁଠାରେ ସଂଖ୍ୟାଗରିଷ୍ଠତାର ନିଷ୍ପତ୍ତି ନିଶ୍ଚିତ ଭାବରେ 'ଠିକ୍' କିମ୍ବା 'ନ୍ୟାୟ' ନିଷ୍ପତ୍ତି ସହିତ ସମାନ ହୋଇନଥାଏ, ସେଠାରେ ତଥାପି ଉକ୍ତ ନିଷ୍ପତ୍ତି କାର୍ଯ୍ୟ କରିଥାଏ, ଯାହା ଥାଏ ଅନୈତିକ ଛାୟା ଶକ୍ତି। ଜଣେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ପ୍ରମାଣ ଅଭାବରୁ ଯେପରି ନ୍ୟାୟାଳୟରୁ ନିର୍ଦ୍ଦୋଷ ହୋଇ ନିଜର ଅପକର୍ମକୁ ପୁନଃ ସଞ୍ଚାଳିତ କରେ, ଠିକ୍ ସେହିପରି ସଂଖ୍ୟାଗରିଷ୍ଠତା ଗରିଷ୍ଠ ନିଷ୍ପତ୍ତି ନେବାରେ ଯେତେବେଳେ ଅସହାୟ ହୁଏ, ସେତେବେଳେ ତାହା ବିପଥଗାମୀ ହୋଇଥାଏ। ଅତଏବ ନୈତିକତା, ଆଦର୍ଶ, ସାଭିମାନ, ଉଚିତ ଆଦି ମାନରେ ବିଚାରର ନିରପେକ୍ଷ ନିଷ୍ପତ୍ତି ସଂଖ୍ୟାଗରିଷ୍ଠତାର ମାନ ଉପରେ ଆଧାର କରିବା ଉଚିତ, ଯେଉଁଠି ପ୍ରକୃତ ବିଚାରଧାରା ଓ ସାମୂହିକ ସାର୍ଥର ନିଷ୍ପତ୍ତି ନ୍ୟୂନ ନ ହୋଇ ସଂଖ୍ୟାଲଘୁର ଶକ୍ତି ଦ୍ୱାରା ପ୍ରସ୍ତାବିତ ହୋଇଥିଲେ ମଧ୍ୟ ତାହା ବିଚାରକୁ ଗ୍ରହଣ କରିବା ଓ କାର୍ଯ୍ୟକାରୀ କରିବା ଏକାନ୍ତ ବାଞ୍ଛନୀୟ।

**ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ୟୁନିଟ୍ ୪, ଭୁବନେଶ୍ୱର**
**ମୋ:୯୯୩୭୩୪୫୯୦୦**

# ଅପରାଧୀ କଲା କିଏ



ରବିନାରାୟଣ ସାମଲ

'୮ ବର୍ଷୀୟାଙ୍କୁ ଗଣବଳାତ୍କାର ଓ ହତ୍ୟା'। ଜୁଲାଇ ୧୨ରେ ଦେଶର ପ୍ରାୟ ସମସ୍ତ ଖବରକାଗଜରେ ପ୍ରଥମ ପୃଷ୍ଠାର ପ୍ରଥମ ଖବର ଥିଲା ଏହି ଅଭାବନୀୟ ଘଟଣାଟି। ଆନ୍ଧ୍ରପ୍ରଦେଶର ନନ୍ଦୟାଲା ଜିଲା ମୁଚୁମାରୀରେ ଜଣେ ତୃତୀୟ ଶ୍ରେଣୀର ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଦୁଇଜଣ ଷଷ୍ଠ ଓ ଜଣେ ସପ୍ତମ ଶ୍ରେଣୀର ଛାତ୍ର ଗଣବଳାତ୍କାର କଲେ। ଧରାପଡ଼ିଯିବା ଭୟରେ ଛାତ୍ରୀଟିକୁ ତଣ୍ଟି ଚିପି ହତ୍ୟା କରି ନିକଟସ୍ଥ କେନାଲକୁ ଫିଙ୍ଗିଦେଲେ। ଅନୁରୂପ ଘଟଣାଟିଏ ଘଟିଥିଲା ବିହାରର ପୂର୍ବ ଚମ୍ପାରନ୍ ଜିଲାରେ ୨୦୨୧ ଜାନୁଆରୀ ପହିଲାରେ। ଜଣେ ୩ ବର୍ଷର ଶିଶୁକନ୍ୟାଙ୍କୁ ୩ ଜଣ ନାବାଳକ ବଳାତ୍କାର କରି ହତ୍ୟା କରିଥିଲେ। ଅନ୍ୟ ଏକ ଘଟଣା: ମୋବାଇଲ୍‌ରୁ ଅଶ୍ଳୀଳ ଭିଡିଓ ଦେଖି ୬ ଜଣ ନାବାଳକ ଜଣେ ୮ ବର୍ଷର ନାବାଳିକାଙ୍କୁ ଦୀର୍ଘ ୨ ମାସ ଧରି ଲଗାତର ବଳାତ୍କାର କରି ଆସୁଥିବା ଘଟଣାଟି ଲୋକଲୋଚନକୁ ଆସିଥିଲା। ଘଟଣାଟି ଘଟିଥିଲା ୨୦୨୨ରେ ଲକ୍ଷ୍ନୌ ସହରରେ। ଆମ ରାଜ୍ୟର ବ୍ରହ୍ମପୁରଠାରେ ଜଣେ ୧୦ ବର୍ଷର ବାଳିକାଙ୍କୁ ୩ ଜଣ ନାବାଳକ ବଳାତ୍କାର କରିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ବହୁଚର୍ଚ୍ଚିତ ୨୦୧୨ ଡିସେମ୍ବର ୧୬ ଦିଲ୍ଲୀର ନିର୍ଭୟା ଗଣବଳାତ୍କାରରେ ଜଣେ ନାବାଳକ ଜଡ଼ିତ ଥିଲେ ଏବଂ ସେ ଅତ୍ୟନ୍ତ କ୍ରୂର ଭାବରେ ନିର୍ଭୟାଙ୍କ ପ୍ରତି ଆଚରଣ ପ୍ରଦର୍ଶନ କରିଥିଲେ। ଏମିତି ତ ଶହ ଶହ ଘଟଣା। ମାତ୍ର ଅଳ୍ପ କେତୋଟି ଲୋକଲୋଚନକୁ ଆସୁଛି।

ନାବାଳକଙ୍କ ଅପରାଧ କେବଳ ବଳାତ୍କାରରେ ସୀମିତ ହୋଇ ରହିନାହିଁ। ଚୋରି, ରାହାଜାନି, ଅସଦାଚରଣ ଓ ହତ୍ୟା ଭଳି ଘଟଣାରେ ମଧ୍ୟ ସେମାନେ ଜଡ଼ିତ ଥିବା ଜଣାପଡ଼ିଛି। ଗତବର୍ଷ ଦିଲ୍ଲୀରେ ୮ ଜଣ ନାବାଳକ ଜଣେ ୨୦ ବର୍ଷ ବୟସ୍କ ଯୁବକଙ୍କୁ ପିଟିପିଟି ହତ୍ୟା କଲେ। ମୋରଦାବାଦରେ ୩ ଜଣ ନାବାଳକ ତାଙ୍କର ସାଥୀ ସହ ଯୁକ୍ତିତର୍କରୁ ଉତ୍ତେଜିତ ହୋଇ ତାକୁ ଛୁରି ଭୁସି ହତ୍ୟା କଲେ। ଗତ ବର୍ଷ ଦେଶରେ ୧୫୨ ଜଣ ନାବାଳକଙ୍କୁ ହତ୍ୟା ଅପରାଧରେ ଗିରଫ କରାଯାଇଥିଲା। କେବଳ ଦିଲ୍ଲୀରେ ପ୍ରତି ବର୍ଷ ୧୦ ଜଣ ନାବାଳକ ହତ୍ୟା ଅପରାଧରେ ଜଡ଼ିତ ହୋଇ ପଡୁଥିବା ଜଣାପଡ଼ିଛି। ଗୁରୁଗାଁରେ ଜଣେ ନାବାଳକ ୨ ଜଣ ଯୁବକଙ୍କ ସହ ମିଶି ୬ଟି ଗାଡ଼ି ଚୋରି କରି ଧରା ପଡ଼ିଥିଲେ। ଏଥିରେ ନାବାଳକଙ୍କର କୁଆଡ଼େ ମୁଖ୍ୟ ଭୂମିକା ଥିଲା। ନିକଟରେ ଗୁଜରାଟର ଅହମଦାବାଦରେ ଅନାଥ ଶିଶୁ ଓ ବାଳିକାମାନଙ୍କୁ ମାଦକ ଦ୍ରବ୍ୟ ଚୋରା ଚାଲାଣରେ ନିୟୋଜିତ କରାଯାଉଥିବା ର୍‍ୟାକେଟ୍‌ର ପର୍ଦ୍ଦାଫାଶ ହୋଇଛି।

ଜାତୀୟ ଅପରାଧ ବ୍ୟୁରୋର ତଥ୍ୟ ଅନୁଯାୟୀ, ୨୦୨୩ ମସିହାରେ ଭାରତରେ ୩୦,୫୫୫ଟି ଅପରାଧ ନାବାଳକଙ୍କ ଦ୍ୱାରା ସଂଘଟିତ ହୋଇଛି। ୪,୪୦୬ ମାମଲାକୁ ନେଇ ମହାରାଷ୍ଟ୍ର ସର୍ବାଗ୍ରେ ରହିଛି। ଦେଶରେ ଘଟୁଥିବା ମୋଟ ହତ୍ୟା ଓ ବଳାତ୍କାରର ଶତକଡ଼ା ୮ ଭାଗ କେବଳ ନାବାଳକଙ୍କ ଦ୍ୱାରା ଯୋଜନାବଦ୍ଧ ଭାବେ କରାଯାଉଛି। ଶତକଡ଼ା ୭୨ ଭାଗ ଚୋରି ଡକାୟତିରେ ନାବାଳକମାନେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ୧୬ରୁ ୧୮ ବର୍ଷ ବୟସର ନାବାଳକଙ୍କ ଦ୍ୱାରା ଶତକଡ଼ା ୬୭ ଭାଗ ଅପରାଧ ସଂଘଟିତ ହେଉଥିବା ବେଳେ ୩୩ ଭାଗ ଅପରାଧ ୭ରୁ ୧୫ ବର୍ଷ ବୟସର ପିଲାଙ୍କ ଦ୍ୱାରା ହେଉଛି। ପ୍ରତ୍ୟେକ ଦିନ ଦେଶରେ ୮୫ଟି ବାଳ ଅପରାଧ ଘଟୁଥିବା ବେଳେ ଏଥିରେ ସମ୍ପୃକ୍ତ ୧୦୦ ଜଣଙ୍କୁ ଗିରଫ କରାଯାଉଛି। ୩ ଜଣ ନାବାଳକ କେବଳ ବଳାତ୍କାର ଭଳି ଘଟଣାରେ ଜଡ଼ିତ ହୋଇ ଯାଉଛନ୍ତି। ଓଡ଼ିଶାରେ ବାଳ ଅପରାଧ ମଧ୍ୟ ଚିନ୍ତାଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ୨୦୧୭ରେ ୫,୬୧୧ଟି ବାଳ ଅପରାଧ ଘଟିଥିଲା ବେଳେ ୨୦୨୧ରେ ଏହି ସଂଖ୍ୟା ୧୦,୨୪୬ରେ ଆସି ପହଞ୍ଚିଛି।



ଦେଶରେ ନାବାଳକଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅପରାଧ ଯେପରି ଭାବେ ବୃଦ୍ଧିପାଉଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ନାବାଳକମାନେ ପ୍ରାପ୍ତବୟସ୍କଙ୍କ ଭଳି ଅପରାଧ ଘଟାଉଥିବା ଦେଖାଯାଉଛି। ସୁତରାଂ ଗୁରୁତର ଅପରାଧ କରୁଥିବା ନାବାଳକମାନଙ୍କୁ ବୟସ୍କଙ୍କ ପରି ଶାସ୍ତି ଦେବାକୁ ବିଭିନ୍ନ ସ୍ତରରେ ଦାବି ହୋଇ ଆସୁଥିଲା। ଦିଲ୍ଲୀ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାକୁ ଦୃଷ୍ଟିରେ ରଖି ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟରେ ସଂଶୋଧନ ଅଣାଯାଇ ୨୦୧୫ ମସିହାରେ ପାର୍ଲାମେଣ୍ଟରେ ଏକ ବିଲ୍ ଗୃହୀତ ହେଲା। ୧୬ରୁ ୧୮ ବର୍ଷ ବୟସର କୌଣସି ନାବାଳକ ଯଦି ଗୁରୁତର ଅପରାଧ କରେ ତେବେ ତାକୁ ପ୍ରାପ୍ତବୟସ୍କ ଭାବେ ଧରି ନେଇ ତା'ର ବିଚାର କରିବାକୁ ଆଇନ କରାଗଲା। ୨୦୧୬ ଜାନୁଆରୀ ୧୫ ତାରିଖଠାରୁ ଏହାକୁ କାର୍ଯ୍ୟକାରୀ କରାଗଲା।

ଆଇନରେ ସଂଶୋଧନ ସତ୍ତ୍ୱେ ଦେଶରେ ବାଳ ଅପରାଧ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ତେଣୁ ଆଇନର ଭୟ ଅପେକ୍ଷା ଅପରାଧର କାରଣ ନିରୂପଣ କରି ତାହାର ନିରାକରଣ କରିପାରିଲେ ବାଳ ଅପରାଧକୁ ନିୟନ୍ତ୍ରଣ କରାଯାଇପାରେ।

ସମାଜ ବିଜ୍ଞାନୀ ଓ ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ଅଭିଭାବକମାନେ ପିଲାର ମାନସିକ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ୍ ହେବା ଆବଶ୍ୟକ। ପିଲାମାନେ ଯେଉଁ ଅପରାଧରେ ଜଡ଼ିତ ହୋଇଯାଉଥିବାର ଦେଖାଯାଉଛି ତାହାର ଭଲମନ୍ଦ ଦିଗ ସମ୍ପର୍କରେ ପିଲାଙ୍କୁ ସଚେତନ କରାଯିବା ଜରୁରୀ। ପିଲାର ସାଙ୍ଗସାଥୀମାନଙ୍କ ଚାଲିଚଳଣ ଓ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖି ଆବଶ୍ୟକ ସ୍ଥଳେ ପ୍ରତିକାର କରାଯିବା ଦରକାର। କାରଣ କୁସଙ୍ଗରେ ପଡ଼ି ପିଲାମାନେ ଅବାଟକୁ ଚାଲିଯିବାର ବହୁ ଦୃଷ୍ଟାନ୍ତ ରହିଛି। ଅତ୍ୟଧିକ ଆକଟ କିମ୍ବା କୋହଳ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ। ପାରିବାରିକ ଅଶାନ୍ତି ପିଲାମାନଙ୍କୁ ଅସୁଖୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହା ସେମାନଙ୍କୁ ଅସାମାଜିକ କରି ଗଢ଼ି ତୋଳିବାରେ ସାହାଯ୍ୟ କରେ। ଏଥିପ୍ରତି ଅଭିଭାବକମାନେ ସତର୍କ ରହିବା ଜରୁରୀ।

ସାମାଜିକ ଗଣମାଧ୍ୟମ, ଅନ୍‌ଲାଇନ୍ ଗେମ୍, ଏଆଇ ସହିତ ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରଭାବ କୋମଳମତି ବାଳକବାଳିକାମାନଙ୍କୁ ଖୁବ୍‌ଶୀଘ୍ର ପ୍ରାପ୍ତବୟସ୍କ କରିପକାଉଛି। ପାଠପଢ଼ା ସମୟ ପରେ ଖେଳକୁଦ, ନୃତ୍ୟଗୀତ, ଚିତ୍ରକଳା, ସ୍କାଉଟ୍-ଗାଇଡ୍ ଆଦି କାର୍ଯ୍ୟରେ ପିଲାମାନଙ୍କୁ ନିୟୁକ୍ତ କରିପାରିଲେ ସେମାନେ ସ୍ମାର୍ଟ ଫୋନ୍‌ଠାରୁ ଦୂରେଇ ରହିପାରିବେ।

ଏଇଟା ନିରାଟ ସତ୍ୟ ଯେ କେହି କେବେ ଅପରାଧୀ ହୋଇ ଜନ୍ମ ନେଇ ନ ଥାଏ। ଦାରିଦ୍ର୍ୟ, କୁସଙ୍ଗ, ମୂଲ୍ୟବିଶୂନ୍ୟତା ସହିତ ପ୍ରଦୂଷିତ ସାମାଜିକ ପରିବେଶ ହିଁ କୋମଳମତି ପିଲାମାନଙ୍କୁ ଅସାମାଜିକ ଓ ଅପରାଧୀ ରୂପେ ଗଢ଼ି ତୋଳେ। ତେଣୁ ସମସ୍ତେ ମିଳିତ ଭାବେ ଏସବୁ ଦିଗ ପ୍ରତି ସତର୍କ ରହିବା ସହିତ ପ୍ରତିଷେଧାତ୍ମକ ପଦକ୍ଷେପ ନେଇପାରିଲେ ଆମ ସମାଜକୁ ବାଳ ଅପରାଧମୁକ୍ତ କରିପାରିବା।

**ମୋ: ୭୯୭୫୦୪୬୪୮୬**

## ଏଇ ଭାରତରେ

ଟ୍ୟୁସନ୍ ନ ଯିବା ପାଇଁ ପିଲାମାନେ ଅନେକ ବାହାନା କରନ୍ତି। ହେଲେ ଏଥିପାଇଁ ଯେ ନିଜ ଅପହରଣ ନାଟକ ରଚାଯାଇପାରେ ତାହା ବିଶ୍ୱାସ ବାହାରେ। ବାସ୍ତବରେ ଏମିତି ଘଟିଛି ହରିୟାଣା ଫରିଦାବାଦ ଜିଲାର କୋତବାଲୀ ଥାନା ଅଞ୍ଚଳରେ। ଏଠାକାର ଚାରି ଛାତ୍ର ନିଜ ଅପହରଣ ନାଟକ ରଚି ପୋଲିସ ହାତରେ ଧରା ପଡ଼ିଛନ୍ତି। ବଡୋଲୀ ଗାଁର ନରେଶ ତାଙ୍କ ପୁଅ ଓ ଭଣଜାକୁ ସବୁଦିନ ସ୍କୁଲ ଛାଡିବାକୁ ଯାଆନ୍ତି। ସ୍କୁଲ ଛୁଟି ପରେ ସେମାନେ ନରେଶଙ୍କ ୱାର୍କଶପ୍ ପାଖକୁ ଆସନ୍ତି। କିନ୍ତୁ ଗତ ଶୁକ୍ରବାର ସ୍କୁଲ ଛୁଟି ପରେ ନରେଶଙ୍କ ପୁଅ ଫେରି ନ ଥିଲେ। ସେ ସ୍କୁଲ ପକ୍ଷରୁ ସୂଚନା ପାଇଥିଲେ ତାଙ୍କ ପୁଅ ଓ ଭଣଜାଙ୍କୁ ଅପହରଣ କରାଯାଇଛି। ସେମାନଙ୍କ ସହ ଆଉ ଦୁଇଜଣ ପିଲା ବି ଥିଲେ। ପୋଲିସରେ ଅଭିଯୋଗ ପରେ ତନାଘନା ଆରମ୍ଭ ହୋଇଥିଲା। ସହରରେ ଲାଗିଥିବା ସିସିଟିଭି ଫୁଟେଜ୍ ଦେଖି ପୋଲିସ ପିଲାମାନଙ୍କ ସନ୍ଧାନ ପାଇବା ପରେ ସମ୍ପୂର୍ଣ୍ଣ ଘଟଣା ଜଣାପଡ଼ିଥିଲା। ପିଲାମାନେ ନିଜେ ନିଜର ଅପହରଣ ନାଟକ ରଚିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ପିଲାମାନେ କହିଥିଲେ ସେମାନେ ଟ୍ୟୁସନ୍ ଯିବାକୁ ଚାହୁଁ ନ ଥିଲେ। ସେମାନଙ୍କୁ ପଢ଼ାଇବାକୁ ଆସୁଥିବା ଟ୍ୟୁସନ୍ ସାର୍ ତାଙ୍କର ଆଦୌ ପସନ୍ଦ ନ ଥିଲେ। ତେଣୁ ସେମାନେ ନିଜ ସ୍କୁଲ ବ୍ୟାଗକୁ ପାର୍କରେ ଲୁଚାଇ ଦେଇ ଏଭଳି କରିଥିଲେ। ପିଲାମାନଙ୍କର କାଉନସେଲିଂ ପରେ ସେମାନଙ୍କୁ ଘରକୁ ଛଡ଼ାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

**୨୯ ଜୁଲାଇ ୧୯୭୫**

- ମେଘାଳୟ ବିଧାନସଭାରେ ୩୯ତମ ସମ୍ବିଧାନ ସଂଶୋଧନ ବିଲ୍ ସର୍ବସମ୍ମତ କ୍ରମେ ଅନୁମୋଦନ କରାଯାଇଛି।
- ରାଜସ୍ଥାନର ଭୂତାତ୍ତ୍ୱିକ ସଙ୍ଗଠନ ପକ୍ଷରୁ ଖନନ କାର୍ଯ୍ୟ ଚାଲୁଥିବାବେଳେ ମାଟିତଳୁ ତିନି ହଜାର ବର୍ଷ ତଳର ସାମଗ୍ରୀ ଉଦ୍ଧାର।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | | | |
| 6 | 4 | 7 | | | | | | 5 |
| | | 2 | | | 4 | | 7 | 1 |
| | 1 | | 8 | | | | | |
| | | | | 9 | | | | |
| 8 | 7 | | | 4 | | | 1 | |
| 1 | | | | 3 | | | 5 | 2 |
| | | | 9 | | 2 | | | |
| | | | | | 1 | 8 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 2 | 9 | 5 | 6 | 7 | 4 | 8 |
| 5 | 7 | 8 | 3 | 1 | 4 | 2 | 9 | 6 |
| 9 | 6 | 4 | 2 | 8 | 7 | 1 | 5 | 3 |
| 6 | 5 | 1 | 4 | 7 | 9 | 8 | 3 | 2 |
| 8 | 9 | 7 | 1 | 2 | 3 | 5 | 6 | 4 |
| 4 | 2 | 3 | 8 | 6 | 5 | 9 | 1 | 7 |
| 3 | 8 | 9 | 7 | 4 | 1 | 6 | 2 | 5 |
| 2 | 1 | 5 | 6 | 3 | 8 | 4 | 7 | 9 |
| 7 | 4 | 6 | 5 | 9 | 2 | 3 | 8 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରାମୀଣ କ୍ୟାମ୍ପସ୍ କାର୍ଯ୍ୟକ୍ଷମ ହେଉ

ମହାଶୟ,

ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଯାଜପୁର ଜିଲା ବଡ଼ଚଣା ବ୍ଲକ ସିହା ଗ୍ରାମରେ ୭୫ଏକର ଜମିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ୍ ପ୍ରତିଷ୍ଠା ପାଇଁ ୨୦୧୭ରେ ଭିତ୍ତିପ୍ରସ୍ତର କରାଯାଇଥିଲା। ଏବେ କ୍ୟାମ୍ପସ୍ କାର୍ଯ୍ୟ ଶେଷ ହୋଇଛି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ନବନିର୍ମିତ ପ୍ରକୋଷ୍ଠଗୁଡ଼ିକ ଭୂତକୋଠିରେ ପରିଣତ ହେବାକୁ ଯାଉଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ଥାନାଭାବରୁ ବିଗତ ସରକାର ଗ୍ରାମୀଣ କ୍ୟାମ୍ପସର ପରିକଳ୍ପନା କରିଥିଲେ। କେନ୍ଦ୍ର ସରକାର ଗ୍ରାମାଞ୍ଚଳରେ ବୈଷୟିକ ଶିକ୍ଷାର ବିସ୍ତାର ନିମିତ୍ତ ଏମ୍‌ବିଏ, ଗ୍ରାମୀଣ ପରିଚାଳନା ସାଧାରଣ ସ୍ୱାସ୍ଥ୍ୟରେ ମାଷ୍ଟର ଡିଗ୍ରୀ, ବିଏସ୍‌ସି ନର୍ସିଂ ଓ ସମାଜସେବାରେ ସ୍ନାତକୋତ୍ତର ଶିକ୍ଷାଦାନ ନିମିତ୍ତ ପ୍ରସ୍ତାବ ରହିଛି। ନୂତନ କ୍ୟାମ୍ପସ ପୂର୍ଣ୍ଣାଙ୍ଗ ହେଲେ ମଧ୍ୟ ଏ ପର୍ଯ୍ୟନ୍ତ ଏଠାରେ ଶିକ୍ଷାଦାନ କରାଯାଉନାହିଁ। ଏ ଦିଗରେ ସରକାର ଦୃଷ୍ଟିଦେଲେ ଦୀର୍ଘଦିନ ପରିକଳ୍ପନା ବାସ୍ତବରୂପ ନେଇପାରିବ।

**–ନିର୍ମଳ ଚନ୍ଦ୍ର ସାମଲ, ରବୀନ୍ଦ୍ର ମହାପାତ୍ର, ଚଣ୍ଡିଖୋଲ, ଯାଜପୁର**

## ଚିରନ୍ତନୀ

ନ ଲୋଡ଼ଇ କିଛି, ବସି ପଥ ପାଶେ
ଚାହିଁ ମୁଁ ରହିବି ସୁଖୀ
ଚରଣ ନଚାଇ ଖେଳିଯାଅ ତୁମେ
କେଳି କଳା କଉତୁକି !
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କାର୍ ଧକ୍କାରେ ସିଆଇଏସ୍ଏଫ୍ ଯବାନଙ୍କ ଜୀବନ ଗଲା

ଭୁବନେଶ୍ୱର,୨୮।୭(ସତ୍ୟଜିତ୍ ରାଉତ)

ରାଜଧାନୀରେ ଆଉ ଏକ ହିଟ୍ ଆଣ୍ଡ୍ ରନ୍ ଘଟଣା ଘଟିଛି। କାର୍ ଧକ୍କାରେ ଭୁବନେଶ୍ୱର ବିମାନ ବନ୍ଦରରେ କାର୍ଯ୍ୟ କରୁଥିବା ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟିଫୋର୍ସ(ସିଆଇଏସ୍ଏଫ୍)ର ଜଣେ ଯବାନଙ୍କ ଜୀବନ ଯାଇଛି। ମୃତ ଯବାନ ହେଲେ ଏଏସ୍ଆଇ ନିରଞ୍ଜନ ପ୍ରଧାନ (୫୬)। ଶନିବାର ରାତିରେ ପୋଖରୀପୁଟ-ପଳାଶପଲ୍ଲୀ ରାସ୍ତାରେ ଏହି ଦୁର୍ଘଟଣା ଘଟାଇଥିବା କାର୍ ଚାଳକଙ୍କୁ ଏୟାରପୋର୍ଟ ଥାନା ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅନ୍ତର୍ଗତ ତେନ୍ତୁଳିସାହି ଅଞ୍ଚଳର ଶୋଭନ ମହାପାତ୍ର (୩୪)। ତାଙ୍କ କାର୍ (ଓଡି ୦୨ ୦୯୪୯)କୁ ମଧ୍ୟ ପୋଲିସ ଜବତ କରିଛି। ଏନେଇ ସିଆଇଏସ୍ଏଫ୍ର



ଜବତ କାର୍, ଗିରଫ ଅଭିଯୁକ୍ତ ଶୋଭନ ମହାପାତ୍ର।

## ରାଜଧାନୀରେ ଆଉ ଏକ ହିଟ୍ ଆଣ୍ଡ୍ ରନ୍

## ଅଭିଯୁକ୍ତ ମଦ୍ୟପ ଚାଳକ ଗିରଫ, କାର୍ ଜବତ

ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୧୫/୨୦୨୪) ରୁଜୁ କରି ଅଭିଯୁକ୍ତ ଶୋଭନଙ୍କୁ ଭୁବନେଶ୍ୱର ଏସ୍ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଶୋଭନ ମଦ୍ୟପାନ କରି ଗାଡି ଚଲାଉଥିଲେ। ବ୍ରେଥ୍ ଆନାଲାଇଜର୍ ଟେଷ୍ଟରେ ୨୩୯ ପ୍ରତିଶତ ଆଲକୋହଲ୍ ଥିବା ରିପୋର୍ଟ ଆସିଥିଲା ବୋଲି ଜୋନ୍ ଏସିବି କୃଷ୍ଣଚନ୍ଦ୍ର ପଲେଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ତାଙ୍କ ସୂଚନାନୁସାରେ, ନିରଞ୍ଜନ ପୋଖରୀପୁଟ ଅଞ୍ଚଳରେ ପରିବାର ସହ ରୁହନ୍ତି। ସେ ଘରୁ ଏୟାରପୋର୍ଟକୁ ଡ୍ୟୁଟି କରିବାକୁ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଭୁବନେଶ୍ୱରରେ ରଙ୍ଗମିସ୍ତ୍ରୀ ଭାବେ କାମ କରୁଥିବା ଅଭିଯୁକ୍ତ ଶୋଭନ ରାତି ପ୍ରାୟ ୮ଟା ୩୦ରେ ଅତ୍ୟଧିକ ମଦ୍ୟପାନ କରି ଦ୍ରୁତଗତିରେ ପଳାଶପଲ୍ଲୀରୁ ପୋଖରୀପୁଟ ଆଡକୁ କାର୍ ନେଇ ଯାଉଥିଲେ। ଅନ୍ୟପଟେ ନିରଞ୍ଜନ ତାଙ୍କ ବାଇକ (ଓଡି୦୨ସିଏଚ୍୯୭୧) ଯୋଗେ ପୋଖରୀପୁଟରୁ ପଳାଶପଲ୍ଲୀ ପାର୍ଶ୍ୱକୁ ଯାଉଥିଲେ। ଶୋଭନ ବେପରୁଆ ଭାବେ କାର୍ ଚଲାଇ କାର୍ଗିଲ ବସ୍ତି ନିକଟ ରାସ୍ତାରେ ନିରଞ୍ଜନଙ୍କ ବାଇକକୁ ଧକ୍କା ଦେଇଥିଲେ। ଦୁର୍ଘଟଣା ପରେ ନିରଞ୍ଜନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡାକିବା ପରେ ସଙ୍କଟାପନ୍ନ ଅବସ୍ଥାରେ ନିରଞ୍ଜନଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ପରେ ତାଙ୍କୁ କଟକ ରୋଡ୍ର ଲକ୍ଷ୍ମୀସାଗର ଛକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ସମୟରେ ରାତି ପ୍ରାୟ ୩ଟା ୧୨ରେ ଡାକ୍ତର ନିରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

# ସୀମାନ୍ତରୁ ଜୀବନ୍ତ ଆଇଇଡି ଜବତ



ରାଉରକେଲା, ୨୮।୭
(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାବର୍ତ୍ତୀ ଟୋଂଟୋ ଥାନା ତୁମ୍ବାହାକା ଓ ପ୍ରଧାନଘାଟ ନିକଟରେ ଥିବା ଜଙ୍ଗଲରେ ସୁରକ୍ଷା ଅଭିଯାନ ଜାରି ରହିଥିବା ବେଳେ ସୁରକ୍ଷାବଳ ରବିବାର ଗୋଟିଏ ଜୀବନ୍ତ ଆଇଇଡି ଠାବ କରିଥିଲେ। ଏହାକୁ ବମ୍ ନିରୋଧକ ସ୍କ୍ୱାଡ୍ ନଷ୍ଟ କରିଥିଲା। ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ଖଞ୍ଜାଯାଇଥିବା ଉକ୍ତ ଆଇଇଡି ୫ କେଜି ଓଜନର। ସୂଚନାଯୋଗ୍ୟ, ସୀମାନ୍ତରେ ୩୦ରୁ ଊର୍ଦ୍ଧ୍ୱ ଗ୍ରାମ ମାଓବାଦୀ ପ୍ରଭାବିତ ରହିଛି। ମାଓବାଦୀ ଦମନ ପାଇଁ ଝାଡ଼ଖଣ୍ଡ ସ୍ଥାନୀୟ ପୋଲିସ ସହିତ ସିଆର୍ପିଏଫ୍ ପକ୍ଷରୁ ସୁରକ୍ଷା ଅଭିଯାନ କରାଯାଉଛି। ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ଏହି ଅଭିଯାନ ଜାରି ରହିଥିବା ବେଳେ ସେମାନଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀମାନେ ବିଭିନ୍ନ ସମୟରେ ଜଙ୍ଗଲ ଓ ରାସ୍ତାରେ ଆଇଇଡି ଖଞ୍ଜୁଛନ୍ତି।

# ସ୍ତ୍ରୀଙ୍କୁ ବ୍ଲେଡ୍ରେ କାଟି ସ୍ୱାମୀ ଗିରଫ

ବ୍ରହ୍ମପୁର,୨୮।୭
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଧାନମେରା ସାହିରେ ସ୍ତ୍ରୀଙ୍କୁ ବ୍ଲେଡ୍ରେ ଆକ୍ରମଣ ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ମହିଳା ଥାନା ପୋଲିସ ଗିରଫ କରିଛି। ସେ ହେଲେ ଉକ୍ତ ସାହିର ଘନିଆ ଗରୁଡ଼(୩୬)। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଘନିଆ କିଛିବର୍ଷ ପୂର୍ବେ ଦୀପା ଗରୁଡଙ୍କୁ ବିବାହ କରିଥିଲେ। ଦୀପା ବ୍ରହ୍ମପୁର ମହାନଗର ନିଗମ(ବିଏମ୍ସି)ରେ ସଫେଇ କର୍ମଚାରୀ ଭାବେ କାମ କରନ୍ତି। ବିବାହର ବର୍ଷକ ପରେ ଘନିଆ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ତେଣୁ ଦୀପା ୧୩ବର୍ଷ ହେବ ନିଜ ପୁଅକୁ ଧରି ବାପଘରେ ରହି ଆସୁଛନ୍ତି। ଶନିବାର ରାତିରେ ଗିରିମାର୍କେଟ ମୁଖ୍ୟ ଛକରେ ଦୀପା ଡ୍ୟୁଟି କରୁଥିବା ବେଳେ ଘନିଆ ତାଙ୍କ ପଛପଟୁ ଆସି ବ୍ଲେଡ୍ରେ ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଦୀପାଙ୍କୁ ସ୍ଥାନୀୟ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଘଟଣାକୁ ନେଇ ସେ ମହିଳା ଥାନାରେ ଅଭିଯୋଗ କରିଥିଲେ।

# ପୂଜା କମିଟି ସମ୍ପାଦକଙ୍କ ଘର ଉପରେ ବୋମାମାଡ଼


ବୋମା ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଘରର ମୁଖ୍ୟ ଫାଟକ।

ଢେଙ୍କାନାଳ,୨୮।୭(ରତନ ନାୟାର)

ଢେଙ୍କାନାଳ ସହର ଖମାରସାହି ଲକ୍ଷ୍ମୀପୂଜା କମିଟି ସମ୍ପାଦକ ସୁଶାନ୍ତ କୁମାର ସାହୁଙ୍କ ଘର ଉପରକୁ ରବିବାର ବୋମା ମାଡ଼ ହୋଇଛି। ୨ଜଣ ଅଜଣା ଯୁବକ ବାଇକ୍ରେ ଆସି ଏହି ବୋମାମାଡ଼ କରି ଫେରାର ହୋଇଯାଇଛନ୍ତି। ଏଥିରେ ସୁଶାନ୍ତଙ୍କ ଘର ମୁଖ୍ୟ ଫାଟକ ଭାଙ୍ଗିରୁଜି ଯାଇଛି। ତେବେ ବୋମାମାଡ଼ ପୂର୍ବରୁ ସୁଶାନ୍ତଙ୍କ ମୋବାଇଲ ଫୋନକୁ ଦୁର୍ବୃତ୍ତମାନେ ଫୋନ କରି ଧମକ ଦେଇଥିବା ସୁଶାନ୍ତ ପ୍ରକାଶ କରିଛନ୍ତି। ଅଜଣା ଯୁବକମାନେ ଗୋଟିଏ ବୋମାମାଡ଼ କରିଥିବା ସିସିଟିଭି କ୍ୟାମେରା ଯାଞ୍ଚରୁ ଜଣାପଡିଛି। ଖବରପାଇ ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ପୋଲିସ କର୍ମଚାରୀଙ୍କ ସହିତ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ନିକଟରେ ଥିବା ଏକ ମାର୍ବଲ ଦୋକାନର ସିସିଟିଭି କ୍ୟାମେରାରୁ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି।

ଜମିଜମା ବ୍ୟବସାୟକୁ ନେଇ ଏହି ବୋମାମାଡ଼ କରାଯାଇଥିବା ସନ୍ଦେହ କରାଯାଉଛି। ଏ ସଂକ୍ରାନ୍ତରେ ସୁଶାନ୍ତ କହିଛନ୍ତି, ବୋମାମାଡ଼ ପୂର୍ବରୁ ଅପରାହ୍ନ ୫ଟା ୪୦ରେ ଏକ ଧମକପୂର୍ଣ୍ଣ ଫୋନ କଲ୍ ଆସିଥିଲା। ଫୋନ କରିଥିବା ଦୁର୍ବୃତ୍ତ ଜଣକ 'ଏକୁଟିଆ ବ୍ୟବସାୟ କରୁଛ, ଆମକୁ କିଛି ଦଉନ' କହି ଧମକାଇଥିଲେ। ପରିଚୟ ପଚାରିବାରୁ ସେ ପୁଣିଥରେ କହିଲେ, 'ସବୁ ଏକୁଟିଆ କରୁଛ, ଆମେ କିଏ ଜାଣିବ' ବୋଲି କହି ଫୋନ କଲ୍ କାଟିଦେଇଥିଲେ। ଏହାପରେ ଅପରାହ୍ନ ୫ଟା ୫୦ରେ ବୋମାମାଡ଼ କରାଯାଇଥିଲା। ଫୋନକୁ ଆସିଥିବା ଅଜଣା ନମ୍ବରକୁ ପୋଲିସକୁ ଦିଆଯାଇଛି। ଅଭିଯୋଗ ପାଇବା ପରେ ପାଲିସ ପକ୍ଷରୁ ତନାଘନା ତଦନ୍ତ ଆରମ୍ଭ ହୋଇଛି। ଢେଙ୍କାନାଳ ସହର ରଥଗଡାଠାରୁ ପୋଲିସ ରିଜର୍ଭ ଲାଇନ୍ ମଧ୍ୟରେ ଥିବା ଖମାର ସାହିରେ ସ୍ପଷ୍ଟ ଦିବାଲୋକରେ ଏପରି ବୋମାମାଡ଼ ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ କହିଛନ୍ତି, ସାଇଣ୍ଟିଫିକ ଟିମ୍ ଦ୍ୱାରା ଘଟଣାର ତଦନ୍ତ କରାଯିବ।

## ଘଟଣା ପୂର୍ବରୁ ଫୋନ୍ରେ ଧମକ


ବୋମାମାଡ଼ କରି ଯାଉଥିବା ଅଜଣା ଯୁବକଙ୍କ ଫଟୋ ସିସିଟିଭି କ୍ୟାମେରାରେ।

# ଟ୍ରାକ୍ଟର ମଡ଼ାଇ ଯୁବକଙ୍କୁ ହତ୍ୟା, ଉତ୍ତେଜନା

ସମ୍ବଲପୁର,୨୮।୭(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ଛତାବର ଗ୍ରାମରେ ରବିବାର ଏକ ତଳି ବୋଝେଇ ଟ୍ରାକ୍ଟର ମଡାଇ ଦେବାରୁ ବିନୟ ବାଦୀ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଘଟଣା ଘଟାଇ ଦ୍ରୁତଗତିରେ ପଳାଉଥିବା ବେଳେ ଉକ୍ତ ଟ୍ରାକ୍ଟରରେ ବସିଥିବା ଶ୍ରମିକଙ୍କ ମଧ୍ୟରୁ ଜଣେ ମହିଳା ଖସି ପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଟ୍ରାକ୍ଟର ଚାଳକ ଜାଣିଶୁଣି ଗାଡି ମଡାଇ ଦେବାରୁ ବିନୟଙ୍କର ମୃତ୍ୟୁ ଘଟିଲା ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଟ୍ରାକ୍ଟର ଚାଳକଙ୍କୁ ଗିରଫ ଓ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବି କରି ଉତ୍ତ୍ୟକ୍ତ ଲୋକେ ସମ୍ବଲପୁର-ସୁବର୍ଣ୍ଣପୁର ରାଜ୍ୟ ରାଜପଥ ୧୫ର ଛତାବର ନିକଟରେ ରାସ୍ତାରୋକୋ

## ଦ୍ରୁତଗତିରେ ପଳାଉଥିବା ବେଳେ ଟ୍ରାକ୍ଟରରୁ ଖସି ଶ୍ରମିକ ମୃତ

କରିଥିଲେ। ଖବର ପାଇ ଧମା ଥାନା ଆଇଆଇସି ଶ୍ୱେତପଦ୍ମା ବିଶ୍ୱାଳ ଓ ସଦର ଏସ୍ଡିପିଓ ତୋଫାନ ବାଗ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଟ୍ରାକ୍ଟର ଡ୍ରାଇଭର ଛତାବର ଗ୍ରାମର କେ. ନରେଶଙ୍କ ନାମରେ ଧମା ଥାନାରେ ହତ୍ୟା ମାମଲା ରୁଜୁ ହୋଇଛି। ଖୁବ୍ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ବିଶ୍ୱାଳ କହିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ରବିବାର ମଧ୍ୟାହ୍ନରେ ଛତାବର ଗ୍ରାମର କେ. ନରେଶ ଟ୍ରାକ୍ଟରରେ ପଲ୍ଲା ଓ କେତେଜଣ ମହିଳା ଶ୍ରମିକଙ୍କୁ ନେଇ ନିକଟସ୍ଥ ବଡ଼ଟିକ୍ରା ଗ୍ରାମରୁ ଛତାବର ଅଭିମୁଖେ ଯାଉଥିଲେ। ଏହି ସମୟରେ ବଡ଼ଟିକ୍ରା ଗ୍ରାମ ରାସ୍ତାରେ ଏକ ସ୍କୁଟିକୁ ରଖି ବିନୟ ବାଦି, ଦେବାଶିଷ ପୁଡ଼ା ଓ ସୁବ୍ରତ ଚାନ୍ଦ କଥା ହେଉଥିଲେ। ରାସ୍ତାରୁ ସ୍କୁଟି ହଟାଇବାକୁ ନରେଶ କହିବା ପରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ କୌଣସିମତେ ଟ୍ରାକ୍ଟର ନେଇ ସେ ସେଠାରୁ ଚାଲି ଯାଇଥିଲେ। ମାତ୍ର ସମ୍ପୃକ୍ତ ଯୁବକମାନେ ତାଙ୍କୁ ପିଛା କରି ପୁଣିଥରେ ବାଟ ଓଗାଳିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ନରେଶ ସେମାନଙ୍କ ଉପରେ ଟ୍ରାକ୍ଟର ମଡାଇ ଦେଇଥିଲେ। ଏଥିରେ ବିନୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଦେବାଶିଷ ଓ ସୁବ୍ରତ ଗୁରୁତର ଆହତ ହୋଇଛନ୍ତି। ଏହି ସମୟରେ ଟ୍ରାକ୍ଟରରେ ବସିଥିବା ମହିଳା ଶ୍ରମିକମାନଙ୍କ ମଧ୍ୟରୁ ଜଣେ ଖସି ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଭିମ୍ସାରକୁ ପଠାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ, ହତ୍ୟା ସନ୍ଦେହ

ବଡବିଲ,୨୮।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ କାଶିଆ-କ, ତଳସାହି ନିକଟ ଜଗଦା ସାହିସ୍ଥିତ ରାସ୍ତାକଡ଼ରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପୋଲିସ ରବିବାର ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୟସ ପ୍ରାୟ ୩୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏହା ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଥିବା ବେଳେ ଘଟଣାସ୍ଥଳରୁ ଏକ ସାଇକେଲ ଜବତ କରି ତଦନ୍ତ କରୁଛି। ପୋଲିସ ସୂଚନା ମୁତାବକ, ଜଗଦା ସାହିରେ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଘଟଣାସ୍ଥଳରେ ସାଇକେଲ ଖସିଯାଇଥିବା ଚିହ୍ନ ରହିଥିବାବେଳେ ମୃତଦେହର ଆଖି ପତା ଓ ମୁଣ୍ଡ ପଛ ପାଖରେ କ୍ଷତ ଚିହ୍ନ ରହିଛି। ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ଯାଞ୍ଚ ଆରମ୍ଭ କରିଛି। ବଡବିଲ ଥାନା ଆଇଆଇସି ରମାକାନ୍ତ ମୁଦୁଲି କହିଛନ୍ତି, ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୯/୨୪) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଓ ମୃତକଙ୍କ ପରିଚୟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ। ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ ପରେ ଏହା ଏକ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ କରାଯାଇଛି।


ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଯାଞ୍ଚ କରୁଛି।

# ଗାଡ଼ିକୁ ଦୁର୍ଘଟଣା ଘଟାଇ ଅପହରଣରୁ ବର୍ତ୍ତିଲେ ବ୍ୟବସାୟୀ

## ଚାଳକ କୋର୍ଟଚାଲାଣ

ବରୀ,୨୮।୭ (ମହେନ୍ଦ୍ର ସ୍ୱାଇଁ)

ମଇଁଷି ବେପାରକୁ ନେଇ ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଅନ୍ୟାସିପୁର ଗ୍ରାମର ବ୍ୟବସାୟୀ ବିଚିତ୍ରାନନ୍ଦ ମଳିକ (୫୪)ଙ୍କୁ କେତେଜଣ ବ୍ୟକ୍ତି ଏକ କାର୍ (ଓଡି୩୪ ଏଚ୍ ୩୮୧୬)ରେ ଶନିବାର ରାତିରେ ଅପହରଣ କରି ନେଉଥିଲେ। ହେଲେ ବିଚିତ୍ରାନନ୍ଦ ହଠାତ୍ ଷ୍ଟିୟରିଂକୁ



ମୋଡ଼ି ଦେବାରୁ ଗାଡ଼ିଟି ରାସ୍ତାକଡ଼କୁ ମାଡ଼ିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ିରେ ବିଚିତ୍ରାନନ୍ଦ ଓ ଚାଳକ ସୁମିତ ଶେଖର ସାହୁଙ୍କୁ ଛାଡ଼ି ଅନ୍ୟ ତିନି ଜଣ ଅନ୍ଧାର ସୁଯୋଗରେ ଦୌଡ଼ି ପଳାଇଥିଲେ। ବିଚିତ୍ରାନନ୍ଦଙ୍କ ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ଗାଡ଼ି ଚାଳକ ସୁମିତଙ୍କୁ କାବୁକରି ବରୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଗାଡ଼ିଟିକୁ ଜବତ କରିବା ସହିତ ଚାଳକଙ୍କୁ ଥାନାକୁ ଆଣି ପଚରାଉଚରା କରି ତାଙ୍କୁ କୋର୍ଟଚାଲାଣ କରିଛି। ଏନେଇ ଏକ ମାମଲା (ନଂ.୪୩୭/୨୦୨୪) ରୁଜୁ ହୋଇଥିବା ବରୀ ଥାନା ଅଧିକାରିଣୀ ସୁକାନ୍ତି କୁମାରୀ ମହାନ୍ତି କହିଛନ୍ତି। ସୁମିତଙ୍କ ତଥ୍ୟ ଆଧାରରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରିଣୀ ମହାନ୍ତି କହିଛନ୍ତି। ମିଳିଥିବା ସୂଚନାନୁଯାୟୀ ବିଚିତ୍ରାନନ୍ଦ ମଇଁଷି ବ୍ୟବସାୟ କରନ୍ତି। ତେବେ ସେ କୁଆଡେ ପଇସା ନେଇ ମଇଁଷି ନ ଦେବାରୁ ତାଙ୍କୁ ଅଭିଯୁକ୍ତମାନେ ଅପହରଣ କରି ନେଉଥିଲେ ବୋଲି ଜଣାପଡ଼ିଛି।

# ୧୩ କୁଇଣ୍ଟାଲ ଗଞ୍ଜେଇ ଜବତ: ୩ ଗିରଫ

ଲାଠୋର,୨୮।୭
(ଭୁବନେଶ୍ୱର ବାରିକ)

ରବିବାର ସକାଳେ ବଲାଙ୍ଗୀର ଜିଲା ଲାଠୋର ପୋଲିସ ପକ୍ଷରୁ ସ୍ଥାନୀୟ ଝଲିଆଲିଟି ଗ୍ରାମର ପତ୍ରଫଡ଼ି ନିକଟରେ ଚଢାଉ କରାଯାଇ ୧୩ କୁଇଣ୍ଟାଲ ୧୦ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାଛଡା ଗଞ୍ଜେଇ ଚାଲାଣରେ ବ୍ୟବହୃତ ପିକ୍ଅପ ଭ୍ୟାନ୍ ଓ ଦୁଇଟି ବାଇକ୍ ଜବତ ହୋଇଛି।

ପ୍ରକାଶ ଯେ, କନ୍ଧମାଳ ଅଞ୍ଚଳରୁ ଏକ ଧଳା ରଙ୍ଗର ପିକ୍ଅପ ଭ୍ୟାନ୍ (ନଂ ଓଡ଼ି-୦୩-ଏସ-୪୮୯୨) ଯୋଗେ ୮୦ ବସ୍ତା ଗଞ୍ଜେଇ ବଲାଙ୍ଗୀରର ଲାଠୋର ଦେଇ ନୂଆପଡ଼ା ଜିଲା ଅଭିମୁଖେ ଚୋରା ଚାଲାଣ ହେଉଥିଲା। ଏ ସମ୍ପର୍କରେ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଲାଠୋର ପୋଲିସ ଜଗି ରହି ଉକ୍ତ ଭ୍ୟାନ୍କୁ ଝଲିଆଲିଟି ପତ୍ରଫଡ଼ି ଠାରେ ଧରିଥିଲା। ଭ୍ୟାନ୍ ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ ଏହି ଗାଡ଼ିକୁ


ଲାଠୋର ପୋଲିସ ଦ୍ୱାରା ଜବତ ଗଞ୍ଜେଇ ବସ୍ତା।


ଗିରଫ ୩ ଅଭିଯୁକ୍ତ

ସୁରକ୍ଷା ଦେଉଥିବା ୩ ଜଣ ବ୍ୟକ୍ତି ପୋଲିସ ହାତରେ ଧରା ପଡ଼ିଥିଲେ। ସେମାନେ ହେଲେ ନୂଆପଡ଼ା ଜିଲା କୋମନା ଥାନା ଅଧୀନ ଜେଠୁପାଲି ଗ୍ରାମର କ୍ଷମାସାଗର ତାଣ୍ଡି, ବୃନ୍ଦାବନ ମହାନନ୍ଦ ଏବଂ ଖପ୍ରାଖୋଲ ଥାନା ଅଧୀନ ଚାଉଳବାଞ୍ଜି ଗ୍ରାମର ଭୀଷ୍ମ ସୁନା। ସେମାନେ ବ୍ୟବହାର କରିଥିବା ବୁଲେଟ (ନଂ ସିଜି-୦୪-ଏନଜେ-୮୪୪୭) ଏବଂ ଗ୍ଲାମର ବାଇକ୍ (ନଂ ଓଡ଼ି-୨୬-ଜି-୩୦୬୪) ଜବତ କରାଯାଇଛି। ମାଜିଷ୍ଟ୍ରେଟ ଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ପହଞ୍ଚିବା ପରେ ବସ୍ତାରେ ଥିବା ଗଞ୍ଜେଇ ଓଜନ କରାଯାଇଥିଲା। ଏହା ୧୩ କୁଇଣ୍ଟାଲ ୧୦ କେଜି ହୋଇଥିବା ବେଳେ ପ୍ରାୟ ୬୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ବେଳେ ପ୍ରକ୍ରିୟା ଚାଲୁ ରହିଛି। ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରା ଚାଲିଛି। ଖୁବଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଲାଠୋର ଥାନା ଅଧିକାରୀ ରାକେଶ କୁମାର ବେହେରା କହିଛନ୍ତି। ଚଢାଉ ବେଳେ ଥାନା ଅଧିକାରୀ ବେହେରାଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

idco | ODISHA NEW OPPORTUNITIES
No.:CAD-668
File No. HO/Civil/T&E-E - 4576/01/2021 21650 Dt.24/07/2024
OFFICE OF THE CHIEF GENERAL MANAGER (CIVIL)
IDCO, IDCO TOWER, BHUBANESWAR
Bid Identification No. Civil/EST-03/2024-25
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
1. Name of the Work : Construction of teaching staff quarter (G+2) for BPUT, Rourkela
2. Value of the Work : Rs. 404.30 lakhs (Approx.)
3. Period of completion : 06 (Six) Calendar Months
4. Availability of tender online for Bidding :
I. Start Date : 18:00 Hours of dt. 12.08.2024
II. End date : 17:00 Hours of dt. 29.08.2024
III. Opening date : 17:30 Hours of dt. 29.08.2024
Tender details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Chief General Manager (Civil)
OIPR-14003/11/0027/2425 IDCO, Bhubaneswar

KASTURBA GANDHI BALIKA VIDYALAYA, PATHARA, KHALLIKOTE
TENDER CALL NOTICE
Lt.No. - 09/29.07.2024
Sealed Tenders are invited from the registered / reputed firms and manufacturer for supply of the following items like Grocery, Dress materials and Bedding, Items, Cosmetic & Toilet items, Office & Students stationeries, School Bag, Sliper & Sports Shoes to the Kasturba Gandhi Balika Vidyalaya, Pathara, Khallikote District GANJAM for the year 2024-25. The Tender form with other particulars and list of items can be obtained from the office of the KGBV, Pathara from 10:00 A.M. to 4:00 P.M. in all working day w.e.f. 29.07.2024 to 11.08.2024 on payment of 500/- (Five hundred only) non refundable in cash or Bank Draft payable at State Bank of India, Keshpur Branch, Ganjam District. The tenders completed in all respect along with requisite documents and Earnest Money (Refundable) in shape of Bank Draft in favour of the Head Master, KGBV, Pathara, EPF payable at State Bank of India, Branch Keshpur would only be received up to 4:00 P.M. of dt. 11.08.2024. The tender forms along with other particulars, the list of items and detail instruction can also be downloaded from the district website www.ganjam.nic.in. Tender form should be submitted without EMD will be summarily rejected. Last date of receipt of tender form is upto 4:00 P.M. of dated 11.08.2024. The KGBV Level Purchase Committee meeting will be held on dt. 12.08.2024 at 11.00 A.M. in Block Education Office, Khallikote for opening of the tender. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.
Sd./- Superintendent
KGBV, Pathara, Khallikote

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. 21-KUR-TRD-OT-2024-25
କାର୍ଯ୍ୟର ନାମ : ବାରଙ୍ଗ-କଟକ ସେକ୍ସନରେ ବ୍ରିଜ ସଂଖ୍ୟା 553 DN (କାଠଯୋଡ଼ି ବ୍ରିଜ) ଓ 550 DN ଏବଂ କେନ୍ଦ୍ରାପଡ଼ା ରୋଡ-ନିର୍ଗୁଣ୍ଡି ସେକ୍ସନରେ 539 DN (ବିରୂପା ବ୍ରିଜ) ଓ ବ୍ରିଜ ସଂଖ୍ୟା 535A UP ଏବଂ DNରେ H-ବିମ୍ ସ୍ଲିପରର ପ୍ରସ୍ତାବିତ ନବୀକରଣ ସମ୍ବନ୍ଧରେ OHE ପରିବର୍ତ୍ତନ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 32,12,022.40, EMD (ଟଙ୍କାରେ) : 64,300.00, ଶେଷ ହେବା ଅବଧି : 180 ଦିନ।
ବିଡ୍ ଆରମ୍ଭ ହେବା ତାରିଖ : ତା.30.07.2024ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.08.2024 ରିଖ 1300 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD),
PR-353/P/24-25 ଖୋର୍ଦ୍ଧା ରୋଡ୍

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜ. ନେ. ମାର୍ଗ
ଭୁବନେଶ୍ୱର - 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର ତୃତୀୟ ମହଲାରେ ଥିବା ଏକଜିକ୍ୟୁଟିଭ କ୍ଷେତ୍ର ପାଇଁ ଭେରିଏବଲ୍ ରେଫ୍ରିଜରେଣ୍ଟ ଫ୍ଲୋ (ଭିଆରଏଫ/ଭିଆରଭି) ଟେକ୍ନୋଲୋଜି ଆଧାରିତ ଏୟାରକଣ୍ଡିସନିଂ ସିଷ୍ଟମ୍ର ଡିଜାଇନ୍, ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇ ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ଅଗଷ୍ଟ ୫, ୨୦୨୪, ସମୟ ୧୪:୦୦ ଅଟେ।
କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

## ସଂକ୍ଷେପରେ

### ଡ୍ୟାମ୍‌ରେ ବୁଡି ଯୁବକ ମୃତ

ଭବାନୀପାଟଣା,୨୮।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡିଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ତେନ୍ତୁଳିପଡା ଡ୍ୟାମରେ ରବିବାର ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ତେନ୍ତୁଳିପଡାର ସନ୍ତୋଷ ଭୋଇ(୪୦)। ମଧ୍ୟାହ୍ନରେ ସନ୍ତୋଷ ଡ୍ୟାମକୁ ଗାଧୋଇବାକୁ ଯାଇଥିବାବେଳେ ସେଠାରେ ସେ ବୁଡି ଯାଇଥିଲେ। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ସୋମବାର ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ ହେବ।

### ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ନୂଆପଡା,୨୮।୭ (ମକାରୁ ବେମାଲ)

ନୂଆପଡା ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହଠାରେ ଶନିବାର ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡା ଅତିରିକ୍ତ ଜିଲାପାଳ ସୁବାଷ ଚନ୍ଦ୍ର ରଣତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟ ଅଧକ୍ଷ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ସାମାଜିକ ସଙ୍ଗଠନ, ଜିଲା ଘରୋଇ ବସ ମାଲିକ ସଂଘ, ନୂଆପଡା ବଣିକ ସଂଘ ଯୋଗଦେଇଥିଲେ। ଏହି ଉପଲକ୍ଷେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ଦେଶାତ୍ମବୋଧକ ସଙ୍ଗୀତ, ଓଡିଆ ବକ୍ତୃତା, ଇଂରାଜୀ ବକ୍ତୃତା, ପ୍ରଶ୍ନୋତ୍ତର, ସାଧାରଣ ଜ୍ଞାନ ଇତ୍ୟାଦି ଭଳି ପ୍ରତିଯୋଗିତା ଆୟୋଜନ କରିବା ପାଇଁ ନିଷ୍ପତ୍ତି ହୋଇ ଜିଲା ଶିକ୍ଷା କାର୍ଯ୍ୟାଳୟ, ଶାରଳା ସଙ୍ଗୀତ ଅନୁଷ୍ଠାନ, ଜିଲା କୁଇଜ କ୍ଲବକୁ ଦାୟୀତ୍ୱ ପ୍ରଦାନ କରାଯାଇଛି। ସେହିପରି ସ୍ୱାଧୀନତା ଦିବସ ପାଳନ ଅବସରରେ ପଡିଆ ମଧ୍ୟରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର ଆୟୋଜନ ହେବ। ସ୍ୱାଧୀନତା ଦିବସରେ ସମ୍ମିଳିତ ପରେଡରେ ଭାଗ ନେବାକୁ ଥିବା ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତି କରିବା ପାଇଁ ଜିଲା ରିଜର୍ଭ ପୋଲିସଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି। ବରିଷ୍ଠ ସହାୟକ ବିଭୁଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ ଶେଷରେ ଅନ୍ୟବାଦ ଅର୍ପଣ କରିଥିଲେ।

# ଲଗାଣ ବର୍ଷାରେ ବେହାଲ ନୂଆପଡ଼ା

ଖଡ଼ିଆଳ,୨୮।୭ (ସୁଜିତ କୁମାର ପ୍ରଧାନ)

ଲଘୁଚାପଜନିତ ଲଗାଣ ବର୍ଷା ପାଣିରେ ବେହାଲ ନୂଆପଡା ଜିଲା। ନଦୀ, ନାଳ, କୂଅ, ପୋଖରୀ ବର୍ଷା ପାଣିରେ ଫୁଲୁଥିବାବେଳେ କେତେକ ସ୍ଥାନରେ ଘର ଭାଙ୍ଗିଥିବା ଓ ଗଛ ଓଲଟି ପଡ଼ିଥିବା ଜଣାପଡ଼ିଛି। ଜିଲାରେ ଗତ ୨୪ଘଣ୍ଟା ମଧ୍ୟରେ ହାରାହାରି ୫୦୧.୮୮ ମିମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଖଡ଼ିଆଳ ବ୍ଲକ ନେହେନା ଗ୍ରାମର ଅସହାୟ ଦିବ୍ୟାଙ୍ଗ ନନ୍ଦ ଟାହାଣୀଙ୍କ ମାଟି ଛପର କଞ୍ଚା ଘର ଧସି ଭାଙ୍ଗିଯାଇଛି। ଅଳ୍ପକେ ବର୍ତ୍ତିଗଲେ ଦିବ୍ୟାଙ୍ଗ ନନ୍ଦ ଟାହାଣୀ। ଲୋକମାନେ ନନ୍ଦ ଟାହାଣୀଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଆଶ୍ରୟ ଦେଇଛନ୍ତି। ଏବେ ନନ୍ଦ ବେସାହାରା, ଘର ଖଣ୍ଡିକ ପାଇଁ ସରକାରଙ୍କ ପାଖରେ ନେହୁରା ହେଉଛନ୍ତି। ଅବିବାହିତ ଦିବ୍ୟାଙ୍ଗ ନନ୍ଦ ଟାହାଣୀଙ୍କୁ ବାପା ସ୍ୱର୍ଗୀୟ ଦପକୁ ଟାହାଣୀ, ମାଆ ଝରେ ଟାହାଣୀ ପିଲାଟି ଦିନରୁ ଏକୁଟିଆ ଛାଡି ଆରପାରିକୁ ଚାଲିଗଲେ। ସେହି ଦିନ ଠାରୁ ନେହେନା ଗ୍ରାମ ଟାହାଣୀ ସାହିରେ ଦୁର୍ବିସହ ଜୀବନ ଯାପନ କରୁଛନ୍ତି ଦିବ୍ୟାଙ୍ଗ ନନ୍ଦ ଟାହାଣୀ। କାମ ଧନ୍ଦା କହିଲେ ସାହି ପଡିଶା ଲୋକଙ୍କ ଛେଳି ଚରାଳି କାମ କରି ଚଳନ୍ତି ଏହି ଦିବ୍ୟାଙ୍ଗ। ହେଲେ ଦୁଃଖୀଙ୍କ ମୁଣ୍ଡ ଉପରେ ପୁଣି ଦୁଃଖ ଅଜାଡ଼ି ହେଲା। ମାଟି ଛପର କଞ୍ଚା ଘର ଭିତରେ ରୋଷେଇ କରୁଥିବାବେଳେ, ହଠାତ ଘର ଧସି ଭାଙ୍ଗିଗଲା, ଅଳ୍ପକେ ବର୍ତ୍ତିଗଲେ ଏହି ଦିବ୍ୟାଙ୍ଗ। ଚାଉଳ, ଡାଲି, ଆସବାପତ୍ର ସବୁ ମାଟି ପାଣିରେ ଚାପି ହୋଇ ନଷ୍ଟ ହୋଇଯାଇଛି। ଖବରପାଇ ନେହେନା ଗ୍ରାମପଞ୍ଚାୟତ ଅଧିକାରୀ ମଞ୍ଜୁଲତା ମେହେର ପହଞ୍ଚି ଭଙ୍ଗା ଘର ଫଟୋ ଉତ୍ତୋଳନ କରିଛନ୍ତି। ଖଡ଼ିଆଳ ବିଡ଼ିଓ ବିରସେନ ବେହେରାଙ୍କୁ ପଚାରିବାରୁ ଗ୍ରାମପଞ୍ଚାୟତ ସରପଞ୍ଚ ଓ ପିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଟାରପଲିନ ଦେବା, ୭ଦିନ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇଦେବା ସହିତ ସ୍କୁଲ ଘରେ ଆଶ୍ରୟ ଦେବା ପାଇଁ ବିଡ଼ିଓ ବିରସେନ ବେହେରା ପ୍ରକାଶ କରିଛନ୍ତି।


ବର୍ଷାରେ ଘର ଭାଙ୍ଗିଯାଇଛି।

### ବର୍ଷାରେ ଘର ଭାଙ୍ଗିଲା

# ଗଛ ପଡ଼ି କୋମନା-ବଲାଙ୍ଗୀର ରାସ୍ତା ବନ୍ଦ


ରାସ୍ତା ଉପରେ ଗଛ ପଡି ଅବରୋଧ ହୋଇଛି।

ନୂଆପଡ଼ା/କୋମନା,୨୮।୭ (ମକାରୁ ବେମାଲ/ସୋବିନ ଛତ୍ରିଆ)

ଲଘୁଚାପ ଜନିତ ଲଗାଣ ବର୍ଷାରେ ଶନିବାର କୋମନା-ବଲାଙ୍ଗୀର ରାସ୍ତା ବୃନ୍ଦିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁଠାରେ ଅପରାହ୍ନ ୫ଟାରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ଖବରପାଇ କୋମନା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତାକୁ ସ୍ୱାଭାବିକ କରିବା ପାଇଁ ଆପ୍ରାଣେ ଉଦ୍ୟମ କରି ରାତ୍ରି ପ୍ରାୟ ୮ଟାରେ ସାରିଛନ୍ତି। ପ୍ରାପ୍ତ ସୁଚନା ଅନୁଯାୟୀ ଅପରାହ୍ନ ପ୍ରାୟ ୫ଟାରେ ବର୍ଷା ପବନରେ ଡୋଙ୍ଗରିପାଲି ଗାଁ ସ୍କୁଲ ସମ୍ମୁଖରେ ରାସ୍ତା କଡରେ ଥିବା ବହୁ ପୁରାତନ ପିପଲ ଗଛ ଚେରରୁ ଉପାଡି ହୋଇ ରାସ୍ତା ଉପରେ ପଡିଥିଲା। ଫଳରେ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇପଡିଥିଲା। ଅନେକ ଗାଡି ମୋଟର ଅଟକି ରହିବା ସହ ଲୋକେ ମଧ୍ୟ ଯାଇପାରୁ ନ ଥିଲେ। ଏହି ରାସ୍ତା ୩୫୩ ନମ୍ବର ଜାତୀୟ ରାଜପଥ କୋମନା ଠାରୁ ଲାଠୋର, ପାଟଣାଗଡ ଦେଇ ବଲାଙ୍ଗିରକୁ ସଂଯୋଗ କରିଛି। ରାସ୍ତାରେ ଗଛ ପଡି ଯିବାରୁ ଯାତାୟାତ ବନ୍ଦ ହୋଇ ଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଏହି ଗଛ ପାଖରୁ ଘର ମାନ ରହିଛି। ଘର ଉପରେ ନ ପଡି ରାସ୍ତା ଉପରେ ଗଛ ପଡିବାରୁ କୌଣସି ଧନ ଜୀବନ କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି। କୋମନା ଅଗ୍ନିଶମ ବିଭାଗ କର୍ମଚାରୀ ହାବିଲଦାର ଚିନ୍ତାମଣି ଜଟି, ଅଜିତ କର, ହେମ ସାଗର ହାତି, ବିଶ୍ୱମ୍ଭର ପ୍ରଧାନ, ନରେଶ ବାରାଣ୍ଡିଆ, ହେମନ୍ତ କୁମାର ପରିଡା ପ୍ରମୁଖ ଗଛ କାଟି ରାସ୍ତାକୁ ସ୍ୱାଭାବିକ କରିବା ପାଇଁ ଆପ୍ରାଣ ଚେଷ୍ଟା କରି ରାସ୍ତାରୁ ହଟାଇଥିଲେ।

# ବିକାଶ କଲେଜରେ ହନର ରୋଲ୍ ପାଳିତ


ବିକାଶ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

ଭବାନୀପାଟଣା,୨୮।୭ (ଉତ୍ତମ କୁମାର ଦାଶ)

ଭବାନୀପାଟଣା ବାନ୍ଦୋପୋଲା ସ୍ଥିତ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ ପରିସରରେ ଥିବା ସମ୍ମେଳନ ପ୍ରକୋଷ୍ଠ ମଧ୍ୟରେ ସିବିଏସଇ, ସିଏଚଏସଇ, ଡିଗ୍ରୀ, ବିବିଏ, ବିସିଏ, ବିଭାଗରେ ଅଶୀ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ଏକ ସମ୍ବର୍ଦ୍ଧନା ଉତ୍ସବ ହନର ରୋଲ ୨୦୨୪ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ (ଓଡ଼ିଶା)ର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶର ରାଓ, ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ, ଭବାନୀପାଟଣା ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ, ଡି. ରାମ କୁମାର, ଏକାଡେମିକ ଇନଚାର୍ଜ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟ ଡି. ପଦ୍ମିନୀ, ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ ଭବାନୀପାଟଣାର ସମସ୍ତ ବିଭାଗର ଅଧକ୍ଷ ପ୍ରମୁଖ ମଞ୍ଚାସୀନ ଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଯୁବରାଜ ନାୟକ ଅତିଥିଙ୍କ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ସମସ୍ତ ଅତିଥିଗଣ ନିଜ ବକ୍ତବ୍ୟରେ କୃତି ବିଦ୍ୟାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ୭୦ ଜଣ କୃତୀ ବିଦ୍ୟାର୍ଥୀ ଓ ଅଭିଭାବକଙ୍କୁ ବିକାଶ ସ୍ମାରକୀ ଫଳକ ସହ ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ବିବିଏ, ବିସିଏ ବିଭାଗର ଅଧକ୍ଷ ଡ. ସୁଦୀପ୍ତ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ ଓ ସମସ୍ତ କର୍ମଚାରୀଙ୍କ ସହଯୋଗ ରହିଥିଲା।

# ୩୦ରେ ଜିଲାପାଳଙ୍କ ଅଫିସ ଆଗରେ ବିରାଟ ଜନସମାବେଶ

ଭବାନୀପାଟଣା,୨୮।୭(ଉତ୍ତମ କୁମାର ଦାଶ)

ରାଜ୍ୟ ସରକାରଙ୍କ ଉଚ୍ଛେଦ ବିଜ୍ଞପ୍ତିକୁ ପ୍ରତ୍ୟାହାର ଓ ଦୀର୍ଘ ବର୍ଷରୁ ରହି ଆସୁଥିବା ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ଆସନ୍ତା ୩୦ରେ କଳାହାଣ୍ଡି ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ବିରାଟ ଜନସମାବେଶ ଆୟୋଜନ କରିବ ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି। ଏ ନେଇ ରବିବାର ଭବାନୀପାଟଣାସ୍ଥିତ ବୟନିକା ନିକଟରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ୨୦୧୬ରୁ ବସ୍ତି ବାସିନ୍ଦାଙ୍କ ପାଇଁ ଆନ୍ଦୋଳନ କରି ଆସୁଛି। ଗତ ଜୁଲାଇ ୬ରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରତ୍ୟେକ ଜିଲାପାଳଙ୍କୁ ଏକ ଚିଠି ଦେଇଛନ୍ତି। ଏଥିରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସରକାରୀ ଜମିରେ ବସବାସ କରୁଥିବା ବ୍ୟକ୍ତି ବା ପରିବାର ସ୍ଥାନଗୁଡିକୁ ଚିହ୍ନଟ କରି ଉଚ୍ଛେଦ କରିବା ସହ ଉକ୍ତ ଜମିଗୁଡିକୁ ସରକାର ନିଜର ଅକ୍ତିଆରକୁ ନେବା ପାଇଁ ଦର୍ଶାଇଛନ୍ତି। ଏହା ଯୋଗୁ ଅନେକ ପରିବାର ବେଘର ହେବାର ଆଶଙ୍କା ରହିଛି। ଲୋକଙ୍କ ନ୍ୟାୟ ପାଇଁ ୩୦ରେ ଜନସମାବେଶ ଜିଲାପାଳଙ୍କ ଅଫିସ ଆଗରେ ଆୟୋଜନ କରାଯାଇ ପ୍ରତିବାଦ କରାଯିବ ବୋଲି ସମିତିର ସଭାପତି ବିଜୟ ସାହୁ ପ୍ରକାଶ କରିଛନ୍ତି।

# ୨ ଜଣଙ୍କୁ ମରଣାନ୍ତକ ଆକ୍ରମଣ: ୩ ଗିରଫ

ନୂଆପଡା,୨୮।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆର ରୋଡ ସହର ବଜାରପଡାଠାରେ ଗତ ଶୁକ୍ରବାର ଦୁଇ ଜଣ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଜୋଙ୍କ ଥାନାରେ ଅଭିଯୋଗ ହୋଇଛି। ଏନେଇ ଜୋଙ୍କ ଥାନାରେ ୫ ଜଣଙ୍କ ନାମରେ ଏକ ମାମଲା ରୁଜୁ କରି ପୋଲିସ ଜଣେ ଯୁବକ ଓ ୨ ଜଣ ନାବାଳକ ମୋଟ ୩ ଜଣଙ୍କୁ ଗିରଫ କରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଫେରାର ୨ଜଣଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଗତ ଶୁକ୍ରବାର ଅପରାହ୍ନ ସାଢେ ତିନିଟାରେ ଖରିଆର ରୋଡ ଡୁମେରଡିହି ୱାର୍ଡ ନଂ-୧୬ ର ପିଲୁଲାଲ ସାହୁ (୬୦) ଓ ସାନ ଭାଇଙ୍କ ପୁଅ ଦେଓଲାଲ ସାହୁ (୩୦) ବଜାରପଡା ସ୍ଥିତ ପ୍ରାଥମିକ କୃଷି ସେବା ସମବାୟ ସମିତିଙ୍କୁ ଖରିଫ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିବା ଲାଗି ଆସି ଲାଇନରେ ଛିଡା ହୋଇଥିଲେ। ସେହି ସମୟରେ ପିଲୁଲାଲଙ୍କ ପୁଅ ରାଜେଶ ସାହୁ (୩୮) ଏକ ବାଇକରେ ବଜାରପଡା ପଟେ ଆସୁଥିଲେ। ରାଜେଶକୁ ଦେଖିଲା ପରେ ବଜାରପଡାର ୫ ଜଣ ଯୁବକ ବାଇକକୁ ଅଟକାଇ ରାଜେଶ ସହିତ କଥା କଟାକଟି ହୋଇ ମାରଣାଅସ୍ତ୍ର ଦେଖାଇଥିଲେ। ସେହି ସମୟରେ ପିଲୁଲାଲ ଓ ଦେଓଲାଲ ରାଜେଶକୁ ମାରି ଦେଉଛନ୍ତି ବୋଲି ଘଟଣା ସ୍ଥଳରେ ପହଞ୍ଚିଲା ପରେ ରାଜେଶକୁ ଛାଡି ଦେଇ ପିଲୁଲାଲ ଓ ଦେଓଲାଲ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ପିଲୁଲାଲର ବାମ ଗୋଡରେ ୩ ଚୋଟ, ବାମ ହାତ, ପଞ୍ଜରା ଓ ମୁହରେ ଛୁରା ମାଡ ହୋଇଥିବା ବେଳେ ଦେଓଲାଲଙ୍କ ପେଟ, ଛାତି, ହାତ ଓ ମୁହରେ ଛୁରା ମାଡ ହୋଇଛି। ଦୁଇ ଜଣ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଆକ୍ରମଣ ସମୟରେ ପିଲୁଲାଲଙ୍କ ପକେଟରେ ଥିବା ଟଙ୍କା ଓ ବେକରେ ପିନ୍ଧିଥିବା ସୁନା ଚେନକୁ ଅଭିଯୁକ୍ତମାନେ ଛଡାଇ ନେଇ ଜୀବନରେ ମାରି ଦେବା ପାଇଁ ଧମକ ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ଜୋଙ୍କ ଥାନାରେ ଏକ ମାମଲା (ନଂ. ୧୫୦/୨୦୨୪) ରୁଜୁ ହୋଇଛି। କେଉଁ କାରଣରୁ ଛୁରା ମାଡ ହେଲା ଅସ୍ପଷ୍ଟ ରହିଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କଲା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଜୋଙ୍କ ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି।

# ଶହୀଦ ସପ୍ତାହ ପାଳନ ପାଇଁ ମାଓବାଦୀଙ୍କ ଆହ୍ୱାନ

ଭବାନୀପାଟଣା,୨୮।୭ (ଉତ୍ତମ କୁମାର ଦାଶ)

### ରାସ୍ତା ପାର୍ଶ୍ୱରେ ବ୍ୟାନର ମାରିଲେ, ଶହୀଦ ସ୍ତମ୍ଭ କଲେ

କଳାହାଣ୍ଡି ଜିଲାରେ କିଛି ଦିନର ନିରବତା ପରେ ପୁଣି ନିଜ ଉପସ୍ଥିତି ଜାହିର କରିଛନ୍ତି ସିପିଆଇ (ମାଓବାଦୀ)। ରବିବାରଠାରୁ ଅଗଷ୍ଟ ୩ ଯାଏ ଶହୀଦ ସପ୍ତାହ ପାଳନ ପାଇଁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ଭବାନୀପାଟଣା ବ୍ଲକର ଦୁର୍ଗମ ସିକେରଗୁଡା ନିକଟ ରାସ୍ତା ପାର୍ଶ୍ୱରେ ମାଓବାଦୀମାନେ ବ୍ୟାନର ଲଗାଇବା ସହ ଶହୀଦ ସ୍ତମ୍ଭ ତିଆରି କରିଛନ୍ତି। ସକାଳେ ଲୋକେ ଏହା ଦେଖିବାକୁ ପାଇଥିଲେ। ଶହୀଦ ସପ୍ତାହ ସମୟରେ ବହୁସଂଖ୍ୟାରେ ଏକଜୁଟ ହୋଇ ବୀର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ବ୍ୟାନରରେ ଉଲ୍ଲେଖ କରିଛନ୍ତି। ଶହୀଦ ସ୍ତମ୍ଭ ଭିତରେ ଏକ ବଲ ଜଳୁଥିବା ଓ ଉପରେ ତାର ଦିଶୁଥିବାରୁ ସେଠାରେ ବିସ୍ଫୋରକ ସାମଗ୍ରୀ ମଧ୍ୟ ଲାଗି ଥାଇପାରେ ବୋଲି ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଥିଲା। ପୋଲିସ ଓ ବମ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ବ୍ୟାନର ଓ ସ୍ତମ୍ଭକୁ ଜବତ କରିଥିଲେ। ସେଠାରେ କୌଣସି ବିସ୍ଫୋରକ ସାମଗ୍ରୀ ନ ଥିଲା ବୋଲି କଳାହାଣ୍ଡି ଏସ୍‌ପି ଅଭିଲାସ ଜି କହିଛନ୍ତି।


ସିକେରଗୁଡା ରାସ୍ତା ପାର୍ଶ୍ୱରେ ମାଓବାଦୀଙ୍କ ବ୍ୟାନର ଲାଗିଛି।

# ଶିଶୁ ବିଦ୍ୟାମନ୍ଦିରଠାରେ ଜ୍ଞାନ ବିଜ୍ଞାନ ମେଳା

ଖଡ଼ିଆଳ,୨୮।୭ (ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ତଥା ବିଚାରକ ଭାବେ ଲକ୍ଷ୍ମୀକାନ୍ତ ରଣା, ପାରିତୋଷ ଜେନା, ସିଦ୍ଧାର୍ଥ ଦାସ, ଦୀପ୍ତି ରଞ୍ଜନ ଶତପଥୀ, ଗୌରାଙ୍ଗ କୁମାର ସାହୁ, ଲକ୍ଷ୍ମୀନାରାୟଣ ପଣ୍ଡା, ସଙ୍ଗୀତା ବେହେରା, ପ୍ରଭାସିନୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଚାରକ ମଣ୍ଡଳୀ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ କ୍ଷେତ୍ର ଗୁରୁଜୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଉମେଶ ଗୁରୁଜୀ ବୃତ୍ତ କଥନ କରିଥିଲେ। ସମ୍ପାଦକ ବିନୋଦ ବିହାରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ପ୍ରାରମ୍ଭ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟତଃ ୧୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗଣିତ, ବିଜ୍ଞାନ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, କଥା କଥନ, ପତ୍ରବାଚନ, ମୂର୍ତ୍ତି କଳା, ନିବନ୍ଧ ଲିଖନ, ସଙ୍ଗୀତ, ଏଭଳି ଅନେକ ପ୍ରତିଯୋଗିତାରେ ପ୍ରାୟତଃ ଶତପ୍ରତିଶତ ଛାତ୍ରୀଛାତ୍ର ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ଛାତ୍ରୀଛାତ୍ର ଶୁଭେଚ୍ଛୁ ତଥା ପରିଚାଳନା ସମିତିର ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।


ଜ୍ଞାନ ବିଜ୍ଞାନ ମେଳାରେ ପ୍ରକଳ୍ପ ପ୍ରଦର୍ଶନ କରାଯାଉଛି।

# ଟିଖାଲି ଲୋୟର ଜଳସେଚନ ପ୍ରକଳ୍ପରେ ଜଳସ୍ତର ୨୬୩.୦୭୦ ମିଟର

ଖଡ଼ିଆଳ,୨୮।୭(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳରେ ବୃହତ୍ତ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ଦୁଇଟି କେନାଲ ମାଧ୍ୟମରେ ୨୯ ହଜାର ୯ ଶହ ହେକ୍ଟର ଜମିକୁ ଜଳ ସେଚିତର ଲକ୍ଷ୍ୟ ରହିଛି। ଲଗାଣ ବର୍ଷା ଯୋଗୁ ଟିଖାଲି ଲୋୟର ଜଳ ସେଚନ ପ୍ରକଳ୍ପରେ ଜଳସ୍ତର ୨୬୩.୦୭୦ ମିଟର ରହିଥିବା ବେଳେ ପ୍ରତି ସେକେଣ୍ଡରେ ୯୧.୧୦୧ କିୟୁବିକ ଜଳ ପ୍ରବେଶ କରୁଛି। ସେହିପରି ବାମ କେନାଲ ଦ୍ୱାରା ୧୫.୦୦୦ କିୟୁବିକ ଜଳ ନିଷ୍କାସନ ହେଉଥିବା ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପରେ ଜଳ ଧାରଣ କ୍ଷମତା ୩୧୪.୨୫୨ ଏମକିୟୁଏମ ରହିଥିବାବେଳେ ବର୍ତ୍ତମାନ ୨୫୬.୬୬୯ ଏମକିୟୁଏମ ରହିଥିବା ଜଣାପଡିଛି।

# ବଜେଟରେ ପ୍ରତ୍ୟେକସ୍ତରର ଲୋକଙ୍କ ପାଇଁ ବିଶେଷ ଧାନ ଦିଆଯାଇଛି

ନୂଆପଡା,୨୮।୭ (ମକାରୁ ବେମାଲ)

### କେନ୍ଦ୍ର ଓ ରାଜ୍ୟ ବଜେଟକୁ ନେଇ ଭାଜପାର ଖବରଦାତା ସମ୍ମିଳନୀ

ନୂଆପଡା ଜିଲା ସଦର ମହକୁମା ସ୍ଥିତ ଭାରତୀୟ ଜନତା ପାର୍ଟି ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର କେନ୍ଦ୍ର ଓ ରାଜ୍ୟ ବଜେଟକୁ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଖରିଆର ରୋଡ ଏନଏସି ଅଧକ୍ଷା ସୋନିଆ ଜୈନ, ସରୋଜ କୁମାର ସାହୁ, ହରିଶ୍ଚନ୍ଦ୍ର ପଣ୍ଡା, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ତୁଳସ ପଟେଲ, ସୋମନାଥ ଅଗ୍ରୱାଲ, କମଳେଶ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ବଜେଟ ଲୋକଙ୍କ ପାଇଁ ଉର୍ଦ୍ଧ୍ୱଷ୍ଟ ବଜେଟ ବୋଲି ମତବ୍ୟକ୍ତ କରିଥିଲେ। ଏହି ବଜେଟରେ ପ୍ରତ୍ୟେକ ସ୍ତରର ଲୋକଙ୍କ ପାଇଁ ବିଶେଷ ଧାନ ଦିଆ ଯାଇଥିବା ବେଳେ ସୁଭଦ୍ରା ଯୋଜନାରେ ମହିଳାଙ୍କ ପାଇଁ ୫ କୋଟି ମଞ୍ଜୁର କରିଛନ୍ତି। ଏହି ଯୋଜନାରେ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ମହିଳା ଉପକୃତ ହେବେ। ସୁଭଦ୍ରା ଯୋଜନା ଟଙ୍କା ମହିଳାମାନେ ବିଭିନ୍ନ ପ୍ରକାର କାର୍ଯ୍ୟରେ ଲଗାଇ ପାରିବେ। ବଜେଟରେ ସୁଭଦ୍ରା ଯୋଜନା ଭଳି କୃଷକ ସମୃଦ୍ଧି ଯୋଜନାରେ ୫ କୋଟି ଟଙ୍କା ବଜେଟରେ ସ୍ଥାନିତ ହୋଇଥିବା ନେଇ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି। ଆଦିବାସୀଙ୍କ ଜୀବନ ଜୀବିକା ଭଳି ଅନେକ ଯୋଜନା ହାତକୁ ନେଇଛନ୍ତି ବୋଲି ଖବରଦାତା ସମ୍ମିଳନୀରେ କଳାହାଣ୍ଡିର ପୂର୍ବତନ ଏମ୍‌ପି ପଣ୍ଡା ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ସୂଚନା ଦେଉଛନ୍ତି।

# ୪୬ବର୍ଷ ପରେ ପୁନଃ ପ୍ରଦର୍ଶନ ହେଲା 'ସମର୍ପଣ'

### ୪୫ କଳାକାର ସମ୍ବର୍ଦ୍ଧିତ

ଭବାନୀପାଟଣା,୨୮।୭(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଅସ୍ମିତାର ସ୍ୱର୍ଣ୍ଣାଭ ସ୍ୱାକ୍ଷର ହେଉଛି ୧୯୭୮ରେ ନିର୍ମିତ ପ୍ରଥମ ଚଳଚ୍ଚିତ୍ର 'ସମର୍ପଣ'। ଯେତେବେଳେ ଏହି ଭଳି ରହସ୍ୟଧର୍ମୀ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କଳ୍ପନାତିତ ଥିଲା, ସେତେବଳେ କଳାହାଣ୍ଡିର ଲେଖକ, ନିର୍ଦ୍ଦେଶକ, ଅଭିନେତା, ଗୀତିକାର ଓ କଣ୍ଠଶିଳ୍ପୀଙ୍କୁ ନେଇ ନିର୍ମିତ ଚଳଚ୍ଚିତ୍ର ସମର୍ପଣକୁ ଭେଟି ଦେଇଥିଲେ ବିଶିଷ୍ଟ ଲେଖକ ଓ ନିର୍ଦ୍ଦେଶକ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ। ସମର୍ପଣରେ ସହକାରୀ ନିର୍ଦ୍ଦେଶକ ଭାବରେ ମୋର ଚଳଚ୍ଚିତ୍ର ଜୀବନର ଆରମ୍ଭ। ଏହା ସିନେମା ଜଗତରେ ଏକ ସ୍ୱତନ୍ତ୍ର ଧାରା ସୃଷ୍ଟି କରିଥିଲା ବୋଲି 'ସମର୍ପଣ' ଚଳଚ୍ଚିତ୍ରର ପୁନଃ ପ୍ରସାରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ସବ୍ୟସାଚି ମହାପାତ୍ର ପ୍ରକାଶ କରିଛନ୍ତି। ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ରବିବାର ଭବାନୀପାଟଣା ଟାଉନ ହଲଠାରେ ଆୟୋଜିତ ଏହି ଚଳଚ୍ଚିତ୍ରର ପୁନଃ ପ୍ରଦର୍ଶନ କାର୍ଯ୍ୟକ୍ରମରେ ବ୍ରାହ୍ମଣ ସମାଜ ସଭାପତି ତଥା ସମର୍ପଣର ଅଭିନେତା ଜଗନ୍ନାଥ ମୁଣ୍ଡ, ସିନେ ସମୀକ୍ଷକ, ଗବେଷକ ସୂର୍ଯ୍ୟ ଦେଓ, ଗୀତିକାର ନାରାୟଣ ପ୍ରସାଦ ପଟ୍ଟନାୟକ, ଅଭିନେତା ଭୂପିନ୍ଦର ସିଂହ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ ଓ ସମାଜସେବୀ ପ୍ରମୋଦ ଖମାରୀ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସମର୍ପଣ ଚଳଚ୍ଚିତ୍ରରେ ସମ୍ପୃକ୍ତ ଲେଖକ ନିର୍ଦ୍ଦେଶକ ସ୍ୱର୍ଗତ ପ୍ରଫୁଲ୍ଲ କୁମାର ରଥ, ପ୍ରଯୋଜକ ସ୍ୱର୍ଗତ ରାସ ବିହାରୀ ପଣ୍ଡାଙ୍କ ସମେତ ୨୩ ଜଣ ଦିବଂଗତ କଳାକାରଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଚଳଚ୍ଚିତ୍ର ଅଭିନୟ, ଗୀତିକାର, କଣ୍ଠଶିଳ୍ପୀ ଓ ପ୍ରଡକ୍ସନରେ ସମ୍ପୃକ୍ତ ୨୨ ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମୁଦାୟ ୪୫ କଳାକାରଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଚଳଚ୍ଚିତ୍ରକୁ ପୁନଃଉଦ୍ଧାର ଓ ଡିଜିଟାଲାଇଜେସନ କରିଥିବା କଳାହାଣ୍ଡିର ଯୁବ ପ୍ରତିଭା, ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ବିଜେତା ଅମରେନ୍ଦ୍ର ମହାପାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରାହ୍ମଣ ସମାଜ କଳାହାଣ୍ଡିର ସଙ୍ଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଆକାଶବାଣୀ କଳାକାର ଶୁଭେନ୍ଦୁ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସମ୍ବର୍ଦ୍ଧନା ସଭା ପରେ ଦିନ ୧୨ ଟା ୩୦, ଅପରାହ୍ନ ୩ଟା ଓ ସନ୍ଧ୍ୟା ୬ ଟାରେ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା।


ସମ୍ବର୍ଦ୍ଧିତ କଳାକାର ଓ ଅତିଥିମାନେ।

# ଆଖିବୁଜି ଅତିଥି ଶିକ୍ଷକ ନିଯୁକ୍ତି

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

**ବରଗଡ଼ ଜିଲା**




- ନିଯୁକ୍ତି ପ୍ରକ୍ରିୟାରେ ବଡ଼ କାରସାଦି
- ୧୧୪ ପଦବୀ, ୧୦୯ଜଣଙ୍କୁ ନିଯୁକ୍ତି
- ନିଯୁକ୍ତି ଆଦେଶ ଦିନ ଯୋଗଦାନ ନିର୍ଦ୍ଦେଶ
- ଧରାପଡ଼ିବାରୁ ୨ଜଣଙ୍କ ନିଯୁକ୍ତି ବାତିଲ୍
- ଯୋଗଦେଇଛନ୍ତି ୧୦୫ ଅତିଥି ଶିକ୍ଷକ

ନକଲି ଶିକ୍ଷକ ନିଯୁକ୍ତି ବରଗଡ଼ ଜିଲାରେ ହଇଚଇ ସୃଷ୍ଟି କରିଛି। ପ୍ରସଙ୍ଗ ନୂଆ ନ ହେଲେ ମଧ୍ୟ ଏହାକୁ ନେଇ ଜିଲା ଶିକ୍ଷା ବିଭାଗ ଉଠୁଛି ଓ ପଡୁଛି। ଜିଲାସାରା ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଆଲୋଡ଼ନ ସୃଷ୍ଟି କରିଛି। ନକଲି ଶିକ୍ଷକଙ୍କ ହାତରେ ପିଲାଙ୍କ ଭବିଷ୍ୟତ ଲଦି ଦେବାକୁ ଅଭିଭାବକମାନେ ମଧ୍ୟ ଚାହୁଁ ନାହାନ୍ତି। ଏ ନେଇ ଜିଲା ଅଭିଭାବକ ସଂଘ ଜିଲା ଶିକ୍ଷା ଅଧିକାରୀଙ୍କୁ ଫେରାଦ ହୋଇ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛି। ଅଭିଯୋଗ ପାଇବା ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାର କେତେକ ନିର୍ଦ୍ଦିଷ୍ଟ ବ୍ଲକରେ କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବିଭିନ୍ନ ପ୍ରମାଣପତ୍ର ଆଦି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟ କେତେକ ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀମାନେ ସମ୍ପୃକ୍ତ ବ୍ଲକର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷକମାନଙ୍କୁ ଯାଞ୍ଚ ନେଇ ଏକ ଚିଠି ଇସୁ କରି ହାତବାନ୍ଧି ବସିଛନ୍ତି। ସେହିପରି କେତେକ ବ୍ଲକ ଶିକ୍ଷା ଅଧିକାରୀ ପ୍ରମାଣପତ୍ର ଯାଞ୍ଚ ପାଇଁ ଏପର୍ଯ୍ୟନ୍ତ ଏଥିରୁ ସେମାନଙ୍କ କାର୍ଯ୍ୟଦକ୍ଷତା ପଦାରେ ପଡ଼ିଥିବାବେଳେ ସେମାନଙ୍କ ଭୂମିକାକୁ ନେଇ ମଧ୍ୟ ନାନା ସନ୍ଦେହ ଉପୁଜିଛି। ତେବେ ଜିଲାରେ ଏଭଳି ନକଲି ଶିକ୍ଷକ ନିଯୁକ୍ତି ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଚଳିତ ମାସରେ ଜିଲାର ବିଭିନ୍ନ ବିଦ୍ୟାଳୟରେ ଅତିଥି ଶିକ୍ଷକ ନିଯୁକ୍ତିରେ ସ୍ୱଚ୍ଛତା ନେଇ ଜିଲା ଶିକ୍ଷା ବିଭାଗ ପୁଣି ପ୍ରଶ୍ନଘେରକୁ ଆସିଛି।

ଅତିଥି ଶିକ୍ଷକ ନିଯୁକ୍ତିରେ ଅବସରପ୍ରାପ୍ତ ଶିକ୍ଷକ(ବୟସ ୬୫ବର୍ଷ ମଧ୍ୟରେ ସୀମିତ)ଙ୍କୁ ନିଯୁକ୍ତି ଦେବାର ପ୍ରାବଧାନ ରହିଛି। କିନ୍ତୁ ନକଲି ଶିକ୍ଷକ ନିଯୁକ୍ତି ପ୍ରସଙ୍ଗକୁ ନେଇ ଜିଲା ଉଠୁଥିବା, ପଡୁଥିବାବେଳେ ୨ଯୁବତୀ, ଯୁବକଙ୍କୁ ଅତିଥି ଶିକ୍ଷୟିତ୍ରୀ, ଶିକ୍ଷକ ଭାବେ ନିଯୁକ୍ତି ଦେବା ଏବଂ ଅଭିଯୋଗ ହେବା ପରେ ସେମାନଙ୍କ ନିଯୁକ୍ତି ବାତିଲ କରାଯିବା ଘଟଣାରୁ ଜିଲା ଶିକ୍ଷା ବିଭାଗର ଅସଲି ମୁଖା ଖୋଲି ଯାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କୁ ପଚାରିବାରୁ ସେ କହିଥିଲେ, ଅତିଥି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ସେଭଳି କିଛି ଅନିୟମିତତା ହୋଇନାହିଁ। ଭୁଲକ୍ରମେ ସେଭଳି ୨ଜଣ ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦିଆଯାଇଥିଲା, ଜାଣିବା ପରେ ତତ୍କାଳ ସେମାନଙ୍କ ନିଯୁକ୍ତିକୁ ବାତିଲ କରି ଦିଆଯାଇଛି ବୋଲି ସେ କହିଥିଲେ। ଏଥିରୁ ଅତିଥି ନିଯୁକ୍ତି ପ୍ରକ୍ରିୟାରେ ବିଭାଗୀୟ କର୍ତ୍ତୃପକ୍ଷ କିଭଳି ଖାମଖିଆଲି ଭାବେ ଆବେଦନକାରୀଙ୍କ ଉର୍ଦ୍ଧିଷ୍ଟ ପ୍ରମାଣପତ୍ର ଯାଞ୍ଚ କରିଥିବେ ନା ଏହାପଛରେ ଅନ୍ୟ ରହସ୍ୟ ରହିଛି, ତାହା ସହଜରେ ଅନୁମେୟ। ଅତିଥି ଶିକ୍ଷକ ନିଯୁକ୍ତି ସମୟରେ ଯଦି ଜିଲା ଶିକ୍ଷା ବିଭାଗ ଏଭଳି ଭୁଲ କରୁଛି, ତେବେ ନକଲି ଶିକ୍ଷକ ନିଯୁକ୍ତି ଯାଞ୍ଚ ପ୍ରକ୍ରିୟାରେ ଏହି ବିଭାଗର କାର୍ଯ୍ୟକଳାପରେ କେତେ ସ୍ୱଚ୍ଛତା ରହିବ, ତାହା ଯାଞ୍ଚ ପ୍ରକ୍ରିୟା ସରିବା ପରେ ଜଣାପଡ଼ିବ। ତେବେ ଏ ନେଇ ଜିଲା ଶିକ୍ଷା ଅଧିକାରୀ ଛତ୍ରୀ କହିଛନ୍ତି, ଏହି ଯାଞ୍ଚ ପ୍ରକ୍ରିୟା ଦୀର୍ଘମିଆଦୀ। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଡିଗ୍ରୀ ପ୍ରମାଣପତ୍ରର ଯାଞ୍ଚ ରିପୋର୍ଟ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟକୁ ମଗାଯିବ ଏବଂ ସେହି ଯାଞ୍ଚ ରିପୋର୍ଟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ମିଳିଥିବା ସୂଚନା ଅନୁଯାୟୀ, ଜିଲାର ବିଭିନ୍ନ ବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀ, ଜିଲାରେ ୧୧୪ ଅତିଥି ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ରହିଥିଲା। ତେବେ ଅତିଥି ଶିକ୍ଷକ ନିଯୁକ୍ତି ଗାଇଡ୍‌ଲାଇନ ଅନୁଯାୟୀ, କେବଳ ଅବସରପ୍ରାପ୍ତ ଶିକ୍ଷକ, ଯାହାଙ୍କ ବୟସ ୬୫ବର୍ଷ ଅତିକ୍ରାନ୍ତ କରି ନ ଥିବ, ସେମାନେ ଏହି ପଦବୀ ପାଇଁ ଯୋଗ୍ୟ ଅଟନ୍ତି ଏବଂ ସେମାନଙ୍କ ନିଯୁକ୍ତି ସ୍ଥାୟୀ ମଧ୍ୟ ନୁହେଁ। ନିଯୁକ୍ତ ଅତିଥି ଶିକ୍ଷକଙ୍କ ମାସିକ ଦରମା ୧୨ହଜାର ଟଙ୍କା ରହିଥିବାବେଳେ ମାସିକ ସେମାନଙ୍କ କାର୍ଯ୍ୟ ଦିବସ ଅତିକମ୍‌ରେ ୨୦ଦିନ(ଛୁଟିଦିନ ବ୍ୟତୀତ) ଧାର୍ଯ୍ୟ କରାଯାଇଛି। ଏହାକୁ ଭିତ୍ତି କରି ଜିଲା ଶିକ୍ଷା ବିଭାଗ ଗତ ୧୮ତାରିଖ ୧୦୯ଜଣଙ୍କୁ ଅତିଥି ଭାବେ ନିଯୁକ୍ତି ଦେଇଥିଲା। ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା, ଗତ ୧୮ତାରିଖ ଜିଲା ଶିକ୍ଷା ନିଯୁକ୍ତି ଆଦେଶ ଜାରି କରିଥିବାବେଳେ ଉକ୍ତ ଦିନ ହିଁ ନିର୍ଦ୍ଧାରିତ ବିଦ୍ୟାଳୟରେ ଯୋଗଦାନ ପାଇଁ ସମ୍ପୃକ୍ତ ଅତିଥି ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲା। ସେହିପରି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ହିଁ କେବଳ ଅତିଥି ଶିକ୍ଷୟିତ୍ରୀ, ଶିକ୍ଷକ ପଦବୀ ପାଇଁ ଯୋଗ୍ୟ ହୋଇଥିବାବେଳେ ସରକାରୀ ଶିକ୍ଷୟିତ୍ରୀ, ଶିକ୍ଷକ ଭାବେ କେବେ କୌଣସି ସରକାରୀ ବିଦ୍ୟାଳୟରେ ଶିକ୍ଷକତା କରି ନ ଥିବା ୨ଯୁବତୀ, ଯୁବକଙ୍କୁ ଅତିଥି ଶିକ୍ଷକଭାବେ ନିଯୁକ୍ତି ମିଳିଥିଲା। ତେବେ ସମ୍ପୃକ୍ତ ଯୁବତୀ, ଯୁବକ ସେମାନଙ୍କ ପାଇଁ ନିର୍ଦ୍ଧାରିତ ବିଦ୍ୟାଳୟକୁ ଯୋଗଦାନ କରିବାକୁ ଯିବାବେଳେ ସେମାନେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକଙ୍କ ହାତରେ ଧରାପଡ଼ିଥିଲେ ଏବଂ ଏ ନେଇ ଅଭିଯୋଗ ହେବା ପରେ ଜିଲା ଶିକ୍ଷା ଅଧିକାରୀ ଉଭୟଙ୍କ ନିଯୁକ୍ତିକୁ ବାତିଲ କରିଥିଲେ। ଅନ୍ୟପଟେ ଏପର୍ଯ୍ୟନ୍ତ ୧୦୫ ଅତିଥି ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ଶୁକ୍ରବାର ସ୍ଥାନୀୟ ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ଜଣେ ଅଜଣା ବୃଦ୍ଧାଙ୍କ ଶବ ସତ୍କାର କରିଛନ୍ତି। ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ବୃଦ୍ଧା ଅତାବିରା ଥାନା ଲାଦେରପାଲି ଛକ ନିକଟରେ ରାସ୍ତା ଅତିକ୍ରମ କରୁଥିବାବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଘଟଣାସ୍ଥଳରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଇଥିଲା। ବୃଦ୍ଧାଙ୍କ ପରିଚୟ ମିଳି ନ ଥିବା ଯୋଗୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା। ୭୨ଘଣ୍ଟା ବିତିଯିବା ସତ୍ତ୍ୱେ ମଧ୍ୟ ପରିଚୟ ମିଳି ନ ଥିଲା। ଶୁକ୍ରବାର ଅତାବିରା ପୋଲିସ ସଂକଳ୍ପ ପରିବାରକୁ ବୃଦ୍ଧାଙ୍କ ଶବ ସତ୍କାର ପାଇଁ ଅନୁରୋଧ କରିଥିଲା। ଏହାପରେ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ପୋଲିସ ଉପସ୍ଥିତିରେ ଶବ ସତ୍କାର କରିଥିଲେ। ସ୍ୱେଚ୍ଛାସେବୀ ଶେଷଦେବ ପ୍ରଧାନ, ଦେବାଶିଷ ଡାଙ୍ଗ, ଭରତ ପଣ୍ଡା, ପିଙ୍କୁ ପଣ୍ଡା, ବିକାଶ ଅଗ୍ରୱାଲ ପ୍ରମୁଖ ଶବ ସତ୍କାରରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ଶିକ୍ଷା ସପ୍ତାହରେ ଚାରାରୋପଣ

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଜହ୍ନାପଡ଼ା ପଞ୍ଚାୟତ ବରାହମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସନ୍ତୋଷ କାଲୋ, ସହକାରୀ ଶିକ୍ଷକ ପ୍ରେମାନନ୍ଦ ସାହୁ, ସୁରେନ୍ଦ୍ର ଭୋସାଗର, ଶିକ୍ଷୟିତ୍ରୀ ଗୀତାରାଣୀ ଗଡ଼ତିଆ, ତୃପ୍ତିମୟୀ ପ୍ରଧାନଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଏବଂ ସ୍କୁଲ ପରିଚାଳନା କମିଟି ସଭ୍ୟ ସାମିଲ ଥିଲେ। ଶନିବାର ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ୨୦୦ଟି ଚାରାରୋପଣ କରାଯାଇଥିଲା। ସମସ୍ତ ଚାରାର ଯତ୍ନ ନେବା ପାଇଁ ଛାତ୍ରୀଛାତ୍ର ସଂକଳ୍ପ କରିଥିଲେ।

### ବିଦ୍ୟାଳୟରେ ସାଂସ୍କୃତିକ ସମାରୋହ

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ପାଳନ ଅବସରରେ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ସୌଦାମିନୀ ବାରିକଙ୍କ ସଂଯୋଜନାରେ ଛାତ୍ରୀଛାତ୍ର ଭକ୍ତିଗୀତ, ଶିଶୁ ଗୀତିକା, ଅଭିନୟ, ଦାସକାଠିଆ ଆଦି ପରିବେଷଣ କରିଥିଲେ। ଶିକ୍ଷକ ଅଶୋକ ଦାଶ, ଅମୂଲ୍ୟ ଭୋଇ, ରଞ୍ଜିତ ସାହୁ, ଆଲୋକ ଭୋଇ, ଶିକ୍ଷୟିତ୍ରୀ ରାଜକୁମାରୀ ଭୁଏ, ତାରାବତୀ ସାହୁ, ରଞ୍ଜୁ ବଣିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସ୍କୁଲରେ ପୋଲିସର ସଚେତନତା କାର୍ଯ୍ୟକ୍ରମ

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜର୍ଜ ହାଇସ୍କୁଲ ପରିସରରେ ସ୍ଥାନୀୟ ଟାଉନ ଥାନା ପୋଲିସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ, ଟ୍ରାଫିକ ଇନ୍ସପେକ୍ଟର ମଙ୍ଗଳ କିସ୍କୁ ପ୍ରମୁଖ ଯୋଗଦେଇ ନୂତନ ଅପରାଧିକ ଆଇନ, ସାଇବର କ୍ରାଇମ, ଟ୍ରାଫିକ ନିୟମ ଆଦି ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ଗଙ୍ଗାଧର ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ଗାଇସିଲେଟ,୨୮।୭(ଦୁର୍ଗା ପ୍ରସାଦ ତ୍ରିବେଦୀ)

ଗଙ୍ଗାଧର ସାହିତ୍ୟ ସଂସଦର ୧୧ତମ ଜୟନ୍ତୀ ପାଳନ ପାଇଁ ସଭାପତି ଦିବାକର ଯୋଷୀଙ୍କ ସଭାପତିତ୍ୱରେ ସ୍ୱରସ୍ୱତୀ ବିଦ୍ୟାମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ପାଦକ ରୁକ୍ମଣ ଦିଗ୍ରୀ, ଉପସଭାପତି ରବିନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସହସମ୍ପାଦକ ଗତ ବର୍ଷ ବିବରଣୀ ରଖିଥିଲେ। ଚଳିତବର୍ଷ ମଧ୍ୟ ଶିଶୁମନ୍ଦିରରେ ପାଳନ କରାଯିବାକୁ ସ୍ଥିରୀକୃତ ହୋଇଯାଇଛି।

## ପଡ଼ାକୁ ଆସିଲାନି ଆମ୍ବୁଲାନ୍ସ, ଖଟିଆରେ ବୁହାହେଲେ ରୋଗୀ

ପାଇକମାଳ,୨୮।୭(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ଭୁତମୁଣ୍ଡା ଗ୍ରାମର ଭିରକୁପଡାରେ ଶନିବାର ଏକ ଅଭବନୀୟ ଘଟଣା ଦେଖିବାକୁ ମିଳିଛି। ଏହି ପଡ଼ାର ବିଦ୍ୟାଧର ମାଝି(୪୬)ଙ୍କୁ ହଠାତ ଝାଡାବାନ୍ତି ହେବାରୁ ଭଗବାନ ମାଝି ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ବିଳମ୍ବରେ ଆସିଥିଲେ ମଧ୍ୟ ପଡ଼ାକୁ ଯାଇପାରି ନ ଥିଲା। ସ୍ୱେଚ୍ଛାସେବୀ ଭଗବାନ ମାଝି, ବିନୋଦ ପଟେଲ, ମାନସିଂହ ମାଝି ଓ କୁମର ମାଝି ଗୋଟିଏ ଖଟିଆରେ ଭୁତମୁଣ୍ଡା ଗାଁ ନିକଟରେ ଅଟକି ରହିଥିବା ଆମ୍ବୁଲାନ୍ସ ନିକଟକୁ ରୋଗୀଙ୍କୁ ବୋହି ଆଣିଥିଲେ। ସେଠାରୁ ତାଙ୍କୁ ନୂଆପଡା ଚିକିତ୍ସାଳୟକୁ ନିଆଯାଇଥିଲା। ଭିରକୁପଡ଼ାରେ ଆହୁରି ୩ଜଣଙ୍କୁ ଝାଡାବାନ୍ତି ହେଉଛି ବୋଲି ଭଗବାନ ମାଝି କହିଛନ୍ତି। ଏପରିକି ସେ ଆଶା କର୍ମୀଙ୍କୁ ଜଣାଇଥିଲେ ମଧ୍ୟ କେହି ଚିକିତ୍ସା ପାଇଁ ପହଞ୍ଚି ନ ଥିବା ଜଣାପଡିଛି। ପାଇକମାଳ ସଦର ମହକୁମାରୁ ଭୁତମୁଣ୍ଡା ଗ୍ରାମର ଦୂରତା ହେଉଛି ୩୦ କି.ମି. ଦୂର। ସେଠାରୁ ଭିରକୁପଡାକୁ ଆହୁରି ଏକ କି.ମି. କଞ୍ଚା ରାସ୍ତାରେ ଯିବାକୁ ପଡେ। ବର୍ଷା ଦିନ ଏହିପଡାକୁ ଗାଡି, ମଟର ଯାଇପାରେ ନାହିଁ। ପ୍ରଶାସନ ଏହାର ସୁବ୍ୟବସ୍ଥା କରିବାକୁ ଦାବି ହେଉଛି।



ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନିଆଯାଉଛି।

## ଯୌତୁକ ପ୍ରଥା ଆଲୋଚନାଚକ୍ର

ବରଗଡ଼,୨୭।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସମ୍ବିଧାନ ସୁରକ୍ଷା ମଞ୍ଚ ଏବଂ ଡଃ ଆମ୍ବେଡ଼କର ଚେରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଯୌତୁକ ପ୍ରଥା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ବିଧାନ ସୁରକ୍ଷା ମଞ୍ଚର ସଭାପତି ପବିତ୍ର ଦେହେରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରୀତି ସୁନା ମୁଖ୍ୟ ଅତିଥି, ବରଗଡ଼ ମହିଳା ସମିତିର ସଭାନେତ୍ରୀ ହରଜିନ୍ଦର କୌର, ସମ୍ପାଦିକା ଇନ୍ଦ୍ରାଣୀ ଶତପଥି, ପ୍ରମୋଦ ଅଗ୍ରୱାଲ, ଦିଲୀପ ସାୱାଡ଼ିଆ, ପ୍ରୀତମ ସିଂ, ଅଲିମ ରିଜଭି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଯୌତୁକ ପ୍ରଥା ଭଳି କୁସଂସ୍କାର ହଟାଇବା ପାଇଁ ଅତିଥିବୃନ୍ଦ ସେମାନଙ୍କ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲା ସମାଜସେବୀ ସଂଘ, ଆଚିଭର୍ସ ହେଲପିଙ୍ଗ ଫାଉଣ୍ଡେଶନ, ମହିଳା ସମିତି ଆଦି ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ସମ୍ବିଧାନ ସୁରକ୍ଷା ମଞ୍ଚର ସକ୍ରିୟ ସଦସ୍ୟ ପ୍ରକାଶ ହରିପାଲ, ଟଙ୍କଧର ମହାନନ୍ଦ, ଅଚ୍ୟୁତ ସର, ସର୍ଜନ ତାଣ୍ଡି, ଚନ୍ଦ୍ର କୁମ୍ଭାର, ଅମର ନାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦିନେଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନ ସଚେତନତା ଶିବିର




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସୋହେଲା,୨୮।୭(ଅଶ୍ୱିନୀ କୁମାର ପାତ୍ର)

ବରଗଡ ଜିଲା ସୋହେଲା କଲେଜରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଜୁଭିନାଇଲ ଜଷ୍ଟିସ ଆକ୍ଟ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତିର ଅଧ୍ୟକ୍ଷା ତଥା ସବଜଜ୍ ଚିନ୍ମୟୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମିଶ୍ର ଜୁଭିନାଇଲ ଜଷ୍ଟିସ ଆଇନ ଓ ଦଣ୍ଡବିଧାନ ତଥା ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଉପରେ ବକ୍ତବ୍ୟ ଦେଇଥିଲେ। ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ କଲେଜରେ ପାଠ ପଢ଼ିବା ସମୟ ହେଉଛି ନିଜର ଭବିଷ୍ୟତ ଗଠନ କରିବା ପାଇଁ ଉତ୍କୃଷ୍ଟ ସମୟ। ଏହି ସମୟକୁ ସଦ୍‌ବିନିଯୋଗ କରି କଠିନ ପରିଶ୍ରମ କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସାମ୍ପ୍ରତିକ ସମୟରେ ମନ ଦେଇ ପାଠ ପଢ଼ିବା ସହିତ ଛାତ୍ରୀମାନଙ୍କୁ ଆତ୍ମ ନିର୍ଭରଶୀଳ, ସାବଲମ୍ବୀ ଓ ଜ୍ଞାନ ପିପାସୁ ହେବା ପାଇଁ ମିଶ୍ର ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ବାରିକ, ମିର୍ଜା ଆକବର ବେଗ ଓ ପ୍ରମୋଦ କୁମାର ସାହୁ ତାଙ୍କ ବକ୍ତବ୍ୟରେ ବାଳ ଅପରାଧ ଆଇନ ପ୍ରଣୟନର ଆବଶ୍ୟକତା, ଆଇନର ସଂଶୋଧନ, ଶିଶୁ ସୁରକ୍ଷା ଓ ନ୍ୟାୟ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଆଡଭୋକେଟ ଅଶୋକ ବାରିକ। ଶେଷରେ ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କଲେଜର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର ଓ କର୍ମଚାରୀ ଯୋଗଦେଇଥିଲେ।

## ଶିକ୍ଷା ସପ୍ତାହର ଉଦ୍‌ଯାପନୀ ସମାରୋହ

ପାଇକମାଳ,୨୮।୭(ବଡ ଶତପଥୀ)

ବରଗଡ ନବୋଦୟ ବିଦ୍ୟାଳୟ ଭାରତ ସରକାରଙ୍କ ଦ୍ୱାରା ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ଶିକ୍ଷା ସପ୍ତାହର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସପ୍ତାହର ବିଭିନ୍ନ ଦିନର କାର୍ଯ୍ୟକ୍ରମ ବିଦ୍ୟାଳୟରେ ପୂର୍ବରୁ ସୁଚାରୁ ରୂପେ ପାଳନ କରାଯାଇଥିଲା ବେଳେ ରବିବାର ଏହାର ଉଦଯାପନୀ ଦିବସ ପାଳନ କରାଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷା ସପ୍ତାହର ବିଭିନ୍ନ ଦିବସର କାର୍ଯ୍ୟକ୍ରମ ଆଲୋଚନା କରାଯିବା ସହିତ ନବୋଦୟ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ବର୍ତ୍ତମାନର ନବୋଦୟ ବିଦ୍ୟାଳୟର କର୍ମଚାରୀ ରାଜେଶ ସାହୁ, ବିକ୍ରମ ସିଂ ତଥା ଗୋବିନ୍ଦ ପଣ୍ଡିତ ସେମାନଙ୍କ ନବୋଦୟ ଦିନକୁ ଛାତ୍ର ଛାତ୍ରୀଙ୍କ ସହିତ ସାମିଲ କରିବା ସହିତ ଭବିଷ୍ୟତରେ ଏକ ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମଳୟ କୁମାର ବିଶ୍ୱାଳ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ମାତୃପୁରୀରେ ‘ସ୍ମୃତିରେ କଲାମ’ କାର୍ଯ୍ୟକ୍ରମ

ସରଣ୍ଡା,୨୮।୭(ଯୁଧିଷ୍ଠିର ମହାପାତ୍ର)

ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ବୈଜ୍ଞାନିକ ଭାରତରତ୍ନ ଏ.ପି.ଜେ.ଅବଦୁଲ କଲାମଙ୍କ ଦଶମ ପୁଣ୍ୟ ତିଥିରେ ଲାଦରପାଲିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ମାତୃପୁରୀଠାରେ ଶନିବାର ସ୍ମୃତିରେ କଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବିଜ୍ଞାନ ପ୍ରଦର୍ଶନୀ ଓ ମନୋଜ୍ଞ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ବନ୍ଧୁ ବାହାନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଲରମ୍ଭା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ଅତାବିରା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା, ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ପ୍ରଧାନ, ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ, ଝାରସୁଗୁଡ଼ା କେନ୍ଦ୍ରୀୟ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଆଶିଷ କୁମାର ପ୍ରଧାନ, ସଭାପତି ଶେଷଦେବ ନାଏକ, ଅଧ୍ୟକ୍ଷ ଟିକେଲାଲ ଚାନ୍ଦ ପ୍ରମୁଖ ଯୋଗଦେଇଥିଲେ। ନିରଞ୍ଜନ ପଶାୟତଙ୍କ ସଂଯୋଜନାରେ ଜୟଶ୍ରୀ ନନ୍ଦଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀର ସବ ଜୁନିୟର ବିଭାଗରେ ସୋନମ, ଆସୀୟାନା, ଆର୍ଯ୍ୟମାନ, ଜୁନିୟର ବିଭାଗରେ ସିମ୍ରନ, ଶ୍ରୀୟା, ଦିପେନ୍ଦ୍ର, ସିନିୟର୍ ବିଭାଗରେ ପ୍ରିୟମ୍ବଦା, ପ୍ରିତମ ପ୍ରତ୍ୟୁଷ, ପୁରବ ଯଥାକ୍ରମେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ।କାର୍ଯକ୍ରମରେ ଅନୁଷ୍ଠାନ ର ବିଜ୍ଞାନ ବିଭାଗୀୟ ମୁଖ୍ୟ ରାମଚନ୍ଦ୍ର ପ୍ରଧାନ, ରତନ ଦୀପ, ସୁଦୀପ କୁମାର ସାହୁ, ଯୁଗଳ ସାହୁ,ମାନସ ଦାନୀ, ତିଲୋତ୍ତମା କର୍ଣ୍ଣ, ଶିଖା ଭୁଏ, ଝସକେତନ ସାହୁ ମାନସ ଭୋଇ, ଆଦିତ୍ୟ ମିଶ୍ର, ସୁନିଲ ଖମାରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଯତୀନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଣାକାରଙ୍କୁ ପ୍ରାକୃତିକ ରଙ୍ଗ ପ୍ରଶିକ୍ଷଣ

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଇମ୍ପେରିଆଲ କଲେଜରେ ପ୍ରାକୃତିକ ରଙ୍ଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏସଆଇଡିବିଆଇର କ୍ଲଷ୍ଟର ଇଣ୍ଟରଭେନସନ ପ୍ରୋଗ୍ରାମ ଅନ୍ତର୍ଗତ ବିର୍ଲା ସେଲୁଲୋଜ, ଆଦିତ୍ୟ ବିର୍ଲା ଏବଂ ଇମ୍ପେରିଆଲ କଲେଜର ମିଳିତ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ଚାଲିବ। ବରଗଡ଼ ହ୍ୟାଣ୍ଡଲୁମ କ୍ଲଷ୍ଟରର ଉନ୍ନତି ଏବଂ ପ୍ରଚାର ପାଇଁ ଏହି ଆବାସିକ କାର୍ଯ୍ୟକ୍ରମରେ ୩୦ଜଣ ବୁଣାକାର ଅଂଶଗ୍ରହଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବୁଣାକାର ମାନଙ୍କ ପାଇଁ ରାସାୟନିକ ରଙ୍ଗରୁ ପ୍ରାକୃତିକ ରଙ୍ଗକୁ ପରିବର୍ତ୍ତନ କରିବାର ଶୈଳୀକୁ ସୁବିଧାଜନକ କରିବା ସହିତ ପରିବେଶୀୟ ସ୍ୱାସ୍ଥ୍ୟହିତ ପ୍ରଣାଳୀ, ବିଭିନ୍ନତା ଏବଂ ନୂଆଁ ବଜାର ପ୍ରବେଶକୁ ପ୍ରୋତ୍ସାହନ କରିବା, ବାଉଁଶରେ ତିଆରି ସୂତା, କଦଳୀରୁ ତିଆରି ସୂତାକୁ ରଙ୍ଗ କରିବା ଉପରେ ପ୍ରଶିକ୍ଷଣ ଦିଆଯାଉଛି। ଆଇଆଇଏଚଟିର ନିର୍ଦ୍ଦେଶକ ଏମ. ଆନନ୍ଦମ, ଆଦିତ୍ୟ ବିର୍ଲାର ଭାଇସ୍ ପ୍ରେସିଡେଣ୍ଟ ପ୍ରିୟଙ୍କା ପ୍ରିୟଦର୍ଶନୀ, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ, ଇମ୍ପେରିଆଲ କଲେଜର ନିର୍ଦ୍ଦେଶକ ଦିପକ ଗୋୟଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପ୍ରଶିକ୍ଷଣ ପାଇଁ ଇମ୍ପେରିଆଲ କଲେଜ ପରିସରରେ ମଙ୍ଗାଶାଳ ଏବଂ ରଙ୍ଗଘର ମଧ୍ୟ ଉଦଘାଟିତ ହୋଇଛି।




କାର୍ଯ୍ୟକ୍ରମରେ ଆୟୋଜକ ଏବଂ ଅଂଶଗ୍ରହଣକାରୀବୃନ୍ଦ।

## ସାଧାରଣ ଜ୍ଞାନ ପ୍ରତିଯୋଗିତା

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ସାମାଜିକ ଅନୁଷ୍ଠାନ ଜନ କଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଶନିବାର ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସୂର୍ଯ୍ୟଶ୍ରୀ ଗ୍ରିନିଟି ସ୍କୁଲ ପରିସରରେ ଜନ କଲ୍ୟାଣ ସେବା ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଶିବାନନ୍ଦ ବେହେରା, ଟ୍ରଷ୍ଟର ଆଜୀବନ ସଦସ୍ୟ ବୃନ୍ଦାବନ ବେହେରା ପ୍ରମୁଖ ଯୋଗଦେଇ ସାଧାରଣଜ୍ଞାନ ପ୍ରତିଯୋଗିତା ଉପରେ ଆଲୋଚନା କରିଥିଲେ। ଟ୍ରଷ୍ଟ ପ୍ରତିଷ୍ଠାତା ମୁକୁନ୍ଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ମୁଖ୍ୟ ଗୀତା ଯାଦବ ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆସନ୍ତା ସ୍ୱାଧୀନତା ଦିବସରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ।

## କାର୍‌ଗିଲ ବିଜୟ ସ୍ମୃତିରେ ଶୋଭାଯାତ୍ରା

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ଶନିବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କାରଗିଲ ବିଜୟ ସ୍ମୃତିରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା କାର୍ଯ୍ୟକାରୀ ସଭାପତି ଡା. ଅରୂପାନନ୍ଦ ସାହୁ, ଟାଉନ ଯୁବମୋର୍ଚ୍ଚା ସଭାପତି ସୁଜିତ ସରାଫଙ୍କ ସମେତ ବହୁସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଶୋଭାଯାତ୍ରାରେ ସାମିଲ ଥିଲେ।

## ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ



ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ଚାଲିଛି।

ସରଣ୍ଡା,୨୮।୭(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକର ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଯାଞ୍ଚ ପ୍ରକ୍ରିୟା ରବିବାର ଆରମ୍ଭ ହୋଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ରବିବାର ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅତାବିରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ପ୍ରକାର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣ ପତ୍ର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗଙ୍କ ଉପସ୍ଥିତିରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀଙ୍କ ଦ୍ୱାରା କରାଯାଇଥିଲା। ନୋଡାଲ ଅଧିକାରୀ ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୭୫ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ଏଥିରେ ସିଆରସିସି ଋଷଭ ପଣ୍ଡା, ନନ୍ଦିଘୋଷ ଭୁଏ, ଧରମ ନାଏକ, ରଞ୍ଜନ ବାଗ, କୃତାର୍ଥ ଚନ୍ଦ୍ର ଭୁଏ, କିଚକ ସୁନା, ଜୟଦେବ ନାଏକ, ରାଜୀବ ବିଶାଳ ଓ ସିତାପତି ପ୍ରଧାନ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମନ୍ଦିରରୁ ଚୋରି ଅଭିଯୋଗ: ଦମ୍ପତି ଗିରଫ

ରାଉରକେଲା,୨୮।୭(ସଙ୍ଗୀତା ଜେନା)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ମନ୍ଦିର ସମେତ ୩ରୁ୪ ଟି ମନ୍ଦିରୁ ବିଭିନ୍ନ ସମୟରେ ମୋବାଇଲ ଓ ପର୍ସ ଚୋରି କରୁଥିବା ଅଭିଯୋଗରେ ରବିବାର ପୋଲିସ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉକ୍ତ ଦମ୍ପତି ହେଉଛନ୍ତି ବିକି ଶାହା(୩୨) ଓ ପୂଜା ମଣ୍ଡଳ(୩୦)। ଏ ନେଇ ପୋଲିସ ମାମଲା( ନଂ.୧୮୦/୨୪) ରୁଜୁ କରିଛି। ସେମାନଙ୍କ ନିକଟରୁ ମୋବାଇଲ ଓ ପର୍ସଗୁଡ଼ିକ ଜବତ ହୋଇଛି।

### ଧରାପଡ଼ିଲେ ଟ୍ରକ୍ ଚାଳକ

ବେଦବ୍ୟାସ/ରାଉରକେଲା, ୨୮।୭(ଆଲୋକ ସ୍ୱାଇଁ/ ସଙ୍ଗୀତା ଜେନା)

ଗତ ୨ଦିନ ପୂର୍ବେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଛକରେ ସଡ଼କ ଦୁର୍ଘଟଣା ହୋଇଥିଲା। ଏଥିରେ ବାଇକକୁ ଏକ ଟ୍ରକ ଧକ୍କାଦେଇ ଫେରାର ହୋଇଯାଇଥିଲା। ବାଇକ ଚାଳକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ବିରମିତ୍ରପୁରରୁ ଜବତ କରାଯାଇଥିବା ବେଳେ ରବିବାର ଟ୍ରକ ଚାଳକଙ୍କୁ ଗିରଫ କରାଯାଇଛି। ସେ ହେଉଛନ୍ତି ବିହାରର ଶମ୍ଭୁ ପାଣ୍ଡେ(୪୫)। ଏ ନେଇ ପୋଲିସ ମାମଲା(ନଂ.୧୭୯/୨୪) ରୁଜୁ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସାପ କାମୁଡ଼ାରେ ଯୁବକ ମୃତ

କୁଆଁରମୁଣ୍ଡା,୨୮।୭ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଚୁଟିଆଟୋଲିର ସଚିନ ଏକ୍କା(୧୭)ଙ୍କ ସାପ କାମୁଡାରେ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। କୁଆଁରମୁଣ୍ଡା ଫାଣ୍ଡି ଏଏସଆଇ ଶ୍ରୀନିବାସ ଦାସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶନିବାର ରାତିରେ ସଚିନ ଶୋଇଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ତୁରନ୍ତ ତାଙ୍କୁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ବାଇକ୍ ଚୋରି ର୍‍ୟାକେଟ୍ ଠାବ: ଜଣେ ଗିରଫ
### ୧୦ ବାଇକ୍ ଜବତ

ବେଦବ୍ୟାସ/ରାଉରକେଲା,୨୮।୭ (ଆଲୋକ ସ୍ୱାଇଁ/ସଙ୍ଗୀତା ଜେନା)

ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଏକ ବାଇକ ଚୋରି ମାମଲାରେ ତଦନ୍ତ କରି ବାଇକ ଚୋରି ରାକେଟ ଠାବ କରିଛି। ଏଥିରେ ଜଣଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୧୦ଟି ବାଇକ ଜବତ ହୋଇଛି । ଅଭିଯୁକ୍ତ ହେଉଛନ୍ତି କିଂଜିରକେଲାର ସୁନୀଲ ଆଚାର୍ଯ୍ୟ (୪୦)। ସେ ଜଣେ ଗାଡି ମିସ୍ତ୍ରୀ। ଏ ନେଇ ପୋଲିସ ମାମଲା(ନଂ.୧୭୮/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଗତ ୨୩ ତାରିଖରେ ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କର ବାଇକ ଚୋରି ହୋଇଥିଲା। ସେ ଥାନାରେ ଏତଲା ଦେଇଥିଲେ। ଏହାର ତଦନ୍ତ ସମୟରେ ସୁନୀଲଙ୍କୁ ଧରାଯାଇଥିଲା। ତାଙ୍କୁ ପଚରାଉଚୁରା କରିବାରୁ ସେ ବିଭିନ୍ନ ସମୟରେ ବାଇକ ଚୋରି କରି ନେଇ ଅନ୍ୟତ୍ର ବିକ୍ରି କରୁଥିବା ସ୍ୱୀକାର କରିଥିଲେ।

### ନୀଳଚକ୍ର ପକ୍ଷରୁ ଶୋକସଭା

ରାଜଗାଙ୍ଗପୁର,୨୮।୭(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ନୀଳଚକ୍ର ଶାଖା ପକ୍ଷରୁ ସହରର ବହୁ ପ୍ରତିଷ୍ଠିତ,ବରିଷ୍ଠ ଡାକ୍ତର ତଥା ନୀଳଚକ୍ରର ଉପଦେଷ୍ଟା ଡାକ୍ତର ହରେକୃଷ୍ଣ ପଣ୍ଡାଙ୍କ ଏକାଦଶାହ ଦିନ ନୀଳଚକ୍ରର ଲିପଲୋଇ ସ୍ଥିତ କାର୍ଯ୍ୟାଳୟରେ ସଭାପତି ସଶିରେଖା ସାମଲଙ୍କ ପୃଷ୍ଠପୋଷକତାରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଡାକ୍ତରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ ଓ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

# ଗୋଟିଏ ସ୍କୁଲର ପିଲା ପଢୁଛନ୍ତି ଅନ୍ୟ ଜାଗାରେ


ଛାତରୁ ପ୍ଲାଷ୍ଟର ଖସିଛି।


ଟୁଙ୍ଗରିପଡ଼ା ପ୍ରାଥମିକ ବିଦ୍ୟାଳୟରେ ତାଲା ପଡିଛି।


ଶ୍ରେଣୀଗୃହରେ ଜାଳେଣିକାଠ ଓ ଅନ୍ୟାନ୍ୟ ସାମଗ୍ରୀ ରହିଛି।

କୁତ୍ରା,୨୮।୭(ଦେବାଶିଷ ସାହୁ)

**ଶୋଚନୀୟ ଟୁଙ୍ଗରିପଡ଼ା ପ୍ରାଥମିକ ବିଦ୍ୟାଳୟ**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ କଟଙ୍ଗ ପଞ୍ଚାୟତ ଟୁଙ୍ଗରିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଶ୍ରେଣୀ ଗୃହ ଛାତରୁ କଂକ୍ରିଟ ଖସୁଥିବାରୁ ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସେଠାରୁ ୨ କିଲୋମିଟର ଦୂରରେ ଥିବା ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇ ପାଠ ପଢ଼ାଯାଉଛି। ଏହି ପୁରାତନ ବିଦ୍ୟାଳୟ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା ବେଳେ ପ୍ରଥମ ଶ୍ରେଣୀରୁ ପଞ୍ଚମ ପର୍ଯ୍ୟନ୍ତ ୨୬ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୨ ଜଣ ଶିକ୍ଷୟିତ୍ରୀ ପାଠ ପଢ଼ାଇବା ପାଇଁ ନିଯୁକ୍ତ ଅଛନ୍ତି। ବିଦ୍ୟାଳୟରେ ୨ଟିଶ୍ରେଣୀ ଗୃହ ସହ ଗୋଟିଏ ଅଫିସ ଓ ରୋଷେଇ ଗୃହ ରହିଛି। ହେଲେ ଶ୍ରେଣୀ ଗୃହ ସମେତ ଅଫିସ ଓ ରୋଷେଇ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଛାତରୁ କଂକ୍ରିଟ ଖସି ବିପଦ ସୃଷ୍ଟି କରୁଛି। ଯାହାକୁ ଦୃଷ୍ଟିରେ ରଖି ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ଅସ୍ଥାୟୀ ଭାବେ ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇ ପାଠ ପଢ଼ାଯାଉଛି। ତେବେ ସେଠାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଏଠାରେ ୨ଟି କଠୋରି ଦିଆଯାଇଥିବା ବେଳେ ଗୋଟିଏରେ ୩ ଟି ଶ୍ରେଣୀର ଛାତ୍ରୀଛାତ୍ର ଓ ଆଉ ଗୋଟିଏ କଠୋରିରେ ୨ଟି ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏହା ସହିତ ଶ୍ରେଣୀ ଗୃହରେ କାଠ ରହିବା ସହିତ ଅଫିସ କାର୍ଯ୍ୟ ମଧ୍ୟ ହେଉଛି। ଏହାକୁ ଦୃଷ୍ଟିରେ ରଖି ୨୦୨୩-୨୪ ଶିକ୍ଷା ବର୍ଷରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ୭ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ବର୍ତ୍ତମାନର ସମୟରେ ଏହି ବିଦ୍ୟାଳୟର ଥିବା ୧୧ ଡିସିମିଲ ଜମିରୁ କିଛି ଜମି ବିଦ୍ୟାଳୟ ନିକଟରେ ଥିବା ଏକ ଅନୁଷ୍ଠାନ ତଥା ଅନ୍ୟମାନେ ଅକ୍ତିଆର କରି ରଖିଛନ୍ତି। ଯାହାଫଳରେ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ସମ୍ଭବ ହେଉ ନ ଥିବା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି। ଏନେଇ ବିଇଓ ଅଶୋକ କୁମାର ଲାକ୍ରାଙ୍କୁ ପଚାରିବାରୁ, ଏହି ସମସ୍ୟାକୁ ନେଇ କୁତ୍ରା ବିଡିଓଙ୍କୁ ଜଣାଇଛୁ। ନୂତନ ଗୃହ ନିର୍ମାଣ କରିବା ପାଇଁ ଯଥାଶୀଘ୍ର ପ୍ରୟାସ କରିବେ ବୋଲି କହିଛନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶାଳଙ୍କୁ ପଚରାଯିବାରୁ, ଏଠାରେ ଥିବା ଜମି ବିବାଦ ଯୋଗୁ ଗତ ଶିକ୍ଷା ବର୍ଷରେ ମଞ୍ଜୁର ହୋଇଥିବା ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରାଯାଇପାରି ନ ଥିବା ପ୍ରକାଶ କରିଛନ୍ତି। ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଦ୍ୟାଳୟର ଜମି ଚିହ୍ନଟ ପାଇଁ ରାଜସ୍ୱ ବିଭାଗରେ ଆବେଦନ କଲାପରେ ଜମି ବିବାଦର ସମାଧାନ ସହ ମଞ୍ଜୁର ହୋଇଥିବା ଶ୍ରେଣୀ ଗୃହ ସମେତ ଆବଶ୍ୟକ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସରକାର ପାଠପଢ଼ା ନିମନ୍ତେ ବିଦ୍ୟାଳୟର ଭିତ୍ତିଭୂମି ପ୍ରତି ଗୁରୁତ୍ୱ ଦେଉଥିବା ବେଳେ ଏଭଳି ପରିସ୍ଥିତିରେ ବନ୍ଦ ପଡିଥିବା କଟଙ୍ଗ ଟୁଙ୍ଗରିପଡା ବିଦ୍ୟାଳୟର ପୁନଃରୁଦ୍ଧାର କରିବା ପାଇଁ ପ୍ରଶାସନ ଓ ଶିକ୍ଷା ବିଭାଗ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଛାତ୍ରୀଛାତ୍ର ତଥା ଅଭିଭାବକ ମହଲରୁ ଦାବି ହେଉଛି।

## ଉପବାଚସ୍ପତିଙ୍କୁ ଜିଲା ଓକିଲ ସଂଘ ତରଫରୁ ସମ୍ବର୍ଦ୍ଧନା


ଜିଲା ଓକିଲ ସଂଘ ପକ୍ଷରୁ ଉପବାଚସ୍ପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସୁନ୍ଦରଗଡ,୨୮।୭ (ଜୟ ନାରାୟଣ ମେଣ୍ଟୁଲି)

ବିଧାନସଭାର ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କୁ ରବିବାର ସୁନ୍ଦରଗଡ ଜିଲା ଓକିଲ ସଂଘ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉପବାଚସ୍ପତି ଭୋଇ ତାଙ୍କ ସୁନ୍ଦରଗଡ ଗସ୍ତ ଅବସରରେ ସ୍ଥାନୀୟ ସାର୍କିଟ ହାଉସଠାରେ ଜିଲା ଓକିଲ ସଂଘ ଉପ ସଭାପତି ନିରଜ ସାମନ୍ତରା, ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ବାଦଲ ଚୌଧୁରୀ, ଏକଜିକ୍ୟୁଟିଭ ସଦସ୍ୟ ପ୍ରେମ କୁମାର, ଗୌତମ ହାତୀ ସମେତ ବରିଷ୍ଠ ଆଇନଜୀବୀ କିଶୋର ନାଏକ, କମଳ ଲୋଚନ ସେନ, ସୁରେନ୍ଦ୍ର ନାରାୟଣ ନାଏକ,ପ୍ରଦୀପ ମହାନ୍ତି, ସୁକାନ୍ତ ମହାପାତ୍ର, ଅରୁଣ ପଟେଲ, ନନ୍ଦଲାଲ ପଟେଲ, ସତ୍ୟଜିତ ନାଏକ, ଉମା ଶଙ୍କର ପଟେଲ, ପ୍ରିତିଶ ମିଶ୍ର, ବିକାଶ ନାରାୟଣ ନାଏକ, ଗଣେଶ ନାଏକ, ସୁଶାନ୍ତ ପାଣ୍ଡେ, ନରେଶ ଶତପଥି, ଅଭିଳାଷ ପଣ୍ଡା, ବବିତା ସୁନ୍ଦରୀ ଦାସ, ସୁପ୍ରଭା ପଟେଲ,ପୌଶାଳୀ ବାରିକ,ଯାଜ୍ଞସେନି ନାଏକ, ବାସନ୍ତୀ ବାରିକ,ମଞ୍ଜୁ ପଟେଲ ସମେତ ଅନ୍ୟ ସଦସ୍ୟମାନେ ତାଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇଥିଲେ।

## ସାପ କାମୁଡ଼ା ପ୍ରତିକାର ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ,୨୮।୭ (ଜୟ ନାରାୟଣ ମେଣ୍ଟୁଲି)


ସାପ କାମୁଡାର ପ୍ରତିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତା।

ସ୍ଥାନୀୟ ମାହେଶ୍ୱରୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନରେ ସାପ କାମୁଡାର ପ୍ରତିକାର ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବିଭାଗ ଦ୍ୱାରା ଆୟୋଜିତ ଓ ଅନୁଷ୍ଠାନର ଚେୟାରମ୍ୟାନ ଫକୀର କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯଶୋଦା ବିଷ୍ଣୁ ମହାବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗର ଅଧ୍ୟାପକ ତଥା ସରୀଶୃପ ବିଶେଷଜ୍ଞ ଡ. କେଦାର ନାଥ ପଟେଲ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସାପକାମୁଡାରୁ ରକ୍ଷା ପାଇବା ପାଇଁ ଆଶ୍ୟକ ସତର୍କତା ଓ ପ୍ରତିକାର ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଏହିକାର୍ଯ୍ୟକ୍ରମରେ ଅନୁଷ୍ଠାନର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହି ସଚେତନତାର ଶପଥ ନେଇଥିଲେ। ଏଥିସହ ଏହି କାର୍ଯ୍ୟକ୍ରମରେ ସାମାଜିକ କ୍ଷେତ୍ରରେ ସାପମାନଙ୍କର ସୁରକ୍ଷା ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

## ଟ୍ରକ୍‌କୁ ଧକ୍କା ଦେଲା ଟ୍ରକ୍: ଚାଳକ ମୃତ

ଲହୁଣୀପଡା,୨୮।୭(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଚୁନା ଘାଟିଠାରେ ରବିବାର ବ୍ରେକ ଡାଉନ ହୋଇ ଛିଡା ହୋଇଥିବା ଟ୍ରକ ପଛରେ ଅନ୍ୟ ଏକ ଟ୍ରକ ଧକ୍କା ଦେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ହେଲେ ଅଜୟ କୁମାର ଭୂୟାଁ। ସୂଚନାରୁ ପ୍ରକାଶ, କୋଇଡା ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଓ -୧୪ଏସ -୨୯୭୮ ଟ୍ରକଟି ଲହୁଣୀପଡା ପଟେ ଆସୁଥିବା ବେଳେ ଚୁନା ଘାଟିଠାରେ ବ୍ରେକଡାଉନ ହୋଇ ଛିଡା ହୋଇଥିଲା। କୋଇଡା ଖଣି ଅଞ୍ଚଳରୁ ଓ -୦୯କେ -୦୬୭୨ ଲୁହାପଥର ବୋଝେଇ ଟ୍ରକ ଲହୁଣୀପଡା ପଟେ ଆସୁଥିବା ବେଳେ ଚୁନା ଘାଟିଠାରେ ବ୍ରେକ ଡାଉନ ହୋଇ ଛିଡା ହୋଇଥିବା ଟ୍ରକର ପଛରେ ଶକ୍ତ ଧକ୍କା ଦେଇଥିଲା। ଫଳରେ ଧକ୍କା ଦେଇଥିବା ଟ୍ରକର କ୍ୟାବିନଟି ଛିଡା ହୋଇଥିବା ଟ୍ରକର ପଛରେ ପଶି ଯାଇଥିଲା। ଚାଳକ ଅଜୟ କ୍ୟାବିନ ଭିତରେ ଚାପି ହୋଇ ହୋଇଯାଇଥିଲେ। ଖବରପାଇ କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ କ୍ୟାବିନକୁ କାଟି ମୃତ ଚାଳକଙ୍କୁ ଉଦ୍ଧାର କରିଥିଲା। ପୋଲିସ ମୃତଦେହ ଜବତ କରି ବଣେଇ ଉପଖଣ୍ଡ ଚିକିତ୍ସାଳୟ ମର୍ଗ ହାଉସରେ ରଖିଥିବା ଜଣାପଡିଛି। ମୃତ ଚାଳକ ଝାରଖଣ୍ଡ ଅଞ୍ଚଳର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ତେଲିପୋଷରେ କୃଷକ ସଚେତନତା କାର୍ଯ୍ୟକ୍ରମ



କୃଷି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମାବସୀ।

କୁଆଁରମୁଣ୍ଡା,୨୮।୭ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ କୃଷି କାର୍ଯ୍ୟାଳୟ ଅଧୀନ ତେଲିପୋଷ ଗ୍ରାମରେ କୃଷକ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କୃଷି କାର୍ଯ୍ୟାଳୟ ଓଭରସୀୟର ସୁଦେଷ୍ଣା ନାଏକ ଯୋଗଦେଇ କୃଷି ଓ କୃଷକମାନଙ୍କର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଫସଲ ବୀମା, ଉଠା ଜଳସେଚନ, ଫସଲ ବିବିଧିକରଣ ଉପରେ ଆଲୋଚନା କରିଥିଲେ। ଏଥିରେ ରମେଶ ସେଠୀ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ କୃଷକ ଏଥିରେ ଅଂଶ ଗ୍ରହଣ କରି କୃଷି ଯୋଜନା ଉପରେ ସଚେତନ ହୋଇଥିଲେ।

## ଶକ୍ତିକ୍ଲବରେ ଅଧାରେ ବନ୍ଦ ହେଲା ଏଜିବି

ରାଉରକେଲା, ୨୮।୭(ସଙ୍ଗୀତା ଜେନା)

ଶକ୍ତିନଗରେ ସ୍ଥିତ ଶକ୍ତିକ୍ଲବ ଆଣ୍ଡ୍ ସୋଶିଆଲ ହୋମ୍‌ରେ ରବିବାର ସନ୍ଧ୍ୟାରେ ବାର୍ଷିକ ସାଧାରଣ ବୈଠକ(ଏଜିବି) ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲବର ସମସ୍ତ ସଦସ୍ୟ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ହେଲେ ଏଥିରେ ୨ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ହେବା ଯୋଗୁ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା। ପ୍ରବଳ ପାଟିତୁଣ୍ଡ ପରେ ଉଭୟ ଗୋଷ୍ଠୀ କ୍ଲବର ଅଫିସ୍, ମୁଖ୍ୟଦ୍ୱାରରେ ତାଲା ପକାଇ ଦେଇଥିଲେ। ଥାନାରେ ଏ ନେଇ ଏତଲା ଦିଆଯିବ ବୋଲି କୁହାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଶକ୍ତିକ୍ଲବରେ ଏଜିବିରେ ସଭାପତି ଓ ଅନ୍ୟମାନେ ବକ୍ତବ୍ୟ ପ୍ରଦାନ କରଥିଲେ। ସେହି ସମୟରେ ଅପରଗୋଷ୍ଠୀ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପରେ ବିବାଦ ଆରମ୍ଭ ହୋଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ରାତି ୧୦ଟା ସୁଦ୍ଧା ସେକ୍ଟର-3 ଥାନାରେ କୌଣସି ଏତଲା ଉଭୟ ପକ୍ଷରୁ ହୋଇ ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଉକ୍ତ କ୍ଲବରେ ନୂତନ କମିଟି ଗଠନ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। ଏ ନେଇ ପୂର୍ବରୁ ବିବାଦ ରହିଛି।

## ୨ ଜଣଙ୍କୁ ମରଣାନ୍ତକ ଆକ୍ରମଣ: ୩ ଗିରଫ

ନୂଆପଡା,୨୮।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆର ରୋଡ ସହର ବଜାରପଡାଠାରେ ଗତ ଶୁକ୍ରବାର ଦୁଇ ଜଣ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଜୋଙ୍କ ଥାନାରେ ଅଭିଯୋଗ ହୋଇଛି। ଏନେଇ ଜୋଙ୍କ ଥାନାରେ ୫ ଜଣଙ୍କ ନାମରେ ଏକ ମାମଲା ରୁଜୁ କରି ପୋଲିସ ଜଣେ ଯୁବକ ଓ ୨ ଜଣ ନାବାଳକ ମୋଟ ୩ ଜଣଙ୍କୁ ଗିରଫ କରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଫେରାର ୨ଜଣଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଗତ ଶୁକ୍ରବାର ଅପରାହ୍ନ ସାଢେ ତିନିଟାରେ ଖରିଆର ରୋଡ ଡୁମେରଡିହି ୱାର୍ଡ ନଂ-୧୬ ର ପିଲୁଲାଲ ସାହୁ (୬୦) ଓ ସାନ ଭାଇଙ୍କ ପୁଅ ଦେଓଲାଲ ସାହୁ (୩୦) ବଜାରପଡା ସ୍ଥିତ ପ୍ରାଥମିକ କୃଷି ସେବା ସମବାୟ ସମିତିଙ୍କୁ ଖରିଫ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିବା ଲାଗି ଆସି ଲାଇନରେ ଛିଡା ହୋଇଥିଲେ। ସେହି ସମୟରେ ପିଲୁଲାଲଙ୍କ ପୁଅ ରାଜେଶ ସାହୁ (୩୮) ଏକ ବାଇକରେ ବଜାରପଡା ପଟେ ଆସୁଥିଲେ। ରାଜେଶକୁ ଦେଖିଲା ପରେ ବଜାରପଡାର ୫ ଜଣ ଯୁବକ ବାଇକକୁ ଅଟକାଇ ରାଜେଶ ସହିତ କଥା କଟାକଟି ହୋଇ ମାରଣାଅସ୍ତ୍ର ଦେଖାଇଥିଲେ । ସେହି ସମୟରେ ପିଲୁଲାଲ ଓ ଦେଓଲାଲ ରାଜେଶକୁ ମାରି ଦେଉଛନ୍ତି ବୋଲି ଘଟଣା ସ୍ଥଳରେ ପହଞ୍ଚିଲା ପରେ ରାଜେଶକୁ ଛାଡି ଦେଇ ପିଲୁଲାଲ ଓ ଦେଓଲାଲ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ପିଲୁଲାଲର ବାମ ଗୋଡରେ ୩ ଚୋଟ, ବାମ ହାତ, ପଞ୍ଜରା ଓ ମୁହରେ ଛୁରା ମାଡ ହୋଇଥିବା ବେଳେ ଦେଓଲାଲଙ୍କ ପେଟ, ଛାତି, ହାତ ଓ ମୁହରେ ଛୁରା ମାଡ ହୋଇଛି। ଦୁଇ ଜଣ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଆକ୍ରମଣ ସମୟରେ ପିଲୁଲାଲଙ୍କ ପକେଟରେ ଥିବା ଟଙ୍କା ଓ ବେକରେ ପିନ୍ଧିଥିବା ସୁନା ଚେନକୁ ଅଭିଯୁକ୍ତମାନେ ଛଡାଇ ନେଇ ଜୀବନରେ ମାରି ଦେବା ପାଇଁ ଧମକ ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ଜୋଙ୍କ ଥାନାରେ ଏକ ମାମଲା (ନଂ. ୧୫୦/୨୦୨୪) ରୁଜୁ ହୋଇଛି।

## ଗଛ ପଡ଼ି କୋମନା-ବଲାଙ୍ଗୀର ରାସ୍ତା ବନ୍ଦ


ରାସ୍ତା ଉପରେ ଗଛ ପଡି ଅବରୋଧ ହୋଇଛି।

ନୂଆପଡ଼ା/କୋମନା,୨୮।୭ (ମକାରୁ ବେମାଲ/ସୋବିନ ଛତ୍ରିଆ)

ଲଘୁଚାପ ଜନିତ ଲଗାଣ ବର୍ଷାରେ ଶନିବାର କୋମନା-ବଲାଙ୍ଗୀର ରାସ୍ତା ବୃନ୍ଦିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁଠାରେ ଅପରାହ୍ନ ୫ଟାରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ଖବରପାଇ କୋମନା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତାକୁ ସ୍ୱାଭାବିକ କରିବା ପାଇଁ ଆପ୍ରାଣେ ଉଦ୍ୟମ କରି ରାତ୍ରି ପ୍ରାୟ ୮ଟାରେ ସାରିଛନ୍ତି। ପ୍ରାପ୍ତ ସୁଚନା ଅନୁଯାୟୀ ଅପରାହ୍ନ ପ୍ରାୟ ୫ଟାରେ ବର୍ଷା ପବନରେ ଡୋଙ୍ଗରିପାଲି ଗାଁ ସ୍କୁଲ ସମ୍ମୁଖରେ ରାସ୍ତା କଡରେ ଥିବା ବହୁ ପୁରାତନ ପିପଲ ଗଛ ଚେରରୁ ଉପାଡି ହୋଇ ରାସ୍ତା ଉପରେ ପଡିଥିଲା। ଫଳରେ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇପଡିଥିଲା। ଅନେକ ଗାଡି ମୋଟର ଅଟକି ରହିବା ସହ ଲୋକେ ମଧ୍ୟ ଯାଇପାରୁ ନ ଥିଲେ। ଏହି ରାସ୍ତା ୩୫୩ ନମ୍ବର ଜାତୀୟ ରାଜପଥ କୋମନା ଠାରୁ ଲାଠୋର, ପାଟଣାଗଡ ଦେଇ ବଲାଙ୍ଗିରକୁ ସଂଯୋଗ କରିଛି। ରାସ୍ତାରେ ଗଛ ପଡି ଯିବାରୁ ଯାତାୟାତ ବନ୍ଦ ହୋଇ ଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଏହି ଗଛ ପାଖରୁ ଘର ମାନ ରହିଛି। ଘର ଉପରେ ନ ପଡି ରାସ୍ତା ଉପରେ ଗଛ ପଡିବାରୁ କୌଣସି ଧନ ଜୀବନ କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି। କୋମନା ଅଗ୍ନିଶମ ବିଭାଗ କର୍ମଚାରୀ ହାବିଲଦାର ଚିନ୍ତାମଣି ଜଟି, ଅଜିତ କର, ହେମ ସାଗର ହାତି, ବିଶ୍ୱମ୍ଭର ପ୍ରଧାନ, ନରେଶ ବାରାଣ୍ଡିଆ, ହେମନ୍ତ କୁମାର ପରିଡା ପ୍ରମୁଖ ଗଛ କାଟି ରାସ୍ତାକୁ ସ୍ୱାଭାବିକ କରିବା ପାଇଁ ଆପ୍ରାଣ ଚେଷ୍ଟା କରି ରାସ୍ତାରୁ ହଟାଇଥିଲେ।

## ୩୦ରେ ଜିଲାପାଳଙ୍କ ଅଫିସ ଆଗରେ ବିରାଟ ଜନସମାବେଶ

ଭବାନୀପାଟଣା,୨୮।୭(ଉତ୍ତମ କୁମାର ଦାଶ)

ରାଜ୍ୟ ସରକାରଙ୍କ ଉଚ୍ଛେଦ ବିଜ୍ଞପ୍ତିକୁ ପ୍ରତ୍ୟାହାର ଓ ଦୀର୍ଘ ବର୍ଷରୁ ରହି ଆସୁଥିବା ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ଆସନ୍ତା ୩୦ରେ କଳାହାଣ୍ଡି ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ବିରାଟ ଜନସମାବେଶ ଆୟୋଜନ କରିବ ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି। ଏ ନେଇ ରବିବାର ଭବାନୀପାଟଣାସ୍ଥିତ ବୟନିକା ନିକଟରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ୨୦୧୬ରୁ ବସ୍ତି ବାସିନ୍ଦାଙ୍କ ପାଇଁ ଆନ୍ଦୋଳନ କରିଆସୁଛି। ଗତ ଜୁଲାଇ ୬ରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରତ୍ୟେକ ଜିଲାପାଳଙ୍କୁ ଏକ ଚିଠି ଦେଇଛନ୍ତି। ଏଥିରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସରକାରୀ ଜମିରେ ବସବାସ କରୁଥିବା ବ୍ୟକ୍ତି ବା ପରିବାର ସ୍ଥାନଗୁଡିକୁ ଚିହ୍ନଟ କରି ଉଚ୍ଛେଦ କରିବା ସହ ଉକ୍ତ ଜମିଗୁଡିକୁ ସରକାର ନିଜର ଅକ୍ତିଆରକୁ ନେବା ପାଇଁ ଦର୍ଶାଇଛନ୍ତି। ଏହା ଯୋଗୁ ଅନେକ ପରିବାର ବେଘର ହେବାର ଆଶଙ୍କା ରହିଛି। ଲୋକଙ୍କ ନ୍ୟାୟ ପାଇଁ ୩୦ରେ ଜନସମାବେଶ ଜିଲାପାଳଙ୍କ ଅଫିସ ଆଗରେ ଆୟୋଜନ କରାଯାଇ ପ୍ରତିବାଦ କରାଯିବ ବୋଲି ସମିତିର ସଭାପତି ବିଜୟ ସାହୁ ପ୍ରକାଶ କରିଛନ୍ତି।

## ଅନ୍ୱେଷା ପକ୍ଷରୁ ମାସିକିଆ ମାଗଣା ହାଟ ପ୍ରଦର୍ଶିତ

ରାଉରକେଲା,୨୮।୭(ଦିନେଶ ମିଶ୍ର)

ରାଉରକେଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଅନ୍ୱେଷା ପକ୍ଷରୁ ଛେଣ୍ଡ ସ୍ଥିତ ଧାମରା ବସ୍ତିରେ ୧୦୩ତମ ମାସିକିଆ ମାଗଣା ହାଟ ରବିବାର ପ୍ରଦର୍ଶିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ତତ୍ତ୍ୱବଧାନରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷାବିତ ଶଶଧର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅସହାୟ ଲୋକଙ୍କ ପ୍ରତି ଏଭଳି ନିସ୍ୱାର୍ଥ ସେବାକୁ ନେଇ ଅତିଥି ପଣ୍ଡା ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ବେଶ ପ୍ରଶଂସା କରିଥିଲେ। ଏହି ହାଟରେ ବର୍ଷା ଦିନ ହୋଇଥିବାରୁ ଛତା,ରେନିକୋଟ ସାଙ୍ଗକୁ ଶାଢ଼ୀ, ସାର୍ଟ, ପ୍ୟାଣ୍ଟ ଓ ବହୁ ଅନ୍ୟାନ୍ୟ ସାମଗ୍ରୀ ପଦର୍ଶିତ ହୋଇଥିଲା। ଏହି ହାଟରେ ଧାମରା ବସ୍ତିର ବହୁ ବସ୍ତିବାସୀ ଯୋଗଦେଇ ନିଜର ଆବଶ୍ୟକୀୟ ଅନୁଯାୟୀ ସାମଗ୍ରୀ ମାଗଣାରେ ପସନ୍ଦ କରି ନେଇଥିଲେ। ବସ୍ତିର ୧୫୦ରୁ ଉର୍ଦ୍ଧ୍ୱ ଲୋକ ଲାଭ ପାଇଥିଲେ। ଏହି ହାଟରେ ପଦର୍ଶିତ ହୋଇଥିବା ଶିଶୁମାନଙ୍କ ଆକର୍ଷଣୀୟ ପୋଷାକ କାଉଣ୍ଟରେ ବେଶ ଭିଡ ଦେଖିବାକୁ ମିଳଥିଲା। ଏହି କାର୍ଯ୍ୟକ୍ରମକୁ ଅନ୍ୱେଷାର ଉପସଭାପତି ରଶ୍ମିତା ପଣ୍ଡା, କୋଷାଧ୍ୟକ୍ଷ ଦିବାକର ଦାସ, ତରୁଲତା ସାମଲ, ରୋବର୍ଟ ହାଇଫିଲ, ଚନ୍ଦ୍ର ଜେନା, ପ୍ରମୋଦିନୀ ତ୍ରିପାଠୀ, ମାନସୀ ପରିଡା, ମଞ୍ଜୁ ମହୋତୋ, ସନ୍ଧ୍ୟାରାଣୀ ନାଥ, ପଦ୍ମାବତୀ ପଲେଇ, ଅଜୟ ନାୟକଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।


ହାଟରେ ଉପସ୍ଥିତ ଗ୍ରାମବାସୀ ଓ ଅନ୍ୟମାନେ।

**ସଂକ୍ଷେପରେ**

## ସିନ୍ଦୂରପଙ୍କ ରାଜପଥ କଡ଼ରେ ଚାରାରୋପଣ

**ସମ୍ବଲପୁର,୨୮।୭(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସିନ୍ଦୁରପଙ୍କଠାରେ ୫୩ ନମ୍ବର ଜାତୀୟ ରାଜପଥ କଡରେ ଶନିବାର ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଚାରାରୋପଣ କରିଥିଲେ। ରାଜପଥ ପ୍ରଧିକରଣ ସହଯୋଗରେ ସ୍ଥାନୀୟ ଜନାର୍ଦ୍ଦନ ପୂଜାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ରାଜପଥ କଡରେ ଚାରାରୋପଣ ଏବଂ ଡିଭାଇଡର ମଝିରେ ଫୁଲଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନଏଚ ପ୍ରକଳ୍ପ ନିର୍ଦ୍ଦେଶକ ଡି.ଏସ.ଚୌଧୁରୀ, ଜି.ତମାଙ୍ଗ, ଚାରାରୋପଣ ଅଧିକାରୀ ପ୍ରୀୟଙ୍କା ପଧାନ, ସିନ୍ଦୁରପଙ୍କର ବରିଷ୍ଠ ନାଗରିକ ରାମସାଗର ସାହୁ, ରାଜେଶ ପ୍ରଧାନ, ଭବାନୀ ସୋହେଲାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସୁରକ୍ଷା ନେଇ ସଚେତନତା ବୃଦ୍ଧି କରିବାକୁ ବିଦ୍ୟାଳୟକୁ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ରାଜପଥ ପ୍ରଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତି ଅନାବରଣ

- ସମ୍ବଲପୁରୀ ଅସ୍ମିତାର ବାଟ କଢୁଆଲ ଗୁରୁ ସତ୍ୟ ନାରାୟଣ ବହିଦାର ପୁସ୍ତକ ଉନ୍ମୋଚିତ
- ସମ୍ବଲପୁରୀ ନନୀ, ରଙ୍ଗୋଲି, ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର,୨୮।୭(ବି.ଶଙ୍କର)**

ସମ୍ବଲପୁରୀ ଦିନର ଅବ୍ୟବହତି ପୂର୍ବରୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜନରେ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତି ରବିବାର ଅନାବରଣ ହୋଇଛି। ସମ୍ବଲପୁର ଜେଲଛକ ନିକଟସ୍ଥ ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଉଦ୍ୟାନଠାରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ, ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବରଗଡ଼ ଲୋକ ସଭା ଏମପି ପ୍ରଦୀପ କୁମାର ପୁରୋହିତ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ଡ. ମୃଦୁଲା ଠାକୁର, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏଥିସହ ଦେବନାଗରୀ ଲିପିରେ ସମ୍ବଲପୁରୀ ଅସ୍ମିତାର ବାଟ କଢୁଆଲ ଗୁରୁ ସତ୍ୟ ନାରାୟଣ ବହିଦାର ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୁସ୍ତକର ପ୍ରକାଶିକା ଡଲିମା ଭୋଇଙ୍କ ସମେତ ସମ୍ବଲପୁର ସମେତ ବିଭିନ୍ନ ଜିଲାର ସାମାଜିକ ଅନୁଷ୍ଠାନର ସଦସ୍ୟା ସଦସ୍ୟମାନେ ସାମିଲ ହୋଇଥିଲେ। ଏଥିସହ ତପସ୍ୱିନୀ ପ୍ରେକ୍ଷାଳୟଠାରେ ସମ୍ବଲପୁରୀ ନନୀ କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରିଥିଲେ।

ସମ୍ବଲପୁରୀ ଦିନର ସଂଯୋଜକ ଡ. ପ୍ରମୋଦ ରଥଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଜିଲା ସଂଯୋଜକ ଦେବାଶିଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବଲପୁର ଜିଲା କାର୍ଯ୍ୟକ୍ରମ ସଂଯୋଜକ ନିଶିକାନ୍ତ ବିଶ୍ୱାଳ ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ସତ୍ୟ ନାରାୟଣ ସାହୁ ପ୍ରତିଯୋଗିତାର ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ବରଗଡ଼, ବଲାଙ୍ଗୀର, ଝାରସୁଗୁଡା, ଦେବଗଡ଼ରୁ ୬୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ନୃତ୍ୟ ନିର୍ଦ୍ଦେଶକ ମାଷ୍ଟରପ୍ରେମ, ନାଟ୍ୟଶ୍ରୀ ଗୁରୁ ସତ୍ୟ ରଞ୍ଜନ ବେହେରା, ନୃତ୍ୟ ନିର୍ଦ୍ଦେଶକ ଗୁରୁ ରଣଜିତ ସାହୁ ବିଚାରକ ଭାବରେ ଦାୟିତ୍ୱ ତୁଲାଇଥିଲେ। ଜୁନିୟର, ସବ ଜୁନିୟର ଏବଂ ସିନିୟର ବର୍ଗରେ ପ୍ରତିଯୋଗିତା ହୋଇଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫୁଲ୍ଲ ହୋତା, ଶଶାଙ୍କ ଶେଖର ପଣ୍ଡା, ଡ.ଶ୍ୟାମ ସୁନ୍ଦର ଧର, ପୂର୍ବତନ ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ସଙ୍ଗୀତଜ୍ଞ ତୁଳାରାମ କାଲେତ, ଗୋପୀନାଥ ଷଡଙ୍ଗୀ, ଦାଶରଥି ସାହୁ, ଡ.ପରେଶ ଦାନୀ, ପୂର୍ଣ୍ଣାନନ୍ଦ ଦାନୀ, କାର୍ତ୍ତିକ ପ୍ରସାଦ ବହିଦାର, ପୁଷ୍ପା ବେହେରା, ବିପିନ ଦାଶ, ଡ.ମୋହିତ ସ୍ୱାଇଁ, ଶାଶ୍ୱତ ତ୍ରିପାଠୀ, ରାମଦାସ ପଣ୍ଡା, ସୁବ୍ରତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।


ଗୁରୁଶ୍ରୀ ସତ୍ୟନାରାୟଣ ବହିଦାରଙ୍କ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବରେ ଅତିଥିମାନେ।

# କେଜିବିଭିରେ ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଅତିଥି।

**ନାକଟୀଦେଉଳ,୨୮।୭(ବୈକୁଣ୍ଠନାଥ ସାହୁ)**

ମୃତ୍ୟୁ ପରେ ବି ଜୀବନ ବଞ୍ଚି ରହିବାର ଏକମାତ୍ର ମାଧ୍ୟମ ହେଉଛି ଅଙ୍ଗଦାନ। କେବଳ ସେତିକି ନୁହେଁ ମୃତ୍ୟୁ ପରେ ମଧ୍ୟ କେହି ଜଣେ ଅକ୍ଷମ ବ୍ୟକ୍ତିଙ୍କୁ ସକ୍ଷମ କରିହେବ ଏଭଳି ଉଦ୍ୟମ ଯୋଗୁ। ତେଣୁ ନିଃସାର୍ଥପର ସେବା ମାଧ୍ୟମରେ ଏଭଳି ସୁଯୋଗକୁ ହାତଛଡ଼ା କରିବା ଉଚିତ ନୁହେଁ ବୋଲି ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ସରାପାଲିସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀନିବାସରେ ଅନୁଷ୍ଠିତ ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ ଅବସରରେ ମତପ୍ରକାଶ ପାଇଛି। ସରାପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଡ.ପ୍ରଶାନ୍ତ କୁମାର ଦାଶ ମୁଖ୍ୟ ଅତିଥି ଓ ନୂଆଦିଲ୍ଲୀସ୍ଥିତ ଭାରତୀ ଯୋଡା କ୍ଲବ ସଭାନେତ୍ରୀ ରୋଜାଲିନ ଦାଶ ସାଧନ କର୍ମୀଭାବେ ଯୋଗଦେଇ ଅଙ୍ଗଦାନର ମହତ୍ତ୍ୱ ଓ ଆବଶ୍ୟକତା ସମ୍ବନ୍ଧରେ ସମସ୍ତଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀ ନିବାସର ୧୮୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ରଶ୍ମିରେଖା ସାହୁ ଓ ରିତାରାଣୀ ପ୍ରଧାନ ସହଯୋଗ କରିଥିଲେ।

## ଏସ୍‌ଏମ୍‌ସିର ସଫାଇ ଆପନୋ ବିମାରୀ ଭଗାଓ କାର୍ଯ୍ୟକ୍ରମ

**ସମ୍ବଲପୁର,୨୮।୭(ବି.ଶଙ୍କର)**

ସମ୍ବଲପୁର ସହରକୁ ଅଧିକ ସ୍ୱଚ୍ଛତା ଓ ପରିଚ୍ଛନ୍ନ କରିବାକୁ ମହାନଗର ନିଗମ(ଏସ୍‌ଏମସି) ପକ୍ଷରୁ ସଫାଇ ଆପନୋ ବିମାରୀ ଭଗାଓ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ମହାନଗର ନିଗମ ଅନ୍ତର୍ଗତ ୮ଟି ୱାର୍ଡରେ ଆରମ୍ଭ କରାଯାଇଛି। ଏହା ୨୧ ଦିନ ଧରି ଚାଲିବ। ଏହି ଅଭିଯାନରେ ଜନସାଧାରଣଙ୍କ ମଧ୍ୟରେ ନିଜ ଅଞ୍ଚଳକୁ କିପରି ସ୍ୱଚ୍ଛ ରଖିବେ ଓ ଆବର୍ଜନା ସଂଗ୍ରହ ଗାଡ଼ିରେ ଲୋକେ କିପରି ଆବର୍ଜନା ସୁରୁଖୁରୁରେ ଦେବେ ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏପରି ଅଭିଯନ ମାଧ୍ୟମରେ ସହରକୁ ଅଧିକ ସ୍ୱଚ୍ଛତା ଆଣିବାକୁ ମହାନଗର ନିଗମ ପକ୍ଷରୁ ପ୍ରୟାସ କରାଯାଉଛି। ବିକାଶ ଫାଉଣ୍ଡେଶନ ଅଧ୍ୟକ୍ଷା ତଥା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ଡ.ମୃଦୁଲା ଠାକୁର ପ୍ରଧାନ ଶନିବାର ଏହି ଅଭିଯାନ ହେଉଥିବା ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୨୪ ପରିଦର୍ଶନ କରିଥିଲେ। ସେ ଏହି ଅଭିଯାନରେ ସଫେଇ କରାଯାଉଥିବା ନନ୍ଦପଡା, ଝାଡୁଆପଡା, କଂସାରିପଡା, ହାଟପଦା, ଦଲେଇପଡା, ସମେତ ବିଭିନ୍ନ ଅଞ୍ଚଳକୁ ବୁଲି ଦେଖିଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳବାସୀ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମହାନଗର ନିଗମ କମିଶନର ବେଦ ଭୂଷଣଙ୍କ ସହ ଆଲୋଚନା କରିଥିଲେ। ତେବେ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ କରିଯାଇଥିବା ଏହି ଅଭିଯାନ ଦ୍ୱାରା ସହରରେ ଅଧିକ ସ୍ୱଚ୍ଛତା ଅଣାଯାଇ ପାରିବ ବୋଲି ଡ.ଠାକୁର ପ୍ରଶଂସା କରିଥିଲେ।

# ସମ୍ବଲପୁରୀ ଦିନ ପାଇଁ ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତା


ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

**ସମ୍ବଲପୁର,୨୮।୭(ଭବାନୀ ଶଙ୍କର ଭୋଇ)**

ଅଗଷ୍ଟ ୧ ସମ୍ବଲପୁରୀ ଦିନ ଉପଲକ୍ଷେ ରବିବାର ତମ୍ପନା ଫାଉଣ୍ଡେସନ ପକ୍ଷରୁ ସାକ୍ଷୀପଡା ଭେଟେନେରୀ କେମ୍ପସଠାରେ ଚିତ୍ରାଙ୍କନ ଏବଂ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏହିପ୍ରତିଯୋଗିତାରେ ସବଜୁନିୟର, ଜୁନୟର ଏବଂ ସିନିୟର ତିନୋଟି ବର୍ଗର ପ୍ରତିଯୋଗିତାରେ ୮୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମା' ସମଲେଇ ଏବଂ ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମାର ପୂଜାର୍ଚ୍ଚନା ସହ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଡା ପର୍ଶୁରାମ ପଣ୍ଡା, ସମ୍ମାନିତ ଅତିଥି ଭାବେ ଡ଼ ସୁଷମା ସାହୁ, ପଶ୍ଚିମାଞ୍ଚଳ ଏକତା ମଞ୍ଚର ଜିଲା ସଂଯୋଜକ ଦେବାଶିଷ ବେହେରା ପ୍ରମୁଖଙ୍କ ସହ ତମ୍ପନା ଫାଉଣ୍ଡେଶନ ନିର୍ଦ୍ଦେଶକ ଡା ଅଞ୍ଜନ କୁମାର ଦାସ, ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ବଗର୍ତ୍ତି, ସାଧାରଣ ସମ୍ପାଦକ ଆକାଶ ଶତପଥୀ, ମାର୍ଗଦର୍ଶକ ସୁଧୀର ପୂଜାରୀ ସାମିଲ ହୋଇଥିଲେ। ପ୍ରତିଯୋଗୀମାନେ ସମ୍ବଲପୁରୀ ସଂସ୍କୃତିକୁ ନେଇ ବିଭିନ୍ନ ଚିତ୍ର ଏବଂ ରଙ୍ଗୋଲି ଅଙ୍କନ କରିଥିଲେ। ସେହିପରି ପ୍ରତିଯୋଗିତାରେ ଚିତ୍ରଶିଳ୍ପୀ ଦେବାଶିଷ ପ୍ରଧାନ, ସୁଦାମ ପଣ୍ଡା ସାମିଲ ହୋଇଥିଲେ। ସରୋଜିନୀ ବନଛୋର,ଝୁନୁ ତ୍ରିପାଠୀ, ଶୌଭାଗିନୀ ପଟେଲ,ବଳରାମ ହୋତା, ଭୋଳାଶଙ୍କର ମହନ୍ତମ, କ୍ଷିତୀଶ ବାଗ, ଜେମାଦେଇ ବଗର୍ତ୍ତି, ପ୍ରଜ୍ଞା ପଟ୍ଟନାୟକ, କିଶୋର ଦାସ, ନନ୍ଦିତା ପ୍ରଧାନ, ସ୍ୱସ୍ତିକା ନାୟକ ଏବଂ ସଂଯୁକ୍ତା ପ୍ରଧାନ, ଅମିତାଭ ମାଝୀଙ୍କ ସହ ତମ୍ପନା ଫାଉଣ୍ଡେସନ ଏବଂ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସଦସ୍ୟ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଥିଲେ। ଶେଷରେ ସାମିଲ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଗରମ ପାଣିରେ ପଡ଼ି ଗୁରୁତର ଡ୍ରାଇଭରଙ୍କ ମୃତ୍ୟୁ

**ରେଢାଖୋଲ,୨୮।୭(ଅଚ୍ୟୁତାନନ୍ଦ ପୁରୋହିତ)**

ରେଢାଖୋଲ ଏନଏସି ପକ୍ଷରୁ ଗତ ୨୪ ତାରିଖ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ବଡାଖାନା କାର୍ଯ୍ୟକ୍ରମରେ ଟ୍ରାକ୍ଟର ଡ୍ରାଇଭର ସୁଲେମାନ ଦେହୁରୀ (୪୫) ଗରମ ପାଣି ଡେକଚିରେ ପଡି ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ନିଆଯାଇଥିଲା। ୩ଦିନ ଚିକିତ୍ସା ପରେ ମଧ ଅବସ୍ଥା ନ ସୁଧୁରିବାରୁ ୨୭ ତାରିଖ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ତାଙ୍କ ଗ୍ରାମ ରେଢାଖୋଲ ଥାନା ରକ୍ମିଣିପୁର ନିଆଯାଇ ସତ୍କାର କରାଯାଇଛି। ତାଙ୍କ ମୃତ୍ୟୁରେ ଏନଏସି କର୍ମଚାରୀ ମହଲରେ ଶୋକ ପ୍ରକାଶ ପାଇଛି। ତାଙ୍କର ସ୍ତ୍ରୀ ଓ ଏକମାତ୍ର ପୁଅ ଅଛନ୍ତି।

# ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ପାଇଁ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ



ଶିକ୍ଷାର ମାନବୃଦ୍ଧି ସକାଶେ ଆବଶ୍ୟକ ଭିତ୍ତିଭୂମି ବିକାଶ ପାଇଁ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର କରାଯାଉଛି।

**ସମ୍ବଲପୁର,୨୮।୭(ପ୍ରମୋଦ ବହିଦାର)**

**ସ୍ମାର୍ଟ ଶ୍ରେଣୀକକ୍ଷରେ ରୂପାନ୍ତରିତ ହେବ ୧୫୦ ଶ୍ରେଣୀ କକ୍ଷ**

ସମ୍ବଲପୁର ଜିଲାରେ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ହୋଇଛି। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଉଦ୍ୟମକ୍ରମେ ରବିବାର ବୁର୍ଲାସ୍ଥିତ ମହାନଦୀ କୋଇଲା ଲିମିଟେଡ୍(ଏମ୍‌ସିଏଲ୍) ସମ୍ମିଳନୀ କକ୍ଷରେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କ ଉପସ୍ଥିତିରେ ଶିକ୍ଷାର ମାନବୃଦ୍ଧି ପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ ସକାଶେ ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳ, ଏମ୍‌ସିଏଲ୍ ସିଏସ୍‌ଆର୍ ମୁଖ୍ୟ ପ୍ରବନ୍ଧକ ସଞ୍ଜିବ କୁମାର ସିହ୍ନା ଓ ଏଜୁକେସ୍ନାଲ କନସଲଟାଣ୍ଟ ଇଣ୍ଡିଆ ଲିମିଟେଡ୍(ଇଡିସିଆଇଏଲ)ର କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଜିଲାର ୭୫ଟି ବିଦ୍ୟାଳୟର ପ୍ରାୟ ୧୫୦ଟି ଶ୍ରେଣୀକକ୍ଷରୁ ସ୍ମାର୍ଟ ଶ୍ରେଣୀକକ୍ଷରେ ରୂପାନ୍ତରିତ କରାଯିବ। ଯଦ୍ୱରା ଡିଜିଟାଲ କଣ୍ଟେଣ୍ଟ ସହ ଯୋଡ଼ି ହୋଇ ପ୍ରାୟ ୧୧,୨୫୦ ଜଣ ଛାତ୍ରୀଛାତ୍ର ଉପକୃତ ହେବା ଆଶା କରାଯାଏ ବୋଲି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହାସହିତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟତ୍ରୀ ଓ ଶିକ୍ଷକମାନଙ୍କୁ ସ୍ମାର୍ଟ ଶ୍ରେଣୀକକ୍ଷ ପରିଚାଳନା ତଥା ସ୍ମାର୍ଟ କଣ୍ଟେଣ୍ଟ ସହ ଯୋଡ଼ି ହେବାର ତାଲିମ ଦିଆଯିବ। ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ ଟେକ୍ନିସିଆନ ଡ. ସୂର୍ଯ୍ୟକାନ୍ତ ବିଶ୍ୱାସ ଓ ଯୋଜନା ସଂଯୋଜକ ପୁରୁଷୋତ୍ତମ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଏକଲବ୍ୟ ସ୍କୁଲରେ ପ୍ରକୃତି ସଂରକ୍ଷଣ ଦିବସ

**କୁଚିଣ୍ଡା,୨୮।୭(ବିରଞ୍ଚି ଦର୍ଜୀ)**

କୁଚିଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ରବିବାର ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଚକ୍ରଧର ମାଝିଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଅଧ୍ୟାପକ ଦୀପକ ବଡେଇ, କୁମରମଣି ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରି ଚାରା ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଅନିଶା କୁଜୁର, ସୁରମା କିଷାନ, ରକ୍ତିମ ନାଏକ, ଇପ୍ସିତା ନାଏକ ପ୍ରମୁଖ ସ୍କୁଲ ପଡିଆରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ।

# ଗୋବିନ୍ଦତୋଲା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା

**ସମ୍ବଲପୁର,୨୮।୭(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଗୋବିନ୍ଦତୋଲା କଲ୍ୟାଣ ମଣ୍ଡପରେ ରବିବାର ଚଳିତବର୍ଷ ଦୁର୍ଗାପୂଜା ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ପ୍ରଦୀପ କୁମାର ପାଢ଼ୀଙ୍କୁ ସଭାପତି, ବାଙ୍କବିହାରୀ ପଣ୍ଡା କାର୍ଯ୍ୟକାରୀ ସଭାପତି, ରମାକାନ୍ତ ବେହେରା ଏବଂ ସଞ୍ଜୟ କୁମାର ସାହୁ ଉପସଭାପତି, ଡମ୍ବରୁଧର ରଣା ସମ୍ପାଦକ, ପ୍ରସନ୍ନ କୁମାର ପାଢ଼ୀ ଏବଂ ଲୋକନାଥ ବୁଡେକ ସହ ସମ୍ପାଦକ, ଦିଲୀପ କୁମାର ଠାକୁର କୋଷାଧ୍ୟକ୍ଷ, କ୍ରୀଷ୍ଣା ପ୍ରସାଦ ଦାଶ ସହ କୋଷାଧ୍ୟକ୍ଷ, ଅଜୟ କୁମାର ସାହୁ ଲଟେରୀ ଚେୟାରମେନ୍, ମନୋଜ କୁମାର ନାୟକ ଲଟେରୀ କୋଷାଧ୍ୟକ୍ଷ, ସୁପ୍ରିୟ କୁମାର ପାଣିଗ୍ରାହୀ ଲଟେରୀ ସହ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି । ଏହାସହ ଉପଦେଷ୍ଟା କମିଟି, ପୂଜା ଓ ମଣ୍ଡପ ଦାୟିତ୍ୱ, ମୂର୍ତ୍ତି, ମୁଖ୍ୟ ତୋରଣ ଓ ଭିତର ସାଜସଜ୍ଜା, ଲାଇଟ୍ ଡେକୋରେସନ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ବିସର୍ଜନ, ଭୋଗ ବିତରଣ, ଲଟେରୀ, ଶାନ୍ତିଶୃଙ୍ଖଳା କମିଟି, ଟ୍ରାଫିକ୍ ନିୟନ୍ତ୍ରଣ କମିଟି ତଥା ବିଜ୍ଞାପନ, ଷ୍ଟଲ ଇତ୍ୟାଦି କମିଟିରେ ସହଯୋଗ କରିବା ପାଇଁ ବିଭିନ୍ନ ସଦସ୍ୟଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଦୁର୍ଗାପୂଜାକୁ କିଭଳି ଆକର୍ଷଣୀୟ କରାଯାଇ ପାରିବ ତାହା ଉପରେ ଆଲୋଚନା କରାଯାଇଥିଲା।

# ବିଦ୍ୟାଳୟକୁ ସବୁଜ ସୁନ୍ଦର କରିବାକୁ ଲକ୍ଷ୍ୟ

**ସମ୍ବଲପୁର,୨୮।୭(ବି.ଶଙ୍କର)**

**କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ସଂଘ ପକ୍ଷରୁ ଚାରାରୋପଣ**

ପିଏମଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟ ସମ୍ବଲପୁର –୧ ଅବିଭାବକ ସଂଘ ପକ୍ଷରୁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରିୟ ବିଦ୍ୟାଳୟ ପରିସରକୁ ଆହୁରି ସବୁଜ ସୁନ୍ଦର କରିବା ଲକ୍ଷ୍ୟ ନେଇ ଅବିଭାବକ ସଂଘରଲକ୍ଷ୍ୟ ରହିଛି। ତେଣୁ ଶିକ୍ଷା ସପ୍ତାହର ଉଦ୍‌ଯାପନୀ ଦିବସରେ ସଂଘର ସଭ୍ୟମାନେ ସମବେତ ହୋଇ ବୃକ୍ଷ ଚାରା ରୋପଣ କରିଥିଲେ। ଏପରିକି ବୃକ୍ଷର ସୁରକ୍ଷା କରିବାକୁ ଶପଥ ଗ୍ରହଣ କରିଥିଲେ। ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର–୧ ଅଧକ୍ଷ ରଣରଞ୍ଜୟ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ବୃକ୍ଷ ବିନା ସମାଜ ତିଷ୍ଠି ରହିବା ଅସମ୍ଭବ। କାରଣ ଗଛ ମଣିଷକୁ ପ୍ରାଣବାୟୁ ପ୍ରଦାନ କରୁଛି। ଅଭିଭାବକ ସଂଘର ଏହି ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ଅଧକ୍ଷ ସିଂ କହିଛନ୍ତି । ବିଦ୍ୟାଳୟ ଶିକ୍ଷକ ସୁଧାଂଶୁ ନାୟକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଅଭିଭାବକ ଲିଙ୍ଗରାଜ ପ୍ରଧାନ ବୃକ୍ଷର ମହତ୍ତ୍ୱ ଏବଂ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜ୍ୟୋତ୍ସ୍ନା ସାହୁ ଚାରା ରୋପଣ ପରେ ତାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅଭିଭାବକ ସଂଘର ସରୋଜ ସାହୁ, ଶ୍ରୀମନ୍ତ ପଣ୍ଡା, ଦୁଲାଲ ଚନ୍ଦ୍ର ରାୟ, ଗୋପାଳଜୀ ପାଢ଼ୀ, ପ୍ରକାଶ ପ୍ରଧାନ, ରବି ସାହୁ, ରାଧେଶ୍ୟାମ ଦୋରା, ସନ୍ଦୀପ ସିଂ, ସୁବ୍ରତ ସାହୁ, ଗୌରାଙ୍ଗ ପ୍ରଧାନ, ସୁବ୍ରତ ପତିଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ସାହୁ, ଦୈତାରୀ କଠାର, ସୁଦାମ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।



ଅଭିଭାବକ ସଂଘ ପକ୍ଷରୁ ରବିବାର ଚାରାରୋପଣ କରାଯାଉଛି।

# ଉତ୍ତମ ଯୋଗାଯୋଗ କୌଶଳ ଶିଖିବା ଜରୁରୀ

**ସମ୍ବଲପୁର,୨୮।୭(ବି.ଶଙ୍କର)**


ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ପ୍ରଶିକ୍ଷକ।

**ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ**

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ଜୀବନରେ ସହନଶୀଳତା ଓ ଗ୍ରହଣୀୟତାର ଉପକାରିତା ଏବଂ ମହତ୍ୱ ବିଷୟରେ ଆଲୋଚନା ହୋଇଥିଲା। ଜମନକିରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ବସନ୍ତ କୁମାର ଦାଶ ବିଭିନ୍ନ ଉଦାହରଣ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ବୁଝେଇ ଏହି ମହତ ଗୁଣର ଅଧିକାରୀ ହେବାକୁ ଆହ୍ୱାନ ଦେଇଥିଲେ। ଛାତ୍ର ଜୀବନରେ ଅନେକ ପ୍ରତିବନ୍ଧକ ଆସଥାଏ। ସହନଶୀଳତାକୁ ପାଥେୟ କରି ପ୍ରତିବନ୍ଧକକୁ ସମ୍ମୁଖୀନ ହେବାକୁ ପଡିଥାଏ । ଫଳରେ ଛାତ୍ର ଜୀବନ ଶୃଙ୍ଖଳିତ ହୋଇଥାଏ । ଯାହାକି ଛାତ୍ରୀଛାତ୍ରମାନଙ୍କୁ ସଫଳତାର ଶୀର୍ଷକୁ ପହଞ୍ଚାଇ ଥାଏ ବୋଲି ଡ. ଦାଶ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସୁନ୍ଦରଗଡ଼ ଶିକ୍ଷା ଓ ତାଲିମ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଶିବଶଙ୍କର ଷଡ଼ଙ୍ଗୀ ଯୋଗାଯୋଗ କୌଶଳ ଉପରେ ମତବ୍ୟକ୍ତ କରିଥିଲେ। ଆମର ଅନ୍ୟ ସହିତ ଯୋଗାଯୋଗକୁ ଶାଳୀନତା ସହ ସମ୍ପାଦନ କରିବାକୁ ଉପଦେଶ ଦେଇଥିଲେ। ଆମର ଭାବ ପ୍ରକାଶ ପାଇଁ ଥିବା ବିଭିନ୍ନ ମାଧ୍ୟମ ବିଷୟରେ ଆଲୋଚନା କରିଥିଲେ। ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପବ୍ଲିକ ଲାଇବ୍ରେରୀ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, ଡ. ଗିରିଧାରୀ ହୋତା, ଡାକ୍ତର ଜୟଦେବ ମେହେର , ପୃଥ୍ୱୀରାଜ ମିଶ୍ର, ଶାନ୍ତନୁ ପ୍ରଧାନ, ବିଭୁତିନାଥ ମାଝୀ, ପ୍ରଫେସର ଧନେଶ୍ୱର ମେହେର, ରବି ନାରାୟଣ ମିଶ୍ର, ଗୋଲକ ବିହାରୀ ମିଶ୍ରଙ୍କ ସମେତ ଅବିଭାବକମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଜାତୀୟ ସଙ୍ଗୀତ ଗାନ ପରେ ସଭା ଶେଷ ହୋଇଥିଲା। ଆଜିର ପ୍ରଶିକ୍ଷଣ ଶିବିରରେ ୧୫ଟି ହାଇସ୍କୁଲରୁ ୫୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ସଂକ୍ଷେପରେ

### ରଚନା ପକ୍ଷରୁ ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା

ବଲାଙ୍ଗୀର,୨୮।୭(ବୀରେନ୍ଦ୍ର କୁମାର ଝାଙ୍କର)

ରଚନା ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ପତିତପାବନ ଏକାଡେମୀଠାରେ ଦିବଙ୍ଗତ ସାହିତ୍ୟିକ ଓ ବରିଷ୍ଠ ପ୍ରଶାସକ ଗଗନ ସ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ଅତିଥି ବକ୍ତା ଭାବେ ଡ. ଗୌରହରି ଦାସ ଯୋଗଦେଇ ଓଡିଆ ସାହିତ୍ୟ ଓ ଅନ୍ୟ ଭାଷା ସାହିତ୍ୟରେ ତ୍ୟାଗ ଓ କରୁଣାର ଉପଲବ୍ଧ ବର୍ଣ୍ଣନା କରିଥିଲେ। ରଚନା ସଭାପତି ସନାତନ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମାରକୀ ବକ୍ତୃତା ପ୍ରାରମ୍ଭରେ ସମ୍ପାଦକ ଭାଗିରଥି ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଦିବଙ୍ଗତ ସ୍ୱାଇଁଙ୍କ ଜୀବନୀ ଓ ସାହତ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ କବି ପ୍ରହଲ୍ଲାଦ ଶତପଥୀ, ବନ୍ଦନା ପଟ୍ଟନାୟକ, ଡ. ଜଗନ୍ନାଥ ସାହୁ ଓ ସୌମ୍ୟା ମଧୁପର୍ଣ୍ଣା ତ୍ରିପାଠୀ ଦିବଙ୍ଗତ ସାହିତ୍ୟିକ ସ୍ୱାଇଁଙ୍କ କବିତା ଓ ଗଳ୍ପ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ରାଜୀବ ଲୋଚନ ଆଚାର୍ଯ୍ୟ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀରର ବହୁ ସାହିତ୍ୟିକ, ସାହିତ୍ୟପ୍ରେମୀ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଶେଷରେ ସହସମ୍ପାଦକ ରତ୍ନମୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଇକୋ କ୍ଲବ ପକ୍ଷରୁ ବୃକ୍ଷରୋପଣ

ବୌଦ୍ଧ,୨୮।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ ଏମଇ ବିଦ୍ୟାଳୟ ପ୍ରାଙ୍ଗଣରେ ଶିକ୍ଷା ସପ୍ତାହର ଷଷ୍ଠ ଦିବସରେ ବିଦ୍ୟାଳୟର ୟୁଥ ଇକୋ କ୍ଲବ ପକ୍ଷରୁ ଶନିବାର ଦିନ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପିଜୁଳି, ଆମ୍ବ, କଦଳୀ ଏବଂ ଜାମୁ କୋଳି ଗଛ ରୋପଣ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ନିର୍ମଳ ରଣା, ସହକାରୀ ଶିକ୍ଷକ ମନମୋହନ ସାହୁ, ସତ୍ୟଭାମା ସାହୁ, ସରିତା ବିଷୋୟୀ ସାମିଲ ଥିଲେ। ଏହାସହ ଇକୋ କ୍ଲବର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ। ଏହି ଅବସରରେ ବୃକ୍ଷରୋପଣ ଓ ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା।

### ଆଦର୍ଶ ଶିକ୍ଷକ ସହଦେବ ବାରିକଙ୍କ ପରଲୋକ

ନୂଆପଡା,୨୮।୭(ମକାରୁ ବେମାଲ)

ଆଦର୍ଶ ଶିକ୍ଷକ ତଥା ସାମାଜିକ କର୍ମୀ ସହଦେବ ବାରିକ (୮୩)ଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା



ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ୧୭ ଏପ୍ରିଲ ୧୯୪୧ ମସିହାରେ ଜନ୍ମିତ ଆଦର୍ଶ ଶିକ୍ଷକ ସ୍ୱର୍ଗତ ବାରିକ ବରଗଡ ଜିଲା ଝାରବନ୍ଧ ବ୍ଲକର ପ୍ରଥମ ଗ୍ରାଜୁଏଟ୍ ଭାବେ ଡିଗ୍ରୀ ହାସଲ କରିଥିଲେ। ଏହି ବ୍ଲକର କୋଟ୍‌ନା ଏମ୍ଇ ସ୍କୁଲରେ ସେ ସହକାରୀ ଶିକ୍ଷକ ଭାବେ ଚାକିରୀ ଆରମ୍ଭ କରିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ସେହି ଅଞ୍ଚଳରେ ଶିକ୍ଷାର ପ୍ରସାର କରିବା ଦିଗରେ ସେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ। କିଛି ବର୍ଷ ଚାକିରୀ କଲାପରେ ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ପୈତୃକ ଗ୍ରାମ ଧନେଶ୍ୱର ଠାରେ ରହି ସେଠାକାର ସାମାଜିକ ଏବଂ ସଚେତନତାମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ଆସୁଥିଲେ। ଜଣେ ସୃଜନାତ୍ମକ ଚିତ୍ରଶିଳ୍ପୀ ଭାବେ ମଧ୍ୟ ସେ ପରିଚିତ ଥିଲେ। ମୃତ୍ୟୁବେଳକୁ ପାଖରେ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି, ଚାରି ପୁଅ ନୂଆପଡା ନେଶନାଲ କଲେଜ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ କିଶୋର କୁମାର ବାରିକ, ଜିତେନ୍ଦ୍ରୀୟ ବାରିକ, ଚିତ୍ତରଞ୍ଜନ ବାରିକ ଓ ଆଡଭୋକେଟ୍ ହିତେନ୍ଦ୍ରୀୟ ବାରିକ, ବୋହୂ, ନାତୁଣୀ ଓ ନାତିମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗାଁ ଓ ଆଖପାଖର ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାସଭବନକୁ ଆସି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବୁଧବାର ଧନେଶ୍ୱର ଠାରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା। ଜ୍ୟେଷ୍ଠପୁତ୍ର କିଶୋର କୁମାର ମୁଖାଗ୍ନି ଦେଇଥିଲେ।

# ଟିଟିଲାଗଡ଼ରୁ ଦୁବାଇ ପନିପରିବା ରପ୍ତାନି

ଟିଟିଲାଗଡ଼,୨୮।୭(ଶରତ ମିଶ୍ର)



ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

ରବିବାର ଦିନ ବଲାଙ୍ଗୀର ଜିଲା ଟିଟିଲାଗଡରୁ ବିଭିନ୍ନ ପନିପରିବା ସୁଦୂର ଦୁବାଇ ରପ୍ତାନି ହୋଇଛି। ଟିଟିଲାଗଡ ଅଞ୍ଚଳର ଚାଷୀମାନଙ୍କ ଠାରୁ ଉଦ୍ଦେର କୃଷକ ଉତ୍ପାଦକ କମ୍ପାନୀ, ଯାଡ଼େନ କୃଷକ ଉତ୍ପାଦକ କମ୍ପାନୀ ଓ କୃଷକ ଉନ୍ନୟନ ସଙ୍ଗଠନ ଉତ୍ପାଦକ କମ୍ପାନୀ ବିଭିନ୍ନ ପ୍ରକାର ପନିପରିବା ଯଥା- କଲରା, ଭେଣ୍ଡି, କୁନ୍ଦୁରୀ, ପୋଟଳ ୧୦ କୁଇଣ୍ଟାଲ ସଠିକ ମୂଲ୍ୟରେ କ୍ରୟ କରି ବିଦେଶ ପଠାଇଥିବା ଜଣାଯାଇଛି। ପ୍ରଥମେ ଏକ ପିକ୍‌ଅପ ଭ୍ୟାନ୍‌ରେ ଏଠାରୁ ପନିପରିବା ଭୁବନେଶର ପଠାଇବାର ବ୍ୟବସ୍ଥା କରାଯାଇଥିଲା। ଉକ୍ତ ଭ୍ୟାନ୍‌କୁ ମୁଖ୍ୟ ଅତିଥି କମଳେନ୍ଦୁ ପାଳ, ପାଲାଡ଼ିୟମ କମ୍ପାନୀର ଦିବାରୋଜି, ଉଦ୍ୟାନ ବିଭାଗ ସହକାରୀ ମେହେର ଓ ସୁନୀଲ କୁମାର୍ ମାଝି ଏବଂ ଆଶା ଅନୁଷ୍ଠାନର ସଂଯୋଜକ ସଞ୍ଜୀବ କୁମାର ପଟ୍ଟନାୟକ, ଯାଡ଼େନ କୃଷକ ଉତ୍ପାଦକ କମ୍ପାନୀର ଅଧ୍ୟକ୍ଷା ମଧୁମିତା ପଟ୍ଟନାୟକ ତଥା କମ୍ପାନୀର ନିର୍ଦ୍ଦେଶକ ଚାଷୀଙ୍କ ଉପସ୍ଥିତିରେ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଉକ୍ତ ପନିପରିବା ସ୍ଥାନୀୟ ଚାଷୀମାନଙ୍କ ଠାରୁ ଉଚିତ୍ ମୂଲ୍ୟରେ କ୍ରୟ କରି ଉଦ୍ଦେର ଓ ଯାଡେନ କମ୍ପାନୀ ଭୁବନେଶ୍ୱର ଠାରୁ ବିମାନ ଯୋଗେ ଦୁବାଇ ପଠାଇବାର ବ୍ୟବସ୍ଥା କରିଥିବା ଜଣାଯାଇଛି। ଏହି ପନିପରିବା ପାଲାଡ଼ିୟମ ଓ ଆପେଡା କମ୍ପାନୀର ସହାୟତାରେ ଏବଂ ଓଡିଶା ସରକାରଙ୍କ ଉଦ୍ୟାନ ବିଭାଗ, କୃଷି ବିଭାଗ, ନାବାର୍ଡ, ଓର୍‌ମାସ ସହଯୋଗରେ ସମ୍ଭବ ହୋଇପାରିଛି। ଚାଷୀଙ୍କ ପନିପରିବା ବିଦେଶ ଯାଇଥିବାରୁ ଚାଷୀମାନେ ଉଚିତ୍ ମୂଲ୍ୟ ପାଇ ଖୁସିବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲ ଶକ୍ତି କୃଷକ ଉତ୍ପାଦକ କମ୍ପାନୀ ସିଇଓ ପରମେଶ୍ୱର ରଣା, ଟିଟିଲାଗଡ କୃଷକ ଉତ୍ପାଦକ କମ୍ପାନୀ, ଉତ୍କଳଜ୍ୟୋତି କୃଷକ ଉତ୍ପାଦକ କମ୍ପାନୀ, ସକ୍ଷମ କୃଷକ ଉତ୍ପାଦକ କମ୍ପାନୀ ତଥା ଆଶା ଅନୁଷ୍ଠାନର କର୍ମକର୍ତ୍ତା ପ୍ରଦୀପ୍ତ ମଲ୍ଲିକ, ବିନୟ ମହାପାତ୍ର, ଶମ୍ଭୁ ବେନିଆ, ପୀତାମ୍ବର କୁମ୍ଭାର, ସରୋଜ ସାହୁ, ଦିଲେସ ବାଗ, ଗୋଲପ ନାଏକ, ଲକ୍ଷ୍ମୀରାଜ ସାହୁ ଓ ପାୟଲ ମହାକୁର ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷକଙ୍କ ବଦଳି ବାତିଲ ନ ହେଲେ ଆନ୍ଦୋଳନ

ଲାଠୋର,୨୮।୭(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କ ବଦଳି ଶିକ୍ଷା ବିଭାଗ ବାତିଲ ନ କଲେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ପରିଚାଳନା ସମିତି ସଭାପତି ଜୟଦେବ ଶାଣ୍ଢ ଚେତାବନୀ ଦେଇଛନ୍ତି। ୧୯୧୪ ମସିହାରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୩୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ବିଶାଖା ନାଏକଙ୍କ ସମେତ ସହକାରୀ ଶିକ୍ଷୟିତ୍ରୀ ରୀମା ବେହେରା, ଶିକ୍ଷକ ସତ୍ୟବ୍ରତ ବେହେରା, କାହ୍ନା ମେହେର, ରବୀନ୍ଦ୍ର ନାଏକ, ମହାଦେବ ନାଗ, ମୁକୁନ୍ଦଲାଲ ସାହୁ ଏବଂ ଅସ୍ଥାୟୀ ଆର୍ଟ ଶିକ୍ଷକ ଚେତାନନ୍ଦ ପଶାୟତ ଥିଲେ। ତେବେ ଶିକ୍ଷକ ସତ୍ୟବ୍ରତ ବେହେରାଙ୍କୁ ସାଧନ କେନ୍ଦ୍ର ସଂଯୋଜକ ଦାୟିତ୍ୱ ଦିଆଯାଇଥିବା ଯୋଗୁ ସେ ବିଭିନ୍ନ ବିଦ୍ୟାଳୟ ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି। ଫଳରେ ସେ ପିଲାଙ୍କୁ ପାଠ ପଢାଇବା ପାଇଁ ସମୟ ଦେଇପାରୁ ନାହାଁନ୍ତି। ଆର୍ଟ ଶିକ୍ଷକ ପିଲାଙ୍କୁ କେବଳ ଚିତ୍ରାଙ୍କନ ଶିଖାଉଛନ୍ତି। ବିଦ୍ୟାଳୟରେ ଥିବା ଅନ୍ୟ ୬ ଜଣ ଶିକ୍ଷକଙ୍କ ମଧ୍ୟରୁ ବିଜ୍ଞାନ ଶିକ୍ଷକ କାହ୍ନା ମେହେରଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ବେନ୍ଦେର ପଞ୍ଚାୟତ ଅଧୀନ ଭାଲୁଟୁଆଁ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ପିଲାଙ୍କୁ ବିଜ୍ଞାନ ପାଠ ପଢାଇବା ପାଇଁ କୌଣସି ଶିକ୍ଷକ ନାହାଁନ୍ତି। ପିଲା ବିଜ୍ଞାନ ବିଷୟରେ କେମିତି ପାଠ ପଢିବେ ତାହା ଚିନ୍ତାର ବିଷୟ ହୋଇଛି। ଯଥାଶୀଘ୍ର ସମ୍ପୃକ୍ତ ଶିକ୍ଷକଙ୍କ ବଦଳି ବାତିଲ କରା ନ ଗଲେ ଛାତ୍ରୀଛାତ୍ର ଏବଂ ଅଭିଭାବକମାନଙ୍କ ସହ ପରିଚାଳନା ସମିତି ସଦସ୍ୟମାନେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ସଭାପତି ଶାଣ୍ଢ ଚେତାବନୀ ଦେଇଛନ୍ତି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝିଙ୍କୁ ପଚାରିବାରେ ଯେଉଁ ସ୍କୁଲଗୁଡିକରେ ଜଣେ ଲେଖାଏ ଶିକ୍ଷକ ଅଛନ୍ତି ସେଠାକୁ କିଛି ଦିନ ପାଇଁ ଅନ୍ୟ ସ୍କୁଲର ଶିକ୍ଷକଙ୍କୁ ବଦଳି କରାଯାଇଛି। ସରକାର ଶିକ୍ଷକ ନିଯୁକ୍ତି ଦେଲେ ସଂପୃକ୍ତ ଶିକ୍ଷକ ମାନେ ଖୁବଶୀଘ୍ର ନିଜ ନିଜର ସ୍କୁଲକୁ ଫେରି ଆସିବେ ବୋଲି ସେ କହିଥିଲେ।

## ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ




ବଲାଙ୍ଗୀର ଗୋଁଡୱାନା ଭବନରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରାଯାଉଛି।

ବଲାଙ୍ଗୀର,୨୮।୭(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ଗୋଁଣ୍ଡୱାନା ଭବନ ଠାରେ ଆଦିବାସୀ କର୍ମଚାରୀ ସଂଘ ଏବଂ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ବଲାଙ୍ଗୀରର ମିଳିତ ଆନୁକୂଲ୍ୟରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ ହୋଇଛି। ଚଳିତବର୍ଷର ବାର୍ତ୍ତା ଏହା କାର୍ଯ୍ୟ କରିବାର ସମୟ ଉପରେ ଗୁରୁତ୍ୱ ଦିଆଯାଇ ରବିବାର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବିଶ୍ୱ ସ୍ତରରେ ହେପାଟାଇଟିସ୍‌କୁ ମୁକାବିଲା କରିବା ପାଇଁ ତ୍ୱରିତ ତଥା ନିର୍ଣ୍ଣାୟକ ପଦକ୍ଷେପ ଜରୁରୀ ବୋଲି ବକ୍ତାମାନେ କହିଥିଲେ। ହେପାଟାଇଟିସ୍‌ରୁ ଜୀବନ ରକ୍ଷା ତଥା ସ୍ୱାସ୍ଥ୍ୟର ଉନ୍ନତି ଆଣିବା ପାଇଁ ଉନ୍ନତ ନିରାକରଣ ବ୍ୟବସ୍ଥା ଏବଂ ଚିକିତ୍ସା ଉପରେ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଆସନ୍ତା ବିଶ୍ୱ ଆଦିବାସୀ ଦିବସ ପାଳନ ନେଇ ଆଲୋଚନା କରାଯାଇଥିଲା। ଏହି ସଚେତନତା ସଭାରେ ସଭାପତି ସୁରେନ୍ଦ୍ର ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ମନୋଜ କୁମାର ପୁଟା, ମୁଖ୍ୟବକ୍ତା ଭାବେ ସହସମ୍ପାଦକ ମୀନକେତନ ମାଝି ଏବଂ ସମ୍ମାନିତ ଅତିଥି ଭାବେ ଶିବ ଜାନୀ, କମଳ ବିଶ୍ୱାଲ, କ୍ଷୀରୋଦ ନାଗ, ଧନସିଂ ଭୋଇ, ନୃପତି ବଲ୍ଲଭ ଭୋଇ, ଦାମୋଦର ମାଝି ଯୋଗ ଦେଇଥିଲେ। ସମ୍ପାଦକ ଗଣେଶ ମାଝି ସଭା ପରିଚାଳନା କରିଥିଲେ। ଘନଶ୍ୟାମ ପୂଝାରୀ, ପୁରନ୍ଦର ମୁଣ୍ଡା, ସୁରେନ୍ଦ୍ର କୁମାର ବୁଡ଼େକ, ରୁଦ୍ର ପ୍ରତାପ ଧରୁଆ ସହଯୋଗ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ନୃପ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷା ସପ୍ତାହ ପାଳନ ଉଦ୍‌ଯାପିତ

ଅମରପାଲି,୨୮।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସମସ୍ତ ସ୍କୁଲରେ ହେଉଥିବା ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ ରବିବାର ଉଦ୍‌ଯାପିତ ହୋଇଯାଇଛି। ସପ୍ତାହବ୍ୟାପୀ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ସୋମବାରଠାରୁ ରବିବାର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟହ ଶିକ୍ଷା ସମନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ କରି ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିଜ ସ୍କୁଲରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀ ଯୋଗଦେଇଥିଲେ। ସୋମବାର ଶିକ୍ଷଣ ସାମଗ୍ରୀ ଦିବସ ପାଳନ, ମଙ୍ଗଳବାର ଏଫ.ଏଲ.ଏନ. ଦିବସ ପାଳନ, ବୁଧବାର କ୍ରୀଡା ଦିବସ ପାଳନ, ଗୁରୁବାର ସାଂସ୍କୃତିକ ଦିବସ ପାଳନ, ଶୁକ୍ରବାର ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ପାଳନ, ଶନିବାର ଇକୋ କ୍ଲବ ଓ ସ୍କୁଲ ପୋଷଣ ଦିବସ ପାଳନ ଏବଂ ରବିବାର ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ ହୋଇଥିଲା। ବ୍ଲକର ବାଗବର ୟୁପି ସ୍କୁଲ, ଖଣ୍ଡହତା ୟୁପି ସ୍କୁଲ, ଅମରପାଲି ୟୁପି ସ୍କୁଲ, ବହଳପଦର ୟୁପି ସ୍କୁଲ ଆଦି ସ୍କୁଲରେ ଶିକ୍ଷା ସପ୍ତାହ ପାଳନ ହୋଇଥିଲା। ଅମରପାଲି ୟୁପି ସ୍କୁଲରେ ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ଭୋଇଙ୍କ ତତ୍ତ୍ୱାବଧାନରେରେ ଏହି ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରାଣବନ୍ଧୁ ସାହୁ, ଯଦୁମଣି ବାଘ, ତପକିରଣ ସାହୁ, ଶୁଭାଶିଷ ମିଶ୍ର, ପ୍ରଦୀପ ଜଗଦଲା, ରାଜୀବ ଦୀପ, ଅମୂଲ୍ୟ ମହାରଣା, ଆନନ୍ଦିନୀ ପ୍ରଧାନ ପରିଚାଳନା କରିଥିଲେ। ସେହିପରି ବାଗବର ୟୁପି ସ୍କୁଲରେ ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ ଶିକ୍ଷା ସପ୍ତାହ ପାଳନରେ ଶିକ୍ଷକ ପ୍ରଭୁଦତ୍ତ ବେଦୋକ୍ତା, ମିନାକ୍ଷୀ ପ୍ରଧାନ, ଗୌରୀ କୁମୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାତୃ ସମ୍ମିଳନୀ

ମୁରିବାହାଲ,୨୮।୭(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ୨୧ ତମ ମାତୃସମ୍ମିଳନୀ ଶିଶୁମନ୍ଦିର ସଭାଗୃହଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସୁମନା ନନ୍ଦ ଖମାରିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମାତୃ ସମ୍ମିଳନୀରେ ଏମ୍‌ପିଙ୍କ ପ୍ରତିନିଧି ଶ୍ରୀବସ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମା'ମାନେ ହେଉଛନ୍ତି ଶିଶୁଙ୍କ ପ୍ରଥମ ଗୁରୁ। ମା'ମାନଙ୍କ ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ବଳରେ ଶିଶୁଙ୍କ ବିକାଶ ହୋଇ ପାରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ନାରାୟଣ ସାହୁ,ପରିଚାଳନା କମିଟି ସମ୍ପାଦକ ଭରତ ଦାସ, ପରିଚାଳନା କମିଟି ଉପ ସଭାପତି ଶିବ ଧାରୁଆ ପ୍ରମୁଖ ଯୋଗଦେଇ ଶିଶୁ ଓ ମା' ମଧ୍ୟରେ ରହିଥିବା ସୁସମ୍ପର୍କ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମାତୃ ଓ. ଶିଶୁମାନଙ୍କୁ ନେଇ ଭାଷାଜ୍ଞାନ, ବିଜ୍ଞାନ ଅନୁଭବ, ଅଭିନବ, ଗଳ୍ପ କଥନ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ଗୋବିନ୍ଦ ଚନ୍ଦ୍ର ଦାସ, ନିଳେନ୍ଦ୍ରୀ ନାଗ, ଜରିତା ନାୟକ, ସୋନିଆ ଭୋଇ, ସଞ୍ଜୁତା ମହାକୁର, ଜ୍ୟୋତିମୟୀ ଛନ୍ଦ,ଅନିତା ନାୟକ, ମହେଶ୍ୱର ନମ୍ରତା କମ୍ପ, ମଞ୍ଜୁ ସେଟ ଓ ଭଗବାନ ପଧାନ ପ୍ରମୁଖ ସହଯୋଗ କରି ଥିଲେ।

## ସେଣ୍ଟ ଜାଭିୟର୍ସ ଇଂଲିଶ ମିଡିୟମ ହାଇସ୍କୁଲରେ ଶିକ୍ଷା ସପ୍ତାହ ଉଦଯାପିତ




ଶିକ୍ଷା ସପ୍ତାହ ପାଳନ ଅବସରରେ ବିଧାୟକ ଲକ୍ଷ୍ମଣ ବାଗ ଓ ପରିଚାଳନା କମିଟି ସଦସ୍ୟ।

କଣ୍ଟାବାଞ୍ଜି,୨୮।୭(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ସେଣ୍ଟ ଜାଭିୟର୍ସ ଇଂଲିଶ ମିଡିୟମ ହାଇସ୍କୁଲରେ ରବିବାର ଦିନ ଶିକ୍ଷା ସପ୍ତାହର ଉଦ୍‌ଯାପନୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟରେ ଶିକ୍ଷା ସପ୍ତାହର ଉଦ୍‌ଯାପନୀ ଦିବସରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ବିଦ୍ୟାଳୟର ଅଧକ୍ଷ ହରପ୍ରସାଦ ନାୟକ ଅଧକ୍ଷତା କରିଥିଲେ। ଶିକ୍ଷା ସପ୍ତାହ ପାଳନ ସମୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ବାଗ ଏବଂ ଅନ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ଅଗ୍ରୱାଲ, ରୋହିତ କୁମାର ଅଗ୍ରୱାଲ, ସମିତି ସଭ୍ୟାସଭ୍ୟ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ୬୭ ଅଙ୍ଗନୱାଡି କେନ୍ଦ୍ର ସକ୍ଷମରେ ଅନ୍ତର୍ଭୁକ୍ତ

ଲୋଇସିଂହା,୨୮।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୬୭ଟି ଅଙ୍ଗନୱାଡି କେନ୍ଦ୍ର ସକ୍ଷମ ତଥା ଆଦର୍ଶ କେନ୍ଦ୍ରରେ ପରିଣତ ହେବ ବୋଲି ଜଣାଯାଇଛି। ଏଥିପାଇଁ ବିଭାଗୀୟ ପ୍ରକ୍ରିୟା ଆରମ୍ଭ ହୋଇଛି। ସକ୍ଷମ ସହାୟତାରେ କେନ୍ଦ୍ରରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଦୂର ହେବ। କାର୍ଯ୍ୟରେ ଉନ୍ନତି ଆଣିବା ସହ ପୁଷ୍ଟିକର ଖାଦ୍ୟ ଯୋଗାଣ ଏବଂ ଶିଶୁ ବିକାଶକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି କୁହାଯାଇଛି। ପ୍ରକାଶ ଯେ , ଲୋଇସିଂହା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ୧୮୭ ଅଙ୍ଗନୱାଡି କେନ୍ଦ୍ର ରହିଛି। ତନ୍ମଧ୍ୟରୁ ୬୭ କେନ୍ଦ୍ରକୁ ସକ୍ଷମରେ ଅର୍ନ୍ତଭୁକ୍ତ କରାଯାଇଛି। ଉକ୍ତ ଯୋଜାନରେ କେନ୍ଦ୍ରଗୁଡିକର ପୁନରୁଦ୍ଧାର, ସ୍ୱତନ୍ତ୍ର ରୌଷେଇଶାଳା, କିଚେନ ଗାର୍ଡେନ, ବିଦ୍ୟୁତିକରଣ, ୱାଇଫାଇ, ଏଲଇଡି ସଂଯୋଗ ସାଙ୍ଗକୁ ଶିଶୁଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଆରଓ ସ୍ଥାପନ କରାଯିବାର ବ୍ୟବସ୍ଥା ରହିଛି। କେନ୍ଦ୍ର ଅଧୀନସ୍ଥ ଶିଶୁ, କିଶୋରୀ ବାଳିକା, ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ପୃଷ୍ଟିହୀନତା ମୁକାବିଲାରେ ସକ୍ଷମ ସହାୟକ ହେବ ବୋଲି କୁହାଯାଇଛି।

## ଖାଉଟିଙ୍କୁ ବାଧିଲାଣି ବଜାର ଦର

ବୌଦ୍ଧ,୨୮।୭( ଅଜିତ କୁମାର ବାରିକ)

ସାରା ରାଜ୍ୟରେ ଆଳୁକୁ ନେଇ ଖାଉଟି ଚିନ୍ତାରେ ପଡିଥିବା ବେଳେ ବୌଦ୍ଧରେ ଆଳୁ କିଲୋ ୫୦ ଟଙ୍କା ଉପରେ ରହିଛି।

### ବୌଦ୍ଧରେ ଆଳୁ କିଲୋ ୫୦



ବୌଦ୍ଧ ବଜାରରେ ଆଳୁ।

ଏପଟେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଆଳୁ କିଲୋ ୩୨ରୁ ୩୪ ଟଙ୍କା ଉପରେ କେହି ବିକ୍ରି କରିପାରିବେ ନାହିଁ ବୋଲି କହୁଥିବା ବେଳେ ଏହାକୁ କେହି ମାନୁନାହାନ୍ତି। ଗରିବ ଲୋକଙ୍କ ପାଇଁ ଆଳୁ ଓ ପିଆଜ ମୁଖ୍ୟ ଖାଦ୍ୟ ହୋଇଥିବା ବେଳେ ଏହାର ଦର ବୃଦ୍ଧି ଚିନ୍ତାରେ ପକାଇଛି। ଜିଲାରେ ପରିବାର ଦର ନିୟନ୍ତ୍ରଣରେ ପ୍ରଶାସନ ପୁରା ବିଫଳ ହୋଇପଡିଛି। ଜିଲାରେ ଆଳୁ ସହ ପିଆଜ ଦର ମଧ୍ୟ ୫୦ ଉପରେ ରହିଛି। ବୌଦ୍ଧ କୃଷି ପ୍ରଧାନ ଜିଲା ହୋଇଥିବା ବେଳେ ଚଳିତବର୍ଷ ପନିପରିବା ଦର ଆକାଶ ଛୁଆଁ ହୋଇଛି। ଜିଲାରେ ଟମାଟୋ କିଲୋ ୬୦, କଞ୍ଚାଲଙ୍କା ୨୦୦, ଭେଣ୍ଡି ୬୦, ଫୁଲ କୋବି କେଜି ୧୦୦, ବନ୍ଧା କୋବି ୬୦, ବାଇଗଣ କିଲୋ ୪୦ ଟଙ୍କା ଉପରେ ରହିଛି। ଜିଲାରେ ଗୋଟିଏ ହେଲେ ଶୀତଳଭଣ୍ଡାର ନ ଥିବା ବେଳେ ବାହାରୁ ପନିପରିବା ଆସୁଥିବାରୁ ପନିପରିବା ଦର ବୃଦ୍ଧି ପାଉଛି। ଅପରପକ୍ଷରେ ଶୀତଳ ଭଣ୍ଡାର ନ ଥିବାରୁ ଜିଲାର ଚାଷୀ ନିଜର ଉତ୍ପାଦିତ ପନିପରିବା ସଂରକ୍ଷିତ ରଖି ପାରୁ ନ ଥିବା ବେଳେ ଉଚିତ୍ ମୂଲ୍ୟ ପାଇ ନ ଥାଏ। ପନିପରିବା ଦର ବୃଦ୍ଧି ରୋକିବା ଦିଗରେ ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଦୁମଦୁମି-ବଡ଼ଟିକା ରାସ୍ତା କର୍ଦ୍ଦମାକ୍ତ

ଲୋଇସିଂହା,୨୮।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଦୁମଦୁମି-ବଡଟିକା ରାସ୍ତାରେ ମୋରମ ବିଛାଯାଇଛି। ବର୍ଷା ହେବା ଫଳରେ ରାସ୍ତା କର୍ଦ୍ଦମାକ୍ତ ହୋଇ ପଡିଛି। ଫଳରେ ଏହି ରାସ୍ତାରେ ଯିବାଆସିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ଲୋଇସିଂହା ବ୍ଲକ କୁଟେନପାଲି ପଞ୍ଚାୟତ ଦୁମଦୁମିରୁ ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତ ସଦର ଗାଁକୁ ରାସ୍ତା ସଂଯୋଗୀକରଣ ରହିଛି। ଏହି ରାସ୍ତା ମୋରମ ରାସ୍ତା ରହିଛି। କୁଟେନପାଲି ପଞ୍ଚାୟତ ପକ୍ଷରୁ ନିକଟରେ ଉକ୍ତ ରାସ୍ତାରେ ମୋରମ ବିଛାଯାଇଛି। ବର୍ଷାରେ ରାସ୍ତା ଅବସ୍ଥା ଏପରି ଶୋଚନୀୟ ହୋଇପଡିଛି ଯେ, ବଡଟିକା ଅଞ୍ଚଳର ଜନସାଧାରଣ ଏବଂ ଦୁମଦୁମି ଗ୍ରାମର ଚାଷୀମାନେ କ୍ଷେତକୁ ଯିବା ଆସିବା ବେଳେ ହଟହଟା ହେଉଛନ୍ତି। ଖରାଦିନେ ରାସ୍ତାରେ ମୋରମ କାମ ହୋଇଥିଲେ ଏହି ସମସ୍ୟା ହୋଇ ନ ଥାନ୍ତା ବୋଲି ଦୁମଦୁମି ଗ୍ରାମବାସୀ କହିଛନ୍ତି।



ବର୍ଷାରେ କର୍ଦ୍ଦମାକ୍ତ ହୋଇପଡ଼ିଥିବା ରାସ୍ତା।

# ସୁବର୍ଣ୍ଣପୁର ସହର ପାଇଁ ସିସି କ୍ୟାମେରା ସ୍ୱପ୍ନ

ସୋନପୁର,୨୮।୭(ମୃତ୍ୟୁଞ୍ଜୟ ଶତପଥୀ)



ସିସି ଟିଭି କ୍ୟାମେରା।

ସୁବର୍ଣ୍ଣପୁର ସହରର ଗୁରୁତ୍ୱପୂର୍ଣ୍ଣ ଛକ ଏବଂ ଜିଲାର ବିନିକା ଓ ତରଭା ସହରରେ ସିସି ଟିଭି କ୍ୟାମେରା ଲଗାଇବା ପାଇଁ ନିଷ୍ପତ୍ତି ହୋଇଛି। ଜାନୁୟାରୀ ମାସରେ ଜିଲା ସଡକ ସୁରକ୍ଷା କମିଟି ଓ ସଚେତନ ନାଗରିକଙ୍କୁ ନେଇ ଅନୁଷ୍ଠିତ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ନିଆ ଯାଇଥିଲା। ଜିଲାପାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଇତିମଧ୍ୟରେ ଜିଲାପାଳ ଓ ଏସ୍‌ପିଙ୍କ ବଦଳି ହୋଇସାରିଛି। ନିକଟରେ ରାଜ୍ୟରେ ସରକାର ମଧ୍ୟ ପରିବର୍ତ୍ତନ ହୋଇଛି। ତେବେ ଦୀର୍ଘ ୭ ମାସ ପରେ ବି ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିନି। ଜିଲାର ତିନି ପ୍ରମୁଖ ସହର ଶକ୍ତିଶାଳୀ ସିସି ଟିଭି କ୍ୟାମେରା ସ୍କାନରରେ ରହିବ। ଅପରାଧ ନିୟନ୍ତ୍ରଣ ଓ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ପୋଲିସକୁ ସହଜ ହେବ। ତେବେ ଏହା ସହରବାସୀଙ୍କ ପାଇଁ ସ୍ୱପ୍ନ ହୋଇରହିଛି।

ସୁବର୍ଣ୍ଣପୁର ସହର ବ୍ଲକ ଛକ ଟ୍ରାଫିକ୍ ପୋଷ୍ଟରେ ଗତ ଜାନୁୟାରୀ ୨ ତାରିଖ ସନ୍ଧ୍ୟାରେ ସ୍କୁଟି ଉପରେ ଏକ ହାଇୱା ଚଢି ଯାଇଥିଲା। ହାଇୱା ତଳେ ଚାପି ହୋଇ ସ୍କୁଟିରେ ଯାଉଥିବା ବାପ ପୁଅଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଏହି ଘଟଣା ପରେ ତତ୍ପରତା ପ୍ରକାଶ ପାଇବା ସହ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ହୋଇଥିଲା। ତତ୍କାଳୀନ ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ସଡକ ଦୁର୍ଘଟଣାର କାରଣ ଓ ଏହାର ନିରାକରଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲା ସଦର ମହକୁମାର ବ୍ଲକ ଛକ, ବୁଢାରଜା ଛକ, ପଟାଭାଡି ଛକ, ନଳିନୀ ଛକ, ସ୍ମାର୍ଟ ପାର୍କ ଛକକୁ ପର୍ଯ୍ୟାୟ କ୍ରମେ ଗୋଲେଇ ଛକ କରିବା ପାଇଁ ତତ୍କାଳୀନ ଜିଲାପାଳ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ବ୍ଲକ ଛକ ଓ ବୁଢାରଜା ଛକକୁ ଗୋଲେଇ ଛକ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ୬୦ ମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ବ୍ଲକ ଛକ ଓ ୩୦ ମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ବୁଢାରଜା ଛକରେ ଗୋଲେଇ ଛକ ପାଇଁ ସର୍ଭେ କରି ପ୍ଲାନ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରମ ପର୍ଯ୍ୟାୟରେ ସହରର ଗୁରୁତ୍ୱପୂର୍ଣ୍ଣ ନଳିନୀ ଛକ, ବ୍ଲକ ଛକ ଓ ବୁଢାରଜା ଛକରେ ସିସି କ୍ୟାମେରା ସ୍ଥାପନ ପାଇଁ ପୌର ନିର୍ବାହୀ ଅଧିକାରୀଙ୍କୁ କୁହା ଯାଇଥିଲା। ପ୍ରାକ୍ତନ ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀ, ପୌରାଧ୍ୟକ୍ଷା, ପ୍ରାକ୍ତନ ପୌରାଧ୍ୟକ୍ଷ ଓ ସଚେତନ ନାଗରିକ ମାନେ ଏହି ବୈଠକରେ ଯୋଗ ଦେଇଥିଲେ। ତେବେ ଜିଲାପାଳ ଓ ଏସ୍‌ପିଙ୍କ ବଦଳି ପରେ ମଧ୍ୟ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିନି। ସହରରେ ସିସି କ୍ୟାମେରା ଲଗାଇବା ପାଇଁ ପୌର ପରିଷଦ ଆଗ୍ରହ ପ୍ରକାଶ କରୁନି। ଏଥିପାଇଁ ଆବଶ୍ୟକ ଅର୍ଥ ନଥିବା ପୌର କର୍ତ୍ତୃପକ୍ଷ କହୁଛନ୍ତି। ସେହିପରି ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାର ସୁବର୍ଣ୍ଣପୁର, ବିନିକା ଓ ତରଭା ସହର ର ଗୁରୁତ୍ୱପୂର୍ଣ୍ଣ ଛକ ମାନଙ୍କରେ ସିସି କ୍ୟାମେରା ଲଗାଇବା ପାଇଁ ୧କୋଟି ୧୪ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ପରିବହନ ବିଭାଗର କମିଶନରଙ୍କୁ ଆବଶ୍ୟକ ଅନୁଦାନ ପାଇଁ ଗତ ଜାନୁୟାରୀ ମାସରେ ଚିଠି ମାଧ୍ୟମରେ ଅନୁରୋଧ କରା ଯାଇଥିଲା। ତେବେ ଏହା ପରିବହନ ବିଭାଗର କାର୍ଯ୍ୟ ନୁହଁ କହି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏହାକୁ ଗୁରୁତ୍ୱ ଦେଇନଥିଲେ। ଫଳରେ ଜିଲାର କୌଣସି ଗୋଟିଏ ବି ସହରରେ ସରକାରଙ୍କ ପକ୍ଷରୁ ସିସି କ୍ୟାମେରା ଲାଗିପାରିନି। ନିର୍ବାଚିତ ଲୋକପ୍ରତିନିଧିମାନେ ଏଥିପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ରାଜ୍ୟର ଅନ୍ୟ ସହର ମାନଙ୍କରେ ସିସି କ୍ୟାମେରା ଲଗାଇବା ପାଇଁ ସରକାର ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦେଉଛନ୍ତି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ପାଇଁ ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ସହରର ବିଭିନ୍ନ ସ୍ଥାନରେ ଅପରାଧିକ କାର୍ଯ୍ୟକଳାପ ତଥା ଅନ୍ୟାନ୍ୟ ବିଷୟରେ ଦୃଷ୍ଟି ରଖିବା ପାଇଁ ସିସି କ୍ୟାମେରାର ଆବଶ୍ୟକ ଥିଲା। ତେବେ ରାଜ୍ୟର ଅନ୍ୟ ସହରରେ ସିସି କ୍ୟାମେରା ଲାଗିଥିବା ବେଳେ ସୁବର୍ଣ୍ଣପୁର ଜିଲା ଏକ୍ଷେତ୍ରରେ ପଛରେ ରହିଛି। ସିସି ଟିଭି ନଥିବା ଯୋଗୁ ଚୋର, ଡକାୟତଙ୍କୁ ଧରିବା ପୋଲିସ ପକ୍ଷେ କଷ୍ଟସାଧ୍ୟ ହେଉଛି। ଲୁଟ୍ କରି ଆଖି ପିଛୁଳାକେ ରାଜପଥ ଦେଇ ଲୁଟେରାମାନେ ଫେରାର ହୋଇଯାଉଛନ୍ତି। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ବି ଲୁଟେରାଙ୍କ ଟେର ପାଉନାହିଁ। ସେହିପରି ଟ୍ରାଫିକ୍ ନିୟମ ଭାଙ୍ଗୁଥିବା ଅମାନିଆଙ୍କ ଉପରେ ମଧ୍ୟ ନଜର ରଖି ହେଉନାହିଁ। ନୂଆ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଜିଲା କଲ୍‌ଚରାଲ ଏକାଡେମୀର ବର୍ଷା ଆସର



କବିତା ଆସରରେ ଅତିଥି।

ବୌଦ୍ଧ,୨୮।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କଲଚରାଲ ଏକାଡେମୀର ବର୍ଷା କବିତା ଆସର ରବିବାର ଦିନ ସହରର ଦାନୀସାହିସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାଡେମୀର ସଭାପତି ଧ୍ରୁବଚରଣ ଘିବେଲା ସଭାପତିତ୍ୱ କରିଥିଲେ। ସେ କହିଥିଲେ, ଅସ୍ମିତା କହିଲେ ଅହଂ ଶୂନ୍ୟ ସ୍ୱାଭିମାନ। ଆମେ ସାହତ୍ୟକୁ ଭଲ ପାଇବା। ଜୁଲୁଜୁଲିଆ ପୋକ ଯେପରି ଆଲୁଅ ଦେଇ ଅନ୍ଧାର ରାତିରେ ପଥ ପ୍ରଦର୍ଶକ ସାଜିଥାଏ, ସେହିପରି ଆମକୁ ଭାଷା, ସାହିତ୍ୟର ଉନ୍ନତି ପାଇଁ କାମ କରିବାକୁ ହେବ ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ନାୟକ କହିଥିଲେ, ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାର ବିକାଶ ହେଉଛି ଅସ୍ମିତା। ବଳିଷ୍ଠ ଲେଖା ମାଧ୍ୟମରେ ଆମେ ଭାଷା ସାହିତ୍ୟର ବିକାଶ କରି ପାରିବା ବୋଲି ମତବ୍ୟକ୍ତ କରିଥିଲେ। କବି କିଶୋର ମିଶ୍ର ବର୍ଷା କବିତା ଉପରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ କବି ଗୋଲକ ବିହାରୀ ସାହୁ, କାର୍ତ୍ତିକେଶ୍ୱର ନାୟକ, ସୁଶୀଲ କୁମାର ଭୋଇ, ଟଙ୍କଧର ସାହୁ, ସତ୍ୟ ନାରାୟଣ ଦେହୁରୀ, ରାଧାମୋହନ ମହାରଣା, ରମେଶ ପ୍ରସାଦ ମେହେର, ହିମାଞ୍ଚଳ ମିଶ୍ର, ଚନ୍ଦ୍ରକାନ୍ତ ନାୟକ, ରାଜକୁମାର ପ୍ରଧାନ ପ୍ରମୁଖ ବର୍ଷା ଉପରେ ଆଧାରିତ କବିତା ଆବୃତ୍ତି କରିଥିଲେ । ଶେଷରେ ରାଜକୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ପାଇବେ ରାମକ୍ରୀଷ୍ଣା ଓ ହରିଲାଲା

ଭୁବନେଶ୍ୱର,୨୮।୭(ଶର୍ମିଷ୍ଠା ପାଣିଗ୍ରାହୀ)

୨୦୨୩ ବର୍ଷ ପାଇଁ 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ପାଇବାକୁ ବରଗଡ଼ର ବୁଣାକାର ରାମକ୍ରୀଷ୍ଣା ମେହେର, ହରିଲାଲ ମେହେର ମନୋନୀତ ହୋଇଛନ୍ତି। ସେହିପରି 'ଜାତୀୟ ହସ୍ତତନ୍ତ ପୁରସ୍କାର' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ସୁବର୍ଣ୍ଣପୁରର ରସାନନ୍ଦ ମେହେର, ଉତ୍ତମ କୁମାର ମେହେର ଏବଂ ଡିଜାଇନର୍ ଶ୍ୟାମ ସୁନ୍ଦର ମେହେର। ଅଗଷ୍ଟ ୭ରେ ଜାତୀୟ ହସ୍ତତନ୍ତ ଦିବସ ଉପଲକ୍ଷେ ସେମାନଙ୍କୁ ପୁରସ୍କୃତ କରାଯିବ। ଏ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ୍ସ ମାଧ୍ୟମରେ ଶୁଭେଚ୍ଛା ଜଣାଇ ଲେଖିଛନ୍ତି, ଆପଣମାନେ ଆମର ଗର୍ବ। ଏହିସମ୍ମାନ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତକୁ ଲୋକପ୍ରିୟ କରିବା ସହ ଜାତୀୟ ସ୍ତରରେ ଓଡ଼ିଶାର ନାଁକୁ ଆହୁରି ଉଜ୍ଜ୍ୱଳ କରିବ।

## ସଂକ୍ଷେପରେ

### ୨୫ କେଜି ଗଞ୍ଜେଇ ଜବତ

ବାଉଁଶୁଣୀ,୨୮।୭( ଦେବାଶିଷ ନେପାକ)

ରବିବାର ବୌଦ୍ଧ ଜିଲା ବାଉଁଶୁଣୀ ଥାନା କଣ୍ଠା ଗ୍ରାମ ରାସ୍ତାରୁ ୨୫ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇ ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ ଙ୍କ ତତ୍ତ୍ୱାବଧାନରେ ବାଉଁଶୁଣୀ ଥାନା ପୋଲିସ ଚଢାଉ କରିଥିଲା । କଣ୍ଠା ଗ୍ରାମର ଗିରିଶ ତାଣ୍ଡିଆ ଏକ ବସ୍ତାରେ ଗଞ୍ଜେଇ ନେଇ ଯାଉଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ବସ୍ତାରେ ଥିବା ଗଞ୍ଜେଇ ୨୫ କେଜି ୩୦୦ ଗ୍ରାମ ହୋଇଥିଲା। ଏ ନେଇ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

### ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ି ଅଜଣା ବୃଦ୍ଧ ଆହତ

ସରଣ୍ଡା,୨୮।୭(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ରେଲୱେ ଷ୍ଟେଶନ ପାଖ ଝାଉଁଜୋର ନଦୀରେ ରବିବାର ସନ୍ଧ୍ୟା ୭ଟାରେ ଚଳନ୍ତା ଟ୍ରେନ୍‌ରୁ ଖସି ପଡ଼ ଜଣେ ଅଜଣା ବୃଦ୍ଧ ଆହତ ହୋଇଛନ୍ତି। ମିଳିଥିବା ଖବର ଅନୁସାରେ ଅତାବିରା ଷ୍ଟେଶନରୁ ଅଧ କି.ମି. ଦୂର ଝାଉଁଜୋର ନଦୀରେ ରବିବାର ସନ୍ଧ୍ୟା ୭ଟା ୧୦ ମିନିଟରେ ସମ୍ବଲପୁରକୁ ଯାଉଥିବା ଚଳନ୍ତା ସମଲେଶ୍ୱରୀ ଟ୍ରେନରୁ ଅଜଣା ବୃଦ୍ଧ ତଳେ ପଡ଼ି ଯାଇଥିଲେ। ସାଙ୍ଗେ ସାଙ୍ଗେ ଟେନ ଅଟକି ଖୋଜାଖୋଜି କରିଥିଲା। ବୃଦ୍ଧ ନଦୀ ଗର୍ଭରେ ପଡିଥିବାରୁ ତାଙ୍କୁ ନ ପାଇ ଅତାବିରା ଷ୍ଟେଶନକୁ ଖବର ଦେବା ସହ ସେଠାରେ ଥିବା ଦିଲୀପ ମହାପାତ୍ର ନାମକ ସରଣ୍ଡାର ଜଣେ ଚାଷୀଙ୍କୁ ମଧ୍ୟ କହିଥିଲେ। ଚାଷୀ ଦିଲୀପ ଆହତ ବୃଦ୍ଧଙ୍କୁ ନଦୀରୁ ଉଠାଇ କୂଳକୁ ନେଇଥିଲେ। ସେଠାରେ ସ୍ଥାନୀୟ ରେଲୱେ ଚାବିଦାର ମଧ୍ୟ ପହଞ୍ଚିଥିଲେ। ପରେ ଷ୍ଟେଶନ ମାଷ୍ଟର ଷ୍ଟେଚର ସହ କର୍ମଚାରୀଙ୍କୁ ଉଦ୍ଧାର ପାଇଁ ପଠାଇ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଖବର ପାଇ ଅତାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପହଞ୍ଚିଥିଲା। ସମସ୍ତଙ୍କ ସହଯୋଗରେ ଆହତ ବୃଦ୍ଧଙ୍କୁ ଅଣାଯାଇଥିଲା। ତାଙ୍କୁ ଚିକିତ୍ସା ପାଇଁ ଅତାବିରା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି । ଏ ଯାଏଁ ତାଙ୍କ ପରିଚୟ ମିଳିପାରିନାହିଁ।

## ଡ୍ରେନେଜ୍ ନାହିଁ, ହେଉନି ବର୍ଷାଜଳ ନିଷ୍କାସନ

ଅମରପାଲି,୨୮।୭(ପୀତାମ୍ବର ସାହୁ)


ବର୍ଷା ପାଣି ଘେରରେ ସୁବଳୟା ବାବା ମଠ ସାହିର ଲୋକେ।

**ସୁବଳୟା ବାବାମଠ ସାହି ଜଳବନ୍ଦୀ**
■ବୁଣାକାରଙ୍କ ମଙ୍ଗାଶାଳରେ ପଶିଛି ପାଣି
■ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ବାବାମଠ ସାହିର ୪୦ ବୁଣାକାର ପରିବାର ଗତ ୭ଦିନ ହେଲା ପାଣି ଘେରରେ ଅଛନ୍ତି। ଲଘୁଚାପଜନିତ ବର୍ଷା ପ୍ରଭାବରେ ବିଭିନ୍ନ ସ୍ଥାନରେ ପାଣି ଜମି ରହିଛି। ସୁବଳୟା ବାବା ମଠ ସାହିର ୪୦ ପରିବାର ପ୍ରାୟ ସପ୍ତାହେ ହେଲା ପାଣି ଘେରରେ ଅଛନ୍ତି। ସୁବଳୟା ମୁଖ୍ୟ ରାସ୍ତାରୁ କିଛି ଦୂରରେ ରହିଛି ବାବା ମଠ ସାହି। କେତେକ ଦୋକାନ ଗୃହ ନୂତନ ଭାବେ ନିର୍ମାଣ ହେବା ଓ ରାସ୍ତା ଉଚ୍ଚା ହୋଇଯିବାରୁ ପାଣି ନିଷ୍କାସନ ହୋଇପାରୁ ନଥିବାରୁ ଏହି ସମସ୍ୟା ହୋଇଥିବା ସେଠାକାର ଅଧିବାସୀମାନେ ପ୍ରକାଶ କରିଛନ୍ତି। ଏହି ସାହିରୁ ପ୍ରତ୍ୟେକ ଦିନ ପିଲାଛାତ୍ର ମାନେ ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟାଳୟ ଓ କଲେଜକୁ ପାଠ ପଢିବା ପାଇଁ ଯାଇଥାନ୍ତି। ଲୋକେ ବିଭିନ୍ନ କାମରେ ବାହାରକୁ ଯିବା ଆସିବା କରିବା ବେଳେ ପ୍ରାୟ ୨ ଫୁଟ ପାଣି ଭିତରେ ପଶି ଯିବାକୁ ପଡୁଛି। ଏପରିକୁ ଘରେ ପାଣି ପଶି ଯାଇଥିବାରୁ ବୁଣାକାରଙ୍କ ମଙ୍ଗାଶାଳରେ ପାଣି ଜମି ରହିଛି। ତେଣୁ ସେମାନେ ଲୁଗା ବୁଣିପାରୁ ନାହାନ୍ତି। ପ୍ରଥମେ ବର୍ଷା ପାଣି ଘେରି ଯିବାରୁ ଦମକଳ ବାହିନୀ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ପାଣି ନିଷ୍କାସନ କରିଥିଲା। ପରେ ପ୍ରଶାସନ ତରଫରୁ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଜମି ଥିବା ପାଣି ନିଷ୍କାସନ ସହିତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ସରପଞ୍ଚ ପ୍ରମୋଦ ମହାପାତ୍ରଙ୍କ ସମେତ ପଞ୍ଚାୟତ ସମିତି ଉପାଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟା ଓ ବିଧାୟକଙ୍କୁ ଅନୁରୋଧ କରିଥିବା ବାବା ମଠ ସାହି ବାସିନ୍ଦା କହିଛନ୍ତି। ସରପଞ୍ଚ ମହାପାତ୍ର କହିଛନ୍ତି ଆରଡି ବିଭାଗ କାମ କରିବା ପରେ ରାସ୍ତା ଉଚ୍ଚା ହୋଇ ପାଣି ନିଷ୍କାସନ ହୋଇପାରୁନାହିଁ। ଆରଡି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଡ୍ରେନେଜ କରିବାକୁ ସେ କହିଛନ୍ତି। ଡୋଳାମଣି ମେହେର, କଳକାହ୍ନୁ ମେହେର, ବିଦ୍ୟାଧର ମେହେର, ଗୋଜିନ୍ଦ ମେହେର, ଅରୁଣ କୁମାର ମେହେର, ଝରିଆ ମେହେର, ଧବଳେଶର ମେହେର, ଯାଦବ ମେହେର, ଜାହ୍ନବୀ ମେହେରଙ୍କ ସମେତ ଅନ୍ୟ ଅଧିବାସୀ ଏହି ସମସ୍ୟାର ସମାଧାନ ଯଥାଶୀଘ୍ର କରିବାକୁ ଦାବି କରିଛନ୍ତି।

## ବୁରୋଘାଟ-କେନ୍ଦୁପାଲି ରାସ୍ତା ମରାମତି ହେଉନି

ଅମରପାଲି,୨୮।୭(ପୀତାମ୍ବର ସାହୁ)

ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଅନ୍ତର୍ଗତ ବୁରୋଘାଟ କେନ୍ଦୁପାଲି ଦୀର୍ଘ ୨ କିଲୋମିଟର ରାସ୍ତା ଶୋଚନୀୟ ହୋଇପଡିଛି। ବିଭିନ୍ନ ସମୟରେ ବୁରୋଘାଟ ଗ୍ରାମବାସୀ ବିଭାଗୀୟ ଅଧିକାରୀ, ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି। ଗ୍ରାମବାସୀ ଏନେଇ ତତ୍କାଳୀନ ଜିଲାପାଳ ବିମଳେନ୍ଦୁ ରାଏଙ୍କୁ ୧୪ ଅଗଷ୍ଟ ୨୦୨୩ରେ ଭେଟି ରାସ୍ତାର ମରାମତି ପାଇଁ ଦାବି କରିଥିଲେ। କିନ୍ତୁ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ପ୍ରାୟ ୯ ବର୍ଷ ତଳେ ଏହି ରାସ୍ତା ବିଜୁ ସଡ଼କ ଯୋଜନରେ ନିର୍ମାଣ ହୋଇଥିଲା। ସେହି ଦିନଠାରୁ ଆଉ ରାସ୍ତାର ମରାମତି ହୋଇନାହିଁ। ଏହି ରାସ୍ତାଦେଇ ପ୍ରତ୍ୟେହ ଗ୍ରାମବାସୀଙ୍କ ସହିତ ଛାତ୍ରୀଛାତ୍ରମାନେ ଯାତାୟାତ କରିଥାନ୍ତି। ରାସ୍ତାଟି କାଦୁଅ ପଚ ପଚ ହୋଇଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରୀକାଳୀନ ଯାନବାହାନ ଗାଁକୁ ପହଞ୍ଚିବାରେ ବି ଅସୁବିଧା ହେଉଛି।

## ଶିକ୍ଷା ସପ୍ତାହ ପାଳନ ଉଦ୍‌ଯାପିତ

ଅମରପାଲି,୨୮।୭(ପୀତାମ୍ବର ସାହୁ)


ବାଗବର ସ୍କୁଲରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସମସ୍ତ ସ୍କୁଲରେ ହେଉଥିବା ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ ରବିବାର ଉଦ୍‌ଯାପିତ ହୋଇଯାଇଛି। ସପ୍ତାହବ୍ୟାପୀ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ସୋମବାରଠାରୁ ରବିବାର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟହ ଶିକ୍ଷା ସମନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ କରି ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିଜ ସ୍କୁଲରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀ ଯୋଗଦେଇଥିଲେ। ସୋମବାର ଶିକ୍ଷଣ ସାମଗ୍ରୀ ଦିବସ ପାଳନ, ମଙ୍ଗଳବାର ଏଫ.ଏଲ.ଏନ. ଦିବସ ପାଳନ, ବୁଧବାର କ୍ରୀଡା ଦିବସ ପାଳନ, ଗୁରୁବାର ସାଂସ୍କୃତିକ ଦିବସ ପାଳନ, ଶୁକ୍ରବାର ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ପାଳନ, ଶନିବାର ଇକୋ କ୍ଲବ ଓ ସ୍କୁଲ ପୋଷଣ ଦିବସ ପାଳନ ଏବଂ ରବିବାର ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ ହୋଇଥିଲା। ବ୍ଲକର ବାଗବର ୟୁପି ସ୍କୁଲ, ଖଣ୍ଡହତା ୟୁପି ସ୍କୁଲ, ଅମରପାଲି ୟୁପି ସ୍କୁଲ, ବହଳପଦର ୟୁପି ସ୍କୁଲ ଆଦି ସ୍କୁଲରେ ଶିକ୍ଷା ସପ୍ତାହ ପାଳନ ହୋଇଥିଲା। ଅମରପାଲି ୟୁପି ସ୍କୁଲରେ ପ୍ରଧାନ ଶିକ୍ଷକ ଦୁଖିଶ୍ୟାମ ଭୋଇଙ୍କ ତତ୍ତ୍ୱାବଧାନରେରେ ଏହି ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରାଣବନ୍ଧୁ ସାହୁ, ଯଦୁମଣି ବାଘ, ତପକିରଣ ସାହୁ, ଶୁଭାଶିଷ ମିଶ୍ର, ପ୍ରଦୀପ ଜଗଦଲା, ରାଜୀବ ଦୀପ, ଅମୂଲ୍ୟ ମହାରଣା, ଆନନ୍ଦିନୀ ପ୍ରଧାନ ପରିଚାଳନା କରିଥିଲେ। ସେହିପରି ବାଗବର ୟୁପି ସ୍କୁଲରେ ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ ଶିକ୍ଷା ସପ୍ତାହ ପାଳନରେ ଶିକ୍ଷକ ପ୍ରଭୁଦତ୍ତ ବେଦୋକ୍ତା, ମିନାକ୍ଷୀ ପ୍ରଧାନ, ଗୌରୀ କୁମୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଖଣ୍ଡହତା ୟୁପି ସ୍କୁଲରେ ପ୍ରଧାନଶିକ୍ଷକ ବିଶାମିତ୍ର ନାଏକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଦିବସ ପାଳନ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଯୋଗଦେଇ ଛାତ୍ରଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।

## ଇକୋ କ୍ଲବ ପକ୍ଷରୁ ବୃକ୍ଷରୋପଣ


ବିଦ୍ୟାଳୟରେ ବୃକ୍ଷରୋପଣ ଅବସରରେ ଶିକ୍ଷକ ଓ ଛାତ୍ରୀଛାତ୍ର।

ବୌଦ୍ଧ,୨୮।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ ଏମଇ ବିଦ୍ୟାଳୟ ପ୍ରାଙ୍ଗଣରେ ଶିକ୍ଷା ସପ୍ତାହର ଷଷ୍ଠ ଦିବସରେ ବିଦ୍ୟାଳୟର ୟୁଥ ଇକୋ କ୍ଲବ ପକ୍ଷରୁ ଶନିବାର ଦିନ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପିଜୁଳି, ଆମ୍ୱ, କଦଳୀ ଏବଂ ଜାମୁ କୋଳି ଗଛ ରୋପଣ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ନିର୍ମଳ ରଣା, ସହକାରୀ ଶିକ୍ଷକ ମନମୋହନ ସାହୁ, ସତ୍ୟଭାମା ସାହୁ, ସରିତା ବିଷୋୟୀ ସାମିଲ ଥିଲେ। ଏହାସହ ଇକୋ କ୍ଲବର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ। ଏଥିରେ ବୃକ୍ଷରୋପଣ ଓ ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଆଲୋଚନାଚକ୍ରରେ ଶିକ୍ଷାର୍ଥୀ ଓ ଶିକ୍ଷକମାନେ ନିଜର ମତାମତ ଉପସ୍ଥାପନା କରି ବୃକ୍ଷରୋପଣର ମହାନତା ଉପରେ ଅବଗତ କରାଇଥିଲେ।

## ବହିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ପାଳିତ

ବାଉଁଶୁଣୀ,୨୮।୭(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷା ସପ୍ତାହ ପାଳନ ଅବସରରେ ଶନିବାର ପୋଷଣ ଦିବସ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଶିକ୍ଷଣ ସାମଗ୍ରୀ ଦିବସ ପାଳିତ ହୋଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଣ୍ଡାରାମ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ହାଇସ୍କୁଲ ଶିକ୍ଷକ ତଥା ସବୁଜ ସାହିତ୍ୟ ସଂସଦର ସମ୍ପାଦକ ଦେଶବନ୍ଧୁ ମହାକୁଳ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଦିବସରେ ଏଫ.ଏଲ.ଏନ, ତୃତୀୟ ଦିବସରେ କ୍ରୀଡା, ଚତୁର୍ଥ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପଞ୍ଚମ ଦିବସରେ ଦକ୍ଷତା ଓ ଡିଜିଟାଲ ପ୍ରତ୍ସୋହନ ଏବଂ ଷଷ୍ଠ ଦିବସରେ ସ୍କୁଲ ପୋଷଣ ଦିବସ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଶିକ୍ଷକ ପ୍ରମୋଦ କୁମାର ବେହେରା, ହିମାଂଶୁ ଶେଖର ବିଶି, ଶିକ୍ଷୟିତ୍ରୀ ମନସ୍ୱିନୀ ବାରିକ, ପରିଚାଳନା କମିଟି ସଭାପତି ଶିବ ପ୍ରସାଦ ଗାଇଗୌରିଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଖାଉଟିଙ୍କୁ ବାଧିଲାଣି ବଜାର ଦର

ବୌଦ୍ଧ,୨୮।୭( ଅଜିତ କୁମାର ବାରିକ)


ବୌଦ୍ଧ ବଜାରରେ ଆଳୁ।

**ବୌଦ୍ଧରେ ଆଳୁ କିଲୋ ୫୦**

ସାରା ରାଜ୍ୟରେ ଆଳୁକୁ ନେଇ ଖାଉଟି ଚିନ୍ତାରେ ପଡିଥିବା ବେଳେ ବୌଦ୍ଧରେ ଆଳୁ କିଲୋ ୫୦ ଟଙ୍କା ଉପରେ ରହିଛି। ଏପଟେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଆଳୁ କିଲୋ ୩୨ରୁ ୩୪ ଟଙ୍କା ଉପରେ କେହି ବିକ୍ରି କରିପାରିବେ ନାହିଁ ବୋଲି କହୁଥିବା ବେଳେ ଏହାକୁ କେହି ମାନୁନାହାନ୍ତି। ଗରିବ ଲୋକଙ୍କ ପାଇଁ ଆଳୁ ଓ ପିଆଜ ମୁଖ୍ୟ ଖାଦ୍ୟ ହୋଇଥିବା ବେଳେ ଏହାର ଦର ବୃଦ୍ଧି ଚିନ୍ତାରେ ପକାଇଛି। ଜିଲାରେ ପରିବାର ଦର ନିୟନ୍ତ୍ରଣରେ ପ୍ରଶାସନ ପୁରା ବିଫଳ ହୋଇପଡିଛି। ଜିଲାରେ ଆଳୁ ସହ ପିଆଜ ଦର ମଧ୍ୟ ୫୦ ଉପରେ ରହିଛି। ବୌଦ୍ଧ କୃଷି ପ୍ରଧାନ ଜିଲା ହୋଇଥିବା ବେଳେ ଚଳିତବର୍ଷ ପନିପରିବା ଦର ଆକାଶ ଛୁଆଁ ହୋଇଛି। ଜିଲାରେ ଟମାଟୋ କିଲୋ ୬୦, କଞ୍ଚାଲଙ୍କା ୨୦୦, ଭେଣ୍ଡି ୬୦, ଫୁଲ କୋବି କେଜି ୧୦୦, ବନ୍ଧା କୋବି ୬୦, ବାଇଗଣ କିଲୋ ୪୦ ଟଙ୍କା ଉପରେ ରହିଛି। ଜିଲାରେ ଗୋଟିଏ ହେଲେ ଶୀତଳଭଣ୍ଡାର ନ ଥିବା ବେଳେ ବାହାରୁ ପନିପରିବା ଆସୁଥିବାରୁ ପନିପରିବା ଦର ବୃଦ୍ଧି ପାଉଛି। ଅପରପକ୍ଷରେ ଶୀତଳ ଭଣ୍ଡାର ନ ଥିବାରୁ ଜିଲାର ଚାଷୀ ନିଜର ଉତ୍ପାଦିତ ପନିପରିବା ସଂରକ୍ଷିତ ରଖି ପାରୁ ନ ଥିବା ବେଳେ ଉଚିତ୍ ମୂଲ୍ୟ ପାଇ ନ ଥାଏ। ପନିପରିବା ଦର ବୃଦ୍ଧି ରୋକିବା ଦିଗରେ ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଡମ୍ଫର ଧକ୍କାରେ ବାଇକ୍ ଚାଳକ ମୃତ

ରାଉରକେଲା,୨୮।୭(ଦିନେଶ ମିଶ୍ର)

ଲାଠିକଟା ବାଇପାସ୍ ରୋଡ ଏନ୍‌ଏଚ୍-୧୪୩ ଉପରେ ରବିବାର ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ ଚାଳକ ହେଲେ ରଞ୍ଜିତ ହୋବୋ(୩୪) । ସୂଚନାଯୋଗ୍ୟ, ବାଂଶଖୋର ଅଞ୍ଚଳର ରଞ୍ଜିତ ରବିବାର ଛେଣ୍ଡ ହାଟରୁ ପରିବା ବିକ୍ରୀ କରି ସନ୍ଧ୍ୟାରେ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ତାଙ୍କ ପଛପଟୁ ଏକ ଡମ୍ଫର ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫଳରେ ଯୁବକ ଜଣଙ୍କ ରାସ୍ତା ଉପରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଆରଜିଏଚ୍‌କୁ ଆଣିଥିଲେ। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଉଥିବାବେଳେ ବାଟରେ ପ୍ରାଣବାୟୁ ଉଡିଯାଇଥିଲା।

### ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ

ରାଉରକେଲା,୨୮।୭(ସଙ୍ଗୀତା ଜେନା)

ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ମାରୱାଡ଼ି ଯୁବା ମଞ୍ଚ ରାଉରକେଲା ଶାଖା ପକ୍ଷରୁ ସବୁଜ ଉତ୍ତରାଧିକାରୀ ବୃକ୍ଷରୋପଣ ସଚେତନତା ପ୍ରକଳ୍ପ ଆୟୋଜିତ ହୋଇଥିଲା। ରାଉରକେଲା ଶାଖାର ସଭାପତି ରାହୁଲ ଅଗ୍ରୱାଲଙ୍କ ସମେତ କାର୍ଯ୍ୟକ୍ରମ ଅଧକ୍ଷ ଯୋଗେଶ ଅଗ୍ରୱାଲ ଓ ଅନ୍ୟମାନେ ଏଥିରେ ସାମିଲ ଥିଲେ। ଚଳିତ ଥର ଏହି ବୃକ୍ଷରୋପଣ ସଫଳତାର ସହ ଆୟୋଜନ ହେଉଛି। ଏହି ବୃକ୍ଷରୋପଣ ଲକ୍ଷ୍ୟ ପୂରଣ ପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ। କେବଳ ଯୁବତୀ ଯୁବକ ନୁହଁନ୍ତି ସମାଜର ପ୍ରତ୍ୟେକ ବର୍ଗ ଭବିଷ୍ୟତକୁ ଦେଖି ବୃକ୍ଷରୋପଣ କରିବାକୁ ସଦସ୍ୟମାନେ ଆଲୋଚନା କରିଥିଲେ। ମୋହିତ ଗୁପ୍ତା, ଅଙ୍କିତ ଅଗ୍ରୱାଲ, ଗୌରବ ଅଗ୍ରୱାଲ, ରାହୁଲ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମା' ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମ

ରାଉରକେଲା,୨୮।୭(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଛେଣ୍ଡ କଲୋନୀ ସ୍ଥିତ ରାମକୃଷ୍ଣ ମେମୋରିଆଲ ହାଇସ୍କୁଲ ପରିସରରେ ମା ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପରିଚାଳନା କମିଟି ସଭାପତି ରାଜ କିଶୋର ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଜ ନିଜ ଅଞ୍ଚଳରେ ବୃକ୍ଷ ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଚରଣ ମହାନ୍ତି, ଆନନ୍ଦ ମହାନ୍ତି ଏବଂ ଜୟନ୍ତ କୁମାର ମିଶ୍ର ମା ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମର ତାପର୍ଯ୍ୟ ଓ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥିଙ୍କ ସହ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ମୁଦୁଲି, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ମିଶି ୨୦୦ରୁ ଅଧିକ ଚାରା ରୋପଣ କରିଥିଲେ।

# ରାସ୍ତାକଡ଼ରେ ବସୁଛନ୍ତି ପରିବା ବ୍ୟବସାୟୀ

■କାମରେ ଆସୁନି ଆର୍‌ଏମ୍‌ସି ପକ୍ଷରୁ ନିର୍ମିତ ପିଣ୍ଡି
■ପିଣ୍ଡି ବାବଦକୁ ଦେଉଛନ୍ତି ଟିକସ

ରାଉରକେଲା,୨୮।୭(ଦିନେଶ ମିଶ୍ର)


ପିଣ୍ଡି ଉପରେ ଗୋଡି , ସିମେଣ୍ଟ ଗଦା ହୋଇଛି।

ରାଉରକେଲାରେ ରାସ୍ତାକଡ଼ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ଆର୍‌ଏମ୍‌ସି ପକ୍ଷରୁ ଭେଣ୍ଡିଂଜୋନ ମାର୍କେଟ ଓ ପିଣ୍ଡି ନିର୍ମାଣ କରାଯାଇଛି। ହେଲେ ପିଣ୍ଡିଗୁଡ଼ିକ ବାଲି, ସିମେଣ୍ଟ, ଗୋଡ଼ି ବ୍ୟବସାୟୀଙ୍କ କବ୍‌ଜାରେ ଥିବା ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ପାନପୋଷର ଶୁକ୍ରବାର ହାଟରେ ଦେଖିବାକୁ ମିଳିଛି। ୨୦୧୮ରେ ଆର୍‌ଏମ୍‌ସି ପକ୍ଷରୁ ଭେଣ୍ଡିଂ ଜୋନ ନିର୍ମାଣ ହେଲା। ୫୫ ପିଣ୍ଡି ସହିତ ପାଣିଟ୍ୟାପ୍ ଓ ଶୌଚାଳୟ ବ୍ୟବସ୍ଥା କରାଗଲା। ସ୍ଥାନୀୟ ବହୁ ବ୍ୟବସାୟୀ ଏଠାରେ ପନିପରିବା ବ୍ୟବସାୟ କରିବା ସହ ଶୁକ୍ରବାର ହାଟ ଏଠାରେ ଲାଗିଲା। ଫଳରେ ଏହି ମାର୍କେଟ ଉପରେ ପାନପୋଷ, ଫାଦର କଲୋନୀ, ମଣି କଲୋନୀ, ଜଗନ୍ନାଥ କଲୋନୀ, କଳିଙ୍ଗବିହାର, ଟିସ୍କୋ, ପ୍ରଧାନପାଲ୍ଲୀ ଭଳି ବିଭିନ୍ନ ଅଞ୍ଚଳର ଲୋକେ ନିର୍ଭର କରିବାକୁ ଲାଗିଲେ। ଏଠାରେ ବେଶ୍ ଭଲ ବ୍ୟବସାୟ ହେବାରୁ ଏଠାକୁ ରାଉରକେଲା ଆଖପାଖ ବିଶ୍ରା, ନୂଆଗାଁ ଭଳି ଅଞ୍ଚଳରୁ ଚାଷୀମାନେ ଆସି ପନିପରିବା ବିକ୍ରି କରିବା ଆରମ୍ଭ କରି ଦେଇଥିଲେ। ଆର୍‌ଏମ୍‌ସି ବିଭିନ୍ନ ବ୍ୟବସାୟୀଙ୍କଠାରୁ ୧୦ ଟଙ୍କା ଲେଖାଏ ଟିକସ ନେଉଥିଲା। କରୋନା ଯୋଗୁ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସ୍ଥିତି ସ୍ୱାଭାବିକ ହେବା ପରେ ପିଣ୍ଡି ଉପରେ ଘରୋଇ ସାମଗ୍ରୀ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ବାଲି, ସିମେଣ୍ଟ, ଗୋଡ଼ି ଗଦା କରି ଏହାକୁ କବ୍‌ଜା କରି ବସିଲେ। ପୂର୍ବରୁ ଏଠାରେ ବ୍ୟବସାୟ କରୁଥିବା ବ୍ୟବସାୟୀ ଏହାକୁ ବ୍ୟବହାର କରିପାରିଲେ ନାହିଁ। ଫଳରେ ବାଧ ହୋଇ ରାସ୍ତାକଡ଼ରେ ବସି ବ୍ୟବସାୟ କରୁଛନ୍ତି। ଏଥିଯୋଗୁ ରାସ୍ତା ସଙ୍କୋଚିତ ହେଉଛି। ଯାତାୟାତରେ ବାଧା ସୃଷ୍ଟି ହେଉଛି। ସନ୍ଧ୍ୟା ହେଲେ ରାସ୍ତାକଡ଼ ଷ୍ଟ୍ରିଟ ଲାଇଟ ହିଁ ସେମାନଙ୍କ ସାହା ଭରସା। ଆର୍‌ଏମ୍‌ସି ଏହି ବ୍ୟବସାୟୀଙ୍କଠାରୁ ଅକାରଣରେ ୨୦ରୁ ୩୦ ଟଙ୍କା ଟିକସ ଆଦାୟ କରୁଛି। କିନ୍ତୁ ବେଆଇନ ଭାବେ ପିଣ୍ଡି ଉପରେ ରଖିଥିବା ବିଭିନ୍ନ ଘରୋଇ ସାମଗ୍ରୀ ବ୍ୟବସାୟୀଙ୍କ ଉପରେ ଆଜିଯାଏ ଆର୍‌ଏମ୍‌ସି ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏନେଇ ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ, ପାନପୋଷ ଅଞ୍ଚଳରେ ରାସ୍ତାକଡ଼ ବ୍ୟବସାୟୀଙ୍କ ପାଇଁ ନିର୍ମାଣ ହୋଇଥିବା ପିଣ୍ଡିର ଅପ ବ୍ୟବହାର ବିଷୟରେ ମୋ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆସନ୍ତା ୭ ଦିନ ଭିତରେ ଉକ୍ତ ଅଞ୍ଚଳକୁ ବୁଲି ଏହାର ସ୍ଥିତ ସମୀକ୍ଷା କରବା ପରେ ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବି ବୋଲି କୁଲକର୍ଣ୍ଣି ମତ ପ୍ରକାଶ କରିଥିଲେ।

# ସଫା ହେଲା ଇନ୍ଦିରାନଗର ବସ୍ତି


ନାଳ ସଫା ହେଉଛି।

ରାଉରକେଲା,୨୮।୭(ସଙ୍ଗୀତା ଜେନା)

ରାଉରକେଲା ମହାନଗରନିଗମ ଅଧୀନରେ ଥିବା ଅନେକ ବସ୍ତିରେ ବର୍ଷା ଋତୁ ପୂର୍ବରୁ ନାଳନର୍ଦ୍ଦମା ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଫଳରେ ଲଗାଣ ବର୍ଷାରେ ଏହି ଅଞ୍ଚଳ ଗୁଡ଼ିକରେ ନାଳନର୍ଦ୍ଦମା ଜାମ ହୋଇ ଘରେ ଅପରିଷ୍କାର ଜଳ ପଶୁଛି। ଏପରିକି ରାସ୍ତା ଗୁଡିକ ଜଳାର୍ଣ୍ଣବ ରହୁଛି। ଆର୍‌ଏମ୍‌ସି ୱାର୍ଡ ନଂ. ୨୨ଇନ୍ଦିରା ନଗର ବସ୍ତିରେ ଏହିପରି ସମସ୍ୟା କିଛି ଦିନରୁ ଉପୁଜିଥିଲା। ଉକ୍ତ ଅଞ୍ଚଳରେ ଡେଙ୍ଗୁ , ମ୍ୟାଲେରିଆ ଭଳି ମାରାତ୍ମକ ରୋଗ ବ୍ୟାପିବା ଆଶଙ୍କା ପ୍ରକାଶ ପାଇଥିଲା। ସ୍ଥାନୀୟ ଯୁବ ନେତା ବିକାଶ ଜେନା ସମେତ ଶତାଧିକ ବସ୍ତିବାସୀ ଆର୍‌ଏମ୍‌ସି ସଫେଇ ବିଭାଗ ଅଧିକାରୀ ଲକ୍ଷ୍ମୀ ଦାସଙ୍କୁ ଅବଗତ କରାଇଥିଲେ। ଏହିପରିପ୍ରେକ୍ଷୀରେ ରବିବାର ଆର୍‌ଏମ୍‌ସି ପକ୍ଷରୁ ଉକ୍ତ ୱାର୍ଡର ମେନ୍ ଡ୍ରେନ୍, ବ୍ରାଞ୍ଚ ଡ୍ରେନ ଗୁଡ଼ିକୁ ସଫେଇ କରାଯାଇଛି। ଏହାସହ ନାଳନର୍ଦ୍ଦମାରେ ମଶାମରା ଔଷଧ ସଞ୍ଚନ କରାଯାଇଥିଲା।

# ଅସ୍ମିତା ହିଁ ଜାତୀୟ ସମୃଦ୍ଧିର ମୂଳମନ୍ତ୍ର

ରାଉରକେଲା,୨୮।୭(ଦିନେଶ ମିଶ୍ର)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଛେଣ୍ଡ ସ୍ଥିତ ଧାମରା ସଂଘ ପରିସରରେ ବୈଶାଖୀ ସାହିତ୍ୟ ସଂସଦର ୩୧ତମ ବାର୍ଷିକ ଉତ୍ସବ ଓ ସାରସ୍ୱତ ସମାରୋହ ସଭାପତି କିଶୋରୀ ଦାସଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରଫେସର ବବ୍ରୁବାହାନ ମହାପାତ୍ର ଯୋଗଦେଇ ଥିଲେ। ଅସ୍ମିତା ହିଁ ଜାତୀୟ ସମୃଦ୍ଧିର ମୂଳମନ୍ତ୍ର ବୋଲି ମୁଖ୍ୟବକ୍ତା ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ ଶଶଧର ପଣ୍ଡା ଉପସ୍ଥିତ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ହୃଷିକେଶ ରାୟ, କଲେଜର ଅଧକ୍ଷ ପ୍ରଫେସର ଭବେଶ ଚନ୍ଦ୍ର ସାହୁ ଯୋଗଦେଇ ସାହିତ୍ୟ ଜାତୀୟ ଅସ୍ମିତାର ବାର୍ତ୍ତାବହ ଶୀର୍ଷକ ବିଷୟ ଉପରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପ୍ରଭାକର ପ୍ରଧାନଙ୍କ ଲିଖିତ ଓଡିଆ ଭାଷା ଓ ସାହିତ୍ୟର କ୍ରମ ବିକାଶ ପୁସ୍ତକର ଉନ୍ମୋଚନ ଅତିଥିଙ୍କ ଗ୍ରହଣରେ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ପ୍ରଫେସର ବବ୍ରୁବାହାନ ମହାପାତ୍ରଙ୍କୁ ବୈଶାଖୀ ଭାରତୀ ସମ୍ମାନ, ଶିକ୍ଷାବିତ ଶଶଧର ପଣ୍ଡାଙ୍କୁ ବୈଶାଖୀ ସଂସ୍କୃତି ସମ୍ମାନ, କବିୟତ୍ରୀ ଅଙ୍ଗୁରବାଳା ପରିଡାଙ୍କୁ ବୈଶାଖୀ ସ୍ୱାରସତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି କବିୟତ୍ରୀ ରଶ୍ମିବାଳା ରାଉତରାୟଙ୍କୁ ବିଦ୍ୟାତିୱାରୀ ସ୍ମୃତି ସମ୍ମାନ ଓ ବିଜୟ କୁମାର ସାହୁଙ୍କୁ ବେଣୁଧର ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଡ.ଉମାକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବିତାପାଠ ଆସର ସଭାପତି ବିକ୍ରମଚନ୍ଦ୍ର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କବିତା ଆସରକୁ କବିୟିତ୍ରୀ ସୁସ୍ମିତା ଭୋଇ, ପ୍ରଣତୀ ବେହେରା ଓ ବସନ୍ତ ବିଶ୍ୱକର୍ମା ସଂଯୋଜନା କରିଥିଲେ। ଏହି କବିତାପାଠ ଉତ୍ସବରେ ରାଉରକେଲା ତଥା ଆଖାପାଖ ଅଞ୍ଚଳରୁ ପ୍ରାୟ ୨୫ ଜଣ କବି ଓ କବିୟିତ୍ରୀ ନିଜସ୍ୱ ରଚିତ କିବତା ପାଠ କରିଥିଲେ। ବୈଶାଖୀ ସାହିତ୍ୟ ସଂସଦର ସଦସ୍ୟ ଦେବବ୍ରତ ଦାସ, ରେବତୀ ବଲ୍ଲଭ ବେହେରାଙ୍କ ସହ ସଂସଦର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ଶୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମାସିକ ସାହିତ୍ୟ ଆସର, କବିତା ପାଠୋତ୍ସବ

ରାଉରକେଲା,୨୮।୭(ଦିନେଶ ମିଶ୍ର)

ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ସଭାପତି ଡ. ଶକ୍ତିପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ଆବାହକତ୍ୱ ଓ ସାଂସ୍କୃତିକ ସମ୍ପାଦିକା ସୁଭାଷିନୀ ସାହୁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଗାନ୍ଧୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ. ସୁରେନ୍ଦ୍ର କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସାହିତ୍ୟ ସମ୍ପର୍କର କଥା କୁହେ ଆଲୋଚ୍ୟ ବିଷୟ ଉପରେ ମୁଖ୍ୟ ଅତିଥି ବେହେରା ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସାହିତ୍ୟ ସର୍ବଦା ସମାଜର ହିତ ପାଇଁ ଉଦ୍ଦିଷ୍ଟ ହୋଇଥାଏ। ସବୁ ବର୍ଗର ସବୁ ସମାଜର ଜନସାଧାରଣଙ୍କ ମଧ୍ୟରେ ସାହିତ୍ୟ ହିଁ ଯୋଗସୂତ୍ର ସ୍ଥାପନ କରିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକ କାଶୀନାଥ ନନ୍ଦୀ 'ମିଛ ବୋଲି ଯାହା' ଶୀର୍ଷକ ଗଳ୍ପ ପାଠ କରିଥିବାବେଳେ ସଞ୍ଜୀପ କୁମାର ଭୋଇ ଗଳ୍ପର ସମୀକ୍ଷା କରିଥିଲେ। ତୃତୀୟ ପର୍ଯ୍ୟାୟରେ କବି ମଞ୍ଜୁଳା କୁମାରୀ ରଥ ଓ ରଶ୍ମି ସାହୁଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ କବି ଅଶୋକ କୁମାର ପଟ୍ଟନାୟକ, ଅଜୟ କୁମାର ମହାନ୍ତି, ଉପେନ୍ଦ୍ର ବସ୍ତିଆ, ସୁଶାନ୍ତ ନାୟକ, ବ୍ରଜେନ୍ଦ୍ର ଦାଶ, କୁଞ୍ଜବିହାରୀ ରାଉତ, ପ୍ରତାପ କୁମାର ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସଭାପତି ଡ. ସାମନ୍ତରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ କାର୍ଯ୍ୟକାରୀ ସଭାପତି ବିକ୍ରମଚନ୍ଦ୍ର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସଭାରେ ବିଭୁଦତ୍ତ ବେହେରା, କମଳ ଆଚାର୍ଯ୍ୟ, ନିରୁପମା ଚାନ୍ଦ, ଗୀତାଞ୍ଜଳି ମହାରଣା, ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଆସିବ ବହୁଚର୍ଚ୍ଚିତ ଗୋଲଡେନ୍ ହତ୍ୟାକାଣ୍ଡ ରାୟ

ରାଉରକେଲା,୨୮।୭(ସଙ୍ଗୀତା ଜେନା)

୨୦୧୬ରେ ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ହୋଇଥିବା ବହୁ ଚର୍ଚ୍ଚିତ ଗୋଲଡେନ୍ ହତ୍ୟାକାଣ୍ଡର ରାୟ ଆଜି ପ୍ରକାଶ ପାଇବ। ଏ ନେଇ ରାଉରକେଲା ଜିଲା ଅଦାଲତରୁ ସୂଚନା ମିଳିଛି। ଏଥିରେ ସମ୍ପୃକ୍ତ ୫ଜଣ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ କରାଯିବାର ରହିଛି। ଘଟଣାକ୍ରମରେ, ୨୦୧୬ ଜାନୁଆରୀରେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ନାଳାରୋଡ ଛକରେ ବାଇକ ଓ କାରରେ ଆସି ଦୁର୍ବୃତ୍ତ ମାନେ ମହମ୍ମଦ ଜାହିଦ ଅଂସାରୀ ଉର୍ଫ ଗୋଲଡେନ୍ ଉପରେ ଅତର୍କିତ ଗୁଳିଚଳାଇ ହତ୍ୟାକରି ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରେ ଗୋଲଡେନଙ୍କ ମୃତ୍ୟୁ ଘଟିଥିଲା। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକ ଦୀର୍ଘ ସମୟ ପର୍ଯ୍ୟନ୍ତ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ହତ୍ୟାକାଣ୍ଡ ପୂର୍ବ ଶତ୍ରୁତାକୁ ନେଇ ହୋଇଥିବା ଆଲୋଚନା ହେଉଥିଲା। ସୂଚନାଯୋଗ୍ୟ, ଗୋଲଡେନ୍ ହତ୍ୟାକାଣ୍ଡର ୫ଦିନ ପୂର୍ବରୁ ଦିଲୀରେ ବିବାହ କରିଥିଲେ। ଏହି ହତ୍ୟାକାଣ୍ଡ ସହରରେ ଚର୍ଚ୍ଚାର ବିଷୟ ପାଲଟି ଥିଲା।

# ବିଶ୍ୱ ହିନ୍ଦୁ ପରିଷଦର ଜିଲାସ୍ତରୀୟ ବୈଠକ

ରାଉରକେଲା,୨୮।୭
(ବିପ୍ଳବ ରଞ୍ଜନ ଦାଶ)

ବିଶ୍ୱ ହିନ୍ଦୁ ପରିଷଦ ରାଉରକେଲା ସାଙ୍ଗଠନିକ ଜିଲା କମିଟି ପକ୍ଷରୁ ବିଶ୍ୱ ହିନ୍ଦୁ ପରିଷଦର ୬୦ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ହେବାକୁ ଯାଉଛି। ତେଣୁ ସମ୍ମିଳନୀକୁ ସୁଫଳ କରିବା ପାଇଁ ଜିଲାସ୍ତରୀୟ କମଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ବିଶ୍ୱ ହିନ୍ଦୁ ପରିଷଦର ସଭାପତି କାମାକ୍ଷା ପ୍ରସାଦ ରଣା ସଭାପତିତ୍ୱ କରିଥିବା ବେଳେ ପ୍ରାନ୍ତ ସଦସ୍ୟ ସର୍ବେଶ୍ୱର ଦାଶ,ଗୋଦାବରୀଶ ମିଶ୍ର ଓ ଅମୂଲ୍ୟ ମିଶ୍ର ସାଂଗଠନିକ ସଦୃଢୀକରଣ ଉପରେ ବ୍ୟକ୍ତବ୍ୟ ରଖିଥିଲେ। ଏଥିସହ ବିଶ୍ୱ ହିନ୍ଦୁ ପରିଷଦର ୬୦ବର୍ଷ ପୂର୍ତ୍ତି ନେଇ ହେବାକୁ ଥିବା ବିଶାଳ ହିନ୍ଦୁ ସମ୍ମଳନୀର କାର୍ଯ୍ୟକ୍ରମ ଉପରେ ପ୍ରସ୍ତୁତି ବୈଠକରେ ବିଷଦ ଆଲୋଚନା ହୋଇଥିଲା। ତେବେ ଉକ୍ତ ଦିବସରେ ସହରର ଶିକ୍ଷା ଅନୁଷ୍ଠାନ ଗୁଡିକରେ ଗୀତା, ରାମାୟଣ ଭଳି ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥପୁରାଣ ଉପରେ ବକ୍ତୃତା ପ୍ରତିଯୋଗୀତା ରଖାଯିବା, ଉପାନ୍ତ ଅଞ୍ଚଳରେ ଚିକିତ୍ସା ଶିବିର ଆୟୋଜନ ହେବା ଓ ୬୦ବର୍ଷ ମଧ୍ୟରେ ପରିଷଦ ପକ୍ଷରୁ ହୋଇଥିବା ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ତଥ୍ୟାବଳୀ ଉପସ୍ଥାପନା ହେବା ସର୍ବସମ୍ମତି କ୍ରମେ ଧାର୍ଯ୍ୟ କରାଯାଇଛି। ଏଥିସହିତ ବୈଠକରେ ଧର୍ମାନ୍ତକରଣ,ବେଆଇନ ଗୋ-ଚାଳାଣ ଓ ଲଭ ଜିହାଦ ଉପରେ ଆଲୋଚନା ହେବା ସହିତ ଏହିଭଳି ଅଧାର୍ମିକ କାର୍ଯ୍ୟରୁ ସମସ୍ତଙ୍କୁ ନିବୃତ ରହିବା ନିମନ୍ତେ ପରାମର୍ଶ ଦିଆ ଯାଇଥିଲା। ପ୍ରସ୍ତୁତି ବୈଠକରେ କୁଆଁରମୁଣ୍ଡା, ବିଶ୍ରା,ଲାଠିକଟା ବ୍ଲକ ସହିତ ରାଉରକେଲା ସହରାଞ୍ଚଳର ବିଭିନ୍ନ ପ୍ରାନ୍ତରରୁ ପ୍ରାନ୍ତୀୟ ପରିଷଦ କର୍ମକର୍ତ୍ତାମାନେ ସାମିଲ ଥିଲେ। ବୈଠକକୁ ପରିଷଦ ମଠ ମନ୍ଦିରର ପ୍ରମୁଖ ଘନଶ୍ୟାମ ପାଣି ପରିଚାଳନା କରିଥିବା ବେଳେ କୋଷାଧକ୍ଷ ବିକାଶ ଗୋୟଲ ଧନ୍ୟବାଦ ପ୍ରଦାନ କରିଥିଲେ।ପରେ ସାମୂହିକ ଶାନ୍ତି ପାଠ ସହ ବୈଠକ ଶେଷ ହୋଇଥିଲା।


ବୈଠକରେ ଉପସ୍ଥିତ ସଦସ୍ୟମାନେ।

# ବିଜ୍ଞାନ ମେଳାରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ

ରାଉରକେଲା,୨୮।୭(ଦିନେଶ ମିଶ୍ର)

ସେକ୍ଟର-୬ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଶ୍ରୀକାନ୍ତ ଷଢଙ୍ଗୀ ଶୁଭାରମ୍ଭ କରିଥିଲେ। ଏଥିରେ ଏନ୍‌ଏସି(ଏସ୍‌ଟି) ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ବିଜ୍ଞାନ ମେଳାରେ ମୋଟ ୪୯୦ ଜଣ ଛାତ୍ରୀଛାତ୍ର ୧୬ଟି ବିଭାଗରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ପ୍ରକଳ୍ପ ଗୁଡିକୁ ବିଭିନ୍ନ ବିଦ୍ୟାଳୟରୁ ଆସଥିବା ୧୮ଜଣ ବିଜ୍ଞାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିରୀକ୍ଷକ ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାୟକ, ରେଖା ମହାନ୍ତି, ଅପର୍ଣ୍ଣା ପଣ୍ଡା, ତୃପ୍ତି ଗଡନାୟକ, ସୁଜତା ମହାନ୍ତି ଏହି ମେଳାକୁ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ରେଖା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅଣାୟତ୍ତ ଡେଙ୍ଗୁ ସ୍ଥିତି: ହଟ୍‌ସ୍ପଟରେ ଯାଞ୍ଚ

ରାଉରକେଲା,୨୮।୭(ସଙ୍ଗୀତା ଜେନା)

ରାଉରକେଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କିଛି ଦିନ ପୂର୍ବେ ଶିଳ୍ପାଞ୍ଚଳ, ରେଲୱେ କଲୋନୀ, ବନ୍ଧମୁଣ୍ଡା ସମେତ ବିଭିନ୍ନ ଅଞ୍ଚଳର ଡେଙ୍ଗୁ ରୋଗୀ ଆର୍‌ଜିଏଚ୍ ଓ ଅନ୍ୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ରୋଗ ନିୟନ୍ତ୍ରଣ ପାଇଁ ପ୍ରତିଶେଧମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ୨ଦିନରୁ ରାଉରକେଲା ମହାନଗର ନିଗମ, ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଯାଞ୍ଚ କରାଯାଉଛି। ବିଶେଷତଃ ସେକ୍ଟର-୧୬ ଖଟାଲ ବସ୍ତି 'ଓ' ଏବଂ 'ଇ' ବ୍ଲକ, ଜଗନ୍ନାଥ ପାଲୀ , ଡୁମକେଲା ବସ୍ତି, ସୁଭଦ୍ରା ପାଲୀ ବସ୍ତି, ଶିବାଜୀ ନଗର ଆଦିରେ ଯାଞ୍ଚ କରାଯାଇଛି। ଯାଞ୍ଚ ଅଭିଯାନର ଦ୍ୱିତୀୟ ଦିନ ଅର୍ଥାତ୍ ରବିବାର ପୂର୍ବାହ୍ନରେ ଉକ୍ତ ଅଞ୍ଚଳ ଗୁଡିକରେ ମାଜିଷ୍ଟ୍ରେଟ ତଥା ତହସିଲଦାର ନିବେଦିତା ପ୍ରଧାନଙ୍କ ଉପସ୍ଥିତିରେ ଆର୍‌ଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶୀଲ ପରିଡ଼ା, ୫୦ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟ କର୍ମୀ ପରିଷ୍କାର ପରିଚ୍ଛନ୍ନତା ଏବଂ ମଶା କାମୁଡ଼ିବାରୁ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ସଚେତନ କରିଥିଲେ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଓ ଡେଙ୍ଗୁର ଲକ୍ଷଣ ଏବଂ ଚିକିତ୍ସା ଉପରେ ସୂଚନା ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ଡା. ପରିଡ଼ା କହିଛନ୍ତି, ଡେଙ୍ଗୁ ସଂକ୍ରମଣ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ୨ଦିନ ବ୍ୟାପୀ ଡେଙ୍ଗୁ ନିୟନ୍ତ୍ରଣ ଅଭିଯାନରେ ରାଉରକେଲାର ୫ଟି ସେକ୍ଟର ସମେତ ଏହାର ଆଖପାଖ ଅଞ୍ଚଳଗୁଡ଼ିକରେ ଅଭିଯାନ କରାଯାଉଛି। ହେଲେ କିଛି ସେକ୍ଟର ଅଞ୍ଚଳରେ ଡେଙ୍ଗୁ ହଟ୍ ସ୍ପଟ୍ ଥିବା ପରିଲକ୍ଷିତ ହୋଇଛି। ଏହି ଅଞ୍ଚଳଗୁଡ଼ିକ ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଆସୁଛି। ଏନେଇ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ। ବିଶେଷତଃ ଡୁମକେଲା ସମେତ ବିଭିନ୍ନ ଅଞ୍ଚଳରେ ଲୋକଙ୍କ କୁଲର ଓ ପାଣିଟାଙ୍କିରୁ ଡେଙ୍ଗୁ ମଶା ଲାର୍ଭା ଦେଖାଯାଇଛି। ଏପରିକି ଆର୍‌ଏସ୍‌ପି ଅଞ୍ଚଳରୁ ଆର୍‌ଏମ୍‌ସି ଅଞ୍ଚଳକୁ ଡେଙ୍ଗୁ ବ୍ୟାପିବା ଆଶଙ୍କା ଦେଖାଦେଇଛି। ପ୍ରଶାସନ ପକ୍ଷରୁ ଯତ୍ନବାନ ହେବା ସହିତ ସଫେଇ ଓ ଅନ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଡା. ପରିଡ଼ା ସୂଚନା ଦେଇଥିଲେ।


ଡେଙ୍ଗୁ ହଟସ୍ପଟ ଅଞ୍ଚଳର ଯାଞ୍ଚ ହେଉଛି।

# ରେଳ ଷ୍ଟେଶନରୁ ଗଞ୍ଜେଇ ଜବତ: ଜଣେ ଗିରଫ

ରାଉରକେଲା,୨୮।୭(ସଙ୍ଗୀତା ଜେନା)

ରାଉରକେଲା ରେଳଷ୍ଟେଶନ ମୁଖ୍ୟ ଦ୍ୱାର ନିକଟରୁ ଜେଣ ଯୁବକଙ୍କୁ ସନ୍ଦେହଜନକ ଅବସ୍ଥାରେ ଗିରଫ କରାଯାଇଛି। ତାଙ୍କ ଠାରୁ ପ୍ରାୟ ୧୦ କେଜି ୫ଶହ ଗ୍ରାମ ପ୍ରତିବନ୍ଧକ ଗଞ୍ଜେଇ ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ବିହାର ରୋହତାଶ ଜିଲାର ରୋଶନ କୁମାର(୨୦)। ରେଳବାଇ ସୁରକ୍ଷା ବଳ ପକ୍ଷରୁ ମାମଲା (ନଂ. ୧୮୦/୨୪) ରୁଜୁ ହୋଇଛି। ଆରପିଏଫ୍ ରାଉରକେଲା ଅବକାରୀ ବିଭାଗକୁ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ସକାଳେ ନିଶାଦ୍ରବ୍ୟ ଓ ମାଦକ ଦ୍ରବ୍ୟ ଯାଞ୍ଚ କରାଯାଉଥିବା ବେଳେ ଯୁବକ ସନ୍ଦେହଜନକ ଅବସ୍ଥାରେ ବୁଲୁଥିଲେ। ତାଙ୍କୁ ପଚରାଉଚୁରା କରିବା ପରେ ସେ ଗଞ୍ଜେଇ ରଖିଥିବା ସ୍ୱୀକାର କରିଥିଲେ।

# ମନ୍ଥର ଗତିରେ ଚାଲିଛି ଯାନବାହନ ଫିଟ୍‌ନେସ ଯାଞ୍ଚ

ରାଉରକେଲା,୨୮।୭
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ଯାନବାହନ ଫିଟ୍‌ନେସ ଯାଞ୍ଚ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଛି। ଫଳରେ ବିନା ଫିଟ୍‌ନେସ ପରୀକ୍ଷଣରେ ଗାଡ଼ି ସହରର ମୁଖ୍ୟ ମାର୍ଗରେ ଗଡୁଛି। ପରିବହନ ବିଭାଗ ପକ୍ଷରୁ ଗତ ୬ ମାସ ମଧ୍ୟରେ ହୋଇଥିବା ଯାନବାହନ ଫିଟ୍‌ନେସ ପରୀକ୍ଷଣ ତଥ୍ୟରୁ ଏହା ସ୍ପଷ୍ଟ ଜଣାପଡୁଛି। ଯେଉଁଥିପାଇଁ ସହରରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇବା ସହ ଦୁର୍ଘଟଣା ଘଟୁଛି। ପ୍ରାପ୍ତ ତଥ୍ୟ ମୁତାବିକ, ୨୦୨୩ ଅକ୍ଟୋବରରେ ୧୦୧୩ ଯାନବାହନର ଫିଟ୍‌ନେସ ଯାଞ୍ଚ ହୋଇଥିଲା। ଯାଞ୍ଚରେ ୯୦୮ ଯାନବାହନ ଫିଟ୍‌ନେସ ଠିକ ଥିଲା। ନଭେମ୍ବରରେ ୧୨୨୬ ମଧ୍ୟରୁ ୧୧୦୪ ଯାନବାହନର ଫିଟ୍‌ନେସ ଠିକ ଥିଲା। ଡିସେମ୍ବରରେ ୧୦୭୨ ମଧ୍ୟରୁ ୯୩୮ ଫିଟ୍‌ନେସ ଠିକ ଥିଲା। ଜାନୁଆରୀରେ ୧୦୩୮ ଯାନବାହନର ଫିଟ୍‌ନେସ ଯାଞ୍ଚ ହୋଇଥିଲା, ଯାଞ୍ଚରେ ୯୧୫ ଯାନବାହନ ଫିଟ୍‌ନେସ ଠିକ୍ ଥିଲା। ଫେବୃଆରୀରେ ୧୧୮୦ ମଧ୍ୟରୁ ୧୦୪୩ ଯାନବାହନର ଫିଟନେସ ଠିକ୍ ଥିଲା। ମାର୍ଚ୍ଚରେ ୧୦୬୯ ମଧ୍ୟରୁ ୯୦୮ ଯାନବାହନ ଫିଟନେସ ଠିକ୍ ଥିଲା। ଗତ ୬ମାସରେ ପରିବହନ ବିଭାଗ ପକ୍ଷରୁ କମର୍ସିଆଲ କ୍ଷେତ୍ରରେ ବ୍ୟବହୃତ ହେଉଥିବା ମୋଟ ୬୫୯୮ ଯାନବାହନର ଫିଟ୍‌ନେସ ଯାଞ୍ଚ ହୋଇଥିଲା। ତନ୍ମଧ୍ୟରୁ ୫୮୧୬ ଯାନବାହନର ଫିଟ୍‌ନେସ ଠିକ୍ ଥିଲା। ପ୍ରକାଶଥାଉ କି ସହରରେ ୨୦୧୨ ପୂର୍ବରୁ ପରବର୍ତ୍ତୀ ସମୟରେ ଓଆର ଓ ଓଡି ସିରିଜ୍‌ରେ ୩.୧୮ଲକ୍ଷ ଯାନବାହନ ପଞ୍ଜୀକୃତ ହୋଇଥିଲା। ବର୍ତ୍ତମାନ ମଧ ସହରରେ ୨୦୧୨ ପରବର୍ତ୍ତୀ ଭାରି ଯାନବାହନ ଚାଲୁଥିବା କୁହାଯାଉଛି। ଭାରତରେ ଯାନବାହନ ବ୍ୟବହାର ଅବଧି ସୀମା ୧୫ ବର୍ଷ ଥିବା ବେଳେ ବର୍ଷ ବର୍ଷ ତଳର ପୁରୁଣା ଯାନବାହନ, ପରିବେଶ ପାଇଁ କ୍ଷତିକାରକ ତଥା ଦୁର୍ଘଟଣାର କାରଣ ସାଜୁଥିବା ଫିଟ୍‌ନେସ ବିହୀନ ଯାନବାହନ ଉପରେ ବିଭାଗ ପକ୍ଷରୁ ଠିକ୍ ଯାଞ୍ଚ ହୋଇପାରୁ ନ ଥିବା କୁହାଯାଉଛି। ବିଭାଗ ଏଥିପ୍ରତି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ରାଉରକେଲା ଆଞ୍ଚଳିକ ପରିବହନ ପ୍ରବନ୍ଧକ ଭି ସାମନ୍ତ ସିଂ ରାୟଙ୍କୁ ପଚାରିବାରୁ, ପ୍ରତିମାସ ସହରର କମର୍ସିଆଲ କ୍ଷେତ୍ରରେ ବିନିଯୋଗ ହେଉଥିବା ଯାନବାହନଗୁଡିକ ଫିଟନେସ ସହିତ ବିଭିନ୍ନ ପ୍ରକାର ଯାଞ୍ଚ ସହରର ବିଭିନ୍ନ ମାର୍ଗରେ ହେଉଛି। ଆଗକୁ ଯେଉଁଭଳି ଭାବେ ଏକ୍ଷେତ୍ରରେ ବ୍ୟବହୃତ ହେଉଥିବା ଅଧିକରୁ ଅଧିକ ଯାନବାହନ ଯାଞ୍ଚ୍ ହୋଇପାରିବ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟର ଛାତ୍ରୀଙ୍କ ସଫଳତା

#### ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା



କୋଲାବିରା,୨୮।୭(ଚିନ୍ମୟ କୁମାର ବହିଦାର)

ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ପତ୍ରାପାଲିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ରୀ ତପସ୍ୱିନୀ ବେହେରା ପ୍ରଥମ ସ୍ଥାନ ଅଧିକାର କରି ସଫଳତା ଆଣିଛନ୍ତି। ତପସ୍ୱିନୀ ପୋଖରାସାହ୍ଲେ ପଞ୍ଚାୟତ ଅମାତିଗ୍ରାମର ଅଭୟ ବେହେରା ଓ ମନୋରମା ବେହେରାଙ୍କ ଝିଅ ଅଟନ୍ତି। ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଅବସରରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟ ସ୍ତରୀୟ ପ୍ରବନ୍ଧ ବରିଷ୍ଠବର୍ଗ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତପସ୍ୱିନୀ ପ୍ରଥମେ ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରରେ ଭାଗ ନେଇଥିଲେ। ବିଦ୍ୟାଳୟରେ ସେ ଜଣେ ମାଧାବୀ ଛାତ୍ରୀ ଭାବେ ସର୍ବଦା ପ୍ରଶଂସା ପାଇଛନ୍ତି।

### ବେପରୁଆ ଗାଡ଼ି ଚାଳନାରୁ ଦୁର୍ଘଟଣା ବଢୁଛି

ଝାରସୁଗୁଡ଼ା,୨୮।୭(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ବଢୁଥିବା ଅଭିଯୋଗ ହୋଇଆସୁଛି। ସହରର ସରବାହାଲଠାରୁ ବିଟିଏମ ଓ ବିଟିଏମଠାରୁ ବଢେଇ ମୁଣ୍ଡା ମୁଖ୍ୟ ଛକ ପର୍ଯ୍ୟନ୍ତ ପ୍ରତିଦିନ ଟ୍ରାଫିକ ସମସ୍ୟା ଲାଗି ରହିଥିବା ବେଳେ ବେପୁରିଆ ଗାଡ଼ି ଚାଳନା ସହିତ ୧୮ ବର୍ଷରୁ କମ ପିଲାଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ସହରରେ ଅନେକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସମେତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ମଟରସାଇକେଲ ଓ ସ୍କୁଟିରେ ପାଠପଢ଼ିବା ଯିବାଆସିବା ସମୟରେ ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ବଢୁଛି। ଗତ କିଛି ଦିନ ତଳେ ସହରର ପାହାଡି ମନ୍ଦିର ଛକ ନିକଟରେ ଜଣେ ନାବାଳକ ବେପୁରିଆ ଗାଡ଼ି ଚାଳନା ଯୋଗୁ ଜଣେ ୪୫ବର୍ଷ ମହିଳାଙ୍କ ମୃତ୍ୟୁ ଘଟିଛି। ସହରର ପାହାଡି ମନ୍ଦିର ଛକରେ ମହିଳା ଠିଆ ହୋଇଥିଲେ। ବିପରୀତ ଦିଗରୁ ଏକ କାର ଦ୍ରୁତଗତିରେ ଆସି ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ି ଆହତ ହୋଇଥିଲେ। ମହିଳାଙ୍କୁ ସଙ୍ଗେ ସଙ୍ଗେ ଝାରସୁଗୁଡା ମୁଖ୍ୟ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ଅଭିଭାବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଆସୁଛି।

# ଧର୍ମଶାଳା ଛକରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଝାରସୁଗୁଡ଼ା,୨୮।୭(ସଞ୍ଜୟ ମାଲି)



ମନ୍ଦିର ପାଖ ରୋଡ୍ ଉପରେ ବାଇକ୍ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା।

ଝାରସୁଗୁଡ଼ା ସହରର ଅନେକ ସ୍ଥାନରେ ଦୀର୍ଘ ବର୍ଷରୁ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହରର ଦୁଇ ପାର୍ଶ୍ୱରେ ଥିବା ଦୋକାନୀ ବେଆଇନ ଭାବେ ରୋଡ଼ ଉପରକୁ ମାଡି ବସିଛନ୍ତି। ଦୋକାନଗୁଡ଼ିକ ସମ୍ମୁଖରେ ସାଧାରଣତଃ ଫୁଟପାଥ ଭାବେ ବ୍ୟବହାର କରାଯାଇଥାଏ। ଏହା ଉପରେ ମୋଟରସାଇକଲ ମଧ୍ୟ ପାର୍କିଂ ହୋଇଥାଏ। ମାତ୍ର କେତେକ ଦୋକାନୀ ଏହାକୁ ଅବରୋଧ କରିବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଶନିବାର ଧର୍ମଶାଳା ଛକରେ ଥିବା ଶନି ମନ୍ଦିର ଓ ମଙ୍ଗଳବାର ରେଳ ଷ୍ଟେଶନ ଛକରେ ଥିବା କନକ ଦୁର୍ଗା ମନ୍ଦିର ଏହି ଦୁଇ ଦିନ ଦୁଇ ସ୍ଥାନରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ରହୁଛି। ଧର୍ମଶାଳା ଛକ ଏଥିରୁ ବାଦ ପଡ଼ିନାହିଁ। ପ୍ରତି ଶନିବାର ଶନି ମନ୍ଦିରରେ ଶହ ଶହ ଭକ୍ତଙ୍କ ଜନାସମାଗମ ଦେଖିବାକୁ ମିଳେ। ଶନି ମନ୍ଦିରକୁ ଭକ୍ତମାନେ ମଟରସାଇକେଲ, କାର, ଅଟୋରେ ଶନି ମନ୍ଦିରକୁ ପୂଜାର୍ଚ୍ଚନା କରିବା ପାଇଁ ଆସୁଥିବା ବେଳେ ମୁଖ୍ୟ ମାର୍ଗରେ ଗାଡ଼ିଗୁଡ଼ିକ ରଖୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଗାଡ଼ି ଗୁଡ଼ିକ ରଖୁଥିବାରୁ ସରବାହାଲ ପଟୁ ସହର ପଟକୁ ଯିବା ସମୟରେ ଗାଡ଼ି ଚାଳକ, ଶିକ୍ଷାନୁଷ୍ଠାନ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଧର୍ମଶାଳା ଛକରେ ଅନେକ ଆଳୁ, ପିଆଜ, ଚାଉଳ, ସମେତ ବିଭିନ୍ନ ଦ୍ରବ୍ୟର ହୋଲସେଲ ଗୋଦାମ ଥିବାରୁ ଟ୍ରକ ଯୋଗେ ମାଲ ଆସି ଏହି ସ୍ଥାନରେ ଓହ୍ଲାଇଥିବା ସମୟରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଆସୁଛି।

# ଅଞ୍ଚଳର ବିକାଶରେ ସାମ୍ବାଦିକଙ୍କ ଭୂମିକା ଅତୁଳନୀୟ: ମନ୍ତ୍ରୀ ପୂଜାରୀ



ରାଜ୍ୟସ୍ତରୀୟ ସାମ୍ବାଦିକ ସମାବେଶରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଅନ୍ୟ ଅଧିକାରୀ।

ଝାରସୁଗୁଡ଼ା,୨୮।୭(ସଞ୍ଜୟ ମାଲି)

ଓଡ଼ିଶା ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ପକ୍ଷରୁ ରବିବାର ଝାରସୁଗୁଡ଼ାସ୍ଥିତ ଏକ ଘରୋଇ ହୋଟେଲରେ ରାଜ୍ୟସ୍ତରୀୟ ସାମ୍ବାଦିକ ସମାବେଶ ଆହ୍ୱାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନିକଟରେ ପରଲୋକ ଘଟିଥିବା ଝାରସୁଗୁଡ଼ା ଜିଲାର ବରିଷ୍ଠ ସାମ୍ବାଦିକ ଗଜେନ୍ଦ୍ର କୁମାର ମହାନ୍ତିଙ୍କୁ ଅତିଥିଗଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ କରୋନା କାଳ ସହିତ ଅନ୍ୟାନ୍ୟ ସମୟରେ ପରଲୋକ ଘଟିଥିବା ଜିଲାର ସମସ୍ତ ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଓ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସମ୍ବଲପୁର ଆଇଆଇଏମର ପ୍ରଫେସର ଡ. ସୁଜିତ କୁମାର ପୃଷେଠ, ସମ୍ମାନିତ ଅତିଥି ଭାବେ ବେଦାନ୍ତ କମ୍ପାନୀ ସିଇଓ ଅଜୟ କୁମାର ପାଣ୍ଡେ, ଟିଆରଏଲ କ୍ରୋସାକି କମ୍ପାନୀ ବରିଷ୍ଠ ଅଧିକାରୀ ନିରଞ୍ଜନ ଦାଶ, ଜେଏସଡବ୍ଲୁ ବିପିଏସଏଲ କମ୍ପାନୀର ବରିଷ୍ଠ ଅଧିକାରୀ ଅନୀଲ କୁମାର ସିଂହ ପ୍ରମୁଖ ଯୋଗଦେଇଥିଲେ। ରାଜସ୍ୱ ମନ୍ତ୍ରୀ ପୂଜାରୀ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ସାମ୍ବାଦିକଙ୍କ ଅଧିକାର ଓ ସୁରକ୍ଷା ଉପରେ ଆଗାମୀ ଦିନରେ ବିଭିନ୍ନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଅଞ୍ଚଳର ବିକାଶ କ୍ଷେତ୍ରରେ ସାମ୍ବାଦିକଙ୍କ ଭୂମିକା ଅତୁଳନୀୟ ବୋଲି ପୂଜାରୀ ପ୍ରକାଶ କରିଥିଲେ।

# ଝାରସୁଗୁଡ଼ାରେ କାରଗିଲ ବିଜୟ ଦିବସ




ମଶାଲ ଶୋଭାଯାତ୍ରାରେ ଝାରସୁଗୁଡା ବିଧାୟକ ଓ ବରଗଡ଼ ଏମ୍‌ପିଙ୍କ ସହ ଭାଜପାର ଅନ୍ୟ କର୍ମୀମାନେ ଉପସ୍ଥିତ ଅଛନ୍ତି।

ଝାରସୁଗୁଡ଼ା,୨୮।୭(ସଞ୍ଜୟ ମାଲି)

ଜୁଲାଇ ୨୬ ତାରିଖ ଭାରତୀୟ ଇତିହାସରେ ଏକ ସ୍ମରଣୀୟ ଦିନ। କାର୍‌ଗିଲ ବିଜୟ ଦିବସ। ଭାରତୀୟ ସୈନିକମାନେ ଏହି ଦିନ ନିଜ ବୀରତ୍ୱ ଓ ସାହାସର ନିଦର୍ଶନ ପ୍ରଦର୍ଶନ କରିଥିଲେ। ୧୯୯୯ ମେରୁ ଯୁଦ୍ଧ ଆରମ୍ଭ ହୋଇଥିବା ବେଳେ ଜୁଲାଇ ୨୬ ତାରିଖରେ କାର୍‌ଗିଲ ଘାଟିକୁ ନିଜ ଅକ୍ତିଆରକୁ ନେଇଥିଲେ ଭାରତୀୟ ସୈନିକ। ତେବେ କାର୍‌ଗିଲ ବିଜୟ ଦିବସରେ ଶହୀଦ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏହା ଏକ ସ୍ମରଣୀୟ ଦିନ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଶନିବାର ଶତାଧିକ ଲୋକ ପୁରୁଣା ବସଷ୍ଟାଣ୍ଡଠାରୁ ମଶାଳ ଶୋଭାଯାତ୍ରାରେ ସାମିଲ ହୋଇ ସତସଙ୍ଗ ଭବନ ପର୍ଯ୍ୟନ୍ତ ଯାଇଥିଲେ। ସତସଙ୍ଗ ଭବନରେ ପ୍ରଥମେ ପୂର୍ବ ସୈନିକ ରାଜେଶ ପଟେଲ, ମେଜର ପ୍ରଦୀପ ମହାନ୍ତି, ହୃଷିକେଶ କିଷାନ, ବାବଲୁ ଖର୍ସେଲ, ରାହାସ ବିହାରୀ ସେଠ, ଚିତ୍ରସେନ ସାହୁଙ୍କୁ ସମ୍ମାନିତ କରିଥିଲେ ବିଧାୟକ ଟଙ୍କଧର ଓ ବରଗଡ଼ ଲୋକ ସଭା ଏମ୍‌ପି ପ୍ରଦୀପ ପୁରୋହିତ। ଏହି କାର୍‌ଗିଲ ବିଜୟ ଦିବସ କାର୍ଯ୍ୟକ୍ରମରେ ବିଧାୟକ ତ୍ରିପାଠୀଙ୍କ ସହିତ ବରଗଡ଼ ଏମ୍‌ପି ପୁରୋହିତ, ଜିଲା ଭାଜପା ସଭାପତି ସୁନୀଲ ପଣ୍ଡା, ପ୍ରେମସେନ ରାଏ, ବିମଳେନ୍ଦୁ ଭୋଲ, ବିଶ୍ୱଜିତ ଷଡ଼ଙ୍ଗୀ, ଦିଲେଶର ରାଓ, ବିଜୟ ଶର୍ମା, ତାଜରାମ ସାହୁ ପ୍ରମୁଖଙ୍କ ସହିତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

### ଆମ୍ବେଡକର ସାମାଜିକ ପରିବର୍ତ୍ତନ ମଞ୍ଚ ଗଠିତ

ଦେବଗଡ଼,୨୮।୭(ଶଶାଙ୍କ ଶେଖର ଝାଙ୍କର)

ପ୍ରଧାନପାଟସ୍ଥିତ ପୌର ପରିଷଦ ଡାକବଙ୍ଗଳାଠାରେ ରବିବାର ଆମ୍ବେଡକର ପ୍ରେମୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବା ସହ ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ ଗଠିତ ହୋଇଯାଇଛି। ପର୍ଶୁରାମ ବେହେରାଙ୍କ ସଭାପତିତ୍ୱରେ ଆଗାମୀ ନଭେମ୍ବର ୨୬ରେ ସମ୍ବିଧାନ ଦିବସ ପାଳନ ସହିତ ବାବା ସାହେବ ଡକ୍ତର ଆମ୍ବେଡକରଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ଆମ୍ବେଡକର ସାମାଜିକ ପରିବର୍ତ୍ତନ ଏକ ମଞ୍ଚ ଗଠିତ ହୋଇଛି। ସଭାପତି ଭାବେ ଚୌଧୁରୀ ବେହେରା, ଉପସଭାପତି ଭାବେ କମଳ ଲୋଚନ ପାତ୍ର, ସମ୍ପାଦକ ଭାବେ କ୍ଷମାନିଧି ପାତ୍ର, ସହ ସମ୍ପାଦକ ଭାବେ କୁଳ ଚନ୍ଦ୍ରମା ହସ୍ତୀ, କୋଷାଧ୍ୟକ୍ଷ ଭାବେ ପ୍ରେମାନନ୍ଦ କୁସୁମ, ମିଡିଆ ସେଲ ସମ୍ପାଦକ ଭାବେ ସୁଜିତ କୁମାର ମୁଖି ଓ ପୁଷ୍ପା ବେହେରାଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ଭାବେ ପ୍ରଜିତ କୁମାର ଭୋଜ, ପର୍ଶୁରାମ ବେହେରା, ପ୍ରମୋଦ ବୁଡା, ସୁରୁ ପାତ୍ର, ଆଇନ ଉପଦେଷ୍ଟା ଭାବେ ଯତୀନ୍ଦ୍ରମୋହନ ନାୟକ, ପୂର୍ଣ୍ଣଚନ୍ଦ୍ର ବୁଡାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।

### କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ।

ଦେବଗଡ଼,୨୮।୭
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ଦୁଧିଆନାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଧିଆନାଳି କ୍ଲଷ୍ଟରର ସିଆର୍‌ସିସି ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ମଖ୍ୟଅତିଥି ଭାବେ ତିଲେଇବଣି ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାନ୍ତ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ତରଣୀ କୁମାର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୃପଲାଲ ଗଡତିଆ ଓ କିରାଣି ରଞ୍ଜନ ନାୟକ ମଞ୍ଚାସୀନ ରହି ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ କୁମୁଦ ବନ୍ଧୁ ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନଙ୍କ ସମେତ ଶିକ୍ଷକ ବାଉରୀ ବନ୍ଧୁ ସାହୁ, ଅରୁଣ କୁମାର ପ୍ରଧାନ ଓ ଲିଙ୍ଗରାଜ ମାଝି ପ୍ରମୁଖ ବିଦାୟୀ ଶିକ୍ଷକ ବେହେରା ଜଣେ ଆଦର୍ଶ, ଛାତ୍ର ବତ୍ସଳ ତଥା କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନୁରୂପ ଭାବେ ମୁରଲୀଧର ପଣ୍ଡା କବିତା ପାଠ, ସରୋଜିନୀ ଲାକ୍ରା ଓ ସୌଦାମିନୀ ନାୟକ ବିଦାୟୀ କବିତା ଗାନ କରିଥିଲେ। ଶିକ୍ଷକ ବାଉରୀବନ୍ଧୁ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସଭା ପରେ ଉପସ୍ଥିତ ସମସ୍ତ ଶିକ୍ଷକ ଅବସର ପ୍ରାପ୍ତ ଶିକ୍ଷକ ବେହେରାଙ୍କୁ ପଗଡି ପିନ୍ଧାଇବା ସହ ଛତା ମୁଣ୍ଡାଇ ତାଙ୍କ ଘର ପର୍ଯ୍ୟନ୍ତ ବିଦାୟ ଦେଇଥିଲେ।

# ଶିକ୍ଷା ସପ୍ତାହ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଦେବଗଡ଼,୨୮।୭
(ଶଶାଙ୍କ ଶେଖର ଝାଙ୍କର)



ବୃକ୍ଷରୋପଣ କରାଯାଉଛି।

ଦେବଗଡ଼ ଜିଲା ବାରକୋଟ ବ୍ଲକ ବସାଲଇ କ୍ଲଷ୍ଟର ଅନ୍ତର୍ଗତ କୁଣ୍ଡାପିଠା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଇକୋ କ୍ଲବ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରକୃତି ବନ୍ଧୁ ନିତ୍ୟାନନ୍ଦ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ବସାଲଇ ଗ୍ରାମ ପଞ୍ଚାୟତ ସରପଞ୍ଚ ତେଜସ୍ୱନୀ ସାହୁ ଓ ସୁଗୁଡା ଫରେଷ୍ଟ ବିଟ୍ର କର୍ମଚାରୀମାନେ ଯୋଗଦେଇଥିଲେ। ଏହି ଅବସରରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଯାୟୀ ନବ ନିର୍ମିତ ପାର୍କ ପରିସରରେ ବିଭିନ୍ନ କିସମର ୭୬ଟି ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ହୃଷିକେଶ ପ୍ରଧାନ, ଆତ୍ମଜ କୁମାର ସେଠୀ, ଭାସ୍କର ବିଶ୍ୱାଳ, ସୁସ୍ମିତା ସାହୁ, ପୁଷ୍ପଲତା ସାହୁ, ଚନ୍ଦ୍ରକଳା ଦେହୁରୀ, ପ୍ରଦୀପ ପ୍ରଧାନଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩ବର୍ଷ ଶିଶୁ କନ୍ୟା ସୂର୍ଯ୍ୟାଂଶୀ ସୁଧାଙ୍ଗନା ଦେହୁରୀ ଓ ୮୫ବର୍ଷ ଶିକ୍ଷାବିତ ଖଗେଶ୍ୱର ଦେହୁରୀ ବୃକ୍ଷ ରୋପଣ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଥିଲେ।

### ପ୍ରଧାନପାଟ ରାସ୍ତା ପାର୍ଶ୍ୱରେ ଚାରାରୋପଣ

ଦେବଗଡ଼,୨୮।୭
(ଶଶାଙ୍କ ଶେଖର ଝାଙ୍କର)

ଗ୍ରୀନ ଏନଭାରୋମେଣ୍ଟ ଇନିସିଏଟିଭ ପକ୍ଷରୁ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପ୍ରଧାନପାଟ ଜଳପ୍ରପାତ ରାସ୍ତା ଉଭୟ ପାର୍ଶ୍ୱରେ ଜାମୁ, ନିମ, କରଞ୍ଜ, ରାଧାଚୂଡା ଇତ୍ୟାଦି ଗଛ ଲଗାଯାଇଥିଲା। ଦିଲୀପ କୁମାର ପ୍ରଧାନ, ପ୍ରଶାନ୍ତ ଦେବ, ଚିନ୍ମୟ କୁମାର ଦାଶ, ଶଶାଙ୍କ ଶେଖର, ରାଜୀବ ଲୋଚନ ପାତ୍ର, ରଞ୍ଜନ ଶଙ୍ଖାରୀ, ଆଶୁତୋଷ ଭଞ୍ଜ, ପ୍ରତାପ ଦେବ, ସୌରଭ ବିଶ୍ୱାଳ, ଆକାଶ ଗଙ୍ଗ ଦେବ ଓ କୁମୁଦଚନ୍ଦ୍ର ଶତପଥୀ ଏକାଠି ହେଇ ଗଛ ଲଗାଇଥିଲେ। ପ୍ରଧାନପାଟ ଜଳପ୍ରପାତ ରାସ୍ତାକଡରେ ରବିବାର ୩୦ରୁ ଉର୍ଦ୍ଧ୍ୱ ଗଛ ଲଗାହେଲା। ପ୍ରକାଶ ଥାଉକି, ଏହି ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଗତ ସପ୍ତାହରେ ମା' ପାଞ୍ଚଖଣ୍ଡା ଅଞ୍ଚଳର ରାସ୍ତାକଡରେ ମଧ୍ୟ ବୃକ୍ଷ ରୋପଣ ଲଗାଯାଇଥିଲା।

# ଭଏସ୍ ଜିନିୟସ-ସିଜନ-୧୧ ପାଇଁ ଦ୍ୱିତୀୟ ଅଡିଶନ ଟେଷ୍ଟ

## ସ୍ୱାଧୀନତା ଦିବସ ଉପଲକ୍ଷେ

ଦେବଗଡ଼,୨୮।୭
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସଙ୍ଗମ ଏଣ୍ଡ ସଙ୍ଗମ ପକ୍ଷରୁ ଆସନ୍ତା ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଉପଲକ୍ଷେ ହେବାକୁ ଥିବା ବିଦ୍ୟାଳୟସ୍ତରୀୟ ଭଏସ ଜିନିୟସ-ସିଜିନ-୧୧ ପାଇଁ ସ୍ଥାନୀୟ ସଂସ୍କୃତି ଭବନଠାରେ ରବିବାର ଦ୍ୱିତୀୟ ପର୍ଯ୍ୟାୟ ଅଡିଶନ ପ୍ରତିଯୋଗୀ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଡିଶନ କାର୍ଯ୍ୟକ୍ରମରେ ପୌରାଞ୍ଚଳର ବିଭିନ୍ନ ସ୍କୁଲରୁ ପ୍ରଥମ ପର୍ଯ୍ୟାୟରେ ଆସିଥିବା ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତ ଓ ନୃତ୍ୟ ପ୍ରତିଯୋଗିତାର ଅଡିଶନ କରାଯାଇଥିଲା। ସେହିପରି ଆସନ୍ତା ଅଗଷ୍ଟ ୪ ତାରିଖ ରବିବାର କେବଳ ନୃତ୍ୟର ଦ୍ୱିତୀୟ ପର୍ଯ୍ୟାୟ ଅଡିଶନ ଜିଲା ସଂସ୍କୃତି ଭବନରେ ଚୟନ କରାଯିବ। ଏଥିରେ ଯେଉଁ ଛାତ୍ରୀଛାତ୍ରମାନେ ପ୍ରଥମ ପର୍ଯ୍ୟାୟରେ ଅଂଶଗ୍ରହଣ କରିପାରିନାହାନ୍ତି, ସେମାନେ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗୀ ଚୟନରେ ଅଂଶଗ୍ରହଣ କରିପାରିବେ। ଚୟନ ପ୍ରକ୍ରିୟା କରି ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରୁ ଚୟନ ହୋଇଥିବା ପ୍ରତିଯୋଗୀଙ୍କୁ ନେଇ ଓଡିଶାର ବିଭିନ୍ନ ସ୍ଥାନରୁ ଆସୁଥିବା ବିଶିଷ୍ଟ କଳାକାର ତଥା ସଙ୍ଗୀତ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ଦେବାପରେ ଆସନ୍ତା ଅଗଷ୍ଟ ୧୫ ତାରିଖରେ ଟାଉନହଲରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିବେ। ଏହି ଅଡିସନ କାର୍ଯ୍ୟକ୍ରମରେ ବିଚାରକ ଭାବେ କ୍ଲବ ସଦସ୍ୟ ବାସୁଦେବ ମିଶ୍ର, ବିକାଶ କୁମାର ପ୍ରଧାନ, ଅନୁଜ ଆଶିଷ ସାହୁ, ମନୋରଞ୍ଜନ ନାୟକ ପ୍ରମୁଖ ଦାୟୀତ୍ୱ ନିର୍ବାହ କରିଥିବାବେଳେ କାର୍ଯ୍ୟକ୍ରମରେ ସଭାପତି ବିକାଶ ପ୍ରଧାନଙ୍କ ସମେତ ପ୍ରତାପ କିଶୋର ନାୟକ, ପ୍ରତାପ ପାତ୍ର, ସିକି ମିଶ୍ର, ବିକାଶ ରଞ୍ଜନ ଖଡିରତ୍ନ, ପ୍ରିତମ ସାହୁ, ସୌରଭ କୁମାର ନାୟକ ସହଯୋଗ କରିଥିଲେ।



ଭଏସ୍ ଜିନିୟସ-ସିଜିନ-୧୧ ପାଇଁ ଅଡିଶନରେ ସାମିଲ ଥିବା ପ୍ରତିଯୋଗୀ।

# 'ଜମି ଅଧିଗ୍ରହଣ ସମସ୍ୟା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ'

## କୋଇଲା ରାଷ୍ଟ୍ରମନ୍ତ୍ରୀଙ୍କ ଏମ୍‌ସିଏଲ ଲଖନପୁର କୋଇଲା ଖଣି ପରିଦର୍ଶନ

ଝାରସୁଗୁଡ଼ା,୨୮।୭(ସଞ୍ଜୟ ମାଲି)



ଏମ୍‌ସିଏଲ କୋଇଲା ଖଣି ପରିଦର୍ଶନ ଅବସରରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ।

କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ରବିବାର ଏମସିଏଲ ଲଖନପୁର୍ କୋଇଲା ଖଣି ପରିଦର୍ଶନ କରିଛନ୍ତି। ଓଡ଼ିଶାରେ ଭାଜପା ସରକାର ଆସିବା ପରେ ଝାରସୁଗୁଡା ଜିଲାରେ କୋଇଲା ପରିବହନ ପାଇଁ ଉପୁଜୁଥିବା ସମସ୍ୟା ହେବ ନାହିଁ ବୋଲି ରାଷ୍ଟ୍ରମନ୍ତ୍ରୀ ଦୁବେ ଖବରଦାତାଙ୍କ ସହ ସାକ୍ଷାତକାରରେ କହିଛନ୍ତି। କୋଇଲା ପରିବହନ ପାଇଁ ଜିଲାରେ କରିଡ଼ର ମୁଖ୍ୟ ଭୂମିକା ରହିଥିବା ବେଳେ ଅନେକ ବର୍ଷ ଧରି ଏହାର ସମାଧାନ କରିପାରି ନ ଥିଲେ ରାଜ୍ୟ ସରକାର। ଫଳରେ କୋଇଲା ପରିବହନ ପାଇଁ କୋଇଲା କରିଡ଼ର ଅର୍ଥ ମଞ୍ଜୁରୀ ହୋଇସାରିଥିଲା। କିନ୍ତୁ ଜମି ଅଧିଗ୍ରହଣ ସମସ୍ୟା କୋଇଲା କରିଡ଼ର ପାଇଁ ବାଧା ସୃଷ୍ଟି କରିଛି। ଅନେକ ବର୍ଷ ପରେ ଓଡ଼ିଶାରେ ଭାଜପା ସରକାର ଗଠନ କରିଛି। ଏବେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେବା ପରେ ଜମି ଅଧିଗ୍ରହଣ ସମସ୍ୟା ଦୂରୀକରଣ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ସହିତ କୋଇଲା କରିଡ଼ର ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୋଇଲା ରାଷ୍ଟ୍ରମନ୍ତ୍ରୀ ସତିଶ ଚନ୍ଦ୍ର ଦୁବେ ଲଖନପୁର ପରିଦର୍ଶନ ସମୟରେ କହିଛନ୍ତି। କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ଦୁବେ ଅପରାହ୍ଣ ୩ଟା ୨୦ ମିନିଟରେ ବନ୍ଧବାହାଲସ୍ଥିତ ତ୍ରିବେଣୀ କ୍ଲବ ପରିସରରେ ପହଞ୍ଚିଥିଲେ। ସେଠାରେ ମଧ୍ୟାହ୍ନ ଭୋଜନ କରିବା ପରେ ଲଖନପୁର ଏରିଆସ୍ଥିତ ଆଇବିଏଲ ଖଣି ସମ୍ପ୍ରସାରଣ, ଉତ୍ପାଦନ କ୍ଷମତା, ଶ୍ରମିକମାନଙ୍କ ସମସ୍ୟା, ଶ୍ରମିକମାନଙ୍କ ପରିବାର ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ସହିତ ଲଖନପୁର ଏରିଆରୁ କୋଇଲା ଉତ୍ପାଦନ କ୍ଷମତା ଯେପରି ଭାବେ ଚାଲିଛି, ଆଗକୁ ସେହିପରି ଭାବେ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଲଖନପୁର ଏରିଆ ଶ୍ରମିକ ସଙ୍ଗଠନ ତଥା ସ୍ଥାନୀୟ ନେତୃମଣ୍ଡଳୀଙ୍କ ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ମହାନଦୀ କୋଇଲା କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ୟୁଏ କାବେଲେ, ଡାଇରେକ୍ଟର ପର୍ସନାଲ ଜୁଙ୍ଗଲ କିଶୋର, ଡାଇରେକ୍ଟର ଟେକିନକାଲ ଅକ୍ଷୟ ଶ୍ରୀକାନ୍ତ ବାପଦା, ଏମସିଏଲ ଲଖନପୁର ଏରିଆ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ମହାପ୍ରବନ୍ଧକ ଶଶିଭୂଷଣ ବାରିକ, ଲଖନପୁର ଖଣି ଅଧିକାରୀ ଏକେ ସିଂହ, ସହ ଲଖନପୁର ଏରିଆ ସମସ୍ତ ବରିଷ୍ଠ ଅଧିକାରୀ, ଲଖନପୁର ଅଞ୍ଚଳବାସୀ, ଶ୍ରମିକ ସଙ୍ଗଠନ ଉପସ୍ଥିତ ରହିଥିଲେ।

# ମାଓବାଦୀଙ୍କ ଶହୀଦ ସପ୍ତାହ

## ଜିଲା ପୋଲିସର ସୁରକ୍ଷା କଡ଼ାକଡ଼ି

ମାଲକାନଗିରି,୨୮।୭ (ଦୁର୍ଯ୍ୟୋଧନ ପାତ୍ର)

ମାଓବାଦୀମାନଙ୍କ ଶହୀଦ ସପ୍ତାହ ରବିବାରଠାରୁ ଆରମ୍ଭ ହେଉଛି। ଏହା ଅଗଷ୍ଟ ୩ ପର୍ଯ୍ୟନ୍ତ ସଂଗଠନର ବଡ଼ ବଡ଼ ନେତାମାନେ ପୋଲିସ ଗୁଳିରେ ପ୍ରାଣ ହରାଇଥିବାରୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ସପ୍ତାହ ପାଳନ କରାଯାଉଛି। ତେବେ ଏହାକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ସୀମାବର୍ତ୍ତୀ ଅଞ୍ଚଳରେ ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ମୋଟୁ, ପଡ଼ିଆ, ମାଲକାନଗିରି, ସୁକ୍‌ମା ସୀମାନ୍ତ ଓ ଚିତ୍ରକୋଣ୍ଡା ସୀମାବର୍ତ୍ତୀ ଅଞ୍ଚଳରେ ପୋଲିସ ଓ ଯବାନମାନେ ମୁତୟନ ହୋଇ ସମସ୍ତ ଗାଡ଼ି ଯାଞ୍ଚସହ କୋମ୍ବିଂକୁ ଜୋରଦାର କରିଛନ୍ତି।

ଛତିଶଗଡ଼ରେ ମାଓବାଦୀଙ୍କ ପ୍ରଭାବ ଥିବାବେଳେ ମାଲକାନଗିରିରୁ ଛତିଶଗଡ଼ ମାତ୍ର ୩୦ କି.ମି.ଦୂର ଥିବାରୁ ସେଠାରୁ ଜିଲା ମଧ୍ୟରେ ମାଓବାଦୀମାନେ ପ୍ରବେଶ କରିବାର ସମ୍ଭାବନା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଜିଲା ଚତୁଃପାର୍ଶ୍ୱରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି।

ଏ ସମ୍ପର୍କରେ ମାଲକାନଗିରି ଏସ୍‌ପି ନିତୀଶ ବାଧ୍ୱାନୀ କହିଛନ୍ତି, ରବିବାରଠାରୁ ଶହୀଦ ସପ୍ତାହ ଚାଲିଥିବା ବେଳେ ଏହା ମଧ୍ୟରେ ମାଓବାଦୀମାନେ ଯେପରି କୌଣସି ଅଘଟଣ ନ ଘଟାନ୍ତି ସେଥିପ୍ରତି ଦୃଷ୍ଟି ରଖି ଜିଲାର ମୋଟୁ, ପଡିଆ, ଚଲାଣଗୁଡା ଓ ଚିତ୍ରକୋଣ୍ଡା ଅଞ୍ଚଳରେ ସୁରକ୍ଷା ଓ ଯାଞ୍ଚ ଜାରି ରହିଛି। ଏଥିପ୍ରତି ପୋଲିସ ଓ ବିଏସ୍‌ଏଫ୍ ତରଫରୁ ସମସ୍ତେ ସଜାଗ ଥିବା ସେ କହିଛନ୍ତି।

# ସୀମାନ୍ତରେ ପୋଷ୍ଟର ଲଗାଇଲେ ମାଓବାଦୀ

ରାଉରକେଲା,୨୮।୭ (ସଙ୍ଗୀତା ଜେନା)

ଓଡ଼ିଶା–ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଶହୀଦ ଦିବସ ପାଳନ ପାଇଁ ଡାକରା ଦିଆଯାଇଛି। ଏହି କ୍ରମରେ ନିଜ ଉପସ୍ଥିତି ଦର୍ଶାଇବା ପାଇଁ ମାଓବାଦୀମାନେ ବିଭିନ୍ନ ସ୍ଥାନରେ ମାଓବାଦୀ ପୋଷ୍ଟର ଲଗାଇ ଆତଙ୍କ ସୃଷ୍ଟି କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ମାଓବାଦୀ(ମାକପା) ମାନେ ପଶ୍ଚିମ ସିଂହଭୂମ ମନୋହରପୁରର ଜରାଇକେଲା ଅଞ୍ଚଳ ଓପି ଥାନା କ୍ଷେତ୍ର ପଞ୍ଚପାହିଆ ଗ୍ରାମରୁ ଆରମ୍ଭ କରି ଡୋମଲାଇ ଗ୍ରାମର ସ୍କୁଲ ଓ ଅନ୍ୟ ଅଞ୍ଚଳରେ ବିପୁଳ ସଂଖ୍ୟାରେ ପୋଷ୍ଟର ଲଗାଇଥିଲେ। ସ୍ଥାନୀୟ ଭାଷାରେ ଏହି ପୋଷ୍ଟରଗୁଡ଼ିକ ଲେଖାଯାଇଥିଲା। ମାଓବାଦୀଙ୍କ ଛାପାମାରୀ ଯୁଦ୍ଧର ନିୟମାବଳୀ, ଗେରିଲା ଯୁଦ୍ଧର ଅନୁପାତ ବୃଦ୍ଧି ସମ୍ପର୍କରେ ଏଥିରେ ଲେଖାଯାଇଛି। ଏହି ପୋଷ୍ଟରଗୁଡ଼ିକ ଦେଖିବା ପରେ ସ୍ଥାନୀୟ ପୋଲିସ ଓ ସୁରକ୍ଷାବଳଙ୍କ ପକ୍ଷରୁ ସର୍ଚ୍ଚ ଅପେରଶନ୍ ବୃଦ୍ଧି କରାଯାଇଛି। ଓଡ଼ିଶା– ଝାଡ଼ଖଣ୍ଡ ସୀମାବର୍ତ୍ତୀ ଗ୍ରାମଗୁଡ଼ିକରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ଓ ଜନସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସୀମାନ୍ତ ଅତିକ୍ରମ କରି ଆସୁଥିବା ଟ୍ରେନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଛି। ରେଲବାଇ ସୁରକ୍ଷା ବଳ ପକ୍ଷରୁ ଟ୍ରେନ ପାଟ୍ରୋଲିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ଟ୍ରେନ ଟ୍ରାକ୍ ଯାଞ୍ଚ ଓ ଅନ୍ୟ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି ବୋଲି ଆର୍‌ପିଏଫ୍ ଚକ୍ରଧରପୁର ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଓଡ଼ିଶା ପୋଲିସ ଅଞ୍ଚଳର ସୁରକ୍ଷା ପାଇଁ ଆଲର୍ଟ ରହିଛି।



ମନୋହରପୁରର ଜରାଇକେଲା ଅଞ୍ଚଳରେ ଏକ ସ୍କୁଲରେ ମାଓବାଦୀ ପୋଷ୍ଟର ଲାଗିଛି।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ


ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ

ମାଲକାନଗିରି,୨୮।୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର କୁଖ୍ୟାତ ମହିଳା ମାଓବାଦୀ କବରଧାମ ଜିଲା ପୋଲିସ ନିକଟରେ ରବିବାର ଆତ୍ମସମର୍ପଣ କରିଛନ୍ତି। ତଥ୍ୟ ଅନୁଯାୟୀ ରାଜନନ୍ଦଗାଓଁ–ଗୋଣ୍ଡିଆ, ବାଲାଘାଟ ଡିଭିଜନ ଟଣ୍ଡା, ମଲାଜଖଣ୍ଡ ଏରିଆ କମିଟିର ସକ୍ରିୟ ସଦସ୍ୟା ଥିଲେ ରାନିତେ ଛଦ୍ମନାମ ହିଡମା କବାସୀ।

ଏହି ମହିଳା ମାଓବାଦୀ ଛତିଶଗଡ ସୁକ୍‌ମା ଜିଲା ଚିନ୍ତାଲନା ଥାନା ଅନ୍ତର୍ଗତ ପୁଲନପାଡ ଗ୍ରାମର ବାସିନ୍ଦା। ସେ ଛତିଶଗଡ଼ ବ୍ୟତୀତ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ମଧ୍ୟ ସକ୍ରିୟ ଥିଲେ। ଛତିଶଗଡ଼ ଏବଂ ମହାରାଷ୍ଟ୍ର ସରକାର ତାଙ୍କ ମଣ୍ଡ ଉପରେ ୫ ଲକ୍ଷ ଲେଖାଏ ପୁରସ୍କାର ଘୋଷଣା କରିଥିବା ବେଳେ ମଧ୍ୟପ୍ରଦେଶରେ ତାଙ୍କ ଉପରେ ୩ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ସେ କବରଧାମ ଏସ୍‌ପି ଅଭିଷେକ ପଲ୍ଲଭ ଏବଂ ଜିଲାପାଳ ଜନ୍ମେଜୟ ମହୋବେଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ଛତିଶଗଡର ଖଇରାଗଡ, ଛୁଇଖଦାନ ଓ ଗଣ୍ଡଇ ଜିଲାରେ ତିନୋଟି ଓ ମଧ୍ୟପ୍ରଦେଶ ବାଲାଘାଟ ଜିଲାରେ ୧୯ ମାଓବାଦୀ ହିଂସା ଘଟଣାରେ ଜଡିତ ଥିଲେ।

ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀଙ୍କୁ ଛତିଶଗଡ ସରକାରଙ୍କ ପୁନର୍ବାସ ନୀତିଅନୁଯାୟୀ ୨୫ ହଜାର ଟଙ୍କା ସହାୟତା ପ୍ରଦାନ ସହିତ ତାଙ୍କୁ ଅନ୍ୟାନ୍ୟ ସୁବିଧା ମଧ୍ୟ ଯୋଗାଇ ଦିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏୟା କଲା କିଏ ତାହା କଲା**
**ହଗି ଯିବାକୁ ସାତ ସୁଆରୀ**
**ଗୁହାଳ କାଢ଼ିବା ବିହି କଲା।**

ବାପଘରେ ଝିଅଟି ଖୁବ୍ ଅୟସରେ ବଢ଼ିଥାଏ। ସେଠାରେ ଥିବା ସମୟରେ ସେ କୁଟାକାଠି ଦି’ଖଣ୍ଡ କରୁ ନ ଥିବାବେଳେ ଶାଶୁଘରେ ତାକୁ ଦାସୀ ପୋଇଲିଙ୍କ ଭଳି କାମ କରିବାକୁ ପଡୁଥିବାର ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏତେ କଥା ଥିଲା ମନରେ**
**କାଳିକି ଘେନି କି ଘର କରିବି**
**ଗୋରୀକି ଛାଡ଼ିଲି ବନରେ।**

ଭଲକୁ ଆଶା କରି ଭେଲ ମିଳିଲେ ମନର ସରାଗ ମରିଯାଏ। ପରିସ୍ଥିତିରେ ପଡ଼ି ସୁନ୍ଦରୀ ଝିଅକୁ ଛାଡ଼ି ଅସୁନ୍ଦରୀ ଝିଅଟିକୁ ବିବାହ କରିଥିବା ଯୁବକଟିର ଅସହାୟ ଅବସ୍ଥା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶିଳ୍ପୀକୁଳର କଳାକୌଶଳରେ ସ୍ତବ୍ଧ ହୋଇଯାଇଥିଲେ ଗଜପତି

ଡ. ସୁରେନ୍ଦ୍ର କୁମାର ମିଶ୍ର

## ପଥର ଉଠିଲାବେଳେ ବାଜିଥିଲା ଉଦ୍ଦୀପନାର ବାଦ୍ୟ

ଐତିହ୍ୟର ଓଡ଼ିଶା

ଓଡ଼ିଶାର ସାମରିକ ବାହିନୀ ଯୁଦ୍ଧଯାତ୍ରାରେ ବାହାରିଲେ, ଯୁଦ୍ଧବାଦ୍ୟ ବଜାଯିବାର ପରମ୍ପରା ଥିଲା। ଏହା ଏକ ସାହସିକ ଯାତ୍ରାର ଉଦ୍ଦୀପନା ସୃଷ୍ଟିକାରୀ ବାଦ୍ୟ। ଠିକ୍ ସେହିପରି ମନ୍ଦିର ନିର୍ମାଣ ସମୟରେ ଅତ୍ୟନ୍ତ କଠିନ କାର୍ଯ୍ୟ କଲାବେଳେ ଉଚ୍ଚ ଶବ୍ଦରେ ବାଦ୍ୟ ବଜାଯାଉଥିଲା। ଏହା ଆମକୁ କୋଣାର୍କଠାରେ ମନ୍ଦିର ନିର୍ମାଣ ସମୟରେ ଲେଖାଯାଇଥିବା ‘ପୋଥି’ରୁ ମିଳେ।

ମନ୍ଦିର ଉପରକୁ ବଡ଼ ବଡ଼ ପଥର ଉଠାଇବା କଷ୍ଟକାର୍ଯ୍ୟ ତ ଥିଲା, ଅତ୍ୟନ୍ତ ସାହସିକ ପଦକ୍ଷେପ ବି ଥିଲା। ସେପରି କାର୍ଯ୍ୟ ଆରମ୍ଭ ସମୟରେ ଶିଳ୍ପୀ, ପଥୁରିଆ, ସୁଆଁସିଆ ଓ ଭେଣ୍ଡିଆ ଶ୍ରମିକମାନଙ୍କୁ ଉତ୍ସାହିତ କରିବା ପାଇଁ ବାଦ୍ୟ ବଜାଯାଉଥିଲା। ବାଜାବାଲା ପାଉଣା ନେଇ ପ୍ରସ୍ତୁତ ରହୁଥିଲେ।

ସେହିପରି କଷ୍ଟକର କାମଟିଏ ଭଲରେ କିପରି ନିର୍ବାହ ହେବ, ବାଧାବିଘ୍ନ ରହିବନି, ସେଥିପାଇଁ ସମସ୍ତଙ୍କର ଆସ୍ଥା ଓ ବିଶ୍ୱାସ ପ୍ରତି ନଜର ଦିଆଯାଉଥିଲା। ଶ୍ରୀନୃସିଂହ ଦେବତାଙ୍କୁ ଶିଳ୍ପୀମାନେ ଇଷ୍ଟ ରୂପେ ଗ୍ରହଣ କରିଥିଲେ। ତେଣୁ ତାଙ୍କ ପାଖରେ ମାନସିକ କରାଯାଉଥିଲା– ଭଲରେ ଭଲରେ... ବିନା ବାଧାରେ ନିର୍ମାଣ ବେଳର କଠିନ କାମଟି ହୋଇଯାଉ। କାମଟି ସମ୍ପୂର୍ଣ୍ଣ ହୋଇଯିବା ପରେ ଭୋଗରାଗ ବି କରୁଥିଲେ।

ଏହି ଦୁଇଟିଯାକ ଘଟଣା ଘଟିଥିଲା ଶ୍ରୀପଦ୍ମକେଶର ମନ୍ଦିରର ଶୀର୍ଷକୁ ଯେତେବେଳେ ବିରାଟ ପଥର ସିଂହମୂର୍ତ୍ତି ତଳୁ ଉଠିଥିଲା। ଗଜପତି ଉତ୍ସାହିତ କରିବା ପାଇଁ ମାଘମାସ ସପ୍ତମୀଦିନ ଆସି କୋଣାର୍କରେ ମହାଶ୍ରମଙ୍କ ଶିବିରରେ ରହିଥାନ୍ତି। ଗଜପତି ଆସିବାର ଛଅ ଦିନ ପରେ ବିରାଟ ସିଂହମୂର୍ତ୍ତିକୁ ଟାଣି ଟାଣି ମନ୍ଦିର ନିକଟକୁ ଅଣାଗଲା। ମହାଶ୍ରମ ସମସ୍ତ କାର୍ଯ୍ୟ ଯେପରି ଦେଖିପାରିବେ, ସେଥିପାଇଁ ଏକ ସ୍ୱତନ୍ତ୍ର ମଣ୍ଡପ ନିର୍ମାଣ ହୋଇଥିଲା। ମଣ୍ଡପଟି ଥିଲା ଉତ୍ତର–ପୂର୍ବ କୋଣରେ। ଏବେ ଉତ୍ତର ଦିଗରେ ରହିଥିବା ‘ସୁଦେହିକା’ ଗୁଣ୍ଠୁଣୀ ହାତୀ ମୂର୍ତ୍ତିର ପୂର୍ବ ଦିଗକୁ।

ଗଜପତି ଦେଖୁଥାନ୍ତି କି ଅକ୍ଳାନ୍ତ ପରିଶ୍ରମରେ ୭୨ଜଣ ଭେଣ୍ଡିଆ ପଥର ସିଂହକୁ ‘ଚେକାସାଙ୍ଗି’ ଦ୍ୱାରା ଫାସିକାଠ ଉପରକୁ ଉଠାଉଥାନ୍ତି। ପାଖେ ପାଖେ ଶିବେଇ ସାମନ୍ତରା ଥାନ୍ତି। ଦୁଇଟି ଲେଖାଏ ଛଟି ଦଉଡ଼ିରେ ବନ୍ଧାଗଲା। ମୁଖଶାଳାର ସବା ଉପରେ ରହି ୭୦ଜଣ ଦଉଡ଼ିକୁ ଭିଡୁଥାନ୍ତି। ତଳୁ ୨୦ଜଣ କାଠ ପଟାକୁ ତଳକୁ ତଳକୁ ଦାବୁଥାନ୍ତି। ଅନ୍ୟପଟେ ୬୦ଜଣ ଚାରୋଟି କାଠଖମ୍ବ ସହିତ ସିଂହକୁ ପାହାଚ ପରେ ପାହାଚ ଅତିକ୍ରମ କରାଉଥାନ୍ତି। ସିଂହ ବିଗ୍ରହ ଗର୍ଭ ଗଣ୍ଡିକୁ ଉଠିଗଲା। ବାଜା ବାଜୁଥାଏ। ଭେଣ୍ଡିଆମାନେ ହରିବୋଲ ପକାଉଥାନ୍ତି। ତଳେ ଉତ୍ସବର ପରିବେଶ। କଷ୍ଟ କାମଟିଏ ସୁବିଧାରେ ହୋଇଗଲେ ଏମିତି ପରିବେଶ ଆସେ। ଓହ୍ଲେଇଲେ ଭେଣ୍ଡିଆମାନେ। ଏଣେ ଶ୍ରୀନୃସିଂହଙ୍କ ପୂଜା ପାଇଁ ପିଠା ତିଆରି ଚାଲିଥାଏ। ଆଚାର୍ଯ୍ୟମାନେ ପଣା ପ୍ରସ୍ତୁତ କରୁଥାନ୍ତି। ମାନସିକ ଥିଲା ସିଂହପଥର ଦାୟିତ୍ୱପୂର୍ଣ୍ଣ ଭାବରେ ଉଠିଗଲେ ଭୋଗ–ରାଗ ହେବ। ଗଜପତି ଲାଙ୍ଗୁଳା ନରସିଂହଦେବଙ୍କର ଉପାସ୍ୟ ଥିଲେ ଶ୍ରୀନୃସିଂହ। ଗଜପତି ମୂଳରୁ ଶେଷ ପର୍ଯ୍ୟନ୍ତ ଦେଖୁଥାନ୍ତି। ଶିଳ୍ପୀମାନଙ୍କ ସଫଳତା ଉଲ୍ଲସିତ କରୁଥାଏ। ସେଦିନ ସନ୍ଧ୍ୟା ଗଜପତିଙ୍କ ପାଇଁ ସ୍ମରଣୀୟ ଥିଲା।

ତଳକୁ ସଭିଏ ଓହ୍ଲାଇଲେ। ଗଜପତିଙ୍କର ଜୟ ଜୟକାର ହେଲା। ତେଣିକି ଗଜପତିଙ୍କର ନିଘା ନ ଥିଲା। ସେ ବରାଦ କରିଥିଲେ କୋଷାଗାରରୁ ସୁବର୍ଣ୍ଣ ମାଢ଼ ଆଣ। ପାରିଶ୍ରମିକ ତ ସମସ୍ତେ ପାଇବେ! ତାହା ବଡ଼ କଥା ନୁହେଁ। ଭେଣ୍ଡିଆଙ୍କ ସାହସିକ ପଦକ୍ଷେପ ତାଙ୍କୁ ଆଚମ୍ବିତ କରିଥିଲା। ଯେଉଁ ୧୦ଜଣ ପଥୁରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ସମ୍ଭବ ହେଲା, ସେମାନଙ୍କୁ ୩୦ ମାଢ଼ ସୁନା ଦେଇଥିଲେ। ପରିଦର୍ଶକ ୩ଜଣଙ୍କୁ ୩ ମାଢ଼ ପୁରସ୍କାର ଦେବା ପରେ ଭେଣ୍ଡିଆମାନଙ୍କୁ ୧୦ ମାଢ଼ ଦେଇଥିଲେ।

ସିଂହମୂର୍ତ୍ତି ଉଠିବାର କୌଶଳ ମହାଶ୍ରମଙ୍କୁ ଅଭିଭୂତ କରିଥିଲା। ତଳେ ୩୦ଜଣ ରହି କୌଶଳରେ ମୂର୍ତ୍ତିକୁ ଉପରକୁ ଠେଲିବା, ଦ୍ୱିତୀୟ ପୀଢ଼ ଉପରେ ଠିଆ ହୋଇ ମୂର୍ତ୍ତିକୁ ୩୦ଜଣ ଉପରକୁ ପେଲିବା ସହଜ ନ ଥିଲା। ଭାରସାମ୍ୟ ନ ରହିଲେ ୩୦ଜଣଙ୍କ ଶକ୍ତି ଏକ ସମୟରେ ବିନିଯୋଗ ହେବା ସମ୍ଭବ ନ ଥିଲା...। ସ୍ତବ୍ଧ ହୋଇଯାଇଥିଲେ ଗଜପତି ଶିଳ୍ପୀକୁଳର କଳା କୌଶଳ ଦେଖି। ଆଖିର ଇସାରାରେ ସେ କଥା ହୋଇଥିଲେ ଶିବେଇ ସାମନ୍ତରାଙ୍କ ସହିତ...। ପୁରସ୍କାର ଦେବାରେ ଜଣଙ୍କୁ ବି ସେ ଛାଡ଼ିଯାଇ ନ ଥିଲେ। ଧନ୍ୟ ସେପରି କଳାପ୍ରିୟ ଗଜପତି। ଧନ୍ୟ ତାଙ୍କ ସାମ୍ରାଜ୍ୟର ଶିଳ୍ପୀକୁଳ...। ସରିନାହିଁ ଏଠି ପୁରସ୍କାର ପର୍ବ...।


କୋଣାର୍କ ଚକର କେନ୍ଦ୍ରରେ ଶ୍ରୀନୃସିଂହଙ୍କର ଅପୂର୍ବ ତଥା ବିରଳ କଳାକୃତି। (ଫଟୋ: ଜ୍ୟୋତିରାଜ ମହାନ୍ତି)

## ଫୁର୍‌ସତ

# ସ୍ତ୍ରୀଙ୍କ ସ୍ମୃତିରେ ମନ୍ଦିର ନିର୍ମାଣ କଲେ ସ୍ୱାମୀ



ହାଇଦ୍ରାବାଦ: ମୋଗଲ ସମ୍ରାଟ ଶାହାଜାହାନ୍ ସ୍ତ୍ରୀ ମମତାଜଙ୍କ ସ୍ମୃତିରେ ତାଜମହଲ ନିର୍ମାଣ କରିଥିବା ସମସ୍ତେ ଜାଣନ୍ତି। କିନ୍ତୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ତାଜମହଲ ନିର୍ମାଣ ସମ୍ଭବ ହୋଇ ନ ଥାଏ। ଏହା ସତ୍ତ୍ୱେ ମଧ୍ୟ ନିଜ ସ୍ତ୍ରୀଙ୍କ ପ୍ରତି ସେମାନଙ୍କ ପ୍ରେମକୁ କେବେ ମଧ୍ୟ କମ୍ ଧରାଯାଇ ପାରିବ ନାହିଁ। ଏହାର ଏକ ଉଦାହରଣ ହେଉଛନ୍ତି ତେଲଙ୍ଗାନାର ୱରଙ୍ଗଲ ନିବାସୀ ଭେଙ୍କଟନାରାୟଣ। ନିଜ ସ୍ୱର୍ଗତ ସ୍ତ୍ରୀଙ୍କ ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ ସେ ଏକ ମନ୍ଦିର ନିର୍ମାଣ କରିଛନ୍ତି। ଏପରି କରି ସେ ଈଶ୍ୱରଙ୍କୁ ସବୁବେଳେ ନିଜ ସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ଦେଖି ଆସନ୍ତି ବୋଲି କହିଛନ୍ତି।

ପ୍ରାୟ ବର୍ଷେ ତଳେ ଭେଙ୍କଟନାରାୟଣଙ୍କ ସ୍ତ୍ରୀ ସୁଜାତା ହୃଦ୍‌ଘାତରେ ମୃତ୍ୟୁବରଣ କରିଥିଲେ। ତାଙ୍କ ବିୟୋଗ ପରେ ସେ ସାଧାରଣତଃ ଦୁଃଖୀ ରହୁଥିଲେ। ଦୀର୍ଘ ଦିନ ଧରି ସ୍ତ୍ରୀଙ୍କୁ ଝୁରିବା ପରେ ଏଥିରୁ ମୁକୁଳିବା ପାଇଁ ଭେଙ୍କଟନାରାୟଣ ଏକ ନିଆରା ଉପାୟ ବାହାର କଲେ। ସେ ସୁଜାତାଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କଲେ। ଉକ୍ତ ମୂର୍ତ୍ତିର ଉଚ୍ଚତା ସୁଜାତାଙ୍କ ପ୍ରକୃତ ଉଚ୍ଚତା ସହ ସମାନ। ଏହି ମୂର୍ତ୍ତି ସ୍ଥାପନ କରିବା ପାଇଁ ସେ ନିଜ ଜମିରେ ଏକ ମନ୍ଦିର ମଧ୍ୟ ନିର୍ମାଣ କରିଛନ୍ତି। ଉକ୍ତ ମନ୍ଦିରରେ ସେ ସୁଜାତାଙ୍କ ପ୍ରତିମା ସ୍ଥାପନ କରିଛନ୍ତି। ଏହି ମନ୍ଦିରରେ ଭେଙ୍କଟନାରାୟଣ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ନିୟମିତ ଭାବେ ସ୍ତ୍ରୀ ସୁଜାତାଙ୍କ ପ୍ରତିମୂର୍ତ୍ତିରେ ପୂଜା କରୁଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସ୍ତ୍ରୀଙ୍କ ପ୍ରତି ଭେଙ୍କଟନାରାୟଣଙ୍କ ଏପରି ସ୍ନେହ, ପ୍ରେମ ଓ ଭଲ ପାଇବାକୁ ଅନେକ ସୋସିଆଲ ମିଡିଆ ୟୁଜର୍ସ ବେଶ୍ ପ୍ରଶଂସା କରିଛନ୍ତି।

# ବର୍ଷକରେ ୪୮ କେ.ଜି. ଓଜନ ହ୍ରାସ

ଲଣ୍ଡନ: ଇଂଲଣ୍ଡ ନର୍ଥହାମ୍ପଟନ୍‌ଶାୟରର ମିଲି ସ୍ଲେଟର(୨୦) ନାମ୍ନୀ ଜଣେ ମାର୍କେଟିଂ କାର୍ଯ୍ୟନିର୍ବାହୀ ନିଜର ଅତ୍ୟଧିକ ଓଜନ ହ୍ରାସକୁ ନେଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟିକ୍‌ଟକ୍‌ରେ କରିଥିବା ଏକ ପୋଷ୍ଟ ଏବେ ଭାଇରାଲ ହେବାରେ ଲାଗିଛି। ୨୦୨୩ ଜାନୁୟାରୀରେ ତାଙ୍କ ଓଜନ ୧୧୫ କିଲୋଗ୍ରାମ ଥିବା ବେଳେ ଏବେ ଏହା କମି ମାତ୍ର ୬୭ କେ.ଜି.ରେ ପହଞ୍ଚିଥିବା ସେ ନିଜ ପୋଷ୍ଟରେ ଦର୍ଶାଇଛନ୍ତି। ନିରନ୍ତର ପ୍ରୟାସ, ଫିଟ୍‌ନେସ୍ ଏବଂ ପୁଷ୍ଟିକର ଖାଦ୍ୟ ପ୍ରତି ସନ୍ତୁଳିତ ଆଭିମୁଖ୍ୟ ଯୋଗୁ ସେ ଏହି ସଫଳତା ପାଇପାରିଛନ୍ତି ବୋଲି ସ୍ଲେଟର କହିଛନ୍ତି। ଏଥିପାଇଁ ସେ ନିୟମିତ ଜିମ୍ ଯିବା ସହ ଅଧିକ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବା ଏବଂ ନିଜ ଖାଦ୍ୟରେ କ୍ୟାଲୋରିର ପରିମାଣକୁ କମାଇବା ଆଦି ଉପରେ ଅଧିକ ଧ୍ୟାନ ଦେଇଥିଲେ। ବିଶିଷ୍ଟ ଆମେରିକୀୟ ୟୁଟ୍ୟୁବର ଲୌରେନ୍ ଗିରାଲ୍‌ଡୋଙ୍କ ଲୋକପ୍ରିୟ ୧୨–୩–୩୦ ଟ୍ରେଡମିଲ୍ ବ୍ୟାୟାମରୁ ସେ ଅନେକ ପ୍ରେରଣା ପାଇଛନ୍ତି ବୋଲି ସ୍ଲେଟର ଏକ ସାକ୍ଷାତ୍‌କାରରେ କହିଛନ୍ତି। ଏହି ୱାକଆଉଟରେ ସେ ୩୦ ମିନିଟ୍ ପାଇଁ ଘଣ୍ଟା ପ୍ରତି ୩ ମାଇଲ୍ ବେଗରେ ଚାଲନ୍ତି, ଯାହାଦ୍ୱାରା ତାଙ୍କର ମନେରଖିବା ଶକ୍ତି, ଓଜନ ନିୟନ୍ତ୍ରଣ ଆଦି କ୍ଷେତ୍ରରେ ଉନ୍ନତି ଆସିପାରିଛି। ପ୍ରତ୍ୟେକ ବୟସ୍କ ସପ୍ତାହକୁ ୫ ଥର ପାଇଁ ୧୨–୩–୩୦ ବ୍ୟାୟାମ କରିବା ଆବଶ୍ୟକ ବୋଲି ସ୍ଲେଟର ପରାମର୍ଶ ଦେଇଛନ୍ତି।

ବ୍ୟାୟାମଏପରିକିଛିହେବାଉଚିତ,ଯାହାକୁଜଣେବ୍ୟକ୍ତିଉପଭୋଗକରିପାରିବ ବୋଲି ସ୍ଲେଟର କହିଛନ୍ତି। ଟ୍ରେଡ୍‌ମିଲରେ ୱେଟ୍ ଟ୍ରେନିଂ ଓ ଇନ୍‌କ୍ଲାଇନ ୱାକିଂ କରି ସେ ତାଙ୍କ ଓଜନକୁ ଏତେମାତ୍ରାରେ ହ୍ରାସ କରି ପାରିଛନ୍ତି ବୋଲି ସ୍ଲେଟର କହିଛନ୍ତି।



# ରଣବୀରଙ୍କ ପାଇଁ ନିଜକୁ ବଦଳାଇଛନ୍ତି ଆଲିଆ



ମୁମ୍ବାଇ: ବଲିଉଡ୍‌ର ଷ୍ଟାର ଦମ୍ପତିମାନଙ୍କ ମଧ୍ୟରୁ ଅଭିନେତା ରଣବୀର କପୁର ଓ ଅଭିନେତ୍ରୀ ଆଲିଆ ଭଟ୍ଟ ଅନ୍ୟତମ। ରବିବାର ରଣବୀର ଏକ ସାକ୍ଷାତ୍‌କାର ଦେଇ ଆଲିଆଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ବିଭିନ୍ନ ରୋଚକ ତଥ୍ୟ ପ୍ରଘଟ କରିଛନ୍ତି। ବିବାହ ପରେ ଉଭୟଙ୍କ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଆଲିଆ ନିଜର ବ୍ୟବହାର ଓ ଅଭ୍ୟାସରେ ଅନେକ ପରିବର୍ତ୍ତନ ଆଣିଥିବା ରଣବୀର କହିଛନ୍ତି। ଏକ ଉଦାହରଣ ଦେଇ ରଣବୀର କହିଛନ୍ତି, ଆଲିଆଙ୍କର ପୂର୍ବରୁ ବଡ଼ ପାଟିରେ କଥା ହେବାର ଅଭ୍ୟାସ ଥିଲା। ସେ ବଡ଼ ପାଟିରେ କଥା ହେବା ଯୋଗୁ ତାଙ୍କୁ ଅସୁବିଧା ହୁଏ ବୋଲି ରଣବୀର ଆଲିଆଙ୍କୁ ଜଣାଇଥିଲେ। ତେଣୁ ଆଲିଆ ବଡ଼ ପାଟିରେ କଥା ହେବାନେଇ ନିଜର ଥିବା ଅଭ୍ୟାସକୁ ପରିବର୍ତ୍ତନ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ତେବେ କୌଣସି ବ୍ୟକ୍ତିଙ୍କଠାରେ ୩୦ରୁ ଅଧିକ ବର୍ଷ ଧରି ରହିଆସିଥିବା ଅଭ୍ୟାସକୁ ବଦଳାଇବା ଏତେ ସହଜସାଧ୍ୟ ବ୍ୟାପାର ନୁହେଁ ବୋଲି ରଣବୀର ସ୍ୱୀକାର କରିଛନ୍ତି। ସେମାନଙ୍କ ଦାମ୍ପତ୍ୟ ଜୀବନକୁ ସୁଖ ସମୃଦ୍ଧିରେ ଭରିବା ପାଇଁ ଆଲିଆ କରୁଥିବା ପ୍ରୟାସକୁ ରଣବୀର ପ୍ରଶଂସା କରୁଛନ୍ତି। ସେହିପରି ଆଲିଆଙ୍କ ଖୁସି ପାଇଁ ତାଙ୍କୁ ମଧ୍ୟ ନିଜର କିଛି ଅଭ୍ୟାସରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ଏହି ସାକ୍ଷାତ୍‌କାରରେ ରଣବୀର ସ୍ୱୀକାର କରିଛନ୍ତି।

ପ୍ରକାଶ ଯେ, ଦୀର୍ଘଦିନ ଧରି ରିଲେଶନ୍‌ଶିପରେ ରହିବା ପରେ ବଲିଉଡ୍‌ର ଏହି ଷ୍ଟାର ଯୋଡ଼ି ୨୦୨୨ ଏପ୍ରିଲ ୧୪ରେ ବିବାହ କରିଥିଲେ। ଉଭୟଙ୍କର ରାହା କପୁର ନାମ୍ନୀ ଶିଶୁ କନ୍ୟା ରହିଛନ୍ତି। ରଣବୀରଙ୍କୁ ଶେଷ ଥର ପାଇଁ ସନ୍ଦୀପ ରେଡ୍ଡୀ ବଙ୍ଗାଙ୍କ ସୁପରହିଟ୍ ଫିଲ୍ମ ‘ଆନିମଲ’ରେ ଦେଖିବାକୁ ମିଳିଥିଲା। ଆସନ୍ତା ବର୍ଷ ସଞ୍ଜୟ ଲିଲା ଭଁସାଲୀଙ୍କ ନିର୍ଦ୍ଦେଶିତ ‘ଲଭ୍ ଆଣ୍ଡ୍ ୱାର୍’ ଫିଲ୍ମରେ ଉଭୟ ଆଲିଆ ଓ ରଣବୀରଙ୍କ ସହ ଅଭିନେତା ଭିକି କୌଶଲ ନଜର ଆସିବେ।

# ଦୀର୍ଘାୟୁ ପାଇଁ ଦିନଚର୍ଯ୍ୟା



ଡା. ଆଶିଷ ବାନାର୍ଜୀ

''ରାତ୍ର ୯ଟାରୁ ୧୦ଟା ମଧ୍ୟରେ ରାତ୍ରଭୋଜନ କରନ୍ତୁ । ସବୁବେଳେ ରାତ୍ରଭୋଜନରେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। କାରଣ ରାତିରେ ଏଭଳି ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇଥାଏ। ରାତିରେ ଗୁରୁପାକ ଖାଦ୍ୟ ଯେତେ ନ ଖାଇବେ ସେତେ ଭଲ। ଖାଇବା ପରେ ଆମାଶୟ ନିକଟରେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇବା ହେତୁ ନିଦ ଆସିଯାଇଥାଏ। ତେଣୁ ରାତ୍ରଭୋଜନ କରିବାର ଅଧ ଘଣ୍ଟାଏରୁ ଏକ ଘଣ୍ଟା ମଧ୍ୟରେ ଶୋଇବା ଉଚିତ।''

ଆଧୁନିକ ଯୁଗରେ ମଣିଷ ଯନ୍ତ୍ରମାନବରେ ପରିଣତ ହୋଇଯାଇଅଛି। ବସ୍ତୁବାଦୀ ଯୁଗରେ ମଣିଷର ନିଅଣ୍ଟ ପରିପୂର୍ଣ୍ଣ ହେଉନାହିଁ। ମୋବାଇଲ୍, ଟିଭି, ଲାପଟପ ଧରି ସମୟ ବିତୁଛି। ଏହି ଇଲେକଟ୍ରୋନିକ୍ ଯନ୍ତ୍ରଗୁଡ଼ିକରୁ ବାହାରୁଥିବା ରଶ୍ମି ଆମ ଶରୀର ଉପରେ କୁପ୍ରଭାବ ପକାଉଛି। ଏହାର ମୂଳ ହେଉଛି ମନ। ମନ ଦ୍ୱାରା ଆମର ଅନ୍ୟ ଦଶଗୋଟି ଇନ୍ଦ୍ରିୟ ପରିଚାଳିତ ହୋଇଥାଏ। ତେଣୁ ମନକୁ ଆୟତ୍ତ କରିବା ଦ୍ୱାରା କାମ, କ୍ରୋଧ, ଲୋଭ, ମୋହ ଆଦି ଷଡ଼ରିପୁରୁ ନିଜକୁ ଆୟତ୍ତ କରିବା ସମ୍ଭବ। ଯଦ୍ୱାରା ମଣିଷକୁ ପ୍ରବୃତ୍ତିରୁ ମୁକ୍ତି ମିଳିବା ସହ ସେ ଶାନ୍ତି ପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ଜଣେ ନିଜକୁ ଈଶ୍ୱରଙ୍କ ନିକଟତର ମଧ୍ୟ କରାଇପାରିଥାଏ। ନିଜକୁ ସୁସ୍ଥ ଏବଂ ଦୀର୍ଘାୟୁ ରଖିବାକୁ କିଏ ବା ନ ଚାହେଁ? ହେଲେ ଏହା ଏତେ ସହଜ କଥା ନୁହେଁ। ଏଥିଲାଗି କେତେକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ସେ ବିଷୟରେ ନିମ୍ନରେ ଆଲୋଚନା କରାଯାଉଛି।

ପ୍ରାତଃ ଶଯ୍ୟାତ୍ୟାଗ ପରେ ନିଜର ଇଷ୍ଟ ଦେବଙ୍କୁ ସ୍ମରଣ କରି 'ଓଁକାର' ଜପ କରିବେ। ହାତ ପାପୁଲି ଦ୍ୱୟକୁ ଦେଖି ତାହାକୁ ପରସ୍ପର ମଧ୍ୟରେ ଘର୍ଷଣ କରି ଉଷ୍ଣୁମ କରିବେ। ଏହାଦ୍ୱାରା ସ୍ନାୟୁ ଗ୍ରନ୍ଥିଗୁଡ଼ିକ ସତେଜ ହୋଇ ରକ୍ତ ସଞ୍ଚାଳନ ଆହୁରି ସକ୍ରିୟ ହୋଇଥାଏ। ମୁଖମଣ୍ଡଳରେ କାନ୍ତି ବଢ଼େ।

ସୁସ୍ଥ ରଖିବା ଲାଗି ପ୍ରତିଦିନ ସକାଳରୁ ପ୍ରାତଃ ଭ୍ରମଣ (ମର୍ନିଂ ୱାକ୍) କରନ୍ତୁ। ସକାଳ ୬ଟାରୁ ୭.୩୦ ମଧ୍ୟରେ କଅଁଳ ସୂର୍ଯ୍ୟକିରଣରେ ପ୍ରାତଃ ଭ୍ରମଣ କଲେ ଶରୀର ସୁସ୍ଥ ରହିଥାଏ। ଗାଧୋଇବା ସମୟରେ ପ୍ରଥମେ ସୋରିଷ ତେଲ ନସ୍ୟ ନେବେ ତା'ପରେ ବୃଦ୍ଧାଙ୍ଗୁଠି ନଖରେ ଲଗାଇ ପରେ ଦେହ, ଗୋଡ଼, ହାତରେ ଭଲ ଭାବରେ ମାଲିସ କରିବେ। ପେଟରେ ନଡ଼ିଆ ତେଲ ଲଗାଇବା ଦ୍ୱାରା ବାତ ରୋଗ ହୋଇ ନ ଥାଏ। ଏହାସହ ପାଚନ କ୍ରିୟା ଆହୁରି ସକ୍ରିୟ ରହିଥାଏ। ସ୍ନାନ ପରେ ଈଶ୍ୱର ପୂଜନ, ଧ୍ୟାନ କରିବା ଉଚିତ। ଏହାଦ୍ୱାରା ମାନସିକ ଶାନ୍ତି ମିଳେ ଓ ଆତ୍ମବିଶ୍ୱାସ ବଢ଼େ।





ମୁହଁରେ ପାଣି ଭର୍ତ୍ତି କରି ଆଖିକୁ ଗୋଲାକାର କରି କୋଡ଼ିଏ ଥର ପାଣି ଛାଟିବେ। ସବୁଜ ପତ୍ରକୁ ଦେଖିଲେ ଦୃଷ୍ଟି ଶକ୍ତି ଆହୁରି ପ୍ରଖର ହୋଇଥାଏ। ଗୋଟିଏ ଦୀପ ଶିଖା ବିନ୍ଦୁକୁ ଦେଖିଲେ ଏକାଗ୍ରତା ବଢ଼ିଥାଏ।

ସକାଳୁ ଖାଲି ପେଟରେ ଦୁଇ ଗ୍ଲାସ ପାଣି ପିଅନ୍ତୁ। ନିମ୍ବ, ଅପମାରଗ, କରଞ୍ଜ, ଗବ, ବବୁଲ ବା ଶାଳ ଦାନ୍ତ କାଠିରେ ଦାନ୍ତ ଘଷିଲେ ମାଢ଼ି ସୁଦୃଢ଼ ହୁଏ। ଏହାବ୍ୟତୀତ ଦାନ୍ତ ଦ୍ୱୟ ମଧ୍ୟରେ ଫାଙ୍କ ସୃଷ୍ଟି ହୁଏ ନାହିଁ। ଦାନ୍ତ ପୋକ ଲାଗିବା, ଦାନ୍ତ କ୍ଷୟ ହେବାରୁ ମଧ୍ୟ ରକ୍ଷା ମିଳେ। ନିଜକୁ

ପ୍ରାତଃ ଭୋଜନ ସକାଳ ୮ରୁ ୯.୩୦ ମଧ୍ୟରେ ଶେଷ କଲେ ଭଲ। ସକାଳ ଜଳଖିଆରେ ହାଲୁକା ଜଳଖିଆ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ଭଲ। ଇଡିଲି, ଉପମା, ତଟକା ଫଳମୂଳ ଏହି ତାଲିକାରେ ସାମିଲ କରନ୍ତୁ। ଅଧିକାଂଶ ସମୟ ଉପବାସ ରୁହନ୍ତୁ ନାହିଁ।

ମଧ୍ୟାହ୍ନ ଭୋଜନ ୧୨.୩୦ରୁ ୧.୩୦ ମଧ୍ୟରେ କରନ୍ତୁ। ଏହି ତାଲିକାରେ ଭାତ, ରୁଟି, ସବୁଜ ପନିପରିବାରେ ପ୍ରସ୍ତୁତ ତରକାରି, ସାଲାଡ, ଡାଲି ଆଦି ଖାଇପାରନ୍ତି। ମଧ୍ୟାହ୍ନ ଭୋଜନରେ ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଖାଇବାର ଅଧ ଘଣ୍ଟାରୁ ଏକ ଘଣ୍ଟା ପରେ ପାଣି ପିଇବେ। ଖାଇବା ସମୟରେ ପାକସ୍ଥଳୀର ଚାରି ଭାଗରୁ ଦୁଇ ଭାଗ ଖାଦ୍ୟ, ଏକ ଭାଗ ପାଣି ଏବଂ ଅନ୍ୟ ୧ ଭାଗ ଖାଲି ରଖିବେ।

ଉପରବେଳା କିମ୍ବା ସନ୍ଧ୍ୟା ସମୟରେ ମୁଢ଼ି, ଚୁଡ଼ାଭଜା, ଅମୃତଭଣ୍ଡା, ପିଜୁଳି, କଦଳୀ ଇତ୍ୟାଦି ମଧ୍ୟରୁ ଅଳ୍ପ ପରିମାଣରେ ଖାଆନ୍ତୁ। ଏହି ସମୟରେ ସର ପଡ଼ି ନ ଥିବା କ୍ଷୀର ପିଇପାରନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଖାଦ୍ୟରେ ତେଲ, ଲୁଣ, ମିଠା, ମସଲାର ମାତ୍ରା ଯେତେ କମ୍ ରହିବ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ହିତକର। ଧୂମପାନ ଏବଂ ନିଶାଦ୍ରବ୍ୟ ସେବନ ଅଭ୍ୟାସ ବର୍ଜନ କରନ୍ତୁ। କାରଣ ଏହା ପରୋକ୍ଷରେ ଅନେକ ରୋଗର କାରଣ ସାଜିଥାଏ ଏବଂ ଅକାଳ ମୃତ୍ୟୁକୁ ଡାକି ଆଣିଥାଏ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ।

ଖାଦ୍ୟ ଖାଇବା ପରେ ଅଳ୍ପ ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ହଜମ ହୋଇଥାଏ। ତା'ପରେ ବିଶ୍ରାମ ନିଅନ୍ତୁ। ଖାଦ୍ୟ ପାକ କାଠ ଚୁଲି, ମାଟି, ଲୁହା ପାତ୍ରରେ କରିବେ। ଏହା ଶରୀର ପାଇଁ ହିତକର। ସିଲଭର, ନନ୍‌ଷ୍ଟିକ୍ ଜିନିଷରେ ରୋଷେଇ କଲେ ତାହା ବିଭିନ୍ନ ରୋଗର କାରଣ ହୋଇଥାଏ।

ରାତ୍ର ୯ଟାରୁ ୧୦ଟା ମଧ୍ୟରେ ରାତ୍ରଭୋଜନ କରନ୍ତୁ। ସବୁବେଳେ ରାତ୍ରଭୋଜନରେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। କାରଣ ରାତିରେ ଏଭଳି ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇଥାଏ। ରାତିରେ ଗୁରୁପାକ ଖାଦ୍ୟ ଯେତେ ନ ଖାଇବେ ସେତେ ଭଲ। ଖାଇବା ପରେ ଆମାଶୟ ନିକଟରେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇବା ହେତୁ ନିଦ ଆସିଯାଇଥାଏ। ତେଣୁ ରାତ୍ରଭୋଜନ କରିବାର ଅଧ ଘଣ୍ଟାଏରୁ ଏକ ଘଣ୍ଟା ମଧ୍ୟରେ ଶୋଇବା ଉଚିତ।

ଶୋଇବା ପୂର୍ବରୁ କହୁଣିରୁ ତଳକୁ ହାତରେ ଏବଂ ଆଣ୍ଠୁ ତଳକୁ ପାଦ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଶୋଇବା ପୂର୍ବରୁ ନିଜର ଦୈନିକ କର୍ମକୁ ଭଗବାନ୍‌ଙ୍କ ନିକଟରେ ସମର୍ପଣ କରି ମୁଣ୍ଡରୁ ଚିନ୍ତା ସମ୍ପୂର୍ଣ୍ଣ ଦୂର କରି ଶୁଅନ୍ତୁ।

ପରିବେଶ ସ୍ଥିତି ଉପରେ ଜୀବଜଗତ ନିର୍ଭର କରେ। ଏଣୁ ଏହାକୁ ସମତୁଲ ରଖିବା ପାଇଁ ପର୍ଯ୍ୟାପ୍ତ ବୃକ୍ଷରୋପଣ କରନ୍ତୁ। ଏହାଦ୍ୱାରା ପ୍ରଦୂଷଣ କେତେକାଂଶରେ କମିଯାଇଥାଏ। ପ୍ରତିଦିନ ଖୋଲା ପବନରେ କିଛି ସମୟ ବୁଲନ୍ତୁ। ପ୍ରକୃତି, ପରିବେଶ, ଜଙ୍ଗଲ, ଝରଣା ନିକଟରେ କିଛି ସମୟ ବିତାନ୍ତୁ। ଏହାଦ୍ୱାରା ମାନସିକ ଶାନ୍ତି ମିଳିଥାଏ ଏବଂ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।

-ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫

## ଟାଇପ୍-୨ ଡାଇବେଟିସ ଆଶଙ୍କା ବୃଦ୍ଧି କରେ ଅସନ୍ତୁଳିତ ୟୁରିକ୍ ଏସିଡ୍



ଆମ ଶରୀରରେ ୟୁରିକ୍ ଏସିଡ୍ ଅସନ୍ତୁଳିତ ରହିଲେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ଏହା ଟାଇପ-୨ ଡାଇବେଟିସ୍ ଆଶଙ୍କାକୁ ଆହୁରି ବୃଦ୍ଧି କରିଥାଏ। ତା'ସହ କିଡ୍‌ନୀର କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଥାଏ। କେବଳ ସେତିକି ନୁହେଁ, ଆଣ୍ଠୁଗଣ୍ଠିଜନିତ ସମସ୍ୟା ସୃଷ୍ଟି କରିବାରେ ଏହା କାରଣ ସାଜିଥାଏ। ତେଣୁ ଶରୀରରେ ଏହି ତତ୍ତ୍ୱ ଯେପରି ସନ୍ତୁଳିତ ରହେ ସେଥିପ୍ରତି ଧ୍ୟାନ ଦେବା ନିହାତି ଦରକାର। ଖାଦ୍ୟ ତାଲିକାରେ ସବୁଜ ପନିପରିବା, ତଟକା ଫଳମୂଳ ସାମିଲ କରନ୍ତୁ। ଫ୍ୟାଟ୍‌ଜାତୀୟ ଖାଦ୍ୟ ଅଧିକ ପରିମାଣରେ ଖାଆନ୍ତୁ ନାହିଁ। ସବୁଠାରୁ ଖାସ୍ କଥା ହେଲା, ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି ଓଜନକୁ ସବୁବେଳେ ସନ୍ତୁଳିତ ରଖନ୍ତୁ। ନିଶାଦ୍ରବ୍ୟ ସେବନ ଅଭ୍ୟାସ ବର୍ଜନ କରନ୍ତୁ। ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଅଧିକ ପରିମାଣରେ ଖାଆନ୍ତୁ। ନିଜକୁ ଚିନ୍ତାଠାରୁ ଦୂରେଇ ରଖନ୍ତୁ। ଅନ୍ୟପକ୍ଷରେ ସୁନିଦ୍ରା ୟୁରିକ୍ ଏସିଡ୍‌କୁ ସନ୍ତୁଳିତ ରଖିବାରେ କେତେକାଂଶରେ ସାହାଯ୍ୟ କରିଥାଏ।

## ସକାରାତ୍ମକ ଜୀବନଶୈଳୀ ଓ ବଂଶଗତ ହୃଦ୍ ସମସ୍ୟା



ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ଭିତରେ ନିଜର ମାନସିକତାକୁ ସକାରାତ୍ମକ ରଖିବା ବଡ଼ କଥା। ଯେଉଁମାନେ ନିଜ ମାନସିକତାକୁ ଏଭଳି ପରିବେଶରେ ରଖନ୍ତି ତାହାର ସୁପ୍ରଭାବ ସେମାନଙ୍କର ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଏ ବିଷୟରେ ଅଧିକ ତର୍ଜମା କରି ଚାଇନାର ହୃଦ୍‌ଶଲ୍ୟ ବିଶେଷଜ୍ଞମାନେ ଜାଣିପାରିଛନ୍ତି ଯେ ଯଦି ବ୍ୟକ୍ତିଙ୍କର ଜୀବନଶୈଳୀ ଅଧିକାଂଶ ସମୟ ସକାରାତ୍ମକ ରହେ, ତେବେ ସେ ବଂଶଗତ ହୃଦ୍ ସମସ୍ୟାଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିପାରିଥାଆନ୍ତି। ପାଖାପାଖି ୯୬,୦୦୦ ବ୍ୟକ୍ତିଙ୍କର ମାନସିକତା ଅଧିକାଂଶ ସମୟ କିପରି ରହୁଛି ତାହାକୁ ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତି ନିଜକୁ ବଂଶଗତ ହୃଦ୍ ସମସ୍ୟାଠାରୁ ଦୂରେଇ ରଖିବାରେ ସକ୍ଷମ ହୋଇଥିଲେ। ତେବେ ଏହି ସମୟରେ ସେମାନେ ନିଜକୁ ଟେନ୍‌ସନ, ଅବସାଦ ଆଦି ସମସ୍ୟାଠାରୁ ଯେତେ ଦୂରେଇ ରଖିବେ ତାହା ସେମାନଙ୍କ ପାଇଁ ସେତେ ଲାଭପ୍ରଦ ସାବ୍ୟସ୍ତ ହେବ। ତା'ସହ ବିଶେଷଜ୍ଞମାନେ ତର୍ଜମା ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିଜର ଦୈନନ୍ଦିନ ଜୀନବଶୈଳୀ ଏବଂ ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ପରାମର୍ଶ ଦେଇଛନ୍ତି।

## ଉପକାରୀ କଲରା ଜୁସ୍



କଲରା ଜୁସ୍‌ରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହାର ସ୍ୱାଦ ପିତା, କିନ୍ତୁ ଏଥିରେ ଥିବା ଉପକାରୀ ଗୁଣ ଆମ ପାଇଁ ସତେ ଯେମିତି ବରଦାନ ସଦୃଶ। ଏହି ଜୁସ୍‌ରେ ଭିଟାମିନ୍ 'ସି', 'ଏ' ବ୍ୟତୀତ ଫାଇବର, ପ୍ରୋଟିନ୍, ଜିଙ୍କ୍, ପୋଟାସିୟମ ଏବଂ ଆଇରନ୍ ଭାଗ ରହିଛି। ଏହି ଜୁସ୍ ପିଇଲେ ତାହା ରକ୍ତରେ ଶର୍କରା ଅଂଶକୁ ସନ୍ତୁଳିତ ରଖିଥାଏ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, କ୍ୟାନ୍‌ସର ସହ ଲଢ଼ିବାର କ୍ଷମତା ମଧ୍ୟ ଏହାର ରହିଛି। ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏଭଳି ବିଷୟ ଉପରେ ଗବେଷଣା କରି ଏକଥା ଜାଣିପାରିଛନ୍ତି। ଏହି ସମୟରେ ସେମାନେ କ୍ୟାନ୍‌ସର ସହ ସଂଗ୍ରାମ କରୁଥିବା କେତେକ ରୋଗୀଙ୍କୁ କଲରା ଜୁସ୍ ପିଇବାକୁ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ରୋଗୀ କ୍ୟାନ୍‌ସର ଯନ୍ତ୍ରଣାରୁ ଉପଶମ ଲାଭ କରୁଥିବାର ଜଣାପଡ଼ିଥିଲା। ଏହାବ୍ୟତୀତ ଯଦି ଜଣେ ବ୍ୟକ୍ତି ପ୍ରାୟ ପ୍ରତିଦିନ କଲରା ଜୁସ୍ ପିଅନ୍ତି, ତେବେ ସେ କ୍ୟାନସର ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା କେତେକାଂଶରେ କମ୍ ରହିବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ ରଖେ ବ୍ୟାୟାମ

ଆମ ଶରୀର ପାଇଁ ବ୍ୟାୟାମ କେତେ ଉପକାରୀ ତାହା କହିବା ଅନାବଶ୍ୟକ। କାରଣ ଏ ବିଷୟରେ ପ୍ରାୟ ଅନେକ ଜାଣନ୍ତି। ଏବେ ବ୍ୟାୟାମକୁ ଅନେକ ନିଜର ଦୈନନ୍ଦିନ ଜୀବନର ଏକ ଅନ୍ୟତମ ପ୍ରମୁଖ କାମ ଭାବରେ ଗ୍ରହଣ କରିନେଇଛନ୍ତି। ଯଦି ଜଣେ ବ୍ୟକ୍ତି ନିୟମିତ ବ୍ୟାୟାମ କରନ୍ତି, ତେବେ ସେ ନିଜକୁ ଅନେକାଂଶରେ ସୁସ୍ଥ ରଖିବାରେ ସକ୍ଷମ ହୋଇଥାଆନ୍ତି। ତେବେ ଏହି ତାଲିକାରେ ନିକଟରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯୋଡ଼ାଯାଇଛି। ବ୍ୟାୟାମର ଉପକାରିତା ଉପରେ ଆହୁରି ସର୍ଭେ କରି ଷ୍ଟାନଫୋର୍ଡ ମେଡିସିନ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ବିଶେଷଜ୍ଞମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ନିୟମିତ ବ୍ୟାୟାମ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ହୋଇଥାଏ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କଠାରେ ସେମାନେ ଏଭଳି କଥା ଲକ୍ଷ୍ୟ କରିଥିଲେ। କେବଳ ସେତିକି ନୁହେଁ, ଏହାଦ୍ୱାରା ଜଣେ ନିଜକୁ ଦୀର୍ଘାୟୁ କରିପାରିବ ବୋଲି ସେମାନେ ମତ ଦେଇଛନ୍ତି। ତେବେ ଜଣେ ବ୍ୟକ୍ତି ଏକ ପ୍ରଦୂଷଣମୁକ୍ତ ପରିବେଶରେ ବ୍ୟାୟାମ କରିବା ଦରକାର। ଏହାପୂର୍ବରୁ ସେ ନିଜ ମନରେ ଆସୁଥିବା ପ୍ରଶ୍ନଗୁଡ଼ିକର ସମାଧାନ କରିନେବା ଆବଶ୍ୟକ।



## ମଧୁର ଜହର ନାଇଟ୍ରସ



ଡ. ଦେବାଶିଷ ମହାନ୍ତି

''ନାଇଟ୍ରସ ଏକ ରଙ୍ଗହୀନ କିନ୍ତୁ ଗନ୍ଧ ଯୁକ୍ତ ଓ ମଧୁର ସ୍ୱାଦଯୁକ୍ତ ଗ୍ୟାସ୍। ଏହାକୁ ସ୍ୱଳ୍ପ ସମୟ ପାଇଁ ଆଘ୍ରାଣ କଲେ ମସ୍ତିଷ୍କରେ ଅସ୍ୱାଭାବିକ ଉନ୍ମାଦନା ବା ମାଦକତା ସୃଷ୍ଟି କରେ। ଏହାର ପ୍ରଭାବରେ କଷ୍ଟ ଲାଘବ ହୁଏ ଓ ଉନ୍ମାଦନା ଯୋଗୁ ମନୁଷ୍ୟ ଅସ୍ୱାଭାବିକ ଭାବରେ ହସିବାକୁ ଲାଗିଥାଏ। ଏଥିପାଇଁ ନାଇଟ୍ରସ ଅକ୍ସାଇଡକୁ ହାସ୍ୟ ବାଷ୍ପ ବା ଲାଫିଙ୍ଗ ଗ୍ୟାସ୍ ବୋଲି କୁହାଯାଏ। କିନ୍ତୁ ଏହାକୁ ଅତ୍ୟଧିକ ଆଘ୍ରାଣ କଲେ ଏହା ଫୁସ୍‌ଫୁସ୍‌ରେ ଅମ୍ଳଜାନର ବାଟକୁ ଅବରୋଧ କରେ ଓ ମନୁଷ୍ୟ ଅଣନିଃଶ୍ୱାସୀ ହୋଇ ମୃତ୍ୟୁବରଣ କରେ। ଏହା ସେହି ସ୍ୱଳ୍ପ ଜହର ମଧ୍ୟରୁ ଅନ୍ୟତମ, ଯାହାର ସ୍ୱାଦ ମଧୁର ଅଟେ। ତେଣୁ ଏହା ମଧୁର ଜହର ନାମରେ ମଧ୍ୟ ବିଶ୍ୱବିଖ୍ୟାତ।''




ନାଇଟ୍ରସ ଅକ୍ସାଇଡ, ହାସ୍ୟ ବାଷ୍ପ ବା ଲାଫିଙ୍ଗ ଗ୍ୟାସ୍ ନାମରେ ବିଶ୍ୱ ପ୍ରସିଦ୍ଧ। କିନ୍ତୁ ଏହା ଏକ ମାରାତ୍ମକ ବିଷ, ଯାହାକୁ ନରହତ୍ୟାରେ ବ୍ୟବହାର କରାଯାଇପାରେ ବୋଲି କ୍ୱଚିତ ଲୋକ ଅବଗତ। ଯବକ୍ଷାରଜାନ ବା ନାଇଟ୍ରୋଜେନର ପଞ୍ଚ ଅକ୍ସାଇଡ ମଧ୍ୟରୁ ନାଇଟ୍ରସ ଅକ୍ସାଇଡ ଅନ୍ୟତମ। ଦୁଇଟି ଯବକ୍ଷାରଜାନ ପରମାଣୁ ଓ ଗୋଟିଏ ଅମ୍ଳଜାନ ପରମାଣୁ ସଂଯୋଗରେ ସୃଷ୍ଟି ନାଇଟ୍ରସ ଅକ୍ସାଇଡକୁ ଡାଇନାଇଟ୍ରୋଜେନ ଅକ୍ସାଇଡ ମଧ୍ୟ କୁହାଯାଇଥାଏ। ଏହାର ରାସାୟନିକ ସଂକେତ '$N_2O$' ଓ ଆଣବିକ ବସ୍ତୁ ୪୪ ଅଟେ। ବାୟୁମଣ୍ଡଳର ଉପର ସ୍ତରରେ ବଜ୍ରପାତର ଉଚ୍ଚ ତାପ ପ୍ରଭାବରେ ଯବକ୍ଷାରଜାନ ଓ ଅମ୍ଳଜାନର ରାସାୟନିକ ପ୍ରତିକ୍ରିୟା ଫଳରେ ଏହି ଗ୍ୟାସ୍ ସୃଷ୍ଟି ହୁଏ। ତେଣୁ ସ୍ୱଳ୍ପ ମାତ୍ରାରେ ଏହା ବାୟୁମଣ୍ଡଳରେ ଗଚ୍ଛିତ ଅଛି। ନାଇଟ୍ରସ ଏକ ରଙ୍ଗହୀନ କିନ୍ତୁ ଗନ୍ଧ ଯୁକ୍ତ ଓ ମଧୁର ସ୍ୱାଦଯୁକ୍ତ ଗ୍ୟାସ୍। ଏହାକୁ ସ୍ୱଳ୍ପ ସମୟ ପାଇଁ ଆଘ୍ରାଣ କଲେ ମସ୍ତିଷ୍କର ଅସ୍ୱାଭାବିକ ଉନ୍ମାଦନା ବା ମାଦକତା ସୃଷ୍ଟି କରେ। ଏହାର ପ୍ରଭାବରେ କଷ୍ଟ ଲାଘବ ହୁଏ ଓ ଉନ୍ମାଦନା ଯୋଗୁଁ ମନୁଷ୍ୟ ଅସ୍ୱାଭାବିକ ଭାବରେ ହସିବାକୁ ଲାଗିଥାଏ। ଏଥିପାଇଁ ନାଇଟ୍ରସ ଅକ୍ସାଇଡକୁ ହାସ୍ୟ ବାଷ୍ପ ବା ଲାଫିଙ୍ଗ ଗ୍ୟାସ୍ ବୋଲି କୁହାଯାଏ। କିନ୍ତୁ ଏହାକୁ ଅତ୍ୟଧିକ ଆଘ୍ରାଣ କଲେ ଏହା ଫୁସ୍‌ଫୁସ୍‌ରେ ଅମ୍ଳଜାନର ବାଟକୁ ଅବରୋଧ କରେ ଓ ମନୁଷ୍ୟ ଅଣନିଃଶ୍ୱାସୀ ହୋଇ ମୃତ୍ୟୁବରଣ କରେ। ଏହା ସେହି ସ୍ୱଳ୍ପ ଜହର ମଧ୍ୟରୁ ଅନ୍ୟତମ, ଯାହାର ସ୍ୱାଦ ମଧୁର ଅଟେ। ତେଣୁ ଏହା 'ମଧୁର ଜହର' ନାମରେ ମଧ୍ୟ ବିଶ୍ୱବିଖ୍ୟାତ। ଅମ୍ଳଜାନ ଓ ଅଙ୍ଗାରକାମ୍ଳର ଆବିଷ୍କାରକ ଜୋସେଫ ପ୍ରିଷ୍ଟଲିଙ୍କ ଦ୍ୱାରା ୧୭୭୨ ମସିହାରେ ନାଇଟ୍ରସ ଅକ୍ସାଇଡ ଆବିଷ୍କୃତ। ସେ ଏହାର ପ୍ରସ୍ତୁତି ପ୍ରଣାଳୀ ଓ ଧର୍ମ ସମ୍ବନ୍ଧରେ ତାଙ୍କ ପ୍ରବନ୍ଧ 'ବିଭିନ୍ନ ପ୍ରକାର ବାୟୁର ପର୍ଯ୍ୟବେକ୍ଷଣ'ରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି। ଏହି ବାୟୁଠାରୁ ୪/୫ ଗୁଣ ଅଧିକ ଓଜନିଆ ଗ୍ୟାସ୍‌ର ଆବିଷ୍କାର ତାଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ ସବୁଠାରୁ ଅଧିକ ଆନନ୍ଦ ମଧ୍ୟ ପ୍ରଦାନ କରିଥିବା ସେ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ଏହି ଗ୍ୟାସ୍ ଅମ୍ଳଜାନ ପରି ଜଳିବାରେ ସାହାଯ୍ୟ କରେ ବୋଲି ପ୍ରିଷ୍ଟଲି ତାଙ୍କ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି। କାରଣ ଏହା ତା'ର ପ୍ରଜ୍ୱଳନ ତାପମାତ୍ରାରେ ଯବକ୍ଷାରଜାନ ଓ ଅମ୍ଳଜାନକୁ ଭାଙ୍ଗି ଯାଏ। ତେଣୁ ଏହା ରକେଟ ଓ ରେସିଂ କାର୍‌ରେ ଜାଳେଣି ଭାବେ ବ୍ୟବହୃତ ହୁଏ। ପ୍ରିଷ୍ଟଲି ନାଇଟ୍ରସ ଅକ୍ସାଇଡର ବହୁ ଧର୍ମକୁ ଆବିଷ୍କାର କରିଥିଲେ ମଧ୍ୟ ଏହାର ମସ୍ତିଷ୍କ ଉଦ୍ଦୀପକ ଧର୍ମକୁ ଜାଣି ପାରି ନଥିଲେ। ଏହାର ଆବିଷ୍କାରର ଦୀର୍ଘ ୨୦ ବର୍ଷ ପରେ ଇଂରେଜ ରସାୟନ ବିଜ୍ଞାନୀ ହମ୍ଫ୍ରେ ଡେଭି ଏହାର ସୁରା ପରି ମସ୍ତିଷ୍କ ଉଦ୍ଦୀପକ ଧର୍ମକୁ ଆବିଷ୍କାର କରିଥିଲେ। ସେ ଏହି ଗ୍ୟାସ୍‌କୁ ନାଇଟ୍ରସ ଅକ୍ସାଇଡ ଓ ଲାଫିଙ୍ଗ ଗ୍ୟାସ୍ ନାମରେ ନାମିତ କରିଥିଲେ। ନାଇଟ୍ରସ ଅକ୍ସାଇଡ ବିଶ୍ୱର ପ୍ରଥମ କୃତ୍ରିମ ନିଶ୍ଚେତକ, ଯାହାକୁ ଉନବିଂଶ ଶତାବ୍ଦୀର ଚିକିତ୍ସକମାନେ ଶଲ୍ୟ ଚିକିତ୍ସା ସମୟରେ ବ୍ୟବହାର କରୁଥିଲେ। ଏବେ ମଧ୍ୟ ଦନ୍ତ ଚିକିତ୍ସକମାନେ ଏହାକୁ ନିଶ୍ଚେତକ ଭାବେ ବ୍ୟବହାର କରୁଛନ୍ତି। ଅନ୍ୟାନ୍ୟ ମାନସିକ ଉଦ୍ଦୀପକ ଔଷଧ ପରି ନାଇଟ୍ରସ ଅକ୍ସାଇଡକୁ କିଛି ଯୁବ ପିଢ଼ି ମାନସିକ ଉଦ୍ଦୀପନା ପାଇଁ ନିଶାଦ୍ରବ୍ୟ ଭାବରେ ବ୍ୟବହାର କରିଛନ୍ତି। ଆମେ ଜାଣୁ ନାଇଟ୍ରସ ଅକ୍ସାଇଡର ଅତ୍ୟଧିକ ଆଘ୍ରାଣ ମୃତ୍ୟୁର କାରଣ ହୋଇଥାଏ। ଶଲ୍ୟ ଚିକିତ୍ସକମାନେ ନିୟନ୍ତ୍ରିତ ଭାବେ ଅମ୍ଳଜାନ ମିଶାଇ ନାଇଟ୍ରସ ଅକ୍ସାଇଡକୁ ବ୍ୟବହାର କରୁଥିବା ବେଳେ ମାନସିକ ଉଦ୍ଦୀପନା ପାଇଁ ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ଅନିୟନ୍ତ୍ରିତ ଭାବେ ବ୍ୟବହାର କରନ୍ତି। ତେଣୁ ଏହା ଫୁସ୍‌ଫୁସ୍ ମଧ୍ୟରେ ପ୍ରବେଶ କରି ଅମ୍ଳଜାନର ପଥ ଅବରୋଧ କରେ ଓ ମୃତ୍ୟୁର କାରଣ ହୋଇଥାଏ। ନାଇଟ୍ରସ ଅକ୍ସାଇଡ ଏକ ନିଷ୍କ୍ରିୟ ଗ୍ୟାସ୍ ମଧ୍ୟ ନୁହେଁ। ଏହା ଫୁସ୍‌ଫୁସ୍ ମଧ୍ୟରେ ରାସାୟନିକ ପ୍ରତିକ୍ରିୟା କରେ। ଏହି ପ୍ରତିକ୍ରିୟା ପାଇଁ ମନୁଷ୍ୟ ଶରୀରରୁ ତାପ ଅବଶୋଷଣ କରି ତୁଷାର କ୍ଷତ ସୃଷ୍ଟି କରେ। ନାଇଟ୍ରସ ଅକ୍ସାଇଡ ସ୍ନାୟୁଗୁଡ଼ିକୁ କ୍ଷତିଗ୍ରସ୍ତ କରେ ଓ କେତେକ ଅଙ୍ଗ ପ୍ରତ୍ୟଙ୍ଗକୁ ସ୍ଥାୟୀ ଭାବେ ଅଚଳ କରିଦିଏ। ନାଇଟ୍ରସ ଅକ୍ସାଇଡ ଏକ ମଧୁର ଜହର। ଏହାଠାରୁ ଯଥାସମ୍ଭବ ଦୂରରେ ରହିବା ମାନବ ସମାଜ ପାଇଁ ହିତକାରକ ଅଟେ।

-ସ୍ନାତକୋତ୍ତର ରସାୟନ ବିଜ୍ଞାନ
ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଢେଙ୍କାନାଳ
ମୋ: ୯୮୬୧୩୯୧୧୯୦

## ସ୍ୱାସ୍ଥ୍ୟ ସୂଚନା

➤ବର୍ତ୍ତମାନ ବର୍ଷା ଋତୁ ଚାଲିଛି। ତେଣୁ ଏହି ସମୟରେ ନିଜର ଖାଦ୍ୟପେୟ ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଦରକାର। ଉକ୍ତ ଋତୁରେ ଉଷୁମ ତଥା ତଟକା ଖାଦ୍ୟ ଖାଆନ୍ତୁ। ଖାଦ୍ୟପଦାର୍ଥକୁ ସବୁବେଳେ ଘୋଡ଼ାଇ ରଖନ୍ତୁ।



➤ଆମେ ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ରାତିରେ ଟିକେ ଭଲ ନିଦ ହେବା ଦରକାର। ତେଣୁ ବେଡ୍ ଉପରକୁ ଯିବା ପୂର୍ବରୁ ଅତି ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଏହାପୂର୍ବରୁ ଦୀର୍ଘ ସମୟ ଧରି ଟିଭି କିମ୍ବା ମୋବାଇଲ ଦେଖନ୍ତୁ ନାହିଁ। କାରଣ ଏସବୁ ସୁନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ।

➤ବେକଜନିତ ସମସ୍ୟା ଥିଲେ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

➤ନିଜକୁ ସୁସ୍ଥ ରଖିବାକୁ ପ୍ରଥମେ ନିଜକୁ ମାନସିକ ସ୍ତରରେ ଦୃଢ଼ ରଖନ୍ତୁ। ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ଯେପରି ସନ୍ତୁଳିତ ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

➤ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ଦେବା ସହ ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ସାମିଲ୍ କରନ୍ତୁ।

➤ପେଟଜନିତ ସମସ୍ୟାଠାରୁ ଦୂରେଇ ରହିବା ଲାଗି ଅଧିକ ମସଲାଯୁକ୍ତ ଏବଂ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଅଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏଞ୍ଜେଲ ଟ୍ୟାକ୍ସ ହଟିବା ନେଇ ପ୍ରତିକ୍ରିୟା ରଖିଲେ ଗୋୟଲ

**ଭୁବନେଶ୍ୱର, ୨୮।୭(ଅନୁରାଧା ମହାରଣା)**

ସମସ୍ତ ବର୍ଗର ନିବେଶକଙ୍କ ପାଇଁ ୨୦୧୨ରେ ୟୁନାଇଟେଡ ପ୍ରୋଗେସିଭ୍ ଆଲାଇନ୍ସ (ୟୁପିଏ) ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏଞ୍ଜେଲ ଟ୍ୟାକ୍ସ ହଟାଇବା ଷ୍ଟାର୍ଟଅପ କମ୍ପାନୀଗୁଡିକୁ ପୁଞ୍ଜି ବିନିଯୋଗ କରିବାରେ ସହାୟକ ହେବ। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଶିଳ୍ପ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରି ରବିବାର ଏପରି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ସୁନା ଓ ରୁପା ଉପରେ କଷ୍ଟମ ଶୁଳ୍କକୁ ୧୫%ରୁ ୬%କୁ ହ୍ରାସ କରିବା କେବଳ କ୍ଷୁଦ୍ର ବ୍ୟବସାୟୀଙ୍କୁ ସାହାଯ୍ୟ କରିବ ନାହିଁ ବରଂ ଦେଶର ରତ୍ନ ଏବଂ ଅଳଙ୍କାର ରପ୍ତାନିକୁ ମଧ୍ୟ ବୃଦ୍ଧି କରିବ। ସେ କହିଛନ୍ତି, ୨୦୨୪-୨୫ ବଜେଟରେ ଏଞ୍ଜେଲ ଟ୍ୟାକ୍ସ ହଟାଯାଇଛି ଏବଂ ଏହା ମାଧ୍ୟମରେ ଆମେ ଦେଶରେ ନିବେଶକଙ୍କୁ ଆକର୍ଷିତ କରିପାରିବୁ । ଗୋୟଲ କହିଛନ୍ତି ଯେ ବଜେଟରେ ଦେଶରେ ୧୨ଟି ଶିଳ୍ପ 'ଟାଉନସିପ' ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି। ଏଥି ମଧ୍ୟରୁ ଗୋଟିଏ ମହାରାଷ୍ଟ୍ରରେ ହେବ ଏବଂ ଏହା ରୋଜଗାର ସୃଷ୍ଟି କରିବାରେ ଏବଂ ଶିଳ୍ପ ଏବଂ ବାଣିଜ୍ୟ ପାଇଁ ଏକ ଦୃଢ଼ ଇକୋସିଷ୍ଟମ ସୃଷ୍ଟି କରିବାରେ ସହାୟକ ହେବ। ସେହିପରି ହୀରା ବ୍ୟବସାୟକୁ ପ୍ରୋତ୍ସାହିତ କରିବା ପାଇଁ ବଜେଟରେ ମଧ୍ୟ ପଦକ୍ଷେପ ଘୋଷଣା କରାଯାଇଛି। ବହୁ ସଂଖ୍ୟକ କୁଶଳୀ ଶ୍ରମିକଙ୍କୁ ନିୟୋଜିତ କରି ହୀରା କାଟିବା ଏବଂ ପଲିସିଂ କ୍ଷେତ୍ରରେ ଭାରତ ବିଶ୍ୱ ଅଗ୍ରଣୀ ହୋଇଥିବାବେଳେ ଦେଶରେ ଖଣି ହୀରା ବିକ୍ରୟ କରୁଥିବା ବିଦେଶୀ ଖଣି କମ୍ପାନୀଗୁଡିକ ପାଇଁ ଭାରତ ସୁରକ୍ଷିତ ବନ୍ଦର ହାର ଯୋଗାଇବ ବୋଲି ବଜେଟ ଘୋଷଣା କରିଛି। ସୂଚନା ଥାଉକି,ଏଞ୍ଜେଲ ଟ୍ୟାକ୍ସ (୩୦ ପ୍ରତିଶତ ହାରରେ ଆୟକର) ତାଲିକାଭୁକ୍ତ କମ୍ପାନୀ କିମ୍ବା ଷ୍ଟାର୍ଟଅପ ଦ୍ୱାରା ଉଠାଯାଇଥିବା ପାଣ୍ଠିରୁ ଆଦାୟ କରାଯାଉଥିଲା। ସେମାନଙ୍କର ମୂଲ୍ୟ କମ୍ପାନୀର ନ୍ୟାୟଯୁକ୍ତ ବଜାର ମୂଲ୍ୟଠାରୁ ଅଧିକ ଥିବା କ୍ଷେତ୍ରରେ ଏହି ଏଞ୍ଜେଲ ଟ୍ୟାକ୍ସ ଆଦାୟ କରାଯାଉଥିଲା।


ପୀୟୁଷ ଗୋୟଲ

# ଏଚ୍ଏମ୍ଡିର ନୂତନ ଅଭିଯାନ

**ଭୁବନେଶ୍ୱର,୨୮।୭**

ହ୍ୟୁମାନ୍ ମୋବାଇଲ୍ ଡିଭାଇସ୍ (ଏଚଏମଡି)ର ନୂତନ ଅଭିଯାନ 'ଖୁବ୍ ଚଲେଗା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବଲିଉଡ୍ ଅଭିନେତା ଜିମି ସେରଗିଲ୍ଙ୍କୁ ନେଇ ବ୍ରାଣ୍ଡର ନୂତନ ଫିଚର୍ ଫୋନ୍ ଏଚ୍ଏମ୍ଡି ୧୦୫ ଓ ଏଚ୍ଏମ୍ଡି ୧୧୦ ପାଇଁ ଏହି ନୂଆ ଅଭିଯାନ ପ୍ରସ୍ତୁତ କରାଯାଇଛି। ଏଚ୍ଏମ୍ଡି ଇଣ୍ଡିଆ ଏବଂ ଏପିଏସିର ଭିପି ରବି କୁଅଁର କହିଛନ୍ତି,ଏଚଏମଡିର ୧୦୫ ଓ ୧୧୦ ଖୁବ ଚାଲେଗା ଅଭିଯାନର ଚେହେରା ଭାବେ ଜିମି ସେରଗିଲ୍ଙ୍କୁ ସ୍ୱାଗତ କରି ଆମେ ବେଶ ଉତ୍ସାହିତ ଅଛୁ। ଜିମିଙ୍କର ଦୃଢ଼ ଏବଂ ସ୍ଥିର ବ୍ୟକ୍ତିତ୍ୱ ଆମର ଫିଚର୍ ଫୋନର ଭାବନାକୁ ସମ୍ପୂର୍ଣ୍ଣ ଭାବରେ ପ୍ରତିଫଳିତ କରୁଛି, ଯାହା ସ୍ଥାୟୀ,ନିର୍ଭରଯୋଗ୍ୟ ଏବଂ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେବା ପାଇଁ ପ୍ରସ୍ତୁତ କରାଯାଇଛି।

# ରୟାଲ ସାଇନ୍ସ କଲେଜର ସ୍ୱାଗତ ଉତ୍ସବ




**ଭୁବନେଶ୍ୱର,୨୮।୭**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ରୟାଲ କଲେଜ୍ ଅଫ୍ ସାଇନ୍ସ ଏଣ୍ଡ୍ ଟେକ୍ନୋଲୋଜି ବା ରୟାଲ ସାଇନ୍ସ କଲେଜ ପରିସରରେ ନବାଗତ ଦ୍ୱାବିଂଶତମ ବ୍ୟାଚ୍ ଓ ରୟାଲ ପବ୍ଲିକ୍ ସ୍କୁଲ୍ର ୫ମ ବ୍ୟାଚ୍ର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜର ପ୍ରାଚୀର ପତ୍ର 'ରିଜନ୍ ଦି ଏଟ୍ରା'ର ସ୍ୱାଗତ ଉତ୍ସବ ସଂଖ୍ୟା ମୁଖ୍ୟ ଅତିଥି ତଥା କଲେଜର ଚେୟାରମ୍ୟାନ ଡ. ବିଷ୍ଣୁମୋହନ ମହାନ୍ତି ଉନ୍ମୋଚନ କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ କଠୋର ପରିଶ୍ରମ ଦ୍ୱାରା ନିଜସ୍ୱ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଜଣେ ସୁନାଗରିକ ହେବା ପାଇଁ ଉପଦେଶ ଦେଇଥିଲେ। ପ୍ରଥମ ବର୍ଷ ବିଦ୍ୟାର୍ଥୀମାନେ ସ୍ୱପରିଚୟ ପ୍ରଦାନ କରି ସେମାନଙ୍କର ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। କଲେଜର ଭାଇସ୍-ଚେୟାରମ୍ୟାନ ମିଲନ୍ ମହାନ୍ତି ନବାଗତ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚାଭିଳାଷି ହେବା ସଙ୍ଗେ ସଙ୍ଗେ ନିଷ୍ଠାପର ଭାବରେ ଅଧ୍ୟୟନ କରି ଅନୁଷ୍ଠାନ ତଥା ସମାଜକୁ ଗୌରବାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। କଲେଜର ନିର୍ଦ୍ଦେଶକ ଡ. ପ୍ରଶାନ୍ତ ନାଥ, ଅଧ୍ୟକ୍ଷ ଜୀବନ କିଶୋର ମିଶ୍ର, ଅଧ୍ୟାପକ ଓ ଅଧ୍ୟାପିକାବୃନ୍ଦ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅପରାହ୍ନରେ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ସ୍ୱାଗତ ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା, ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କର ଅଭିଭାବକମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଇଂଲିଶ ଅଧ୍ୟାପକ ସମ୍ପିତ ମିଶ୍ରଙ୍କ ସହଯୋଗରେ ଦ୍ୱିତୀୟ ବର୍ଷ ଛାତ୍ରୀ ଶୁଭସ୍ମିତା ବାରିକ୍ ପରିଚାଳନା କରିଥିଲାବେଳେ ଶୈଳଜା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


ଆସୋଚାମ ପକ୍ଷରୁ ଆର୍ସେଲର ମିତ୍ତଲ ନିପନ ଷ୍ଟିଲକୁ ଓଡିଶା ସିଏସଆର ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଠାରୁ କମ୍ପାନୀ କର୍ମଚାରୀ ଆୱାର୍ଡ ଗ୍ରହଣ କରୁଛନ୍ତି।

# ଭୁବନେଶ୍ୱରରେ ମିଟ୍ ରିଜ୍ଟା ପ୍ରୋଗ୍ରାମ

**ଭୁବନେଶ୍ୱର,୨୮।୭**




ଦେଶର ପ୍ରମୁଖ ଇଲେକ୍ଟ୍ରିକ ଦୁଇଚକିଆ ଯାନ ଉତ୍ପାଦନକାରୀ ଏଥର୍ ଏନର୍ଜିର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ମିଟ୍ ରିଜ୍ଟା' ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଥର୍ର କମ୍ୟୁନିଟି ସଦସ୍ୟ ଇଲେକ୍ଟ୍ରିକ ଯାନ ଉତ୍ସାହୀ ଓ ନୂଆ ରିଜ୍ଟା ମାଲିକମାନଙ୍କ ପାଇଁ କମ୍ପାନୀର ନୂଆ ଫାମିଲି ସ୍କୁଟର ରିଜ୍ଟା ଓ ଅଭିନବ ହାଲୋ ହେଲ୍ମେଟର ଉନ୍ମୋଚନ କରାଯାଇଥିଲାବେଳେ ୪୦ଟି ରିଜ୍ଟା ଫାମିଲି ସ୍କୁଟର ଡେଲିଭରି ମଧ୍ୟ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କୁ ଏଥର୍ର ଏକ୍ସପେରିଏନ୍ସ ଜୋନ୍କୁ ଅନ୍ୱେଷଣ କରିବା ପାଇଁ ସୁଯୋଗ ମିଳିଥିଲା। ଏ ସମ୍ପର୍କରେ ଏଥର୍ ଏନର୍ଜିର ସିବିଓ ରବନିତ ସିଂହ ଫୋକେଲା କହିଛନ୍ତି, ଓଡ଼ିଶା ଆମ ପାଇଁ ଏକ ପ୍ରମୁଖ ବଜାର ହୋଇଥିଲାବେଳେ ଆମେ ନୂତନ ମଡେଲର ଶୁଭାରମ୍ଭ ସହିତ ୪୦ଟି ରିଜ୍ଟା ଫାମିଲି ସ୍କୁଟର ଡେଲିଭରି କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଭୁବନେଶ୍ୱର ପରିବାର ଉପରେ ଗୁରୁତ୍ୱ ଦେଉଥିବା ଏକ ବଜାର ହୋଇଥିବାବେଳେ ବର୍ତ୍ତମାନ ଆମର ପ୍ରଥମ ଫାମିଲି ସ୍କୁଟର ରିଜ୍ଟା ସହିତ ଆମେ ଏକ ବଡ ସେଗ୍ମେଣ୍ଟର ଆବଶ୍ୟକତା ପୂରଣ କରୁଛୁ।

# ୮,୫୦,୦୦୦ ରୁ ଅଧିକ ବ୍ୟବହୃତ ପ୍ଲାଷ୍ଟିକ ବୋତଲ ସଂଗ୍ରହ

**ଭୁବନେଶ୍ୱର,୨୮।୭**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହିନ୍ଦୁସ୍ଥାନ କୋକା-କୋଲା ବେଭେରେଜସ ବା ଏଚସିସିବି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ସାମିଲ ହୋଇଥିଲା। ଏପରିକି କମ୍ପାନୀ ଆନନ୍ଦନା କୋକା-କୋଲା ଫାଉଣ୍ଡେଶନ ସହଭାଗିତାରେ ପୁରୀ ରଥଯାତ୍ରା ଓ ସମୁଦ୍ର କୂଳ ପରିସରରୁ ପ୍ରାୟ ୮,୫୦,୦୦୦ରୁ ଅଧିକ ବ୍ୟବହୃତ ପ୍ଲାଷ୍ଟିକ ବୋତଲ ସଂଗ୍ରହ କରିଛି। ଉଲ୍ଲେଖଯୋଗ୍ୟ, ଏଚ୍‌ସିସିବି ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଦି ୱାଇ୪ଡ଼ି ଫାଉଣ୍ଡେଶନ ଓଡିଶା, ଫାଉଣ୍ଡେଶନ ଏବଂ ଜଳବାୟୁ ସୁରକ୍ଷା, ଓଡିଶା ବିକାଶ ପରିଚାଳନା କାର୍ଯ୍ୟକ୍ରମ ଏବଂ ପୁରୀ ପୌରପାଳିକା ସମର୍ଥନରେ ସଂଗୃହୀତ ୮,୫୦,୦୦୦ରୁ ଅଧିକ ବ୍ୟବହୃତ ପ୍ଲାଷ୍ଟିକ ବୋତଲ ମୋଟ ୧୭,୦୦୦କିଲୋଗ୍ରାମରୁ ଅଧିକ ହୋଇଥିଲା। ଏହି ପ୍ରୋଜେକ୍ଟରେ ବୋତଲ ସଂଗ୍ରହ ପାଇଁ ଉତ୍ସର୍ଗୀକୃତ ଜୋନ ସହିତ ଏବଂ ପ୍ରଶିକ୍ଷିତ 'ସଫାଇ ସାଥି' ଦ୍ୱାରା ପରିଚାଳିତ ସଚେତନତା ଅଭିଯାନ ପାଇଁ ଏକ ବିସ୍ତୃତ ସେଟଅପ ଦେଖିବାକୁ ମିଳିଥିଲା। ସରକାରୀ ଏବଂ କର୍ପୋରେଟର ମଧ୍ୟରେ ଏକ ଦୃଢ ସହଭାଗିତାର ପ୍ରତୀକ ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ସଂଗ୍ରହ ଷ୍ଟଲ ଉଦଘାଟନ କରିବା ସହିତ ଏହି ଅଭିଯାନ ଓଡିଶା ସରକାରଙ୍କ ତରଫରୁ ସମ୍ବର୍ଦ୍ଧନା ପାଇଥିଲା। ଏଚ୍‌ସିସିବିର ଜନସମ୍ପର୍କ ମୁଖ୍ୟ (ଯୋଗାଯୋଗ ଏବଂ ସ୍ଥାୟୀତା ଅଫିସର) ହିମାଂଶୁ ପ୍ରିୟଦର୍ଶୀ କହିଛନ୍ତି, ବ୍ୟବହୃତ ପ୍ଲାଷ୍ଟିକ ବୋତଲ ମୁକ୍ତ ରଥଯାତ୍ରା ସହିତ ପୁରୀର ଐତିହ୍ୟକୁ ପାଳନ କରିବା ପାଇଁ ଆମର ମିଶନ ଏହି ପଦକ୍ଷେପ ମାଧ୍ୟମରେ ସ୍ପଷ୍ଟ ରୂପେ ଜୀବନ୍ତ ହୋଇଉଠିଛି। ପୁରୀରେ ଆମର ସାମୂହିକ ପ୍ରୟାସର ସ୍ପଷ୍ଟ ପ୍ରଭାବ ଦେଖି ଆମେ ଆନନ୍ଦିତ।

# ୨ ଦିନିଆ ଆଇସିସି ନିଯୁକ୍ତି ମେଳା ଉଦ୍‌ଯାପିତ




**ଭୁବନେଶ୍ୱର,୨୮।୭**

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ବା ଆଇସିସିର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ୨ଦିନିଆ ନିଯୁକ୍ତି ମେଳା ରବିବାର ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି। ଏପରିକିଦକ୍ଷତା ଏବଂ ଶିକ୍ଷା ସମିତି ଦ୍ୱାରା ଆୟୋଜିତ ଆଇସିସି ନିଯୁକ୍ତି ମେଳା ୨୦୨୪ର ୨ୟ ଦିନ ଭୁବନେଶ୍ୱରର ଗ୍ରାଣ୍ଡ ଲୁମ୍ବିନି କନଭେନ୍ଶନ୍ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ସକାଳ ୧୦ ଘଟିକାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ଚାଲିଥିଲା, ଯେଉଁଥିରେ ପ୍ରାୟ ୧୦୦୦ ଉତ୍ସାହିତ ଚାକିରି ଆଶାୟୀ ପ୍ରାର୍ଥୀମାନେ ସମ୍ଭାବ୍ୟ ନିଯୁକ୍ତି କର୍ତ୍ତାମାନଙ୍କ ସହ ଯୋଗାଯୋଗ ଏବଂ ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ସମାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ କହିଥିଲେ, ବର୍ତ୍ତମାନ ସମୟରେ ଚାକିରି ପାଇବା ଏକ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଏହି ସମୟରେ ଆଇସିସି ପକ୍ଷରୁ ହୋଇଥିବା ଅଭିନବ ପ୍ରୟାସ ସ୍ୱାଗତଯୋଗ୍ୟ । ଇଣ୍ଡିଆନ ବ୍ୟାଙ୍କ ଭୁବନେଶ୍ୱରର ମୁଖ୍ୟ ପ୍ରବନ୍ଧକ ଏମ୍ ଅରୁଣା ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଉତ୍ସବର ଶୋଭା ବର୍ଦ୍ଧନ କରିଥିଲେ। କାର୍ଯ୍ୟକ୍ରମରେ ଆଇସିସି ଓଡିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ଜେ.ବି. ପାଣିଙ୍କ ଅଧ୍ୟକ୍ଷତାରେ ଉପ-ଅଧ୍ୟକ୍ଷ ରାଜୀବ ଏସ୍ ସାହୁ, ଆଇସିସି ଦକ୍ଷତା ଶିକ୍ଷା କମିଟି ଆବାହିକା ସିକତା ଦାସ, ଉପଦେଷ୍ଟା ବଦ୍ରି ଏନ୍ ପଟ୍ଟନାୟକ, ଆରକେ ଦାସ ଓ ଆଇସିସିଆଇ ନିର୍ଦ୍ଦେଶକ ଜେ.ପି. ପାଲ ଉପସ୍ଥିତ ଥିଲେ।

# ଓଡିଏମ୍‌ରେ ଛାତ୍ରସଂସଦର 'ଅଭିଷେକୋତ୍ସବ-୨୦୨୪'

**ନୂଆଦିଲ୍ଲୀ,୨୮।୭**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଚଳିତ ଶିକ୍ଷାବର୍ଷ ପାଇଁ ଛାତ୍ର ସଂସଦର 'ଅଭିଷେକୋତ୍ସବ-୨୦୨୪'ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଭୁବନେଶ୍ୱର ୧୨୦ଅର୍ଦ୍ଧ-ସାମରିକ ବାଟାଲିୟନର ସେନା ମଡେଲ୍ କମାଣ୍ଡିଙ୍ଗ୍ ଅଫିସର କର୍ଣ୍ଣେଲ ରୋହିତ୍ ସିଂ ଯୋଗ ଦେଇ ଓଡିଏମ୍ ଛାତ୍ର-ସଂସଦର ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସମବେତ ଓଡିଏମ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ବିତ୍ତ ଏବଂ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା-ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ.ରାଜେଶ କୁମାର ପାଢୀ ପ୍ରମୁଖ ଉପସ୍ଥିତ ରହି ନବନିର୍ବାଚିତ କ୍ୟାପ୍ଟେନ ଏବଂ ଭାଇସ୍-କ୍ୟାପ୍ଟେନଙ୍କୁ ବ୍ୟାଜ୍ ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ। ସ୍କୁଲ୍ ହେଡ ବଏ କୁନାଲ କୁମାର ସାହୁ, ହେଡ ଗର୍ଲ ଆଶ୍ରିତା ମହାପାତ୍ର, ଅହିଂସା ହାଉସ୍ କ୍ୟାପ୍ଟେନ ରୁଦାଲି ପଟ୍ଟନାୟକ, ମୈତ୍ରୀ ହାଉସ୍ କ୍ୟାପ୍ଟେନ ସମୀର ପ୍ରଧାନ, ପ୍ରୀତି ହାଉସ୍ କ୍ୟାପ୍ଟେନ ପ୍ରିୟାଂଶୁ ଖୁଣ୍ଟିଆ ଏବଂ ଶାନ୍ତି ହାଉସ୍ କ୍ୟାପ୍ଟେନ ଶିବା କାଷ୍ୟମ୍ ପ୍ରମୁଖ ମନୋନୀତ ହୋଇଥିଲେ। ଏହି ଉପଲକ୍ଷେ ପୂର୍ବବର୍ଷ ଦାୟିତ୍ୱରେ କ୍ୟାପ୍ଟେନମାନେ ନବନିର୍ବାଚିତ କ୍ୟାପ୍ଟେନମାନଙ୍କୁ ବ୍ୟାଜ୍ ହସ୍ତାନ୍ତର କରିଥିଲେ। କର୍ନେଲ୍ ରୋହିତ ସିଂ କ୍ୟାପ୍ଟେନ, ଭାଇସ୍-କ୍ୟାପ୍ଟେନ ଏବଂ ହାଉସ୍ ମାଷ୍ଟରମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଏକାଗ୍ରତର ସହ କାର୍ଯ୍ୟ କରିବାକୁ ଉଦବୋଧନ ଦେଇଥିଲେ। ପ୍ରତିଷ୍ଠାତା ଡ. ମୀନକେତନ ବ୍ୟକ୍ତିଗତ ତଥା ଜାତୀୟସ୍ତରରେ ନେତୃତ୍ୱ ନେବାର ଦକ୍ଷତା ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଲିଡରମାନଙ୍କୁ ଆହ୍ୱାନ ଦେବା ସହ ସକାରାତ୍ମକ ଚିନ୍ତାଧାରା ନେଇ କାମ କଲେ ଜୀବନରେ ସଫଳତା ପାଇପାରିବେ ବୋଲି ଉତ୍ସାହିତ କରିଥିଲେ।

**Classified Everyday**
**0674-2580101, 2549949**


REAL ESTATE




**SALE**

Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226. D-756

30ft. Road, Boundary, Gharabari plot sale, East College, Nakhara. 9776866520. D-75978

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଫୁଲ୍ ବଡି ମସାଜ (ଦେଶୀ ମୋଡ଼ାଘଷା) only ladies. 9827119799. D-847

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75764

Kerala body Massage best Therapist Bhubaneswar. 9337672475. D-849

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକୋଇଶୀ ତମ ଶ୍ରାଦ୍ଧ ବାର୍ଷିକୀ**

**ଂଶୀପ୍ରା ଦାଶ**
ଗ୍ରାମ- ବୀରରାମଚନ୍ଦ୍ରପୁର (୩ୟ ଖଣ୍ଡି) ସାକ୍ଷିଗୋପାଳ, ଜିଲ୍ଲା- ପୁରୀ
ତିରୋଧାନ- ୨୨-୦୭-୨୦୦୩
ନିନା, ୨୧ ବର୍ଷର ଶୂନ୍ୟତା ପ୍ରତି ମୁହୂର୍ତ୍ତରେ ଆମ୍ଭେ ଅନୁଭବ କରୁଅଛୁ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଭଲପାଇବା ସଦାସର୍ବଦା ଆମ୍ଭର ପାଥେୟ। ତୁମର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ସରଳତା ଏବଂ ନିଷ୍କପଟ ଭାବ ଆମ୍ଭର ଚିରସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ୱାମୀ- ମନୋଜ କୁମାର ଦାଶ ଓ ପରିବାର ବର୍ଗ
ଧ-୭୫୯୭୯

**୧୨ତମ ଶ୍ରାଦ୍ଧବାର୍ଷିକ**

ସ୍ୱର୍ଗତ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତି
ତିରୋଧାନ: ୧୨।୦୭।୨୦୧୨ (ଶ୍ରାବଣ କୃଷ୍ଣପକ୍ଷ ନବମୀ ତିଥି)
ଗ୍ରାମ-ଜଳପୋକ, ଜିଲ୍ଲା-କେନ୍ଦ୍ରାପଡ଼ା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ-ଅନସୂୟା ମହାନ୍ତି, ପୁଅ: ଜନ୍ମେଜୟ ମହାନ୍ତି, ବୋହୂ: କୃଷ୍ଣପ୍ରିୟା ମହାନ୍ତି, ପୁଅ: ମୃତ୍ୟୁଞ୍ଜୟ ମହାନ୍ତି, ମମତାଞ୍ଜଳି ମହାନ୍ତି, ନାତୁଣୀ: ଶାଶ୍ୱତୀ ମହାନ୍ତି ଏବଂ ପରିବାରବର୍ଗ।
ଧ-୮୬୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**ଂବିକ୍ରମ କେଶରୀ ବରାଳ**
ଆବିର୍ଭାବ- ୧୭।୦୬।୧୯୬୯
ତିରୋଧାନ- ୧୧।୦୭।୨୦୦୮
ବଡ଼ନନା, ତୁ ଆଜିକୁ ଦୀର୍ଘ ୧୬ବର୍ଷ ହେଲା ସମସ୍ତଙ୍କୁ ପର କରି ଚାଲିଗଲୁ। ଆଉ ଶୁଣିବାକୁ ପାଉନି ତୋ ସ୍ନେହଭରା ପିଙ୍କୁ ଡାକ। ତୋର ସେହି ସ୍ମିତପ୍ରଜ୍ଞ ଚେହେରା, ଛାତ୍ରବତ୍ସଳତା ଓ ସରଳତାରେ ମୁଗ୍ଧ ହୋଇ ସେଇ ପରମପିତା ପରମେଶ୍ୱର ଆମଠୁ ଛଡ଼େଇ ତତେ ତାଙ୍କ ପାଖକୁ ନେଇଗଲେ। ତୁ ଯେଉଁଠି ଥା ଭଲରେ ଥାଇ ଏ ହତଭାଗିନୀ ଭଉଣୀକୁ ଆଶୀର୍ବାଦ କରୁଥା ।
ଇତି: ତୋର ଭଉଣୀ ପିଙ୍କୁ
ଧ-୮୬୬

# ଟିୟୁଏଲ୍ଏଲ୍କୁ ରିବା ଅନ୍ତର୍ଜାତୀୟ ପୁରସ୍କାର



**ଭୁବନେଶ୍ୱର,୨୮।୭**

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଥାପର ୟୁନିଭର୍ସିଟି ଲର୍ନିଂ ଲାବୋରେଟୋରି ବା ଟିୟୁଏଲ୍ଏଲ୍କୁ ସମ୍ମାନଜନକ ରୟାଲ ଇନ୍ଷ୍ଟିଟ୍ୟୁଟ ଅଫ ବ୍ରିଟିଶ ଆର୍କିଟେକ୍ଟସ ବା ରିବା ଅନ୍ତର୍ଜାତୀୟ ପୁରସ୍କାରରେ ପୁରସ୍କୃତ କରାଯାଇଛି ବୋଲି ଥାପର ଇନ୍ଷ୍ଟିଟ୍ୟୁଟ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକନୋଲୋଜି ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି।

ଏ ସମ୍ପର୍କରେ ଥାପର ଇନ୍ଷ୍ଟିଟ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକନୋଲୋଜି ବୋର୍ଡର ଅଧ୍ୟକ୍ଷ ରାଜୀବ ଭେଦରା କହିଛନ୍ତି, ଏହି ପୁରସ୍କାର ଅତ୍ୟାଧୁନିକ ଶିକ୍ଷାଗତ ଦକ୍ଷତା ଯୋଗାଇବା ପାଇଁ ଆମର ପ୍ରତିବଦ୍ଧତାର ପରିଚୟ ହୋଇଥିଲାବେଳେ ଲର୍ନିଂ ଲାବୋରେଟୋରି କେବଳ କୋଠାଗୁଡ଼ିକର ଜଟିଳତା ନୁହେଁ ଏହା ନବସୃଜନ ଓ ଶିକ୍ଷଣର ଏକ ଆଲୋକବର୍ତ୍ତିକା ବୋଲି ସେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଉତ୍କର୍ଷ ୨୦୨୪ ପାଇଁ ରିବା ଆନ୍ତର୍ଜାତିକ ପୁରସ୍କାର ବିଶ୍ୱସ୍ତରୀୟ ଶିକ୍ଷଣ ପରିବେଶ ସୃଷ୍ଟି ଓ ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରୟାସର ପ୍ରମାଣ, ଯାହା ଏହାର ଛାତ୍ରମାନଙ୍କୁ ପ୍ରେରଣା ଦେଇଥାଏ। ସେହିଭଳି ଉତ୍କର୍ଷତା ଲାଗି ରିବା ଅନ୍ତର୍ଜାତୀୟ ପୁରସ୍କାର ସମଗ୍ର ବିଶ୍ୱରେ ଅଭିନବ ସ୍ଥାପତ୍ୟ ପ୍ରକଳ୍ପଗୁଡ଼ିକୁ ଦର୍ଶାଇଥାଏ,ଯାହା ଶୈଳୀ ଦୃଷ୍ଟିରୁ ଅତୀବ ଚମତ୍କାର ହୋଇଥାଏ। ଚଳିତ ବର୍ଷ ବିଜେତା ଭାବେ ଥାପର ବିଶ୍ୱବିଦ୍ୟାଳୟ ଲର୍ନିଂ ଲାବୋରେଟୋରି ସହିତ କେବଳ ୨୨ଟି ପରିବର୍ତ୍ତନଶୀଳ ପ୍ରକଳ୍ପ ଉନ୍ମୋଚନ କରିଥିଲା। ଏପରିକି ସାଇମନ ହେନେଲି ଓ ରିବା ସ୍ଥାନୀୟ ରାଷ୍ଟ୍ରଦୂତଙ୍କ ନେତୃତ୍ୱରେ ଏକ ଖଣ୍ଡପୀଠ ଦ୍ୱାରା ମନୋନୀତ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଓ କାରିଗରି ଉଦାହରଣ ଦେଇ ବିଜେତାମାନଙ୍କୁ ଅନସାଇଟ ମୂଲ୍ୟାଙ୍କନ ଉପରେ ବିଜେତା ଘୋଷଣା କରାଯାଇଥିଲା।

## ଝାଜ୍ଜରରୁ ଚାଟାରକ୍ସ

# ଭଗବଦ ଗୀତାରୁ ମିଳିଥିଲା ପ୍ରେରଣା


ମନୁ ଭାକର

**ପ୍ୟାରିସ୍,୨୮।୭(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତର ପଦକ ଖାତା ଖୋଲିଛନ୍ତି ଶୁଟର ମନୁ ଭାକର। ହରିୟାଣାର ଝାଜରରେ ଜନ୍ମିତ ୨୨ ବର୍ଷୀୟା ମନୁ ଫ୍ରାନ୍ସର ଚାଟାରକ୍ସରେ ଜିତିଛନ୍ତି ଐତିହାସିକ ବ୍ରୋଞ୍ଜ ପଦକ। ନିଜର ଏହି ସଫଳତାର ଶ୍ରେୟ ସେ ଶ୍ରୀମଦ ଭଗବଦ୍ ଗୀତାକୁ ଦେଇଛନ୍ତି। ଟୋକିଓ ବିଫଳତା ପରେ ସେ ନିୟମିତ ଗୀତା ପଢିବା ଆରମ୍ଭ କରିଥିଲେ ବୋଲି କହିଛନ୍ତି ମନୁ। ଏହି ଘଟଣା ପରେ ସେ ଧର୍ମ ଆଡକୁ ଆକର୍ଷିତ ହୋଇଥିଲେ। ନିୟମିତ ଗୀତା ପଢିବା ତାଙ୍କୁ ମାନସିକ ଭାବରେ ଦୃଢ କରିଥିଲା। ଗୀତାର ଶ୍ଲୋକ କର୍ମ କରିଚାଲ ଫଳକୁ ଆଶା ରଖ ନାହିଁ, ଏହାକୁ ହିଁ ସେ ସର୍ବଦା ମନରେ ରଖିଥିଲେ ବୋଲି ମଧ କହିଛନ୍ତି। ଏହା ସହିତ ଭେଟେରାନ୍ ଶୁଟର ତଥା କୋଚ୍ ଯଶପାଲ ରାଣାଙ୍କ ଉପସ୍ଥିତି ତାଙ୍କ ମନୋବଳକୁ ଆହୁରି ଦୃଢ କରିଥିଲା ବୋଲି ମଧ ସେ କହିଛନ୍ତି। ବିଶ୍ୱକପ୍, ୟୁଥ୍ ଅଲିମ୍ପିକ୍ସ, ରାଜ୍ୟ ଗୋଷ୍ଠୀ କ୍ରୀଡା, ଏସିଆନ୍ ଗେମ୍ସ ଭଳି ଇଭେଣ୍ଟରେ ତେବେ ଏହା ତାଙ୍କର ମନୋବଳକୁ ଭାଙ୍ଗି ପାରି ନ ଥିଲା। ଦୃଢ଼ ଭାବରେ ପ୍ରତ୍ୟାବର୍ତ୍ତନ କରି ୩ ବର୍ଷରେ ନୂଆ ଇତିହାସ ଲେଖିଛନ୍ତି ମନୁ।

ହରିୟାଣାର ଝାଜର ଜିଲା ଅନ୍ତର୍ଗତ ଗୋରିଆ ଗ୍ରାମରେ ମନୁଙ୍କ ଜନ୍ମ। ପିତା ରାମ କିଶନ ଭାକର ମର୍ଚ୍ଚାଣ୍ଟ ନାଭିରେ ଜଣେ ଚିଫ୍ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି। ୧୪ ବର୍ଷ ଯାଏ ହୁଏନ୍ ଲାଙ୍ଗଲନ(ମାର୍ସିଆଲ ଆର୍ଟ), ବକ୍ସିଂ, ଟେନିସ୍ ଓ ସ୍କେଟିଂ ପରି କ୍ରୀଡ଼ାରେ ଜାତୀୟ ଇଭେଣ୍ଟରେ ପଦକ ବିଜୟୀ ହୋଇଥିଲେ। ୨୦୧୬ରେ ମନୁ ଶୁଟିଂକୁ ବାଛିଥିବା ବେଳେ ମିଳିଥିଲା ଅପାର ସଫଳତା। ଶୁଟିଂ ଏକ ମହଙ୍ଗା ଖେଳ ହୋଇଥିବା ବେଳେ ରାମ କିଶନ ଭାକର ନିଜର ସଞ୍ଚିତ ୧୫ ଲକ୍ଷ ମନୁଙ୍କ ପାଇଁ ନିବେଶ କରିଥିଲେ। ୨୦୧୭ରେ ଏସିଆନ୍ ଜୁନିୟର ଚାମ୍ପିୟନଶିପରେ ଏକ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସମାନ ବର୍ଷରେ କେରଳରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପରେ ବିଶ୍ୱକପ ପଦକ ବିଜୟିନୀ ହୀନା ସିଦ୍ଧୁଙ୍କୁ ପରାସ୍ତ କରିବା ସହ ୯ ସ୍ୱର୍ଣ୍ଣ ପଦକ ହାତେଇଥିଲେ ମନୁ।

୨୦୧୮ ମନୁଙ୍କ ପାଇଁ ବ୍ରେକ୍ ଥ୍ରୁ ଇୟର ରହିଥିଲା। ସମାନ ବର୍ଷରେ ସର୍ବକନିଷ୍ଠ ଭାରତୀୟ ଭାବରେ ସେ ଶୁଟିଂ ବିଶ୍ୱକପରେ ସ୍ୱର୍ଣ୍ଣ ଜିତିଥିଲେ। ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଦୁଇ ଥର ଚାମ୍ପିୟନ ଆଲେଜାଣ୍ଡ୍ରା ଜାଭାଲାଙ୍କୁ ପରାସ୍ତ କରି ସେ ଏହି ଗୌରବ ହାସଲ କରିଥିଲେ। ଏହା ସହିତ ସେ ମିକ୍ସଡ ଟିମ୍ ଇଭେଣ୍ଟରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୮ରେ ଅନୁଷ୍ଠିତ ୟୁଥ୍ ଅଲିମ୍ପିକ୍ସରେ ମନୁ ଭାରତୀୟ ଦଳର ପତାକା ବାହକ ରହିଥିଲେ। ଏହି ସଂସ୍କରଣରେ ସେ ବ୍ୟକ୍ତିଗତ ସ୍ୱର୍ଣ୍ଣ ଓ ଦଳଗତ ରୌପ୍ୟ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ୨୦୧୮ରେ ଅନୁଷ୍ଠିତ ଜୁନିୟର ଶୁଟିଂ ବିଶ୍ୱକପରେ ସେ ୩ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତିଥିଲେ। ୨୦୧୯ରେ ଶୁଟିଂ ବିଶ୍ୱକପରେ ଅଂଶଗ୍ରହଣ କରିଥିବା ସମସ୍ତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ମନୁ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ୨୫ ମିଟର ପିସ୍ତଲ ଇଭେଣ୍ଟରେ ଆଗୁଆ ରହିଥିବା ବେଳେ ଅଚାନକ ପିସ୍ତଲ ଜାମ ହୋଇଯିବା କାରଣରୁ ତାଙ୍କୁ ଓହରିବାକୁ ପଡିଥିଲା। ଟୋକିଓ ବିଫଳତା ପରେ ମନୁଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ତେବେ ବିଫଳତାକୁ ପଛରେ ପକାଇ ଆଗକୁ ବଢିବା ସହିତ ଫ୍ରାନ୍ସର ଚାଟାରକ୍ସ ଶୁଟିଂ ରେଞ୍ଜରେ ଇତିହାସ ରଚିଛନ୍ତି।

ଏକାଧିକପଦକ ଜିତି ସାରିଥିବା ମନୁ ଶେଷରେ ଅଲିମ୍ପିକ୍ସରେ ତ୍ରିରଙ୍ଗା ଉଡ଼ାଇଛନ୍ତି। ଅନ୍ତର୍ଜାତୀୟ କ୍ୟାରିୟରରେ ମୋଟ ୨୧ ଅନ୍ତର୍ଜାତୀୟ ପଦକ ଜିତି ସାରିଛନ୍ତି ଏହି ଯୁବ ଖେଳାଳି। ଏହା ମଧ୍ୟରେ ୧୬ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ସାମିଲ ରହିଛି। ସର୍ବକନିଷ୍ଠ ଭାରତୀୟ ଖେଳାଳି ଭାବରେ ମାତ୍ର ୧୬ ବର୍ଷ ବୟସରେ ବିଶ୍ୱ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ମଧ ଟୋକିଓ ଅଲିମ୍ପିକ୍ସରେ ବୈଷୟିକ ତ୍ରୁଟି କାରଣରୁ ପଦକ ଜିତି ପାରି ନ ଥିଲେ।

### ସଂକ୍ଷେପରେ ମନୁଙ୍କ କ୍ୟାରିୟର

ଅଲିମ୍ପିକ୍ସ–୧ ବ୍ରୋଞ୍ଜ
ଏସିଆନ ଗେମ୍ସ–୧ ସ୍ୱର୍ଣ୍ଣ
ବିଶ୍ୱକପ୍– ୯ ସ୍ୱର୍ଣ୍ଣ, ୨ ରୌପ୍ୟ
ୟୁଥ୍ ଅଲିମ୍ପିକ୍ସ–୧ ସ୍ୱର୍ଣ୍ଣ, ୧ ରୌପ୍ୟ
ଜୁନିୟର ବିଶ୍ୱ ଚାମ୍ପିୟନଶିପ୍–୪ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ
ରାଜ୍ୟଗୋଷ୍ଠୀ କ୍ରୀଡା–୧ ସ୍ୱର୍ଣ୍ଣ।


ପୋଡିୟମ ଉପରେ ଦକ୍ଷିଣ କୋରିଆର କିମ୍ ୟେଜି ଓ ଜିନ୍ ୟେଙ୍କ ସହ ଭାରତର ମନୁ ଭାକରଙ୍କ ସେଲ୍ଫି।

## ‘ଦେଶପାଇଁ ଗର୍ବର ମୁହୂର୍ତ୍ତ’

### ଭାକରଙ୍କୁ ପ୍ରଶଂସାର ସୁଅ

**ନୂଆଦିଲ୍ଲୀ, ୨୮।୭ (ପି.ଟି.)**

ପ୍ରଥମ ଭାରତୀୟ ମହିଳା ଭାବେ ପ୍ୟାରିସ୍ ଅଲିମ୍ପିକ୍ସରେ ଶୁଟିଂ ଇଭେଣ୍ଟରୁ ବ୍ରୋଞ୍ଜ ପଦକ ଜିତିଥିବା ମନୁ ଭାକରଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ଦେଶର ଅନେକ ସ୍ପୋର୍ଟିଂ ଆଇକନ୍ ସାମିଲ ହୋଇଛନ୍ତି। ‘‘ଏକ ଐତିହାସିକ ପଦକ, ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରଥମ ପଦକ ଜିତିଥିବା ମନୁ ଭାକରଙ୍କୁ ବ୍ରୋଞ୍ଜ ପାଇଁ ଅଭିନନ୍ଦନ। ପ୍ରଥମ ଭାରତୀୟ ମହିଳାଭାବେ ଶୁଟିଂରୁ ପଦକ ଜିତିଥିବାରୁ ଏହି ସଫଳତା ଅଧିକ ସ୍ୱତନ୍ତ୍ର ହୋଇଯାଇଛି। ଅଭୁତପୂର୍ବ ସଫଳତା’’ ବୋଲି ମୋଦି ଟୁଇଟ କରିଛନ୍ତି। ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ, ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତି ଭାରତର ପଦକ ଖାତା ଖୋଲିଥିବାରୁ ମନୁ ଭାକରଙ୍କୁ ଅଭିନନ୍ଦନ। ଟୋକିଓ ଗେମ୍ସରେ ତିନି ବର୍ଷ ତଳର ନିରାଶା ପରେ ତାଙ୍କର ଏହି ସଫଳତା ଅନେକ କ୍ରୀଡ଼ାବିତ୍ ବିଶେଷ କରି ମହିଳାଙ୍କୁ ଉତ୍ସାହିତ କରିବ। ଭବିଷ୍ୟତରେ ସେ ଆହୁରି ଅନେକ ସଫଳତା ହାସଲ କରବାପାଇଁ ଶୁଭେଚ୍ଛା’’। ଦେଶପାଇଁ ଗର୍ବର ମୁହୂର୍ତ୍ତ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ‘‘ଅଭିନନ୍ଦନ ମନୁ, ତୁମେ ତୁମର ଦକ୍ଷତା ଓ ଉତ୍ସର୍ଗୀକୃତ ମନୋଭାବକୁ ପ୍ରଦର୍ଶିତ କରିଛ। ଅଲିମ୍ପିକ୍ସ ପଦକ ଜିତିବାରେ ତୁମେ ପ୍ରଥମ ଭାରତୀୟ ମହିଳା ଶୁଟର’’। କ୍ରିକେଟ ଆଇକନ ସଚିନ ତେନ୍ଦୁଲକର କହିଛନ୍ତି ଯେ, ଫ୍ରେଞ୍ଚ୍ କ୍ୟାପିଟାଲରେ ଶୁଟିଂରୁ ଭାରତର ପଦକ ତାଲିକା ଖୋଲିଥିବାରୁ ମନୁ ଭାକରଙ୍କୁ ଅଭିନନ୍ଦନ। ଟୋକିଓ ଦୁଃଖ ପରେ ତୁମେ ଶକ୍ତି ଓ ଉତ୍ସର୍ଗୀକୃତ ମନୋଭାବ ଦେଖାଇ ଭାରତକୁ ଗର୍ବିତ କରିଛ ବୋଲି ସେ ଟୁଇଟ କରିଛନ୍ତି। ଭାରତର ପ୍ରଥମ ବ୍ୟକ୍ତିଗତ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ମଧ ଏଥିରେ ସାମିଲ ହୋଇ କହିଛନ୍ତି ଯେ, ‘‘ତୁମ ତ୍ୟାଗ, କଠିନ ପରିଶ୍ରମ ଓ ଆବେଗର ଫଳ ମିଳିଛି। ତୁମେ ପ୍ରତିଟି ଶୁଟ୍ ମାଧ୍ୟମରେ ଭାରତ ପାଇଁ ଗର୍ବ ଆଣିଛ। ଏହି ସଫଳତା ତୁମ ଅଧ୍ୟବସାୟ ଓ ଦୃଢ଼ ସଂକଳ୍ପର ପ୍ରକୃତ ଫଳ। ଏମିତି ଚମକୁଥାଅ ମନୁ’’ ବୋଲି ବିନ୍ଦ୍ରା ନିଜ ସୋସିଆଲ ମିଡିଆ ‘ଏକ୍ସ’ରେ ଲେଖିଛନ୍ତି। କ୍ରୀଡ଼ା ପ୍ରଶାସକ ନୀତା ଅମ୍ବାନୀ ଏହାକୁ ଏକ ଅସାଧାରଣ ମୁହୂର୍ତ୍ତ ବୋଲି କହିଛନ୍ତି। ‘‘ଆମର ସର୍ବକନିଷ୍ଠ ମହିଳା ଶୁଟର ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତି ଭାରତର ପଦକ ଖାତା ଖୋଲିଲେ। ଅଭିନନ୍ଦନ ମନୁ ଭାକର। ତୁମେ ଇତିହାସ ରଚିଛ’’ ବୋଲି ଆଇଓସି ସଦସ୍ୟଥିବା ନୀତା କହିଛନ୍ତି। ମନୁ କଠିନ ପରିଶ୍ରମର ଫଳ ପାଇଛନ୍ତି ବୋଲି ତାଙ୍କ ବାପା ରାମକିଶନ ପ୍ରକାଶ କରିଛନ୍ତି। ‘‘ଆମେ ବହୁତ ଖୁସି। ସମସ୍ତ ବନ୍ଧୁ ଆମକୁ ଅଭିନନ୍ଦନ ଜଣାଉଛନ୍ତି। ମନୁ ଶେଷରେ କରି ଦେଖାଇ ଦେଲେ’’ ବୋଲି ରାମକିଶନ କହିଛନ୍ତି। ମନୁକୁ ସମର୍ଥନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ସମସ୍ତଙ୍କ ଆଶୀର୍ବାଦ ଜାରି ରହିବାନେଇ ଆଶା ରହିଛି ବୋଲି ତାଙ୍କ ମା’ ସୁମେଧା କହିଛନ୍ତି। ମନୁ ଅଲିମ୍ପିକ୍ସ ପଦକ ଜିତିବାପରେ ତାଙ୍କ ଗାଁ ହରିୟାଣା ଝାଜାରରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି।

### ଭାରତର କାର୍ଯ୍ୟସୂଚୀ (ସୋମବାର)

**ଶୁଟିଂ:** ୧୦ ମିଟର ଏୟାର ରାଇଫଲ ମହିଳା ଫାଇନାଲ(ସମୟ : ଅପରାହ୍ନ ୧.୦୦)
ରମିତା ଜିନ୍ଦଲ
୧୦ ମିଟର ଏୟାର ରାଇଫଲ ପୁରୁଷ ଫାଇନାଲ (ସମୟ : ଅପରାହ୍ନ ୩.୩୦)
ଅର୍ଜୁନ ବବୁତା
୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଯୋଗ୍ୟତା ପର୍ଯ୍ୟାୟ (ଅପରାହ୍ନ ୧୨.୪୫)
ମନୁ ଭାକର–ସରବଜୋତ ସିଂ, ରିଦିମ୍ ସାଙ୍ଗୱନ–ଅର୍ଜୁନ ସିଂ ଚିମା
ଟ୍ରାପ୍ ପୁରୁଷ ଯୋଗ୍ୟତା ପର୍ଯ୍ୟାୟ(ଅପରାହ୍ନ ୧.୦୦)
ପୃଥ୍ୱୀରାଜ ଟୋଣ୍ଡାଇମାନ।
**ବ୍ୟାଡ୍‌ମିଣ୍ଟନ:** ପୁରୁଷ ଡବଲ୍ସ (ଅପରାହ୍ନ ୧୨.୦୦)
ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ–ଚିରାଗ ସେଟ୍ଟୀ ବନାମ ଲାମ୍ପସ ମାର୍କ–ସିଡେଲ ମାର୍ଭିନ୍।
ମହିଳା ଡବଲ୍ସ (ରାତି ୯.୨୦)
ଅଶ୍ୱିନୀ ପୋନାପ୍ପା–ତନିଶା କାଷ୍ଟ୍ରୋ ବନାମ ମାଟସୁମା ନାମି–ସିଡା ଚିହାରୁ
ପୁରୁଷ ସିଙ୍ଗଲ୍ସ(ଅପରାହ୍ନ ୫.୩୦)।
ଲକ୍ଷ୍ୟ ସେନ୍ ବନାମ ଜୁଲିଆନ୍ କାରାଗି
**ଟେବୁଲ ଟେନିସ୍ :** ମହିଳା ସିଙ୍ଗଲ୍ସ ରାଉଣ୍ଡ ଅଫ୍ ୩୨
ଶ୍ରୀଜା ଆକୁଳା ବନାମ ଜେଞ୍ଜୀ ଜିଆନ୍(ରାତି ୧୧.୩୦)
**ଆର୍ଚେରୀ :** ପୁରୁଷ ଦଳ କ୍ୱାର୍ଟର ଫାଇନାଲ
ତରୁଣଦୀପ ରାୟ, ପ୍ରବୀଣ ଯାଦବ, ଧୀରଜ ବୋମ୍ମାଦେବରା ସମୟ: ସନ୍ଧ୍ୟା ୬.୩୧।

# ଫାଇନାଲରେ ରମିତା, ଅର୍ଜୁନ

**ପ୍ୟାରିସ୍,୨୮।୭(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ତୃତୀୟ ଦିନରେ ଭାରତୀୟ ଶୁଟରଙ୍କୁ ଚମତ୍କାର ଫଳାଫଳ ମିଳିଛି। ପ୍ରଥମ ମହିଳା ଭାବରେ ୧୨ ବର୍ଷର ପଦକ ମରୁଡିର ଅନ୍ତ ଘଟାଇ ମନୁ ଭାକର ବ୍ରୋଞ୍ଜ ପଦକ ଜିତିଥିବା ବେଳେ ସମ୍ଭାବ୍ୟ ପଦକ ରେସ୍‌ରେ ନିଜକୁ ସାମିଲ କରି ଫାଇନାଲରେ ପ୍ରବେଶ କରିଛନ୍ତି ଆଉ ୨ ଜଣ ଭାରତୀୟ। ରବିବାର ୧୦ ମିଟର ଏୟାର ରାଇଫଲ ମହିଳା ଓ ପୁରୁଷ ବର୍ଗର ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ରମିତା ଜିନ୍ଦଲ ଓ ଅର୍ଜୁନ ବବୁତା।

୧୦ ମିଟର ଏୟାର ରାଇଫଲ ବର୍ଗରେ ରମିତା ଓ ଏଲାଭେନିଲ ଭାଲାରିଭାନ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଆରମ୍ଭରୁ ଏଲାଭେନିଲ ଚମତ୍କାର ପ୍ରଦର୍ଶନ କରି ଟପ୍–୫ ମଧ୍ୟରେ ରହିଥିଲେ। ଅନ୍ୟ ପକ୍ଷରେ ରମିତାଙ୍କ ଆରମ୍ଭ ଏତେଟା ପ୍ରଭାବୀ ରହି ନ ଥିଲା। ରମିତା ଟପ୍–୧୦ରୁ ବାହାରେ ରହିଥିଲେ। ତେବେ ଅନ୍ତିମ ୨ ସିରିଜ୍‌ର ଶୁଟିଂରେ ଏଲାଭେନିଲ୍ ୧୦ ନମ୍ବର ସ୍ଥାନକୁ ଖସି ଆସିଥିବା ବେଳେ ରମିତା ୫ ନମ୍ବର ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିଥିଲେ। ରମିତା ୬୩୧.୫ ପଏଣ୍ଟ ସହିତ ଦ୍ୱିତୀୟ ଭାରତୀୟ ଖେଳାଳି ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟ ପକ୍ଷରେ ଏଲାଭେନିଲ ୬୩୦.୭ ପଏଣ୍ଟରେ ରହିଥିଲେ। ସୋମବାର ଏହି ଇଭେଣ୍ଟର ଫାଇନାଲ ଅନୁଷ୍ଠିତ ହେବ।

ଚଳିତ ଅଲିମ୍ପିକ୍ସରେ ତୃତୀୟ ଭାରତୀୟ ଶୁଟର ଭାବରେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି ଅର୍ଜୁନ ବବୁତା। ୨୫ ବର୍ଷୀୟ ଅର୍ଜୁନ ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟରେ ୬୩୦.୧ ପଏଣ୍ଟ ସ୍କୋର କରି ସପ୍ତମ ସ୍ଥାନରେ ରହିଥିଲେ। ଅନ୍ୟତମ ଭାରତୀୟ ତଥା ଆର୍ମି ମ୍ୟାନ୍ ସନ୍ଦୀପ ସିଂ ୬୨୯.୩ ପଏଣ୍ଟ ସ୍କୋର କରି ୧୨ ନମ୍ବର ସ୍ଥାନରେ ରହିଥିଲେ। ଅର୍ଜୁନ ଓ ରମିତା ଜିନ୍ଦଲ ଅଳ୍ପକେ ମିକ୍ସଡ୍ ଟିମ ଇଭେଣ୍ଟର ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିଲେ। ତେବେ ଉଭୟ ଖେଳାଳି ଚମତ୍କାର ପ୍ରଦର୍ଶନ କରି ବ୍ୟକ୍ତିଗତ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିଛନ୍ତି।


ରମିତା ଜିନ୍ଦଲ

### କ୍ୱାର୍ଟରରେ ବଲରାଜ

ଭାରତୀୟ ରୋୟର ବଲରାଜ ପନୱର ରୋଇଂ ସିଙ୍ଗଲ୍ସ ସ୍କଲ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ରିପିଚେଜ ରାଉଣ୍ଡରେ ୭:୧୨.୪୧ର ଟାଇମିଂ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ମୋନାକୋର କ୍ୱିଣ୍ଟିନ ଆଣ୍ଟୋଜେନେଲି ୭:୧୦.୦୦ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନରେ ରହିଥିଲେ। ପ୍ରଥମ ୫୦୦ ମିଟର ପାଇଁ ବଲରାଜଙ୍କୁ ୧:୪୪.୧୩ ସେକେଣ୍ଡ, ପରବର୍ତ୍ତୀ ୧୦୦୦ ମିଟରକୁ ୩:୩୩.୯୪ ସେକେଣ୍ଡ ସମୟ ନେଇଥିଲେ।

### ପ୍ରି କ୍ୱାର୍ଟରରେ ନିଖତ

ଭାରତୀୟ ମହିଳା ବକ୍ସର ନିଖତ ଜରିନ୍ ୫୪ କିଗ୍ରା ଓଜନ ବର୍ଗର ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ରାଉଣ୍ଡ ଅଫ ୩୨ ମୁକାବିଲାରେ ସେ ଜର୍ମାନୀର ମାକ୍ସି କରିନା କ୍ଲୋଏଜରଙ୍କୁ ୫–୦ରେ ପରାସ୍ତ କରିଥିଲେ।

### କ୍ୱାର୍ଟରରେ ହାରିଲେ ମହିଳା ତୀରନ୍ଦାଜ

ଅଙ୍କିତା ଭକତ, ଭଜନ କୌର ଓ ଦୀପିକା କୁମାରୀଙ୍କ ଭାରତୀୟ ମହିଳା ରିକର୍ଭ ତୀରନ୍ଦାଜ ଦଳ ନେଦରଲାଣ୍ଡ୍ସ ନିକଟରୁ ୬–୦ରେ ପରାଜିତ ହୋଇଛି।

### ରାଉଣ୍ଡ ଅଫ୍ ୩୨ରେ ଶ୍ରୀଜା, ମନିକା

ଭାରତର ଭେଟେରାନ୍ ଟିଟି ଖେଳାଳି ଅଚନ୍ତା ଶରଥ କମଲ ଆଶ୍ଚର୍ଯ୍ୟ ଜନକ ଭାବରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ବେଳେ ଶ୍ରୀଜା ଆକୁଳା ଓ ମନିକା ବାତ୍ରା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛନ୍ତି। ୪୨ ବର୍ଷୀୟ ଶରଥ କମଲ ପଞ୍ଚମ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ବେଳେ ସ୍ଲୋଭେନିଆର ଡେନି କୋଜୁଲଙ୍କ ଠାରୁ ୨–୪ ସେଟରେ ପରାଜିତ ହୋଇଥିଲେ। ୫୩ ମିନିଟ ଧରି ଚାଲିଥିବା ମ୍ୟାଚ୍‌କୁ କୋଜୁଲ ୧୨–୧୦, ୯–୧୧, ୬–୧୧, ୭–୧୧, ୧୧–୮ ଓ ୧୦–୧୨ରେ ଜିତି ନେଇଥିଲେ। ମନିକା ବିଶ୍ୱ ମାନ୍ୟତାର ୨୮ ତମ ସ୍ଥାନରେ ଥିବା ଡୋଭିନେଟେଡ ଆନ୍ନା ହର୍ସେଙ୍କୁ ୧୧–୮, ୧୨–୧୦, ୧୧–୯, ୯–୧୧ ଓ ୧୧–୫ ସେଟରେ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ ଶ୍ରୀଜା ଆକୁଳା ମାତ୍ର ୩୦ ମିନିଟରେ ସୁଇଡେନ୍‌ର କ୍ରିଷ୍ଟିନା କାଲବର୍ଗଙ୍କୁ ପରାସ୍ତ କରିଥିଲେ। ଶ୍ରୀଜା ୧୧–୪, ୧୧–୯, ୧୧–୭ ଓ ୧୧–୮ ସେଟରେ ଏହି ମ୍ୟାଚକୁ ଜିତି ନେଇଥିଲେ।

### ସିନ୍ଧୁ ବିଜୟୀ

ଦୁଇ ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ପି.ଭି. ସିନ୍ଧୁ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମାଲଡିଭ୍‌ସର ଫାଥିମାଥ ଅବଦୁଲ ରଜାକଙ୍କୁ ୨୧–୯, ୨୧–୬ ସେଟରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି ସିନ୍ଧୁ।

### ନାଗାଲ ବିଦା

ଭାରତୀୟ ଟେନିସ୍ ତାରକା ସୁମିତ୍ ନାଗାଲ ପ୍ୟାରିସ୍ ଅଲିମ୍ପିକ୍ସ ପ୍ରଥମ ରାଉଣ୍ଡରୁ ବିଦା ହୋଇଛନ୍ତି। ସ୍ଥାନୀୟ ଖେଳାଳି ମୌଟେଟ୍ କୋରେଣ୍ଟିନଙ୍କ ନିକଟରୁ ୨–୬, ୬–୨ ଓ ୭–୫ରେ ପରାଜିତ ହୋଇ ସେ ବିଦାୟ ନେଇଛନ୍ତି।


ଜର୍ମାନୀର ମାକ୍ସି କରିନା କ୍ଲୋଏଜରଙ୍କୁ ପଞ୍ଚ୍ ମାରିବା ଅବସରରେ ଭାରତର ନିଖତ ଜରିନ (ଡାହାଣ)।

### ହିଟ୍ସରୁ ବିଦା ହେଲେ ନଟରାଜ, ଧିନିଧି

ଭାରତୀୟ ସନ୍ତରଣକାରୀ ଶ୍ରୀହରି ନଟରାଜ ଓ ଧିନିଧି ଦେଶିଂଘୁ ନିଜ ନିଜ ହିଟ୍ସରୁ ବିଦାୟ ନେଇଛନ୍ତି। ୧୦୦ ମିଟର ବ୍ୟାକଷ୍ଟ୍ରୋକରେ ନଟରାଜ ୫୫.୦୧ ସେକେଣ୍ଡର ଟାଇମିଂ ହାସଲ କରି ଓଭରଅଲ ୩୩ ତମ ସ୍ଥାନରେ ରହିଥିଲେ। ଅନ୍ୟ ପକ୍ଷରେ ଧିନିଧି ୨୦୦ ମିଟର ଫ୍ରିଷ୍ଟାଇଲରେ ୨:୦୯.୨୬ ସେକେଣ୍ଡର ଟାଇମିଂ ସହ ୨୩ ତମ ସ୍ଥାନରେ ରହିଥିଲେ।

ଧରିତ୍ରୀ 50 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁଲାଇ ୨୯/୨୦୨୪ Bhubaneswar, Monday, July 29/ 2024

# ଶ୍ରୀଲଙ୍କା ଜିତିଲା ଏସିଆ କପ୍



ଏସିଆ କପ୍ ଚାମ୍ପିୟନ ଶ୍ରୀଲଙ୍କା ମହିଳା ଦଳ।

**ଦାମ୍ବୁଲା, ୨୮।୭ (ପି.ଟି.)** ଚାମରୀ ଆଥାପାଥୁ (୬୧) ଓ ହର୍ଷିଥା ସମରବିକ୍ରମା (୬୯*)ଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ସହାୟତାରେ ଭାରତକୁ ୮ଉଇକେଟରେ ହରାଇ ଶ୍ରୀଲଙ୍କା ପ୍ରଥମ ଥର ମହିଳା ଟି୨୦ ଏସିଆ କପ୍ ଟାଇଟଲ ହାସଲ କରିଛି। ଭାରତ ଦ୍ୱିତୀୟ ଥର ପାଇଁ ଏସିଆ କପ୍‌ର ୯ଟି ସଂସ୍କରଣ (ମହିଳା ଅନ୍ତର୍ଜାତୀୟ ଦିନିକିଆ ଓ ମହିଳା ଟି୨୦) ମଧ୍ୟରୁ ଦ୍ୱିତୀୟ ଥର ଫାଇନାଲରେ ପରାଜିତ ହୋଇଛି। ପୂର୍ବରୁ ଦଳ ୨୦୧୮ରେ କୁଆଲାଲମ୍ପୁରଠାରେ ବାଂଲାଦେଶ ବିପକ୍ଷ ଫାଇନାଲ ମ୍ୟାଚରେ ପରାଜିତ ହୋଇଥିଲା। ଏଠାରେ ରବିବାର ଖେଳାଯାଇଥିବା ୨୦୨୪ ସଂସ୍କରଣର ଫାଇନାଲ ମ୍ୟାଚରେ ୧୬୬ ରନ୍‌ର ବିଜୟ ଲକ୍ଷ୍ୟକୁ ୧୮.୪ ଓଭରରେ ୧୬୭/୨ ସ୍କୋର କରି ଜିତି ନେଇଥିଲା। ଅଧିନାୟିକା ଆଥାପାଥୁ ତାଙ୍କ ୪୩ ବଲ୍‌ରେ ୬୧ରନର ଇନିଂସରେ ୯ ଚୌକା ଓ ଦୁଇଟି ଛକା ଲଗାଇଥିଲେ। ସେହିପରି ହର୍ଷିଥା ୫୧ ବଲ୍‌ରୁ ୬ ଚୌକା ଓ ଦୁଇ ଛକା ସହ ୬୯ରନ କରି ଅପରାଜିତ ରହିଥିଲେ। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ଓଭରରେ ୬ ଉଇକେଟ ବିନିମୟରେ ୧୬୫/୬ ରନ କରିଥିଲା। ଭାରତୀୟ ଇନିଂସର ଟପ୍ ସ୍କୋରର ସ୍ମୃତି ମନ୍ଧାନା ୪୭ ବଲ୍‌ରୁ ୬୦ ରନ କରିଥିଲେ। ବିଳମ୍ବରେ ରିଚା ଘୋଷ ଦ୍ରୁତ ୩୦ ରନ ସଂଗ୍ରହ କରିଥିଲେ। ହର୍ଷିଥା ପ୍ଲେୟର ଅଫ୍ ଦି ମ୍ୟାଚ, ଆଥାପାଥୁ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୬୫/୬ (ସ୍ମୃତି ମନ୍ଧାନା-୬୦, ଜେମିମା ରୋଡ୍ରିଗ୍ସ-୨୯, ରିଚା ଘୋଷ-୩୦ ; କାଭିଶା ଦିଲହାରି-୨/୩୬)। ଶ୍ରୀଲଙ୍କା ୧୮.୪ ଓଭରରେ ୧୬୭/୨ (ଚାମରି ଆଥାପାଥୁ-୬୧, ହର୍ଷିଥା ସମରବିକ୍ରମା-୬୯*, କବିଶା ଦିଲ୍‌ହାରି-୩୦* ; ଦୀପ୍ତି ଶର୍ମା-୧/୩୦)।

# ଆହାନଙ୍କୁ ଟାଇଟଲ

**ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ)** ଜର୍ମାନୀର ସାଲ୍ଜଗିଟେର-ବାଡ ଟେନିସ କ୍ଲବରେ ଅନୁଷ୍ଠିତ ଡବ୍ଲ୍ୟୁଇଭିଜି ଜୁନିୟର କପ୍-୨୪ ଟେନିସ ଟୁର୍ନାମେଣ୍ଟର ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଚାମ୍ପିୟନ ହୋଇ ଓଡ଼ିଶାକୁ ଗର୍ବିତ କରିଛନ୍ତି ଆହାନ ମିଶ୍ର। ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସମ୍ମାନଜନକ ପ୍ରତିଯୋଗିତାର ଫାଇନାଲରେ ଆହାନ ୬-୧, ୬-୨ ସେଟ୍‌ରେ ଜର୍ମାନୀର ମ୍ୟାଟ୍ସ ସ୍କାବ୍‌ଙ୍କୁ ପରାସ୍ତ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଆହନ ସମ୍ପ୍ରତି ଭାରତର ୧୦ ନମ୍ବର ର୍‍ୟାଙ୍କପ୍ରାପ୍ତ ଖେଳାଳି ବିବେଚିତ ହେଉଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶା ଟେନିସ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଆହାନ ଏହି ଟୁର୍ନାମେଣ୍ଟ ପୂର୍ବରୁ ନିଜ କୋଚ୍ ସନ୍ତୋଷ କୁମାର ମଲିକଙ୍କ ତତ୍ତ୍ୱାବଧାନରେ ଜର୍ମାନୀର ପ୍ରତିଷ୍ଠିତ ନେଲସନ ଟେନିସ ଏକାଡେମୀରେ ୬ ସପ୍ତାହ ଆଡ୍‌ଭାନ୍ସ ଟ୍ରେନିଂ ପ୍ରୋଗ୍ରାମରେ ସାମିଲ ହୋଇଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେଇଥିବା ଭାରତର ସୁମିତ ନାଗାଲ ମଧ୍ୟ ଏହି ଏକାଡେମୀରେ ଟ୍ରେନିଂ ନେଇଥିଲେ।



## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଦ.କୋରିଆ | ୩ | ୨ | ୧ | ୬ |
| ଅଷ୍ଟ୍ରେଲିଆ | ୩ | ୨ | ୦ | ୫ |
| ଚାଇନା | ୩ | ୧ | ୧ | ୫ |
| ଜାପାନ | ୩ | ୧ | ୧ | ୫ |
| ଫ୍ରାନ୍ସ | ୨ | ୨ | ୧ | ୫ |
| ଆମେରିକା | ୧ | ୩ | ୨ | ୬ |
| କାଜାଖସ୍ତାନ | ୧ | ୦ | ୨ | ୩ |
| ବେଲଜିୟମ | ୧ | ୦ | ୧ | ୨ |
| ଜର୍ମାନୀ | ୧ | ୦ | ୦ | ୧ |
| ହଂକଂ | ୧ | ୦ | ୦ | ୧ |
| ଇଟାଲୀ | ୦ | ୨ | ୩ | ୫ |
| ବ୍ରାଜିଲ | ୦ | ୧ | ୨ | ୩ |
| ବ୍ରିଟେନ | ୦ | ୧ | ୧ | ୨ |
| କାନାଡ଼ା | ୦ | ୧ | ୦ | ୧ |
| ଫିଜି | ୦ | ୧ | ୦ | ୧ |
| ମଙ୍ଗୋଲିଆ | ୦ | ୧ | ୦ | ୧ |
| ଟ୍ୟୁନିସିଆ | ୦ | ୧ | ୦ | ୧ |
| ସ୍ୱିଡେନ | ୦ | ୦ | ୨ | ୨ |
| ସ୍ପେନ୍ | ୦ | ୦ | ୧ | ୧ |
| ହଙ୍ଗେରୀ | ୦ | ୦ | ୧ | ୧ |
| **ଭାରତ** | **୦** | **୦** | **୧** | **୧** |
| ମଲଡୋଭା | ୦ | ୦ | ୧ | ୧ |
| ମେକ୍ସିକୋ | ୦ | ୦ | ୧ | ୧ |
| ଦ.ଆଫ୍ରିକା | ୦ | ୦ | ୧ | ୧ |

(ରାତି ୧୦ଟା ସୁଦ୍ଧା)

# ଅର୍ଶଦୀପ, ବିଷ୍ଣୋଇଙ୍କ ପ୍ରଭାବୀ ବୋଲିଂ

**ପାଲେକେଲେ, ୨୮।୭:** ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ରବିବାର ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। କୁସାଲ ପେରେରାଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଶ୍ରୀଲଙ୍କା ୨୦ ଓଭରରେ ୯ ଉଇକେଟ ହରାଇ ୧୬୧ ରନ ମଧ୍ୟରେ ସୀମିତ ରହିଛି। ଭାରତର ଅର୍ଶଦୀପ ସିଂ, ଅକ୍ଷର ପଟେଲ, ରବି ବିଷ୍ଣୋଇ ପ୍ରମୁଖ ପ୍ରଭାବୀ ବୋଲିଂ କରିଛନ୍ତି। ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବା ବେଳକୁ ଭାରତ ୦.୩ ଓଭରରେ କୌଣସି ଉଇକେଟ ନ ହରାଇ ୩ ରନ ସଂଗ୍ରହ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ମାତ୍ର ୨୬ ରନରେ କୁସାଲ ମେଣ୍ଡିସଙ୍କ ଉଇକେଟ ହରାଇଥିଲେ ମଧ୍ୟ ଟପ୍ ଅର୍ଡରର ୩ ବ୍ୟାଟରଙ୍କ ଭଲ ବ୍ୟାଟିଂ ଯୋଗୁ ବଡ଼ ସ୍କୋର ଆଶା ସୃଷ୍ଟି କରିଥିଲା। ମାତ୍ର ମିଡିଲ ଅର୍ଡର ଏବଂ ଲୋୟର ଅର୍ଡର ବିଫଳତା ଯୋଗୁ ୧୬୧ରେ ସୀମିତ ରହି ଯାଇଥିଲା। ଦଳ ପକ୍ଷରୁ କୁସାଲ ପେରେରା ସର୍ବାଧିକ ୫୩, ପଥୁମ ନିସଙ୍କା ୩୨ ଓ କାମିନ୍ଦୁ ମେଣ୍ଡିସ ୨୬ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ରବି ବିଷ୍ଣୋଇ ୩ଟି ଏବଂ ଅର୍ଶଦୀପ ସିଂ, ଅକ୍ଷର ପଟେଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଶ୍ରୀଲଙ୍କା ୨୦ ଓଭରରେ ୧୬୧/୯ (କୁସାଲ ପେରେରା-୫୩, ପଥୁମ ନିସଙ୍କା-୩୨, କାମିନ୍ଦୁ ମେଣ୍ଡିସ-୨୬, ରବି ବିଷ୍ଣୋଇ-୩/୨୬, ଅର୍ଶଦୀପ ସିଂ-୨୪, ଅକ୍ଷର ପଟେଲ-୨/୩୦, ହାର୍ଦ୍ଦିକ ପାଣ୍ଡ୍ୟା-୨/୨୩)।

# ଓମ୍ ସ୍ୱରୂପ ଚାମ୍ପିୟନ



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ମହର୍ଷି ବିଦ୍ୟାମନ୍ଦିରରେ ସବ୍‌ଜୁନିୟର ଓପନ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଓମ୍ ସ୍ୱରୂପ ପାଢ଼ୀ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଆୟାଭନ୍ତ ମହାନ୍ତି, ଅନୁଭବ ଦାଶ, ଅନିରୁଦ୍ଧ ପାଠୀ, ଅନିଶ ଅକୁଲ ପ୍ରଧାନ, ହୃଦୟ ଶ୍ରୀନିବାସ, ଆୟୁଷ୍ମାନ ବେହେରା, ଆନ୍ୱେଷା ମହାପାତ୍ର, ସାଇ ରଞ୍ଜନ ମିଶ୍ର ଓ ଆଦିତ୍ୟ ପ୍ରଧାନ ଟପ୍-୧୦ ଫିନିଶ୍ କରିଛନ୍ତି। ପ୍ରତିଯୋଗିତା ଶେଷରେ ୟୁନିଟ-୮ ମହର୍ଷି ବିଦ୍ୟାମନ୍ଦିର ପ୍ରିନ୍ସିପାଲ ଅନୁସୂୟା କର ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ରସେଲ ଜିତିଲେ ବେଲ୍‌ଜିଆନ ଗ୍ରାଁ ପ୍ରି

**ସ୍ପା-ଫ୍ରାଙ୍କୋରଚାମ୍ପ, ୨୮।୭ (ଏପି)** ମର୍ସିଡିଜ ଜର୍ଜ ରସେଲ ବେଲ୍‌ଜିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ରେସ୍ ଜିତିଥିବା ବେଳେ ତାଙ୍କ ଟିମ୍‌ମେଟ ଲୁଇସ ହାମିଲଟନ ଦ୍ୱିତୀୟ ହୋଇଛନ୍ତି। ଚଳିତ ସିଜନରେ ବ୍ରିଟିଶ ଡ୍ରାଇଭର ରସେଲଙ୍କର ଏହା ଦ୍ୱିତୀୟ ଏବଂ କ୍ୟାରିୟରର ତୃତୀୟ ବିଜୟ। ମ୍ୟାକ୍‌ଲରେନର ଓସ୍କାର ପିଆଷ୍ଟ୍ରି ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ପଏଣ୍ଟ ଲିଡର ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ଫେରାରିର ଚାର୍ଲ୍ସ ଲେକରେକ୍‌ଙ୍କ ପଛରେ ୫ମ ସ୍ଥାନ ଅଧିକାର କରିଛନ୍ତି। ରେଡ୍‌ବୁଲ୍‌ରେ ଏକାଧିକ ଇଞ୍ଜିନ ଉପଯୋଗ ପାଇଁ ତାଙ୍କୁ ୧୦ସ୍ଥାନ ପେନାଲ୍ଟି ହେବାରୁ ଭର୍ଷ୍ଟାପେନ୍ ୧୧ଶ ଗ୍ରୀଡ଼ରୁ ରେସ୍ ଆରମ୍ଭ କରିଥିଲେ। ରବିବାର ଅନୁଷ୍ଠିତ ଏହି ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ଅଧିକାର କରିଥିଲେ ଲାଣ୍ଡୋ ନୋରିସ (ମ୍ୟାକଲରେନ), କାର୍ଲୋସ ସେଞ୍ଜ ଜୁନିୟର (ଫେରାରି), ସର୍ଗିଓ ପେରେଜ (ରେଡବୁଲ୍), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ) ଓ ଏଷ୍ଟିବାନ ଓକନ (ଅଲ୍‌ପାଇନ)।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ